# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୨୬/୨୦୧୯ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, October 26 / 2019 ★★

୧୫୪ଶ ଭାଗ ୩୦୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ।


KP GROUP
Quality Since 1965
କେ.ପି. ସମୂହ ପରିବାର
ପବିତ୍ର ଦୀପାବଳି ପର୍ବ ଅବସରରେ
ଆପଣ ସମସ୍ତଙ୍କ ସୁଖ ଓ ସମୃଦ୍ଧିର
କାମନା କରୁଛି ।
ଶୁଭ ଦୀପାବଳି
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଅକ୍ଟୋବର ୨୬/୨୦୧୯ | Sambalpur, Saturday, October 26 / 2019 | ପୃଷ୍ଠା-୧

# ଜମ୍ମୁ-କଶ୍ମୀରରେ ଓଡ଼ିଆ ଉପରାଜ୍ୟପାଳ ଗିରୀଶ ମୁର୍ମୁ

**ନୂଆଦିଲ୍ଲୀ,୨୫।୧୦(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନିଷ୍ଠ ଭାବେ ପରିଚିତ ଓଡ଼ିଆ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ୧୯୮୫ ବ୍ୟାଚ୍‌ର ଏହି ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟରେ ବ୍ୟୟ ବିଭାଗ ସଚିବ ଥିଲେ। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲାବେଳେ ସେ ତାଙ୍କର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିଥିଲେ। ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ବେତନଟୀ ଥାନା ଅନ୍ତର୍ଗତ ଖଡ଼ିଶୋଳ ପଞ୍ଚାୟତର କଞ୍ଚିଶୋଳ ଗାଁରେ ୧୯୫୯ ନଭେମ୍ବର ୨୧ରେ ଗିରୀଶଙ୍କ ଜନ୍ମ। ପିତା ସ୍ୱର୍ଗତ ଭାଗବତ ମୁର୍ମୁ ଥିଲେ ଜଣେ ସାହିତ୍ୟିକ (ଅଲ୍‌ଚିକ୍ ଲିପି)। ତାଙ୍କ ମା' ପାର୍ବତୀ ମୁର୍ମୁ। ଗିରୀଶ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ବର୍ମିଂହାମ ୟୁନିଭର୍ସିଟିରେ ଏମ୍‌ବିଏ କରିଥିଲେ। କେନ୍ଦ୍ର ସରକାର ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ଅକ୍ଟୋବର ୩୧ରେ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଆତ୍ମପ୍ରକାଶ କରିବାକୁ ଯାଉଥିଲାବେଳେ ଏହାର ୬ ଦିନ ପୂର୍ବରୁ ଉପରାଜ୍ୟପାଳଙ୍କୁ ନିଯୁକ୍ତି ଦିଆଯାଇଛି। ୧୯୭୭ ବ୍ୟାଚର ତ୍ରିପୁରା କ୍ୟାଡର ଆଇଏଏସ୍ ଅଫିସର ରାଧାକୃଷ୍ଣ ମାଥୁରଙ୍କୁ ଲଦାଖ ଉପରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ସେ ପୂର୍ବରୁ ପ୍ରତିରକ୍ଷା ସଚିବ ଓ ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ କାର୍ଯ୍ୟ କରିଥିଲେ। ସେ ତ୍ରିପୁରାର ମୁଖ୍ୟ ସଚିବ ମଧ୍ୟ ଥିଲେ। ବର୍ତ୍ତମାନ ଜମ୍ମୁ-କଶ୍ମୀର ରାଜ୍ୟପାଳ ଥିବା ସତ୍ୟପାଲ ମଲିକଙ୍କୁ ଗୋଆ ବଦଳି କରାଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ସେହିପରି ଭାଜପାର କେରଳ ସଭାପତି ଥିବା ପି.ଏସ୍. ଶ୍ରୀଧରନ ପିଲାଇଙ୍କୁ ମିଜୋରାମ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି।

## ରାଧାକୃଷ୍ଣ ମାଥୁରଙ୍କୁ ଲଦାଖ ଦାୟିତ୍ୱ


ଗିରୀଶ ଚନ୍ଦ୍ର ମୁର୍ମୁ


ରାଧାକୃଷ୍ଣ ମାଥୁର

# ୧୩୮ କୋଟିର ଜିଏସ୍‌ଟି ଠକେଇ: ୪ ଗିରଫ

**କଟକ ଅଫିସ/ ରାଉରକେଲା ଅଫିସ୍, ୨୫।୧୦**

ନା କିଣା ହୋଇଛି ସାମଗ୍ରୀ, ନା ବିକ୍ରୟ ହୋଇଛି। ମାତ୍ର କାଗଜପତ୍ରରେ ଦର୍ଶାଯାଇଛି ବହୁ କୋଟି ଟଙ୍କାର କାରବାର। ଏହିଭଳି ଜାଲିଆତି ମାଧ୍ୟମରେ ୧୩୮ କୋଟି ଟଙ୍କାର ଜିଏସ୍‌ଟି ଠକେଇ ହୋଇଛି। ଏଥିରେ ସମ୍ପୃକ୍ତ ରହିଛି ଏକ ଆନ୍ତଃରାଜ୍ୟ ର୍ୟାକେଟ୍। ଏନେଇ ଶୁକ୍ରବାର ସକାଳେ ଜିଏସ୍‌ଟି କମିଶନରଙ୍କ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ରାଉରକେଲା ଓ ଯାଜପୁରରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଠକେଇର କାର୍ପଟଦାର ରାଉରକେଲା ସିଭିଲ ଟାଉନଶିପ୍‌ର ଅତୁଲ ବଂଶଲ(ଯାଜପୁରର ବିରଜା ଷ୍ଟିଲ ଲିଜ୍ ହୋଲ୍ଡର), ରାଉରକେଲା ଡେଲି ମାର୍କେଟ୍‌ର ଦୀନଦୟାଲ ଅଗ୍ରୱାଲ(ବିରଜା ଷ୍ଟିଲର ଅଂଶୀଦାର), ରାଉରକେଲା ଅନନ୍ତଭୁଜ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ ମାଲିକ ଆଦିତ୍ୟ କୁମାର ନାୟକ ଓ ଯାଜପୁର ବିରଜା ଷ୍ଟିଲ ଅଂଶୀଦାର ରାମଚନ୍ଦ୍ର ମଲ୍ଲିକ।

## କାଗଜପତ୍ରରେ ହୋଇଥିଲା ୭୪୩ କୋଟିର କାରବାର

ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଯାଜପୁର ଜେଲକୁ ପଠାଯାଇଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମୁଖ୍ୟ ମାନଭଞ୍ଜନ ଆଚାର୍ଯ୍ୟ କହିଛନ୍ତି। ଅଭିଯୁକ୍ତମାନେ ୬୦୩ କୋଟି ଟଙ୍କାର ଲୁହା କିଣି ସେସବୁକୁ ୭୪୩କୋଟି ଟଙ୍କାରେ ବିକ୍ରୟ କରିଥିବା ଦର୍ଶାଇଛନ୍ତି। ରାଜ୍ୟ ସରକାରଙ୍କ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଏହି ବ୍ୟବସାୟକୁ ନେଇ ସନ୍ଦେହ ପ୍ରକଟ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ୧୩୮ କୋଟି ଟଙ୍କାର ଜିଏସ୍‌ଟି ଠକେଇ ସମ୍ପର୍କରେ ଜଣାପଡ଼ିଥିଲା ବୋଲି କହିଛନ୍ତି ଜିଏସ୍‌ଟି କମିଶନର ସୁଶୀଲ କୁମାର ଲୋହାନି। ଶୁକ୍ରବାର ବକ୍ସିବଜାରସ୍ଥିତ ଜିଏସ୍‌ଟି କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲୋହାନି ଏହି ଠକେଇ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଅତୁଲ କେତେଜଣ ଗୃହିଣୀ, ଟାକ୍ସି ଚାଳକ, ପାନ ଦୋକାନୀ, ଦିନମଜୁରିଆ, ପାଣି ମିସ୍ତ୍ରି ଓ ବେକାର ଯୁବକଙ୍କୁ ରୋଜଗାର ଦେବା ନାଁରେ ସେମାନଙ୍କଠାରୁ ଆଧାରକାର୍ଡ଼, ପ୍ୟାନକାର୍ଡ଼, ଫଟୋ ଆଦି ସଂଗ୍ରହ କରିଥିଲେ। ଏହାପରେ ସେ ଉକ୍ତ ଡକ୍ୟୁମେଣ୍ଟସ୍‌କୁ ୨୦ଟି ଜାଲ କମ୍ପାନୀ ନାମରେ ଜିଏସ୍‌ଟି ପଞ୍ଜୀକରଣ କରିଥିଲେ। ଏହି କମ୍ପାନୀ ସବୁ ଲୁହା ବ୍ୟବସାୟ କରୁଥିବା ଏବଂ ରାଜ୍ୟ ବାହାରେ ବିକ୍ରି କରିଥିବା ଜିଏସ୍‌ଟି କାଗଜପତ୍ରରେ ଦର୍ଶାଇଥିଲେ। ମାତ୍ର ପ୍ରକୃତରେ କୌଣସି ସାମଗ୍ରୀ କ୍ରୟ କିମ୍ବା ବିକ୍ରୟ ହୋଇ ନ ଥିବାବେଳେ ବାହାର ରାଜ୍ୟର ବ୍ୟବସାୟୀମାନେ ଏହି ଜାଲ ୨୦ କମ୍ପାନୀର ବିଲ୍ ଜରିଆରେ ଇନ୍‌ପୁଟ୍ ଟ୍ୟାକ୍ସ ଦର୍ଶାଇଥିଲେ।

ଅନ୍ୟପକ୍ଷରେ ଓଡ଼ିଶାର ☞ପୃଷ୍ଠା-୨

**ବିଦ୍ୟୁତ୍ ନେଲା ୪ ଜୀବନ: ଲୁଗା ଶୁଖାଇବା ବେଳେ ଶାଶୁ, ୨ ବୋହୂ ମୃତ**

........୨........

**କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇବେ ଶ୍ୟାମାମଣି ଓ ଉପେନ୍ଦ୍ର**

........୧୩........

**ଆଜିର ସମ୍ପାଦକୀୟ**

**ସ୍ୱତନ୍ତ୍ର କ୍ୟାଡର ଦାବି**

Taste the difference!
Vencobb
FRESH
CHICKEN
25.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply
Issued in the Interest of Consumers

**ଜେଜେପି ସମର୍ଥନରେ ଖଟ୍ଟର ସରକାର: ଦୁଷ୍ୟନ୍ତ ହେବେ ହରିୟାଣା ଉପମୁଖ୍ୟମନ୍ତ୍ରୀ** ପୃଷ୍ଠା-୮






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଦ୍ୟୁତ୍ ନେଲା ୪ ଜୀବନ

■ ଲୁଗା ଶୁଖାଇବା ବେଳେ ଶାଶୁ, ୨ ବୋହୂ ମୃତ
■ ତାରପୁର ଗାଁରେ ଫୁଲ ତୋଳୁଥିବା ମହିଳା ମୃତ

ସାଲେପୁର/ରଘୁନାଥପୁର, ୨୫।୧୦(ଡି.ଏନ୍.ଏ.)

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ଗୋଟିଏ ପରିବାରର ଶାଶୁ ଏବଂ ୨ ବୋହୂଙ୍କ ଜୀବନ ଯାଇଛି। କଟକ ଜିଲା ସାଲେପୁର ଥାନା ବାରିଗୋଳ ପଞ୍ଚାୟତର ବେତେଇ ଦଳିତ ସାହିରେ ଏହି ଘଟଣା ଘଟିଛି। ମୃତକ ହେଲେ ବିଚିତ୍ରାନନ୍ଦ ମଲ୍ଲିକଙ୍କ ସ୍ତ୍ରୀ ସୀତା(୭୦), ମଝିଆ ବୋହୂ ନନ୍ଦିତା(୩୫) ଏବଂ ସାନବୋହୂ ପୁଷ୍ପଲତା(୨୫)। ସେହିପରି ଜଗତସିଂପୁର ଜିଲା ରଘୁନାଥପୁର ବ୍ଲକ ତାରପୁର ଗାଁରେ ଫୁଲ ତୋଳିବା ବେଳେ ବିଦ୍ୟୁତ୍ ଆଘାତରେ ବସନ୍ତ ପ୍ରଧାନଙ୍କ ସ୍ତ୍ରୀ ଭାନୁପ୍ରଭାଙ୍କ ମୃତ୍ୟୁ ହୋଇଛି।

ପ୍ରକାଶ ଯେ, ବିଚିତ୍ରାନନ୍ଦଙ୍କ ଚାଳଘରୁ ଗୁହାଳକୁ ବିଦ୍ୟୁତ୍ ସଂଯୋଗ ହୋଇଛି। କୌଣସି କାରଣରୁ ଉକ୍ତ ବିଦ୍ୟୁତ୍ ତାର କଟିଯାଇ ନିକଟରେ ଯାଇଥିବା ଲୁଗାଶୁଖା ଜିଆଇ ତାର ସହ ଲାଗିଯାଇଥିଲା। ଶୁକ୍ରବାର ବିଚିତ୍ରାନନ୍ଦଙ୍କ ମଝିଆବୋହୂ ନନ୍ଦିତା ଓଦା ଲୁଗା ଶୁଖାଇବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚିତ୍କାର କରିଥିଲେ। ନିକଟରେ ଥିବା ଶାଶୁ ସୀତା ଓ ସାନବୋହୂ ପୁଷ୍ପଲତା ଦୌଡ଼ି ଆସିବାରୁ ସେମାନେ ମଧ୍ୟ ବିଦ୍ୟୁତ୍ ଆଘାତ ପାଇଥିଲେ। ସାନପୁଅ ଅକ୍ଷୟ ଓ ସମ୍ପର୍କୀୟ ଦାଦା କେଶବ ଚନ୍ଦ୍ର ମହାପାତ୍ର ବିଦ୍ୟୁତ୍ ତାରକୁ ଛିଡ଼ାଇ ଦେଇଥିଲେ। ତୁରନ୍ତ ଶାଶୁ ସୀତା ଓ ୨ ବୋହୂଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ୩ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇ ଦେଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୧/୧୯)ରୁଜୁ ହୋଇଛି। ସେହିପରି ତାରପୁର ଗାଁରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟର ଷ୍ଟେ ତାର ବର୍ଷା ବେଳେ ଚାର୍ଜ ହୋଇଯାଇଥିଲା। ଏହି ସମୟରେ ଫୁଲ ତୋଳୁଥିବା ଭାନୁପ୍ରଭାଙ୍କ ହାତ ଷ୍ଟେ ତାରରେ ବାଜିଯିବାରୁ ସେ ତାରରେ ଲାଗି ରହିଥିଲେ। ଉଦ୍ଧାର ପରେ ପରିବାର ଲୋକେ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସୁନୀତାରାଣୀ ପଣ୍ଡା


ରୋହିତ ବସ୍ତିଆ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ପୂର୍ବର ସମସ୍ୟା କେତେକାଂଶରେ ସୁଧୁରିଯାଇଥିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ ଅବଶ୍ୟ ଟେନ୍‌ସନ କିଛି ମାତ୍ରାରେ କମିଯିବ। ସଙ୍ଗୀତ ସମାରୋହ, ସତ୍‌ସଙ୍ଗ, ସଭାସମିତି, ସଙ୍ଗଠନ, ରାଜନୀତି କ୍ଷେତ୍ରରେ ଉନ୍ନତ ମାନର ସୁଫଳ ପାଇବେ।

**ବୃଷ** ଅଯଥା ବ୍ୟସ୍ତ ନ ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ବନ୍ଧୁମାନଙ୍କ ସମ୍ମୁଖରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅଭିନୟ କରିବାକୁ ପଡ଼ିପାରେ।

**ମିଥୁନ** ଆଜିର କର୍ମକ୍ଷେତ୍ରରେ ପରିସ୍ଥିତିକୁ ଆଖି ଆଗରେ ରଖି କାମ କରିବା ଭଲ ହେବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ରାଜନୀତିରେ କିମ୍ବା କର୍ମକ୍ଷେତ୍ରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସୂଚନା ରହିଛି।

**କର୍କଟ** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ କର୍ମକ୍ଷେତ୍ରର ସ୍ଥିତି ପ୍ରାୟତଃ ସ୍ୱାଭାବିକ ରହିବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ। ସହକର୍ମୀମାନଙ୍କ ସୌଜନ୍ୟତା ଓ ସହଯୋଗ ଆପଣଙ୍କ କାମକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବାର ସୂଚନା ରହିଛି।

**ସିଂହ** ପାରିବାରିକ କ୍ଷେତ୍ରରେ ଗୋଟିଏ ସମସ୍ୟା ନ ସରୁଣୁ ଅନ୍ୟ ଏକ ସମସ୍ୟାର ଉପସ୍ଥିତି ମନକୁ ବିଭ୍ରାନ୍ତ କରିପାରେ। ଏହା ସାଙ୍ଗକୁ ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। ବନ୍ଧୁମାନଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ

**କନ୍ୟା** ଆଜିର ପାରିବାରିକ ଜୀବନରେ ଉଚିତ ବୁଝାମଣା ସହ ଜୀବନଚର୍ଯ୍ୟା ପ୍ରୀତିପ୍ରଦ ରହିବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ କିଛି ବି କରିବେ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ସାମାନ୍ୟ ହଡ଼ବଡ଼େଇ ଯାଇପାରନ୍ତି।

**ତୁଳା** ଗ୍ରହମାନଙ୍କ ଶୁଭତ୍ୱ କାରଣରୁ କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ରପ୍ତାନୀ ବାଣିଜ୍ୟରେ ଉନ୍ନତି ଘଟିବା ସହ ଋଣ ପରିଶୋଧ ସକାଶେ ଅନୁକୂଳ ସୁବିଧା ପାଇବେ । ସାମୟିକ ଭାବରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ହଠାତ୍ ବହୁ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ବିଛା** ଟିକିଏ ଟିକିଏ କଥାରେ ଧୈର୍ଯ୍ୟର ସୀମା ଲଙ୍ଘନ ପୂର୍ବକ କଠୋର ବାକ୍ୟାଳାପ ପରିସ୍ଥିତିକୁ ଗମ୍ଭୀର କରିଦେଇପାରେ। କେତେକ କ୍ଷେତ୍ରରେ ନିଜର ଅସାବଧାନତା କିମ୍ବା ଅବହେଳାରୁ ହାତମୁଠାରୁ ସୁଯୋଗ ଖସିଯାଇପାରେ। ସାମାଜିକ ସ୍ତରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** ଆଜି ସହକର୍ମୀଙ୍କ ସହଯୋଗ ଲାଭକରି ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଏବଂ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ମନକୁ ବ୍ୟସ୍ତବିବ୍ରତ କରିବା ଆଶଙ୍କା ଦେଖାଦେବ । କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍‌ରେ କଷ୍ଟ ପାଇବେ।

**ମକର** ଆଜିଦିନଟିରେ ଯଦିଓ କୌଣସି କାମ ଅଟକିବ ନାହିଁ ତଥାପି ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟାକଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ। ପ୍ରଶାସନିକ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ସରକାରୀ ସାହାଯ୍ୟ କିମ୍ବା ବ୍ୟାଙ୍କ ମାଧ୍ୟମରେ ଆର୍ଥିକ ଦୁରବସ୍ଥାକୁ ସାମୟିକ ସୁଧାରିନେଇପାରନ୍ତି।

**କୁମ୍ଭ** ରୁଗ୍‌ଣ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ବନ୍ଧୁମାନଙ୍କ ସହଯୋଗରେ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଅସୁବିଧାର କାରଣ ହୋଇପାରେ।

**ମୀନ** ସ୍ଥଗିତ କାର୍ଯ୍ୟ ସମ୍ପାଦନରେ ଆପଣଙ୍କ ଚେଷ୍ଟା ଅବ୍ୟାହତ ରହିଲେ ମଧ୍ୟ ଅନ୍ୟମାନଙ୍କ ସହ ସୁସମ୍ପର୍କ ଅଭାବ ଜନିତ କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କୌଣସି ଦୂରାଗତ ବନ୍ଧୁଙ୍କ ଦ୍ୱାରା ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସଙ୍କେତ ମନକୁ ସ୍ୱାଭାବିକ କରିବାରେ ସମର୍ଥ ହେବ ।

ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀଯୁକ୍ତ ନରକ ଚତୁର୍ଦ୍ଦଶୀ ଶନିବାର, ଧନ୍ୱନ୍ତରୀ ଜୟନ୍ତୀ, ଯମ ତର୍ପଣ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅକ୍ଟୋବର ୨୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ୯।୦୨ମି. ଗତେ, ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ୭।୧୯ମି. ଗତେ ଘ୯।୩୬ମି. ମଧ୍ୟେ, ଘ୧୧।୫୩ମି. ଗତେ ଘ୨।୫୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୧୦ମି. ଗତେ ଘ୮।୪୪ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୮।୩୯ମି. ଗତେ ଘ୧୦।୦୫ମି. ମଧ୍ୟେ ରାହୁକାଳ।

# ଦୁର୍ବଳ ହେଉଛି ଲଘୁଚାପ

■ ଆଜି ୭ ଜିଲାକୁ ୟେଲୋ ୱାର୍ନିଂ
■ ବାତ୍ୟାକୁ ଗୁଜବ କହିଲେ ଏସ୍ଆର୍‌ସି

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ଦୁର୍ବଳ ହୋଇଥିବାବେଳେ ଏହା ଘୂର୍ଣ୍ଣିବଳୟରେ ପରିଣତ ହୋଇ ଆନ୍ଧ୍ରପ୍ରଦେଶର ଉତ୍ତର ଉପକୂଳ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଏବଂ କେନ୍ଦ୍ରୀୟ ଓଡ଼ିଶା ଉପରେ ରହିଛି। କ୍ରମାଗତ ଏହା ପଶ୍ଚିମ ଏବଂ ଉତ୍ତର ପଶ୍ଚିମ ଦିଗକୁ ଗତି କରୁଥିବାବେଳେ ଏହା ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲାର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ସୂଚନା ମିଳିଛି। ଏନେଇ ଶନିବାର ପାଇଁ ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା ଏବଂ ବୌଦ୍ଧ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏହି ଜିଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ତୋଫାନ ସହ ଘଡ଼ଘଡ଼ି ଓ ବର୍ଷା ହେବ। ସେହିପରି ଉତ୍ତର ଓଡ଼ିଶା ସମେତ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଏବଂ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ଶୁକ୍ରବାର ସକାଳ ସୁଦ୍ଧା ୮ ଜିଲାରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ ଭଦ୍ରକରେ ସର୍ବାଧିକ ୧୫୨ମିମି, ପୁରୀରେ ୧୩୪.୯ମିମି, କଟକରେ ୧୩୦.୫ମିମି, ବାଲେଶ୍ୱର ଓ ଯାଜପୁରରେ ୧୨୭.୮ମିମି, ଖୋର୍ଦ୍ଧାରେ ୧୧୬.୮ମିମି, କେନ୍ଦ୍ରାପଡ଼ାରେ ୧୦୪.୬ମିମି ଏବଂ ଜଗତ୍‌ସିଂହପୁରରେ ୧୦୦.୧ ମିମି ବର୍ଷା ରେକର୍ଡ ହୋଇଛି। ତେବେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ସର୍ବାଧିକ ୨୩୯.୪ମିମି ବର୍ଷା ରେକର୍ଡ ହୋଇଛି। ୩ଟି ବ୍ଲକ୍‌ରେ ୨୦୦ମିମିରୁ ଅଧିକ ବର୍ଷା ହୋଇଥିବାବେଳେ ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ବାଲେଶ୍ୱର, ପୁରୀ, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଭଦ୍ରକ, ବଲାଙ୍ଗୀର, ମୟୂରଭଞ୍ଜ ଓ ଗଜପତି ଜିଲାର ୬୧ ବ୍ଲକ୍‌ରେ ୧୦୦ମିମିରୁ ଅଧିକ ବର୍ଷା ହୋଇଛି। ଲଗାଣ ବର୍ଷା ଯୋଗୁ ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟରେ ଆଉ ୪ଜଣଙ୍କ ଜୀବନହାନି ଘଟିଥିବା ସରକାରୀଭାବେ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ପୂର୍ବକେନ୍ଦ୍ରୀୟ ଆରବ ସାଗରରେ ସୃଷ୍ଟି ହୋଇଥିବା ଝଡ଼ 'କାୟର୍' ଓମାନ୍ ଉପକୂଳ ଆଡ଼କୁ ଗତି କରୁଥିବାବେଳେ ଓଡ଼ିଶା ଉପରେ ଏହାର କୌଣସି ପ୍ରଭାବ ନାହିଁ। ଓଡ଼ିଶାରେ ବାତ୍ୟାର କୌଣସି ଆଶଙ୍କା ନାହିଁ। ଏହା କେବଳ ଏକ ଗୁଜବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ପ୍ରଦୀପ ଜେନା କହିଛନ୍ତି। ୟେଲୋ ଏବଂ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ଜିଲାଗୁଡ଼ିକର ଜିଲାପାଳମାନଙ୍କୁ ସଜାଗ ରହିବାକୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୧୩୮ କୋଟିର ଜିଏସ୍‌ଟି...

ଏହି କମ୍ପାନୀମାନେ ବାହାର ବ୍ୟବସାୟୀଙ୍କଠାରୁ ସଲାସୁତରାରେ ଜିଏସ୍‌ଟି ଅର୍ଥ ହାତେଇଥିଲେ ମଧ୍ୟ ସରକାରଙ୍କୁ ଟିକସ ଦେଇ ନ ଥିଲେ। ଏହି ବ୍ୟବସାୟକୁ ଯଥାର୍ଥ ଦର୍ଶାଇବା ଲାଗି ଅଭିଯୁକ୍ତମାନେ ବିଭିନ୍ନ ବ୍ୟାଙ୍କରେ ଏହି ୨୦ କମ୍ପାନୀ ନାମରେ ଥିବା ଜମାଖାତାରେ କୋଟି କୋଟି ଟଙ୍କାର କାରବାର କରିଥିଲେ। ତେବେ ଗିରଫ ଅଭିଯୁକ୍ତ ଓ ଏଥିରେ ସମ୍ପୃକ୍ତ ବାହାର ରାଜ୍ୟର ବ୍ୟବସାୟୀଙ୍କଠାରୁ ଟିକସ ଅର୍ଥ ସହ ଜରିମାନା ଆଦାୟ ପାଇଁ ପଦକ୍ଷେପ ନିଆଯାଉଛି ବୋଲି କମିଶନର କୁମାର ଲୋହାନି ସୂଚନା ଦେଇଛନ୍ତି। ଏହି ଠକେଇରେ ସମ୍ପୃକ୍ତ ଥିବା ବାହାର ରାଜ୍ୟର ବ୍ୟକ୍ତିମାନଙ୍କୁ ଗିରଫ କରିବା ଲାଗି ମଧ୍ୟ ପଦକ୍ଷେପ ନିଆଯାଉଥିବା ମଧ୍ୟ ସେ କହିଛନ୍ତି।


# classifieds Everyday
0674-2580101, 2549302

real estate

**SALE**

**Gharabari boundary plot Infocity-2 near 200ft. road side. Direct owner-8144391451.** D-68403

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। Possession, Registration immediate 9178660666. D-14854

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14726

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68134

**Gated plotting project near Sum Hospital and Janla Infovally square. 7008818121.** D-66796

**ଭୁବନେଶ୍ୱର ପଟିଆ ବିଗ୍‌ବଜାର, ରଘୁନାଥପୁର Royal Lagoon, Patia station, ଫୁଲନଖରା ନିକଟରେ Simplex, Duplex, 1, 2, 3BHK flat ମିଳୁଛି. 9658122456, 8327785834.** D-68406

**Gharabari plots at Balianta, Bhingarpur and Bagalpur. Immediate possession & registration, contact-9437147826.** D-14924

Infocity-2, Campusକୁ ଲାଗିକି 200ft Road ପାଖରେ plot ନିଅନ୍ତୁ-8270804320. D-68411

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14725

30' Road 5200sqft. sthitiban plot sale near Kantabada. 9938019331. D-67716

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

**3800 Sqft. GA plot immediately sale at Surya Nagar, Bhubaneswar, Contact Deepak: 9937329999 (Broker excuse).** D-68019

**2400Sqft. GA plot sale at Bharatpur (Sum Hospital) Bhubaneswar, Contact- Deepak-9937329999 (Broker Excuse).** D-68017

**Bhubaneswar Kesura SBI Colonyକୁ ଲାଗି ଘରବାଡ଼ି ପ୍ଲଟ ପାଚେରି ସହ ମିଳୁଅଛି। 9777100826.** D-68407

2600sqft. Boundary wall plan approval plot at Pokhariput, Bhubaneswar Rs.72,000,00/- 9861125539, 9040521173. D-67242

**ସୁନ୍ଦରପଦା Indus Engineering କଲେଜ backsideରେ ଘରବାରି ପ୍ଲଟ୍ sqft. 229/- ମିଳୁଅଛି। 8594954102.** D-68408

3125 sqft., Mz-Gautam Nagar, near Vivekananda Marg, Bhubaneswar, 21780 sqft., Mouza-Badaraghunathpur, near CV Raman College, 25' connecting road, 3000 sqft. residential plot at Mz- Gadkan, Bhubaneswar, 3BHK ready to move flat at Sailashree Vihar, CS Pur. Contact: 9337661334, 6372402772, 7978904707. D-68020

**PlotatBhubaneswar 1750sqft. and 3500sqft. 100meter from NH-5 Palasuni-9040059669.** D-67096

construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14925

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Full body herbal massage with refreshment expert therapist. 7381239385, 06742540855. D-68138

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

Newly open full body massage by ladies, gents therapist. 8018656899 D-60844

Ayurvedic full body massage by ladies, gents therapist. 7008773793 D-60845

Refresh your mind and soul with best therapy at Orchid Salon/Spa. 9937287222. D-66983

Kajal Ayurvedic Massage club fully relaxed by smart lady home service available-9937637219. D-66984

Male therapist full body massage and relax, BBSR. Contact: 8328868891. D-14917

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of a deed sworn before Sri Ansuman Dash, OAS, Executive Magistrate-cum-Tahasildar, Birmitrapur on dated 27.09.19 consequent upon my marriage with Sri Kirti Ranjan Mishra, I Smt. Trupti Barai has changed my surname to Mishra. Henceforth I shall be known as Trupti Mishra for all purpose. D-14927


**ଜନ୍ମଦିନ ଶୁଭେଚ୍ଛା**



**ଜ୍ୟୋତିରାଦିତ୍ୟ ରାଉତ (ଓମ୍)**
ଜଗନ୍ନାଥ ନଗର, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ, ତୋର ଚଲାପଥ କୁସୁମିତ ହେଉ, ଏତିକି ପ୍ରାର୍ଥନା ।
ଶୁଭେଚ୍ଛା ସହ
ବାବା- ରଙ୍ଗାଧର ରାଉତ
ମାମା- କୁଞ୍ଜଲତା ରାଉତ ଓ ପରିବାରବର୍ଗ
ଧ-୬୭୦୯୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ଆରମ୍ଭ ହେବ 'ଓଡ଼ିଶା-ମୋ ପରିବାର' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୫।୧୦
(ବ୍ୟୁରୋ)

- ବିଜେଡି ସଭାପତିଙ୍କ ଘୋଷଣା
- ଅରୂପ ହେଲେ ଆବାହକ
- ପରିବେଶ ସୁରକ୍ଷା, ରକ୍ତଦାନ, ବିପନ୍ନ ସହାୟତାକୁ ପ୍ରାଧାନ୍ୟ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦଳର ସମାଜ ସେବା ସମ୍ପର୍କିତ କାର୍ଯ୍ୟକ୍ରମ 'ଓଡ଼ିଶା-ମୋ ପରିବାର'ର ଘୋଷଣା କରିଛନ୍ତି। ଦଳ ପକ୍ଷରୁ ଏହି ଫୋରମ୍ ଦ୍ୱାରା ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟସେବା କଲ୍ୟାଣ ଓ ସହାୟତା କାର୍ଯ୍ୟକ୍ରମ କରାଯିବ। ଗାନ୍ଧୀ ଜୟନ୍ତୀ ଅବସରରେ ଦଳୀୟ ପଦଯାତ୍ରାର ଶୁଭାରମ୍ଭ ସମୟରେ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଘୋଷଣାର ୨୩ ଦିନ ପରେ ତାହାର ପୂର୍ଣ୍ଣାଙ୍ଗ ରୂପରେଖ ପ୍ରକାଶ ପାଇଛି।

ଏ ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ରାଜ୍ୟବାସୀଙ୍କ ଆଶୀର୍ବାଦ କାରଣରୁ ଓଡ଼ିଶାବାସୀଙ୍କ ସେବା କରି ଚାଲିଛି। ସେବା, ସଂଗ୍ରାମ ଓ ସ୍ୱାଭିମାନ ବିଜେଡିର ଆଦର୍ଶ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଦେଶର ସମ୍ବିଧାନର ମୁଖବନ୍ଧରେ 'ଅହିଂସା'କୁ ସ୍ଥାନ ଦେବା ପାଇଁ ସେ ଦାବି କରିଆସୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଗାନ୍ଧିଜୀ ଥିଲେ ସେବାର ପ୍ରତୀକ। ତେଣୁ ତାଙ୍କ ଜୟନ୍ତୀରେ ବିଜେଡି ପକ୍ଷରୁ 'ଓଡ଼ିଶା-ମୋ ପରିବାର' ଆରମ୍ଭ କରାଯାଇ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମ ଦଳର ପ୍ରମୁଖ ଅଂଶଭାବେ କାର୍ଯ୍ୟ କରିବ ବୋଲି ବିଜେଡି ସଭାପତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ସାରା ରାଜ୍ୟରେ ବ୍ୟାପକ ବୃକ୍ଷ ରୋପଣ ସହ ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ। ଦ୍ୱିତୀୟତଃ ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବା ସହ ସାମାଜିକ ଆନ୍ଦୋଳନରେ ପରିଣତ କରାଯିବ। ତୃତୀୟତଃ ଦେଶ ତଥା ବାହାରେ ରହୁଥିବା ବିପନ୍ନ ଓଡ଼ିଆଙ୍କୁ ବିଭିନ୍ନ ସମୟରେ ସହଯୋଗ କରିବା ଦଳର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ,ବମ୍ୱେର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକଙ୍କୁ ଏହାର ଆବାହକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ପିନାକୀ ମିଶ୍ର, ଅଚ୍ୟୁତ ସାମନ୍ତ, ଚନ୍ଦ୍ରଶେଖର ସାହୁ, ଅତନୁ ସବ୍ୟସାଚୀ ନାୟକ ଏବଂ ନଳିନୀକାନ୍ତ ପ୍ରଧାନଙ୍କୁ ସହ ଆବାହକ କରାଯାଇଛି। ଏହା ବ୍ୟତୀତ ମନୋହର ରନ୍ଧାରୀ, ଅନନ୍ତ ନାରାୟଣ ଜେନା, ସୁଧିର ସାମଲ, ସୁଶାନ୍ତ ରାଉତ, ସଞ୍ଜୀବ ମଲ୍ଲିକ, ଲତିକା ପ୍ରଧାନ, ରୀତା ତରାଇ, ଭାରତୀ ସିଂ, ସୁନୀତା ବିଶ୍ୱାଳ, ସନ୍ଧ୍ୟାକୁମାରୀ ନାୟକ, ଡେଜାଲିନ୍ ମହାପାତ୍ର ଓ ଗୌରହରି ମିଶ୍ରଙ୍କୁ ସଭ୍ୟ ଭାବେ ନିଯୁକ୍ତି ଦିଆଯାଇଛି।

# ଶ୍ରୀମନ୍ଦିର ସଂସ୍କାର ମାମଲା: ୪କୁ ଘୁଞ୍ଚିଲା ରାୟ

**ନୂଆଦିଲ୍ଲୀ, ୨୫।୧୦ (ସ୍ୱ.ପ୍ର.):** ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନିମନ୍ତେ ସୁପ୍ରିମ୍‌କୋର୍ଟ ଶୁକ୍ରବାର ଦେବାକୁ ଥିବା ରାୟ ଆସନ୍ତା ନଭେମ୍ବର ୪କୁ ଘୁଞ୍ଚିଛି। ଶ୍ରୀମନ୍ଦିରରେ ଭକ୍ତଙ୍କୁ ହଇରାଣ କରାଯାଉଥିବା ନେଇ ସୁପ୍ରିମ୍‌କୋର୍ଟରେ ଏକ ପିଟିଶନ ଦାଏର ହୋଇଛି। ଜଷ୍ଟିସ ଅରୁଣ ମିଶ୍ର ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦିଷ୍ଟ କେତେକ କାରଣ ଯୋଗୁ ଶୁକ୍ରବାର ରାୟ ଦେଇପାରି ନ ଥିବା କହିଛନ୍ତି।

ମାମଲାର ଶୁଣାଣି ବେଳେ ଆମିକସ୍ କ୍ୟୁରି ରଞ୍ଜିତ କୁମାର ଶ୍ରୀମନ୍ଦିରରେ ନିଆଯାଇଥିବା ସଂସ୍କାର ସମ୍ପର୍କିତ ୩ଟି ରିପୋର୍ଟ କୋର୍ଟରେ ଦାଖଲ କରିଛନ୍ତି। ସେହିପରି ବରିଷ୍ଠ ଓକିଲ ପ୍ରିୟା ହିଙ୍ଗୋରାନୀ ମଧ୍ୟ ୨ଟି ରିପୋର୍ଟ ଦାଖଲ କରିଛନ୍ତି। ଜଷ୍ଟିସ୍ ମିଶ୍ର କହିଛନ୍ତି ଯେ, ୪/୫ ଘଣ୍ଟା ଧରି ରିପୋର୍ଟଗୁଡ଼ିକୁ ପଢ଼ିଛି। କିନ୍ତୁ ପଢ଼ା ଶେଷ କରିପାରିନାହିଁ। ଏଥିପାଇଁ ଅଧିକ ସମୟ ଦରକାର ଥିବାରୁ ନଭେମ୍ବରରେ ୪ରେ ରାୟ ଦେବି ବୋଲି ଜଷ୍ଟିସ୍ ମିଶ୍ର କହିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ଯଦି କେହି ପକ୍ଷ କୋର୍ଟକୁ ପରାମର୍ଶ ଦେବାକୁ ଚାହିଁବେ ତେବେ ଶନିବାର ସୁଦ୍ଧା ଲିଖିତ ଭାବେ ଦାଖଲ କରିବେ। ସର୍ବୋଚ୍ଚ ନ୍ୟାୟାଳୟ ସମସ୍ତ ପରାମର୍ଶ ବିଚାରକୁ ନେଇ ରାୟ ପ୍ରସ୍ତୁତ କରିବେ।


KOSHAL ANM & GNM TRAINING SCHOOL
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
ADMISSION OPEN
A.N.M. Duration 2 Years
Eligibility: +2 in any Stream or its equivalent
Age: 17 to 30 Years
G.N.M. Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414


TO KNOW THAT SUCCESS IS CERTAIN
WHEN A TEAM WORKS AS ONE.

IT'S EASY TO TAKE CREDIT FOR A VICTORY.
IT'S EASIER STILL TO STAND ALONE
IN THE SPOTLIGHT WHEN IT SHINES ON YOU.
BUT TO CARRY PEOPLE ALONG ON YOUR
JOURNEY OF SUCCESS?
THAT TAKES A RARE SORT.
WHEN CHARACTER HAS THE HUMILITY
TO SHARE THE LIMELIGHT,
IT'S RARE. IT'S PLATINUM.
— MEN OF — PLATINUM
KHIMJI® Jewellers since 1936
Stores only at: Bhubaneswar: 621, Saheed Nagar, Janpath | 309, District Centre, Chandrasekharpur
Berhampur: Venkatraju Arcade, Sano Bazar | Cuttcak: 558/834, Cantonment Road | Rourkela: Kesar Bhawan, Main Road
Toll Free: 1800 3131 777 | Open on Sunday

TVS

ଏକ ରୁ ବଳି ଆରେକ
ଫେଷ୍ଟିଭ୍ ଧମାକା ଅଫର୍ସ
₹11,000^ ପର୍ଯ୍ୟନ୍ତ ସଞ୍ଚୟ କିମ୍ବା ₹2,500# ପର୍ଯ୍ୟନ୍ତ ନଗଦ ଡିସ୍କାଉଣ୍ଟ

କୌଣସି ଅତିରିକ୍ତ ମୂଲ୍ୟ ନାହିଁ
5 ବର୍ଷର ପରିବର୍ଦ୍ଧିତ ୱାରେଣ୍ଟୀ* | ରୋଡ୍ ସାଇଡ୍ ଆସିଷ୍ଟାନ୍ସ**
• EMI in cash^^ • No cheque needed^^
Zest 110 | TVS Wego 110 | Scooty Pep+ | TVS Jupiter ବେଶୀ ଲାଭ | TVS NTORQ 125 | TVS Radeon | TVS Victor | Star City+ | TVS Sport
Now available at CSD | www.tvsmotor.com | Toll Free Number: 1-800-425-2077 | SMS 'TVSMOT' to 575758 | SHOWROOMS OPEN ON SUNDAYS | ^Applicable on TVS Jupiter (on RF offers). ** Within the cost of 1+5 years Insurance. * 3 years extended warranty for XL100 variants. # Applicable on select models at select locations. ^^ Terms and conditions apply. ^^ Available on select models.
5 YEAR WARRANTY
Download TVS Service App
+ FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph: 9778371171. BOLANGIR: Rajlaxmi TVS, Ph: 918260437538. BARGARH: Subhamm TVS, Ph: 8860625628. BHAWANIPATNA: Barun TVS, Ph: 8260430746; ROURKELA: Unique TVS, Ph: 8114372182, 8114372181, Gurugobind TVS, Ph: 9776280601, 9437203299; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph: 6370700730, 6370700732 . Authorised Dealers: Rengali, Ph: 9437052831; Deogarh, Ph: 9437392892; Charbahal, Ph: 9853406294; Junagarh, Ph: 9437092284, 9437939586; Nuapara, Ph: 9937653638; Raj Khariar, Ph: 9439144433; Muniguda, Ph: 9583860028; Dharmagarh, Ph: 9938883405; Kutra, Ph: 6370312667, 7796501441; Belpahar, Ph: 9238581791; Binka, Ph: 7894255589; Attabira, Ph: 9853157276; Barpali, Ph: 9777703149; Patnagarh, Ph: 9938621078; Dungripally, Ph: 9937926986; Sundergarh, Ph: 06622-274361, 9437139011; Rajgangpur, Ph: 9861265188; San Balichuan, Ph: 8658502167; Khariar Road, Ph: 9938098888; Sohela, Ph: 9938739550; Thuvapali, Ph: 9937452169; Bhatli, Ph: 9090140103; Titlagarh, Ph: 9438096285; Boudh, Ph: 9439238768; Kantabanji, Ph: 9437210599; Gaisilat, Ph: 9937408645; Jaipatna, Ph: 9178280401;Padampur, Ph: 9938110070; Sambalpur, Ph: 9337016000; Bamra, Ph: 9437535172; Kuchinda, Ph: 9437058129; Tarbha: Ph: 9439135679; Redhakhol: Ph: 7978349822; Saintala: Ph: 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph: 9938119999, 9777822622; Laikera, Ph: 9938465363 Bheden, Ph: 7008024042, 7008822177; Godbhaga, Ph: 6372444931, 6372445813; Bangamunda, Ph: 9937526500; Tusura, Ph: 9437890955, 9439581200; Bandhabahal, Ph: 6371909005; Bagdehi, Ph: 7008977491; Udanbandh, Ph: 7326042333, 7326042335; Lathor, Ph: 7008086417; Kantamal, Ph: 7008225996.
dentsuindia/dhr sam/38/19

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହିଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ।
–ଶ୍ରୀମା

# ସ୍ୱତନ୍ତ୍ର କ୍ୟାଡର ଦାବି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ରାଜ୍ୟର ବିକାଶ ପାଇଁ ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍ଏସ୍ ଅଫିସରଙ୍କର ସ୍ୱତନ୍ତ୍ର କ୍ୟାଡର ଲାଗି ସ୍ୱର ଉଠାଇଛନ୍ତି। ରାଜ୍ୟ ଭାଜପା ମଧ୍ୟ ଖଣ୍ଡୁଙ୍କ ଏହି ଦାବିକୁ ସମର୍ଥନ କରିଛି। ତଥ୍ୟରୁ ଜଣାପଡିଛି ଯେ, ଅନେକ ଆଇଏଏସ୍ ବାବୁ ଉତ୍ତର-ପୂର୍ବ ରାଜ୍ୟରେ କାର୍ଯ୍ୟ କରିବାକୁ ଅମଙ୍ଗ ହେଉଛନ୍ତି। ତେଣୁ ପ୍ରଶାସନିକ ମାନ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ ଉପରେ ବିଚାର କରିବାର ଆବଶ୍ୟକତା ରହିଛି। ଖଣ୍ଡୁଙ୍କ ମୁଖ୍ୟ ଅଭିଯୋଗ ହେଉଛି, ଅରୁଣାଚଳ ପ୍ରଦେଶକୁ କେନ୍ଦ୍ର ପଠାଉଥିବା ବାବୁମାନେ କମ୍ ସମୟ ଲାଗି ନିଯୁକ୍ତି ପାଉଛନ୍ତି। ଏହି ସମୟ ମଧ୍ୟରେ ସେମାନେ ରାଜ୍ୟର ଶାସନ ବ୍ୟବସ୍ଥାକୁ ବୁଝି ଆସିଲା ବେଳକୁ ବଦଳି ହୋଇଯାଉଛନ୍ତି। ରାଜ୍ୟ ସମ୍ପର୍କରେ ଜ୍ଞାନ ଅର୍ଜନ କରିଥିବା ବାବୁମାନେ ବଦଳି ହୋଇ ରାଜ୍ୟରୁ ଚାଲିଯାଉଛନ୍ତି। ଫଳରେ ରାଜ୍ୟର ପ୍ରଶାସନିକ କାର୍ଯ୍ୟ ଧିମେଇ ଯାଉଛି। ଉଚ୍ଚସ୍ତରରେ ରାଜ୍ୟର ସ୍ୱତନ୍ତ୍ର ପ୍ରଶାସନିକ ସେବା କ୍ୟାଡର ରହିଲେ ସେମାନଙ୍କର ନିଜତ୍ୱ ଭାବ ଓ ଦାୟିତ୍ୱଜ୍ଞାନ ବୃଦ୍ଧି ପାଇପାରନ୍ତା ଏବଂ ରାଜ୍ୟର ଆବଶ୍ୟକତା ପ୍ରତି ସେମାନେ ଅଧିକ ଉତ୍ତରଦାୟୀ ହୋଇପାରନ୍ତେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଦାବିକୁ କେନ୍ଦ୍ର ସରକାର ଗ୍ରହଣ କରିବେ କି ନାହିଁ ଜଣା ନାହିଁ। ତଥାପି ଉତ୍ତର–ପୂର୍ବାଞ୍ଚଳ ଆଡକୁ ଯୁଟି କ୍ୟାଡର ବାବୁମାନଙ୍କୁ ଆକର୍ଷିତ କରିବା ପାଇଁ ସରକାର ସର୍ଭିସ୍ ରୁଲ୍‌କୁ କୋହଳ କରିଛନ୍ତି। ଅରୁଣାଚଳ ପ୍ରଦେଶ ସହ ଉତ୍ତର–ପୂର୍ବାଞ୍ଚଳର ଅନ୍ୟ ରାଜ୍ୟଗୁଡିକରେ ଯେଉଁ ବାବୁମାନେ ନିଯୁକ୍ତି ପାଇବେ ସେମାନଙ୍କ ପାଇଁ ଏହି କୋହଳ ନୀତି ଲାଗୁ ହେବ।

### ଭ୍ରଷ୍ଟାଚାରର ଉନ୍ମୂଳନ

ଜୁନ୍ ଓ ଅଗଷ୍ଟ ମାସରେ ମୋଦି ସରକାର ଦୁର୍ନୀତି ତଥା ବିଭିନ୍ନ ଅଭିଯୋଗରେ କମିଶନର ପାହ୍ୟା ସମେତ ୬୪ ଜଣ ଆୟକର ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରିଛନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କ ଦୁର୍ନୀତି ବିରୋଧୀ ଅଭିଯାନ ବାବୁଗିରିରେ କେବଳ ଆୟକର ଅଧିକାରୀଙ୍କ ଭିତରେ ସୀମିତ ରହିନାହିଁ, ଯାହା ପୂର୍ବରୁ ଏହି ସ୍ତମ୍ଭରେ ପ୍ରକାଶ ପାଇଛି। ସରକାର ସମସ୍ତ କର୍ମଚାରୀଙ୍କର, ବିଶେଷତଃ ଯେଉଁ କର୍ମଚାରୀମାନେ ଅପରାଧ କିମ୍ବା ଦୁର୍ନୀତି ଅଭିଯୋଗର ସାମ୍ନା କରୁଛନ୍ତି, ସେମାନଙ୍କର ବାର୍ଷିକ ଗୋପନୀୟ ରିପୋର୍ଟକୁ ସମୀକ୍ଷା କରୁଥିବା ବିଶ୍ୱାସ କରାଯାଉଛି। ଏଭଳି ଅଧିକାରୀମାନଙ୍କୁ ଚିହ୍ନଟ କରିବା ଲାଗି ଏକ ପଦ୍ଧତିର ବିକାଶ କରିବା ଏବଂ ଚିହ୍ନଟ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ବାଧ୍ୟତାମୂଳକ ଅବସର ଦେବା ଲାଗି ସବୁ କ୍ୟାଡର ନିୟନ୍ତ୍ରଣକାରୀ ଅଧିକାରୀମାନଙ୍କୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଗୁରୁତର ଅଭିଯୋଗର ସମ୍ମୁଖୀନ ହୋଇଥିବା ଅଧିକାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ମଧ୍ୟ ରାଜ୍ୟଗୁଡିକୁ କୁହାଯାଇଛି। ସେହିପରି ଆଇଏଏସ୍ କ୍ୟାଡରଙ୍କୁ ନିୟନ୍ତ୍ରଣ କରୁଥିବା କାର୍ମିକ ମନ୍ତ୍ରଣାଳୟ ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ ପର୍ଯ୍ୟାୟକ୍ରମେ ଚାକିରିରୁ ବହିଷ୍କାର କରିବା ପାଇଁ ଏକ ତାଲିକା ପ୍ରସ୍ତୁତ କରୁଥିବା ବିଶ୍ୱାସ କରାଯାଉଛି। କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା ଯଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନଙ୍କୁ ଚିହ୍ନଟ କରିବା କାର୍ଯ୍ୟରେ ଲାଗିପଡିଛି। ଦୁର୍ନୀତି ବିରୋଧରେ କେନ୍ଦ୍ରର ଦୃଢ଼ସଂକଳ୍ପଯୁକ୍ତ ଯୁଦ୍ଧ ବାବୁମହଲକୁ ପୂରା ଦୋହଲେଇ ଦେଇଛି। ଯଦି ସରକାରୀ କଳରୁ ବାସ୍ତବରେ ଏଭଳି ଅଳିଆ ସଫା ହୋଇଯିବେ ତେବେ ଏହାକୁ ଜନସାଧାରଣ ନିଶ୍ଚୟ ପ୍ରଶଂସା କରିବେ।

### ଏକ ନୋବେଲ ସଂଯୋଗ

ଅର୍ଥନୀତିରେ ଚଳିତ ବର୍ଷର ନୋବେଲ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ତିନିଜଣ ବିଜେତାଙ୍କ ମଧ୍ୟରେ ଅଛନ୍ତି ଭାରତୀୟ ଅର୍ଥନୀତିଜ୍ଞ ଅଭିଜିତ୍ ବାନାର୍ଜୀ। ଏଥିପାଇଁ ଦେଶ ଉତ୍ସବ ମନାଉଥିବାବେଳେ ନୋବେଲ ବିଜେତାଙ୍କ ସହ ମିଶି ଦୁଇଟି ଗବେଷଣାତ୍ମକ ସନ୍ଦର୍ଭ ଲେଖିବା ପାଇଁ ବରିଷ୍ଠ ଆଇପିଏସ୍ ଅଫିସର୍ ନୀନା ସିଂଙ୍କୁ ମଧ୍ୟ ସମ୍ମାନିତ କରାଯାଉଛି। ନୀନା ସିଂ ହେଉଛନ୍ତି ୧୯୮୯ ବ୍ୟାଚ୍ ରାଜସ୍ଥାନ କ୍ୟାଡର୍ ଆଇପିଏସ୍ ଅଫିସର। ଦୁଇ ନୋବେଲ ବିଜେତା ଅଭିଜିତ୍ ବାନାର୍ଜୀ ଓ ଏସ୍ଥର ଡୁଫ୍ଲୋଙ୍କ ସହ ମିଶି ସେ ଲେଖିଥିବା 'ଦି ଏଫିସିଏଣ୍ଟ ଡିପ୍ଲୟମେଣ୍ଟ ଅଫ୍ ପୋଲିସ ରିସୋର୍ସେସ୍: ଥିଓରି ଆଣ୍ଡ ନ୍ୟୁ ଏଭିଡେନ୍ସ ଫ୍ରମ୍ ଏ ରାଣ୍ଡୋମାଇଜ୍‌ଡ ଡ୍ରଙ୍କ୍ ଡ୍ରାଇଭିଂ କ୍ରାକ୍‌ଡାଉନ୍ ଇନ୍ ଇଣ୍ଡିଆ' ଶୀର୍ଷକ ଗାବେଷଣାତ୍ମକ ସନ୍ଦର୍ଭ ଗତମାସରେ ପ୍ରକାଶ ପାଇଛି। ପ୍ରଚଣ୍ଡ 'ହଟ୍ ସ୍ପଟ୍' ମଡେଲ ପରିବର୍ତ୍ତେ ପୋଲିସ ପରିନିୟୋଜନର ଏକ ବିକ୍ଷିପ୍ତ ମଡେଲର ଆବଶ୍ୟକତା ଅଛି ବୋଲି ଏଥିରେ କୁହାଯାଇଛି। ପୋଲିସ ଚେକ୍ ପଏଣ୍ଟ ବଦଳାଇବା ଦ୍ୱାରା ରାତିରେ ଦୁର୍ଘଟଣା ୧୭ ପ୍ରତିଶତ ଓ ମୃତ୍ୟୁହାର ୨୫ ପ୍ରତିଶତ ହ୍ରାସ ପାଏ ଏବଂ ଚେକ୍‌ପଏଣ୍ଟଗୁଡ଼ିକ ନ ବଦଳାଇ ଗୋଟିଏ ସ୍ଥାନରେ ସ୍ଥିର ରଖିଲେ ସେଥିରୁ ବିଶେଷ କୌଣସି ସୁଫଳ ମିଳେ ନାହିଁ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

Email: dilipcherian@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଅକ୍ଟୋବର ୧୯୯୪

- ଆଇନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ପାଇଁ ଭାରତ ଓ କାନାଡ଼ା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଉତ୍ତର କୁରିଣ୍ଡିରେ ଥିବା ଏକ କ୍ୟାମ୍ପ ଉପରକୁ କେତେକ ଅଜ୍ଞାତ ବ୍ୟକ୍ତି ଆକ୍ରମଣ କରିବା ଫଳରେ ୫୦ ଜଣ ରୁଆଣ୍ଡା ଶରଣାର୍ଥୀ ନିହତ।

## su | do | ku — ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | A | 5 | | | 4 | 6 | | | | B | | | 7 | |
| | | 4 | 3 | 0 | 9 | C | | | | | | | | D |
| C | | 8 | | | D | | 1 | | 4 | | E | | | |
| | | | | 6 | | | | 9 | | | D | | E | 8 |
| | | | | E | C | | | | | | | 2 | 4 | |
| | | | | 5 | | | | 7 | 9 | A | | | | |
| A | | 2 | 9 | 1 | | | | B | | | C | | | |
| | 4 | | D | | B | 2 | 8 | | 7 | | 3 | | | |
| | 6 | | 4 | | | | | | | 5 | | | | 2 |
| | | 0 | A | | | | 6 | | E | | | 5 | | 7 |
| 4 | | A | 0 | | | | | | | D | | 8 | | |
| | | | | | 1 | | 0 | | 8 | 9 | B | | 6 | |
| 1 | 9 | | | | | | A | | | | 4 | 0 | | B |
| 2 | | | 6 | | 7 | 3 | | | C | | 1 | | | A |
| 0 | | | | | | 8 | | C | | | 7 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 5 | 7 | 3 | E | D | 4 | 1 | A | C | 2 | B | 6 | 0 | 8 |
| 1 | 6 | 8 | 5 | 0 | 2 | 7 | D | E | 3 | 9 | 4 | C | B | A |
| 2 | D | 4 | B | C | 7 | 3 | 8 | 5 | A | 0 | 6 | E | 9 | 1 |
| B | A | 0 | 4 | 8 | 1 | C | 9 | 6 | D | E | 7 | 3 | 5 | 2 |
| 3 | E | C | 9 | 6 | A | 0 | 2 | B | 5 | 8 | 1 | 7 | D | 4 |
| 0 | 8 | 9 | 7 | B | 4 | 5 | A | 3 | E | 6 | D | 2 | 1 | C |
| D | 7 | 2 | 6 | 3 | 5 | 1 | 0 | 4 | 9 | C | 8 | B | A | E |
| 6 | B | E | A | 9 | 0 | 8 | C | D | 2 | 1 | 3 | 5 | 4 | 7 |
| C | 1 | 5 | E | 2 | 8 | 9 | 6 | 7 | B | 4 | A | 0 | 3 | D |
| A | 4 | 3 | 1 | D | C | B | E | 2 | 7 | 5 | 0 | 9 | 8 | 6 |
| E | 3 | B | D | 1 | 6 | A | 5 | 9 | 4 | 7 | 2 | 8 | C | 0 |
| 4 | C | 6 | 2 | A | 3 | D | 7 | 8 | 0 | B | 9 | 1 | E | 5 |
| 5 | 2 | 1 | 0 | 4 | B | 6 | 3 | C | 8 | D | E | A | 7 | 9 |
| 7 | 9 | A | 8 | 5 | E | 2 | 4 | 0 | 1 | 3 | C | D | 6 | B |
| 8 | 0 | D | C | 7 | 9 | E | B | 1 | 6 | A | 5 | 4 | 2 | 3 |

ଗତକାଲିର ଉତ୍ତର

# ଗରିବଙ୍କୁ ବିପଦ ଆଧାର

ସମୀତ ପଣ୍ଡା ଓ ବିପୁଳ କୁମାର

ଧନକର ବେମାଲ, ବୟସ ଅଶୀ। କଳାହାଣ୍ଡି ଜିଲାର ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ବଡ଼ଚେରଗାଁ ଗ୍ରାମପଞ୍ଚାୟତର କର୍ଲା ଗ୍ରାମରେ ବସବାସ କରେ। ୨୦୧୯ ସେପ୍ଟେମ୍ବର ଓ ଅକ୍ଟୋବର ମାସ ଚାଉଳ ସରକାରୀ ରାଶନ ଦୋକାନରୁ ଉଠାଇବା ପାଇଁ ତାଙ୍କୁ ମନା କରାଗଲା। କାରଣ ତାଙ୍କର ଆଧାର କାର୍ଡ ରାଶନ କାର୍ଡ ସହ ସଂଯୋଗ ହୋଇନାହିଁ। ଧନକର ବେମାଲ ଜଣେ ଭୂମିହୀନ ଲୋକ। ତାଙ୍କର ଖାଦ୍ୟ ସୁରକ୍ଷା ପାଇଁ ପିଡିଏସ୍ ଚାଉଳ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଧନକର ଚାରିଥର ଆଧାର ପଞ୍ଜୀକରଣ କେନ୍ଦ୍ରକୁ ଯାଇଛନ୍ତି, ମାତ୍ର ତାଙ୍କର ଅଙ୍ଗୁଳି ଛାପକୁ ମେଶିନ ପଢ଼ିପାରି ନାହିଁ। ତେଣୁ ତାଙ୍କର ଆଧାର ପଞ୍ଜୀକରଣ ହୋଇପାରିନାହିଁ।

ଧନକର କେବଳ ଜଣେ ମାତ୍ର ବ୍ୟକ୍ତି ନୁହନ୍ତି, ଯିଏକି ତାଙ୍କ ଖାଦ୍ୟ ସୁରକ୍ଷାର ମୁଖ୍ୟ ଉତ୍ସ ହରେଇଛନ୍ତି। ତାଙ୍କ ପରି ଆହୁରି ଓଡ଼ିଶାରେ ୧୯ଲକ୍ଷ ହିତାଧିକାରୀ ସମାନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହା କେବଳ ରାଶନ କାର୍ଡ ସହ ଆଧାରର ସଂଯୋଗୀକରଣ ହୋଇପାରି ନ ଥିବାରୁ ଘଟିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅଧୀନରେ ଆସୁଥିବା ସମସ୍ତ ହିତାଧିକାରୀ ସେମାନଙ୍କର ରାଶନ କାର୍ଡ ସହ ସେମାନଙ୍କର ଆଧାର କାର୍ଡକୁ ସଂଯୋଗ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା ଏବଂ ରାଜ୍ୟ ସରକାର ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ୨୦୧୯ ସେପ୍ଟେମ୍ବର ୧୫ ତାରିଖକୁ ସମୟସୀମା ଧାର୍ଯ୍ୟ କରିଥିଲେ।

୨୦୧୯ ସେପ୍ଟେମ୍ବର ୧୬ ତାରିଖରେ ରାଜ୍ୟ ସରକାର ପ୍ରକାଶ କରିଥିବା ତଥ୍ୟ ଅନୁସାରେ, ସମୁଦାୟ ୩.୨୬କୋଟି ହିତାଧିକାରୀଙ୍କ ମଧ୍ୟରୁ ୩.୦୭କୋଟି ସେମାନଙ୍କର ଆଧାର ସଂଯୋଗୀକରଣ କରିସାରିଛନ୍ତି। ଅବଶିଷ୍ଟ ୧୮.୬୬ଲକ୍ଷ ହିତାଧିକାରୀଙ୍କର ଆଧାର ସଂଯୋଗ ହୋଇନାହିଁ। ଯେହେତୁ ଖାଦ୍ୟଶସ୍ୟ ଦୁଇ ମାସ ପାଇଁ ଦିଆଯାଉଛି, ତେଣୁ ଆଧାର ସଂଯୋଗ ହୋଇ ନ ଥିବା ହିତାଧିକାରୀମାନଙ୍କୁ ସେପ୍ଟେମ୍ବର–ଅକ୍ଟୋବର ମାସର ଖାଦ୍ୟଶସ୍ୟ ଦେବାକୁ ମନା କରାଯାଇଛି।

ଓଡ଼ିଶା ଖାଦ୍ୟ ଅଧିକାର ଅଭିଯାନ (ଖାଦ୍ୟ ଅଧିକାର ଉପରେ କାମ କରୁଥିବା ସଂଗଠନ ଓ ବ୍ୟକ୍ତିବିଶେଷଙ୍କର ଏକ ଅଣ–ଆନୁଷ୍ଠାନିକ ଫୋରମ୍) ତରଫରୁ ଏକ ଦ୍ରୁତ ସର୍ବେକ୍ଷଣ କରାଯାଇଥିଲା। ଏଥିରେ ସାମିଲ୍ ହୋଇଥିଲା ନବରଙ୍ଗପୁର ଜିଲାର ୨୫ଗୋଟି ଗ୍ରାମପଞ୍ଚାୟତ। ଏହି ସର୍ବେକ୍ଷଣ ସେପ୍ଟେମ୍ବର ୨୭ତାରିଖରୁ ଅକ୍ଟୋବର ୪ତାରିଖ ମଧ୍ୟରେ କରାଯାଇଥିଲା। ଏହି ସର୍ବେକ୍ଷଣରେ ଆଦିବାସୀ ପରିବାର (୬୫%), ଦଳିତ ପରିବାର (୧୩%), ପଛୁଆ ଜାତିର ପରିବାର (୨୧%) ଏବଂ ସାଧାରଣ ବର୍ଗର ପରିବାର (୧%) ସାମିଲ ଥିଲେ।

ସର୍ବେକ୍ଷଣର ଅଂଶବିଶେଷ ଭାବେ ୬୩ ଗୋଟି ଗ୍ରାମର ୨୭୨ ପରିବାରରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ସେହି ପରିବାରଗୁଡ଼ିକରୁ ତଥ୍ୟ ସଂଗ୍ରହ କରାଯାଇଥିଲା, ଯେଉଁମାନଙ୍କୁ ପରିବାରର କିଛି ସଦସ୍ୟ କିମ୍ବା ସମ୍ପୂର୍ଣ୍ଣ ପରିବାରକୁ ୨୦୧୯ ମସିହା ସେପ୍ଟେମ୍ବର ଓ ଅକ୍ଟୋବର ମାସର ଚାଉଳ ଉଠାଇବାକୁ ମନା କରାଯାଇଥିଲା, କାରଣ ସେମାନଙ୍କର ରାଶନ କାର୍ଡ ସହ ଆଧାର ସଂଯୋଗୀକରଣ ହୋଇ ନ ଥିଲା। ସଂଗ୍ରହ କରାଯାଇଥିବା ତଥ୍ୟ ଅନୁସାରେ ମୋଟ ୨୭୨ ପରିବାରର ୧୨୭୧ ସଦସ୍ୟଙ୍କ ମଧ୍ୟରୁ ୪୩୫ ଜଣଙ୍କର ଆଧାର ସଂଯୋଗୀକରଣ ହୋଇ ନ ଥିଲା, ଯାହାକି ସର୍ବେକ୍ଷଣର ସମୁଦାୟ ହିତାଧିକାରୀର ପ୍ରାୟ ଏକ ତୃତୀୟାଂଶ।

ଯେଉଁ ୪୩୫ ଜଣଙ୍କର ଆଧାର ସଂଯୋଗ ହୋଇନାହିଁ ସେଥିମଧ୍ୟରୁ ପ୍ରାୟ ୩୫ପ୍ରତିଶତ ହିତାଧିକାରୀ ହେଉଛନ୍ତି ୧୦ବର୍ଷ ବୟସରୁ କମ୍ ବୟସର ଶିଶୁ। ଏହାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଲକ୍ଷୀନାଥ, ବୟସ ୧୧ ଏବଂ ଦିବାକର, ବୟସ ୮। ଉଭୟ କୋଷାଗୁମୁଡ଼ା ବ୍ଲକ୍‌ର ଆତିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆତିଗାଁ ଗ୍ରାମର କୌଶଲ୍ୟା ବାତ୍ରାଙ୍କ ସନ୍ତାନ। କୌଶଲ୍ୟା ତାଙ୍କର ଉଭୟ ପିଲାଙ୍କର ଆଧାର କାର୍ଡ ଗ୍ରାମପଞ୍ଚାୟତରେ ଦାଖଲ କରିଛନ୍ତି, ମାତ୍ର ତାହା ରାଶନ କାର୍ଡ ସହ ସଂଯୋଗ ହୋଇନାହିଁ। ତେଣୁ ଦୁଇ ସନ୍ତାନଙ୍କର ହକ୍ ମାସିକ ୧୦କିଗ୍ରା ରାଶନ ହିସାବରେ ଦୁଇ ମାସର ୨୦ କିଗ୍ରା ରାଶନ ଦିଆଯାଇନାହିଁ। ଏହା କେବଳ ଖାଦ୍ୟ ଶସ୍ୟର ପ୍ରସଙ୍ଗ ନୁହେଁ ବରଂ ଶିଶୁ ଖାଦ୍ୟ ସୁରକ୍ଷାର ଉଲ୍ଲଂଘନ।

ଯେଉଁ ୪୩୫ ଜଣଙ୍କର ଆଧାର ସଂଯୋଗ ହୋଇନାହିଁ, ସେମାନଙ୍କ ମଧ୍ୟରୁ ୧୮୫ (୪୩%) ଜଣଙ୍କର ଆଧାର ନମ୍ବର ନାହିଁ। ତେଣୁ ସେମାନେ ରାଶନ କାର୍ଡ ସହ ସଂଯୋଗ କରିବାକୁ ଅକ୍ଷମ। ସର୍ବେକ୍ଷଣ ସମୟରେ ୨୨୮ଜଣ (୫୩%) କହିଥିଲେ ଯେ ସେମାନଙ୍କର ଆଧାର ନମ୍ବର ଅଛି, ମାତ୍ର ସଂଯୋଗ ହୋଇ ନ ଥିବାରୁ ସେମାନଙ୍କୁ ଖାଦ୍ୟଶସ୍ୟ ଉଠାଇବାକୁ ମନା କରାଯାଇଛି। ଅତି ଦୁଃସ୍ଥ ଅବସ୍ଥାରେ ଥିବା ବ୍ୟକ୍ତିବିଶେଷ ଏଥିରେ ଅଛନ୍ତି। ଯେପରି କି ଉଆଁସୀ ମାଝି– ଜଣେ ବୟୋବୃଦ୍ଧା ଓ ଚାଲିବା ପାଇଁ ଅକ୍ଷମ, ଡମଣୀ ଶବର– ତାଙ୍କର ଡାହାଣ ହାତର ଏକ ଅଙ୍ଗୁଳି ନାହିଁ।

ଅବସୋସର ବିଷୟ ଯେ, ପ୍ରଶାସନିକ ସ୍ଥାଣୁତା ପାଇଁ ଗରିବ ଲୋକ ଦଣ୍ଡ ଭୋଗୁଛନ୍ତି। ଉଦାହରଣ ସ୍ୱରୂପ, ୭୨ ଜଣ (୧୭%) ବ୍ୟକ୍ତି ସେମାନଙ୍କର ଆଧାର କାର୍ଡ ଗ୍ରାମପଞ୍ଚାୟତରେ ଦାଖଲ କରିଛନ୍ତି, ୧୭ ଜଣ (୪%) ବ୍ୟକ୍ତି କହିଛନ୍ତି ଯେ ସେମାନଙ୍କର ଆଧାର ନମ୍ବର ରାଶନ କାର୍ଡରେ ଉଲ୍ଲେଖ ରହିଛି, ତଥାପି ସେମାନଙ୍କୁ ଆଧାର ସଂଯୋଗ ହୋଇନାହିଁ ବୋଲି କହି ଖାଦ୍ୟଶସ୍ୟ ଉଠାଇବାକୁ ମନା କରାଯାଇଛି। ଅନ୍ୟ ୨୩ ଜଣ (୫.୩%) ବ୍ୟକ୍ତି କହିଛନ୍ତି ଯେ ଆଧାର କାର୍ଡ ତଥ୍ୟ ସହ ରାଶନ କାର୍ଡ ତଥ୍ୟ ଯଥା ନାମ, ଗ୍ରାମ ମେଳ ଖାଉ ନ ଥିବାରୁ ଆଧାର ସଂଯୋଗ ହୋଇପାରୁ ନାହିଁ। ଠିକ୍ ସେହିଭଳି ଚଇତି ଭତ୍ରାର ୧୩ବର୍ଷର ଝିଅ ମଟାଇ ଭତ୍ରାଙ୍କୁ ଖାଦ୍ୟଶସ୍ୟ ଉଠାଇବାକୁ ମନା କରାଯାଇଛି। କାରଣ ତାଙ୍କର ମା'ଙ୍କ ନାମ ଆଧାର କାର୍ଡ ଓ ରାଶନ କାର୍ଡରେ ମେଳ ଖାଉନାହିଁ। କେବଳ ୧୭ ଜଣ ବ୍ୟକ୍ତି (୩.୫%)ଙ୍କର ରାଶନ କାର୍ଡରୁ ନାମ କଟିବା ଯଥାର୍ଥ ଦେଖାଯାଇଛି। ଏହି ୧୭ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୧୦ଜଣ ମରିଯାଇଛନ୍ତି ଏବଂ ଅବଶିଷ୍ଟ ୭ଜଣ ଯୁବତୀ ବିବାହ କରି ଅନ୍ୟତ୍ର ଚାଲିଯାଇଛନ୍ତି। ତେଣୁ ସରକାର ଆଧାର ସଂଯୋଗ ଉପରେ ଜୋର୍ ଦେବା ପରିବର୍ତ୍ତେ ପିଡିଏସ୍ ଡାଟାବେସ୍‌କୁ କିପରି ଗତିଶୀଳ କରାଯାଇପାରିବ ସେହି ପ୍ରକ୍ରିୟା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

ରାଶନ କାର୍ଡ ସହ ଆଧାରର ବାଧ୍ୟତାମୂଳକ ସଂଯୋଗୀକରଣ କିପରି ଏକ ତୃତୀୟାଂଶ ହିତାଧିକାରୀଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରୁଛି, ତାହା ନବରଙ୍ଗପୁର ସର୍ବେକ୍ଷଣରୁ ପ୍ରତିପାଦିତ ହେଉଛି। ଏତେ ବ୍ୟାପକ ପରିମାଣରେ ହିତାଧିକାରୀ ବଞ୍ଚିତ ହେବାର କାରଣ ସମ୍ଭବତଃ ଜିଲାର ଦୁର୍ଗମତା ହୋଇଥାଇପାରେ। ତେବେ ସେ ଯାହାହେଉ, ରାଜ୍ୟ ସରକାର ଏହାର ଟିକିନିଖି ବିବରଣୀ ପ୍ରକାଶ କରିବାର ଆବଶ୍ୟକତା ରହିଛି। ଯେଉଁମାନଙ୍କର ନାମ ରାଶନ କାର୍ଡରୁ କଟିଯାଇଛି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯିବା କଥା। ସେମାନଙ୍କୁ ପଚରାଯିବା କଥା ଯେ କାହିଁକି ସେମାନଙ୍କର ନାମ ରାଶନ କାର୍ଡରୁ କଟାଯିବ ନାହିଁ ବୋଲି? ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଦାୟିତ୍ୱ ହେଉଛି ଆଧାର ସଂଯୋଗ ହୋଇ ନ ଥିବାରୁ ଯେଉଁମାନଙ୍କୁ ଖାଦ୍ୟଶସ୍ୟ ଉଠାଇବା ପାଇଁ ମନା କରାଯାଇଛି, ସେମାନଙ୍କର ନାମ ତାଲିକା ୱେବ୍‌ସାଇଟ୍‌ରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଗ୍ରାମପଞ୍ଚାୟତ ଓ ସୁଲଭ ମୂଲ୍ୟ ରାଶନ ଦୋକାନରେ ପ୍ରଦର୍ଶିତ କରିବା।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଆସୁଥିବା ସମସ୍ତ ହିତାଧିକାରୀଙ୍କ ପାଇଁ ଖାଦ୍ୟଶସ୍ୟ ପାଇବା ଏକ ମୌଳିକ ଅଧିକାର। ପ୍ରଯୁକ୍ତି କାରଣ ଯେପରି କି ଆଧାର ସଂଯୋଗୀକରଣ ହୋଇ ନ ପାରିବା ଭଳି ଘଟଣାରେ ସେମାନଙ୍କୁ ଖାଦ୍ୟଶସ୍ୟ ଉଠାଇବାକୁ ମନା କରିବା ଆଇନରେ ଥିବା ମୌଳିକ ବିଷୟର ପରିପନ୍ଥୀ। ତେଣୁ ଯେଉଁମାନଙ୍କୁ ଗତ ଦୁଇମାସର ଖାଦ୍ୟଶସ୍ୟ ଦିଆଯାଇନାହିଁ, ସେମାନଙ୍କୁ ତୁରନ୍ତ ତାହା ପ୍ରଦାନ କରାଯିବା ଉଚିତ।

ଉଚ୍ଚତମ ନ୍ୟାୟାଳୟ ନିଜର ଏକ ରାୟରେ କହିଛନ୍ତି ଯେ ଆଧାର ଅଭାବ ହେତୁ କୌଣସି ହିତାଧିକାରୀଙ୍କୁ ସେମାନଙ୍କ ହକ୍‌ରୁ ବଞ୍ଚିତ କରାଯାଇ ପାରିବ ନାହିଁ। ଯେଉଁ ହିତାଧିକାରୀମାନଙ୍କ ଆଧାର ସଂଯୋଗ ହୋଇପାରି ନାହିଁ, ସେମାନଙ୍କୁ ଖାଦ୍ୟଶସ୍ୟ ଉଠାଇବାକୁ ମନାକରିବା ପ୍ରସଙ୍ଗରୁ ରାଜ୍ୟ ସରକାର ନିବୃତ୍ତ ରହିବା କଥା। ରାଜ୍ୟ ସରକାର ମନେରଖିବା ଉଚିତ ଯେ, ପଡ଼ୋଶୀ ରାଜ୍ୟ ଝାଡଖଣ୍ଡରେ ବାଧ୍ୟତାମୂଳକ ଆଧାର ସଂଯୋଗୀକରଣ ପରିପ୍ରେକ୍ଷୀରେ କିପରି ସନ୍ତୋଷୀ କୁମାରୀଙ୍କ ଜୀବନ ଅକାଳରେ ଝଡ଼ିପଡ଼ିଛି।

ଓଡ଼ିଶା ଖାଦ୍ୟ ଅଧିକାର ଅଭିଯାନ,
sameet1983@gmail.com,
rebelvipul@gmail.com

# ମା' କାଳୀଙ୍କ ରୂପତତ୍ତ୍ୱ



ଡ. ଭାଗ୍ୟଲିପି ମଲ୍ଲ

ଆଉ ଦିନକ ପରେ ଦୀପାବଳି ଓ କାଳୀପୂଜା। ଏହିଦିନ ଆମେ ମା' କାଳୀଙ୍କୁ ଆବାହନ କରିବା। ମାତ୍ର କାହିଁକି ମମତାମୟୀ ମା'ର ଏ ଭୟଙ୍କର ରୂପ? ଏହି ପ୍ରଶ୍ନ ଅନେକଙ୍କ ମନରେ ଉଠିଥାଏ। ଏହାର ଉତ୍ତର ଜାଣିବା ପାଇଁ ଆମକୁ ପୁରାଣପୃଷ୍ଠାକୁ ଅବଲୋକନ କରିବାକୁ ହେବ। ଅବଶେଷରେ ଭୂଲୁଣ୍ଠିତ ହେଲା ମହିଷାସୁର। ସକଳ ଦର୍ପ, ସାମର୍ଥ୍ୟ, ଅହଂକାର ମୁହୂର୍ତ୍ତକରେ ଚୂନା ହୋଇଗଲା। ଅଶୁଭ ଶକ୍ତିର ପ୍ରତୀକ ମହିଷାର ଅହଂକାରରୁ ସଂସାରର ମୁକ୍ତି ଓ ଆନନ୍ଦ ପାଇଁ ସେଦିନ ମହାଶୂନ୍ୟରେ ସଞ୍ଚରିଗଲା ମାତୃତ୍ୱର କ୍ରୋଧପୂର୍ଣ୍ଣ ରୂପ। ସେ ଏବେ ବନ୍ଧନମୁକ୍ତ, ହୃଦୟରେ ରକ୍ତର ଛିଟା। ପାଦତଳେ ପୁଅର ରକ୍ତଭିଜା ଶବ। ଆଉ ସେ ନିଜେ? ନିଜକୁ ଚାହିଁଲେ, ଅନୁଭବ କଲେ, ଏକ ଅସହାୟ ନଗ୍ନତା। ମୁହୂର୍ତ୍ତକରେ ଚହଲିଗଲା ତାଙ୍କ ଚେତନା। ମାତୃତ୍ୱ ଓ ନାରୀତ୍ୱ ନିଜ ପାଖରେ କେତେ ଅସହାୟ ନୁହେଁ ସତରେ? କାରଣ ଭେଦିବାକୁ ତାଙ୍କୁ ସମୟ ଲାଗିଲାନି। ସେ ଅନୁଭବ କଲେ, ତାଙ୍କ ମହାମାତୃତ୍ୱ ଯେପରି ଦେବତାମାନଙ୍କର ଅହଂ–ପ୍ରତାରିତା।

ବଦଳିଗଲା ଦେହର ରଙ୍ଗ। ମହାକ୍ରୋଧର ରଙ୍ଗ କଳା। ଏବେ ସେ କାଳୀ। ରକ୍ତାଭ ଆଖି। ବେକରେ ମଣିଷର ମୁଣ୍ଡ ଓ ହାଡ଼ର ମାଳ। ଗୋଟିଏ ହାତରେ ପାନପାତ୍ର–ଖପୁରି, ଆର ହାତରେ ଖଡ୍‌ଗ। ଗୋଟିଏ ହାତରେ ତଳକୁ ଝୁଲି ରହିଛି ମଣିଷର କଟାମୁଣ୍ଡ, ଅନ୍ୟ ହାତଟିରେ ବରଦମୁଦ୍ରା। ମୁକୁଳା ଆଲୁଳାୟିତ କେଶ। ଲହଲହ ଜିଭ ଏବଂ ବିବସନା। ହାତ ଓ ପାଦରେ କରାଳ ଗତି, ଅବିଶ୍ରାନ୍ତ। ଏବେ ଲୋହିତଯାତ୍ରାର ପଦଧ୍ୱନି। ଦେବତାମାନଙ୍କ ଛଳନା ତାଙ୍କୁ ଉନ୍ମାଦିନୀ କରିଦେଲା। ନା, ଏବେ ସେ କାହାକୁ ବି ବଞ୍ଚିବାକୁ ଦେବେନି। ସଂହାର କରିବେ ସକଳ ସୃଷ୍ଟି।

ଏଣେ ଅଶୁଭଶକ୍ତିର ବିନାଶରେ ପୁଲକିତ ହେଉଥିବା ଦେବତାମାନେ ଉତ୍ସବ ମନାଉଥିଲେ। କାରଣ ଥିଲା ସୃଜନଶକ୍ତିକୁ ମଧ୍ୟ କ୍ଷମତାର ଶକ୍ତି ଅନ୍ଧ କରିଦେଇପାରେ। ମାତ୍ର ହଠାତ୍ ବଦଳିଗଲା ପରିମଣ୍ଡଳ। ଦେବଗଣ ଅନୁଭବ କଲେ, ସେମାନେ ଯେପରି କ୍ଷମତାପୀଡ଼ିତ ଏକ ଏକ ଅସହାୟତା। ଆଗରେ ନା ସମଗ୍ର ଜଗତରେ କାଳାନ୍ତରର ମହାରୂପ। ମହାକାଳୀଙ୍କର ସଂହାରଲୀଳା। ଅପେକ୍ଷା ରହିଛି ପୁନଃସୃଜନର। ମହାକାଳୀଙ୍କର ଏହି ତେଜୋଦୀପ୍ତ ରୂପ ଥିଲା ସେମାନଙ୍କ ପାଇଁ ପ୍ରଥମ ଓ ସ୍ୱତନ୍ତ୍ର, ଅବର୍ଣ୍ଣନୀୟ। ସେମାନେ ଆତଙ୍କିତ, ଆତଙ୍କିତ ନିଜ ନିଜ ଅସ୍ତିତ୍ୱର ସୁରକ୍ଷା ପାଇଁ। ସେମାନେ ପ୍ରଥମଥର ପାଇଁ ଅନୁଭବ କଲେ ସୃଜନଶକ୍ତିର କ୍ରୋଧ ଆଗରେ କେତେ ଅସହାୟ କ୍ଷମତାର ଅହଂକାର। କାରଣ ସେଇ ଦେବତାମାନେ ହିଁ ମହିଷାକୁ ଅଭିଶାପ ଦେଇଥିଲେ, ମାତୃତ୍ୱର ଉଲଗ୍ନ ଦର୍ଶନ ହିଁ ହେବ ତା'ର ମୃତ୍ୟୁର କାରଣ। ମାତ୍ର ଏ ବୀଭତ୍ସ ରହସ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ ସ୍ୱୟଂ ଆଦିମାତା। ଏ ରହସ୍ୟର ଭେଦ ଜାଣିବା ମାତ୍ରକେ ଚହଲିଗଲା ତାଙ୍କ ଚେତନା, ମାତୃତ୍ୱ ବିପ୍ଳବ କରିବାକୁ ଲାଗିଲା। ଲାଜ ଓ କ୍ରୋଧ ଏବେ ଏକାକାର।

ଦେବଗଣଙ୍କ ଭିତରେ ଦ୍ୱନ୍ଦ୍ୱ। କିପରି ରକ୍ଷା କରାଯାଇପାରିବ ସକଳ ସୃଷ୍ଟିକୁ? ବାଟ ଦିଶିଗଲା। ଅନୁଭବ କଲେ, ମରଣର ବିଷଜ୍ୱାଳାରୁ ଜଗତର ତ୍ରାଣ ପାଇଁ କେବଳ ଜଣେମାତ୍ର ସମର୍ଥ ବ୍ୟକ୍ତିତ୍ୱ, ସେ ନୀଳକଣ୍ଠ, ମହାଯୋଗୀ ଶିବ। ମହାମାୟାଙ୍କ ପ୍ରେମିକ ସ୍ୱାମୀ। ସେମାନେ ମଙ୍ଗଳମୟଙ୍କ ଶରଣାପନ୍ନ ହେଲେ ସୃଷ୍ଟିକୁ ପୁନଃ ବିନାଶରୁ ରକ୍ଷା କରିବା ପାଇଁ। ମହାନଟ ଶିବଙ୍କ ମୁହଁରେ ଫୁଟିଉଠିଲା ପୌରୁଷର ହସ। ଅସ୍ତିବାଚକ ଆଶ୍ୱାସନା। ସେ ଜାଣନ୍ତି, ଭଲଭାବରେ ଜାଣନ୍ତି, ମହାମାୟାଙ୍କ ସର୍ଜନା ଆକାଂକ୍ଷାର ମହାନନ୍ଦରେ ବାରମ୍ବାର ନିଜର ଅସ୍ତିତ୍ୱକୁ ଆହୁତି ଦେଉଥିବା ସେ ହିଁ ଜଣେମାତ୍ର ନିର୍ଲିପ୍ତ ଅହଂକାର।

ପୁରୁଷର ପାଦ ଏଥର ପ୍ରକୃତି ପାଖକୁ। ତା' ଆଗରେ ପ୍ରକୃତି ପ୍ରତି ମୁହୂର୍ତ୍ତରେ ବଦଳି ଯାଉଥିବା ଏକ ପ୍ରୀତିପଦ ଅସ୍ତିତ୍ୱ। ମହାକାଳୀ ରୂପରେ ଏବେ କେମିତିଦିଶୁଥିବେ ସତୀ, ପାର୍ବତୀ? ମହାଭୈରବଙ୍କ ଚେତନାରେ ମହାକାଳୀଙ୍କ ରୂପତୃଷ୍ଣାକୁ ଶାନ୍ତ କରିବା ପାଇଁ ଉନ୍ମାଦନା। ସତେଯେପରି ମହାକାଳଙ୍କର ଅନ୍ୟ ଏକ ମୃତ୍ୟୁକୁ ଅପେକ୍ଷା।

ପ୍ରେମିକା ପତ୍ନୀଙ୍କ ଗତିର ଦିଗ ବାରି ଊର୍ଦ୍ଧ୍ୱମୁଖ ହୋଇ ଶୋଇପଡ଼ିଲେ ବାଟରେ। ସଂହାରିଣୀ ପତ୍ନୀଙ୍କ ପାଦ ଏବେ ପତିଙ୍କ ଛାତି ଉପରେ। ପତ୍ନୀଙ୍କର ଏ ରୂପ ଥିଲା ତାଙ୍କ ପାଇଁ ଅଦ୍ଭୁତ ଓ ଅନନ୍ୟ। ଅନୁଭବ କଲେ, ପ୍ରିୟତମାଙ୍କର ଗୋଟିଏ ହାତରେ ଜ୍ଞାନ (ଖଡ୍‌ଗ)– ସାଧକକୁ ମୁକ୍ତ କରୁଛି ଅଜ୍ଞାନତାର ଅନ୍ଧକାରରୁ; ଅନ୍ୟ ହାତରେ ତତ୍ତ୍ୱଜ୍ଞାନ (ମଣିଷର ଖପୁରି)– ଜ୍ଞାନତତ୍ତ୍ୱର ଆଲୋକ, ବାମ ହାତରେ ମଣିଷର କଟାମୁଣ୍ଡ– ମୃତ୍ୟୁଞ୍ଜୟୀ ହେବାର ସଂକଳ୍ପ, ଦକ୍ଷିଣ ହାତରେ ଭୟରୁ ମୁକ୍ତିବୋଧ (ଅଭୟମୁଦ୍ରା)ର ଆନନ୍ଦ ଓ ଜୀବନର ପ୍ରତିଶ୍ରୁତି ଏବଂ ମୁକୁଳା କେଶରେ କାମନାମୁକ୍ତିର ସଙ୍ଗୀତ। ଗଳାରେ ଲମ୍ବିତ ମୁଣ୍ଡମାଳର ଅକ୍ଷର(ଶବ୍ଦ) ଏବଂ ଲୋଳଜିହ୍ୱାରେ କାଳକୁ କବଳିତ କରିବାର ମନ୍ତ୍ର।

ପ୍ରକୃତିର ଉନ୍ମୁକ୍ତ ରୂପ ଭିତରେ ଆତ୍ମମଗ୍ନ ହେବାର ପ୍ରବଳ ଇଚ୍ଛାଶକ୍ତି ଶିବଙ୍କ ଚେତନାରେ ଉଚ୍ଛଳିତ ହେବାରେ ଲାଗିଲା। ଶବ ମାଧ୍ୟମରେ ସେ ଆତ୍ମପ୍ରକାଶ କଲେ। ଜାଗ୍ରତ ପୌରୁଷ। ପୌରୁଷର ସ୍ପର୍ଶରେ ପ୍ରକୃତି ଚେତନାରେ ଚମକ। ରାଗରେ କାନ୍ଦୁଥିଲେ। କାନ୍ଦୁ କାନ୍ଦୁ ହସିଦେଲେ। ଜାଗ୍ରତ କୁଣ୍ଡଳିନୀ। ପ୍ରକୃତି ଓ ପୁରୁଷଙ୍କର ଏବେ ମହାମିଳନ ମଶାଣିରୂପକ କାଳଭୂମିରେ। ଆଖିରେ ଆଖି ମିଶିଗଲା। ଶାନ୍ତ ଓ ସଜଳ। ଚାହିଁଲେ ନିଜକୁ। ଲାଜେଇ ଗଲେ। ଫୁଲ ହୋଇଗଲେ। ଗୋଟିଏ ନୁହେଁ; ଅଗଣିତ ଫୁଲ। ପ୍ରେମ, ମାତୃତ୍ୱ, ସେବା, ତ୍ୟାଗ, ସୌନ୍ଦର୍ଯ୍ୟ, ତିତିକ୍ଷା– ସକଳ ଭାବର ଫୁଲ। ସମସ୍ତେ ଏବେ ତା' କୋଳରେ, ସମସ୍ତେ ଏବେ ତା'ର ପ୍ରେମ। ଆମେ ସେହି ମା' କାଳୀଙ୍କୁ ଆରାଧନା କରିବା।

ମୋ–୯୪୩୯୨୮୧୫୬୧

## ଏଇ ଭାରତରେ

ପିଲା ହଜିଗଲେ ପୋଲିସ ଯେମିତି ଖୋଜେ ଠିକ୍ ସେମିତି ଶୁଆକୁ ଖୋଜା ଚାଲିଛି ଉତ୍ତରପ୍ରଦେଶର ବାରାଣସୀରେ। ପାଞ୍ଚଦିନ ହେବ ପୋଲିସ ଖୋଜୁଛି ଶୁଆକୁ। ଜୋତପୁର ଥାନା ଅନ୍ତର୍ଗତ ଦାରାନଗରରେ ଘଟିଛି ଏମିତିକା ଘଟଣା। ଦାରାନଗରନିବାସୀ ଶିକ୍ଷକ ଅରବିନ୍ଦ କୁମାର ଏକ ଶୁଆ ପାଳିଥିଲେ। ତା' ନାଁ ଆଲେକ୍ସ। ଶୁଆଟି କେଉଁଆଡେ ଉଡିଯିବା ପରେ ଅରବିନ୍ଦ ଥାନାରେ ଏ ସଂକ୍ରାନ୍ତରେ ରିପୋର୍ଟ କରିଛନ୍ତି। ରିପୋର୍ଟ ପାଇବା ପରେ ପୋଲିସ ପୂରା ଦମ୍‌ରେ ଶୁଆକୁ ଖୋଜିବାରେ ଲାଗିପଡିଛି। ଅକରବିନ୍ଦଙ୍କ ପରିବାର ସ୍ଥାନୀୟ ଅଞ୍ଚଳର ସବୁ ଗଳିକନ୍ଦିରେ ପୋଷ୍ଟର ଛାଇ କରିଦେଇଛନ୍ତି। ସୋସିଆଲ ମିଡିଆରେ ବି ବିଜ୍ଞାପନ ଦିଆଯାଇଛି। କେବଳ ଏତିକି ନୁହେଁ, ଯିଏ ଶୁଆକୁ ଖୋଜିଦେବେ ତାଙ୍କୁ ୫୧୦୦ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି। ଶୁଆଟି ପରିବାର ଲୋକଙ୍କ ସାଙ୍ଗରେ ଖାଏ, ଶୁଏ। ପିଲାଙ୍କ ସାଥୀରେ ଭିଡିଓ ଗେମ୍ ଖେଳେ ଓ ଟିଭି ବି ଦେଖେ। ଶୁଆଟି ପରିବାରର ସଦସ୍ୟ ଭଳି ଥିବାରୁ ତାକୁ ଖୋଜିବା ପାଇଁ ପୋଲିସରେ ରିପୋର୍ଟ କରାଯାଇଛି ବୋଲି କୁହନ୍ତି ଅରବିନ୍ଦ।

## ଚିରନ୍ତନୀ

କାଟି ବିଶ୍ୱର ସକଳ ନିଗଡ଼ ବନ୍ଧନ
ଶତ ଆଶା ପୀରତିର ମଧୁ ନିବନ୍ଧନ
ସକଳ ସ୍ନେହ ମମତା
ମରମ ନିଭୃତ କଥା,
କରିବି ଏ କୋଣେ ତାର ସମାଧି ସାଧନ,
ସକଳ ମଧୁର ସ୍ମୃତି ପ୍ରୀତି ଆରାଧନ।
ମୋର ପ୍ରେୟସୀର ସେହି ବିଦାୟ ଚାହାଣି,
କୋମଳ ମିନତିଭରା ସେ ମଧୁର ବାଣୀ
ଅଭିମାନେ ଛଳ ଛଳ
ନୟନୁଁ ତପତ ଜଳ
ବୁହାଇଲା ସେ ଦିନ ଯେ ମୋ ହୃଦୟରାଣୀ,
ଭୁଲିଯାଏଁ ଏଥି ସବୁ ଅତୀତ କାହାଣୀ।
(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଦିନିଆ ରଥଯାତ୍ରା

ମହାଶୟ,

ଅନ୍ୟ ରାଜ୍ୟରେ ଇସ୍କନ ଓ ଅନ୍ୟ କେତେକ ସଂସ୍ଥା ପକ୍ଷରୁ ଅଦିନିଆ ରଥଯାତ୍ରା କରିବା ପାଇଁ ଉଦ୍ୟମ ଚାଲିଥିବା ଚର୍ଚ୍ଚାକୁ ଆସିଛି। ଏହା ପରମ୍ପରା ଓ ଶାସ୍ତ୍ର ବିରୋଧୀ। ସ୍କନ୍ଦ ପୁରାଣରେ ଅଛି– ''ଆଷାଢ଼ସ୍ୟ ସିତେ ପକ୍ଷେ ଦ୍ୱିତୀୟା ପୁଷ୍ୟ ସଂଯୁତଃ, ତସ୍ୟାଂ ରଥେ ସମାରୋପ୍ୟ ରାମଂ ବୈ ଭଦ୍ରୟା ସହ।'' ଆଷାଢ଼ ମାସ ଶୁକ୍ଳପକ୍ଷ ପୁଷ୍ୟା ନକ୍ଷତ୍ରଯୁକ୍ତ ଦ୍ୱିତୀୟା ତିଥିରେ ରଥରେ ବଳରାମ ଓ ସୁଭଦ୍ରାଙ୍କ ସହ ମହାପ୍ରଭୁଙ୍କର ରଥଯାତ୍ରା ହୁଏ। ପୁଷ୍ୟା ନକ୍ଷତ୍ର ନ ଥିଲେ କେବଳ ଶୁକ୍ଳ ଦ୍ୱିତୀୟାରେ ରଥୋତ୍ସବ ସମ୍ପାଦନ କରାଯାଏ। ଶୁକ୍ଳ ଦ୍ୱିତୀୟା ଭ୍ରାତୃସୁଖ ଓ ଭାଇଭାଇଙ୍କ ପାରସ୍ପରିକ ସୁଖସୌଭାଗ୍ୟ ନିମିତ୍ତ ପ୍ରଶସ୍ତ। ସେଥିପାଇଁ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ତିଥିରେ ଭଉଣୀ ବା ସାନଭାଇ ବଡଭାଇଙ୍କୁ ଆରାଧନା କରନ୍ତି। ଏହାକୁ ଭ୍ରାତୃ ବା ଯମ ଦ୍ୱିତୀୟା କୁହାଯାଏ। ଶ୍ରୀଜଗନ୍ନାଥ ଆମ ସାମାଜିକ ଚଳଣିରେ ପାରସ୍ପରିକ ଭ୍ରାତୃଭାବର ସମୃଦ୍ଧି ଓ ଯମଯନ୍ତ୍ରଣାରୁ ରକ୍ଷାକରିବା ପାଇଁ କେବଳ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଘୋଷଯାତ୍ରା କରିବା ପ୍ରାସଙ୍ଗିକ।

ଭାଗୀରଥି ନନ୍ଦଶର୍ମା, ପରିଚାଳକ,
ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ

### ପରିବେଶ ପ୍ରଦୂଷଣରୁ ସୁରକ୍ଷା

ନୂତନ ମୋଟର ଭେହିକିଲ ଆଇନରେ ପଲ୍ୟୁଶନ୍ ସାର୍ଟିଫିକେଟ ନ ଥିବା ପାଇଁ ଦଣ୍ଡ ପରିମାଣ ବୃଦ୍ଧି ପାଇଛି। ତେବେ ଖାଲି ଯେ ଯାନବାହନରୁ ଯେ ନିର୍ଗତ ବିଷାକ୍ତ ବାଷ୍ପ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ତା' ନୁହେଁ, କଳକାରଖାନାରୁ ବାହାରୁଥିବା ବିଷାକ୍ତ ଧୂଆଁ ମଧ୍ୟ ପରିବେଶକୁ ପ୍ରଦୂଷଣ କରୁଛି। ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ କି ପଦକ୍ଷେପ ନେଇଛି ତା'ର ତଦାରଖ ହେବା ଦରକାର। ସବୁ ପ୍ରକାର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର ପଦକ୍ଷେପ ନେବା ଉଚିତ। ପ୍ଲାଷ୍ଟିକ୍ ସମାଗ୍ରୀର ବହୁଳ ବ୍ୟବହାର ବନ୍ଦ ହେବା ଆବଶ୍ୟକ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଦୁଇଚକିଆ ଓ ଅଠରଚକିଆ ପାଇଁ ସମାନ ଜରିମାନା

କେନ୍ଦ୍ର ସରକାରଙ୍କ ସଂଶୋଧିତ ମୋଟରଯାନ ଆଇନ ସମଗ୍ର ଦେଶରେ ଲାଗୁ ହୋଇଛି। ଧନଜୀବନର ସୁରକ୍ଷା ପାଇଁ ଅଧିକ ପରିମାଣର ଜରିମାନା ସ୍ୱାଗତଯୋଗ୍ୟ। କିନ୍ତୁ ଗୋଟିଏ ଦୁଇଚକିଆ ଯାନ ଓ ଗୋଟିଏ ଅଠର ଚକିଆ ଯାନ ପାଇଁ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ସମାନ ପରିମାଣର ଜରିମାନା କରାଯିବା ସମୁଚିତ ନୁହେଁ।

ମହେଶ୍ୱର ମିଶ୍ର, ଡୁମୁଡୁମା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଅକ୍ଟୋବର ୨୬/୨୦୧୯



## ଭାରତ ବିକାଶ ଯାତ୍ରାରେ ଜାପାନ ଇସ୍ପାତ୍ ଶିଳ୍ପ ଭାଗୀଦାର ହେବ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ):** ଭାରତର ବିକାଶ ଯାତ୍ରାରେ ଜାପାନର ଇସ୍ପାତ୍ ଶିଳ୍ପ ଭାଗୀଦାର ହେବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାପାନର ପ୍ରମୁଖ ଇସ୍ପାତ୍ ଉତ୍ପାଦନକାରୀ କମ୍ପାନୀ ମୁଖ୍ୟ ଓ ପ୍ରତିନିଧିମାନଙ୍କୁ ଭେଟି ବ୍ୟବସାୟିକ ସମ୍ଭାବନା ଦିଗରେ ଆଲୋଚନା କରିବା ପରେ ଏହା କହିଛନ୍ତି। ସେ ଭାରତୀୟ ଇସ୍ପାତ୍ ଶିଳ୍ପକୁ ଅଧିକ ସୁଦୃଢ଼ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି। ଡେଡୋ, ନିପ୍ପାନ ଏବଂ ଜେଏଫ୍ଇ ଓ ବିଭିନ୍ନ ଇସ୍ପାତ୍ କମ୍ପାନୀ ମୁଖ୍ୟ, ପ୍ରତିନିଧିଙ୍କ ସହ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି। ଏହି ଅବସରରେ ନିକଟରେ ଭାରତ ସରକାରଙ୍କ କର୍ପୋରେଟ୍ ଟିକସ ହାର ହ୍ରାସ ପଦକ୍ଷେପ, ଇଜ୍ ଅଫ୍ ଡୁଇଙ୍ଗ ବିଜ୍ନେସରେ ଉନ୍ନତି ତଥା ଭାରତରେ ବ୍ୟବସାୟ ଓ ପୁଞ୍ଜିନିବେଶ କରିବା କିପରି ନୂତନ କମ୍ପାନୀ ଓ ନୂଆ ପୁଞ୍ଜିନିବେଶକାରୀଙ୍କୁ ସହାୟକ ହୋଇଛି ସେନେଇ ଆଲୋଚନା କରିଥିଲେ। ଡେଡୋ ଇସ୍ପାତ୍ କମ୍ପାନୀର ପ୍ରତିନିଧିଙ୍କୁ ସାକ୍ଷାତ୍ କରି ଭାରତୀୟ ଇସ୍ପାତ୍ ଶିଳ୍ପକୁ ଆହୁରି ମଜଭୁତ କରିବା ତଥା ବିଶେଷଭାବେ ଟେକ୍ନୋଲୋଜି ହସ୍ତାନ୍ତର ଏବଂ ଇସ୍ପାତ୍ ଉତ୍ପାଦନର ଦର ଉପରେ ଗୁରୁତ୍ୱାରୋପ କରିଛନ୍ତି।

## मुख्यमन्त्रीଙ୍କୁ ଭେଟିଲେ ରୀତା ସାହୁ

**ଭୁବନେଶ୍ୱର, ୨୫।୧୦ (ବ୍ୟୁରୋ)**


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ରୀତା ସାହୁ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ହିଁ ବିଜେପୁର ବିଜୟରେ ସହାୟକ ହେଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଭଲପାଇବା ବିପୁଳ ବ୍ୟବଧାନର ବିଜୟ ପାଇଁ ସୁଯୋଗ ସୃଷ୍ଟି କଲା। ବିଜେପୁରବାସୀଙ୍କ ହୃଦୟରେ ମୁଖ୍ୟମନ୍ତ୍ରୀଙ୍କୁ ନେଇ ସ୍ୱତନ୍ତ୍ର ସମ୍ମାନ ଓ ନିଷ୍ଠା ରହିଥିବା ନବନିର୍ବାଚିତା ବିଧାୟିକା ରୀତା ସାହୁ ଶୁକ୍ରବାର କହିଛନ୍ତି।

ଓଡ଼ିଶା ବିଧାନସଭା ଇତିହାସରେ ସର୍ବକାଳୀନ ୯୭,୯୯୦ ବ୍ୟବଧାନରେ ବିଜୟୀ ହେବା ପରେ ରୀତା ନବୀନ ନିବାସ ଆସି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତାଙ୍କୁ ୨ୟଥର ପାଇଁ ଉପନିର୍ବାଚନ ଜିତାଇଥିବା ରୀତା କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମଧ୍ୟ ରୀତାଙ୍କ ବିଜୟ ନେଇ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ବିଜେଡିର ବହୁ ବରିଷ୍ଠ ନେତା, ପଶ୍ଚିମ ଓଡ଼ିଶା ବିଜେଡିର ଅନେକ ତୃଣମୂଳ କର୍ମୀ, ମନ୍ତ୍ରୀମାନେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଗୋଟିଏ ପଟେ ବିଜେଡି ବିଜୟ ଉତ୍ସବ ମନାଉଥିବାବେଳେ ବିରୋଧୀ କଂଗ୍ରେସ, ଭାଜପା ଶାସକ ଦଳକୁ ସମାଲୋଚନା କରିଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି ଯେ, ଶାସକ ଦଳ ସହିତ ଭାଜପାକୁ ଅଦୃଶ୍ୟ ଶକ୍ତି ସହ ଲଢ଼ିବାକୁ ପଡିଲା। ତେଣୁ ପରାଜୟ ହେଲା ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଧନ ଓ ବାହୁବଳର ବିଜୟ ହେଲା। ଭାଜପା ଠିକ୍ ଭାବେ ଲଢ଼ିଲା ନାହିଁ। ଉପର ସ୍ତରରେ ବିଜେଡି-ଭାଜପା ମଧ୍ୟରେ ବୁଝାମଣା ରହିଛି। ତେଣୁ ଏପରି ଏକତରଫା ଫଳାଫଳ ଦେଖିବାକୁ ମିଳିଥିବା ତାରା କହିଛନ୍ତି। ଅପରପକ୍ଷରେ ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ଖଣ୍ଡନ କରିଛନ୍ତି। ପ୍ରସନ୍ନ କହିଛନ୍ତି ଯେ, ଏପରି ଭିତ୍ତିହୀନ ମନ୍ତବ୍ୟ ଦେଇ ବିଜେପୁର ମତଦାତାଙ୍କୁ ଅପମାନ କରାଯାଉଛି।

## 'ମିସ୍ ବ୍ରିଟିଶ ଏମ୍ପାୟାର୍ ୨୦୧୯'ରେ ଶେଫାଳିଙ୍କ ସଫଳତା

**ଭୁବନେଶ୍ୱର, ୨୫।୧୦ (ବ୍ୟୁରୋ)**



ଶେଫାଳି ଉଦ୍‌ଗାତା।

ବଲାଙ୍ଗୀର ଜନ୍ମିତ ଓଡ଼ିଆ ଝିଅ ଶେଫାଳି ଉଦ୍‌ଗାତା ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ 'ମିସ୍ ବ୍ରିଟିଶ ଏମ୍ପାୟାର୍-୨୦୧୯' ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦ୍ୱିତୀୟ ରନର୍ସଅପ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଏକାଧିକ ରାଷ୍ଟ୍ରରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ଶେଫାଳି ୩ୟ ସ୍ଥାନ ହାସଲ କରିବା ସହ କ୍ୟାଟ୍‌ୱାକ୍ ସବ୍-କାଟାଗୋରିରେ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ବିଜେବି କଲେଜରୁ ସ୍ନାତକ କରିଥିବା ଶେଫାଳି ଏବେ ଜଣେ ମଡେଲ ସହ ପ୍ରଫେଶନାଲ ଆଙ୍କର୍ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ସେ ଗ୍ଲୋରୀ କୁଇନ୍, ଓଡ଼ିଶା ସୁପର ମଡେଲ, କଳିଙ୍ଗ ସୁନ୍ଦରୀ, ମିସ୍ ଡିଭା ଭୁବନେଶ୍ୱର, ସମର୍ କୁଇନ୍ ଓ ଟ୍ରେଣ୍ଡ୍ସ ଷ୍ଟାଇଲ୍ ଆଇକନ୍ ଭଳି ଏକାଧିକ ପ୍ୟାଜେଣ୍ଟ ଟାଇଟଲ୍ ଜିତି ରାଜ୍ୟ ଏବଂ ରାଜ୍ୟ ବାହାରେ ଜଣେ ପରିଚିତ ଚେହେରା ପାଲଟିଛନ୍ତି। ଶୁକ୍ରବାର ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ବିମାନବନ୍ଦରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ରାଜେନ୍ଦ୍ର, କଳାହାଣ୍ଡି ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ

## ଜୁନ୍ ୧ରୁ ପ୍ରଥମ ଶିକ୍ଷାବର୍ଷର ପାଠପଢ଼ା ଆରମ୍ଭ ହେବ

**ଭବାନୀପାଟଣା(ସ୍ୱ.ପ୍ର.)/ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)**

ବଲାଙ୍ଗୀରର ରାଜେନ୍ଦ୍ର ଏକକ ବିଶ୍ୱବିଦ୍ୟାଳୟ ଓ କଳାହାଣ୍ଡି ଏକକ ବିଶ୍ୱବିଦ୍ୟାଳୟକୁ ଅନୁବନ୍ଧିତ (ଆଫିଲିଏଟେଡ୍) ବିଶ୍ୱବିଦ୍ୟାଳୟ କରିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିସାରିଛନ୍ତି । ଏହି ଦୁଇ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟରେ ଭିସି ଏବଂ ରେଜିଷ୍ଟ୍ରାର ପଦବୀ ସୃଷ୍ଟି ପାଇଁ ଅର୍ଥ ବିଭାଗ ଅନୁମତି ପ୍ରଦାନ କରିସାରିଛି। ଏ ସମ୍ପର୍କିତ ପ୍ରସ୍ତାବ ଉପରେ ରାଜ୍ୟପାଳଙ୍କ ମୋହର ବାଜିବା ପରେ ଉପରୋକ୍ତ ଦୁଇ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟରେ ଭିସି ଏବଂ ରେଜିଷ୍ଟ୍ରାର ପଦବୀ ସୃଷ୍ଟି ହେବ। ୨୦୨୦ଜୁନ୍ ୧ରୁ ଏହି ଦୁଇ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟରେ ପ୍ରଥମ ଶିକ୍ଷାବର୍ଷ ପାଇଁ ପାଠ ପଢ଼ା ଆରମ୍ଭ ହେବ ବୋଲି ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ ପାଇଛି। ବଲାଙ୍ଗୀରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ଥିବା ପ୍ରାୟ ୬୫ଟି ମହାବିଦ୍ୟାଳୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୨୪୦ଟି ମହାବିଦ୍ୟାଳୟ ଅନୁବନ୍ଧିତ ଥିଲା । ଏଥିଯୋଗୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେଉଥିଲା। ସେହିପରି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, କଳାହାଣ୍ଡିକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ କରାଯାଇଛି । ଏହି ବିଶ୍ୱବିଦ୍ୟାଳୟ ଅଧୀନରେ କଳାହାଣ୍ଡି ଏବଂ ନୂଆପଡ଼ା ଜିଲାର ୫୦ଟି ମହାବିଦ୍ୟାଳୟ ଅନୁବନ୍ଧିତ ହେବ । କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ମଧ୍ୟ ୨୦୨୦ ଜୁନ୍ ୧ରୁ ପ୍ରଥମ ଶିକ୍ଷା ବର୍ଷର ପାଠ ପଢ଼ା ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

पावर सिस्टम ऑपरेशन कॉरपोरेशन लिमिटेड
(भारत सरकार का उद्यम)
ପାୱାର ସିଷ୍ଟମ ଅପାରେସନ୍ କର୍ପୋରେସନ୍ ଲିମିଟେଡ୍
(ଭାରତ ସରକାରଙ୍କର ଏକ ସଂସ୍ଥା)
दक्षिण क्षेत्रीय भार प्रेषण केन्द्र/ ଦକ୍ଷିଣ ଆଞ୍ଚଳିକ ଭାର ପ୍ରେଷଣ କେନ୍ଦ୍ର
29, रेस कोर्स क्रास रोड, बेंगलुरू-560 009/
29 ରେସ କୋର୍ସ ରୋଡ୍, ବେଙ୍ଗାଲୁରୁ – 560 009, फोन: 080 22254525,
ई मेल: srldclegal@posoco.in, वेबसाइट: www.srldc.org, www.srldc.in
सीआईएन संख्या : U40105DL2009GOI188682

**ବିଜ୍ଞପ୍ତି**

କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ନିଗମ (ଆଞ୍ଚଳିକ ଭାର ପ୍ରେଷଣ କେନ୍ଦ୍ରର ଫିସ୍ ଏବଂ ଚାର୍ଜ ଓ ଅନ୍ୟାନ୍ୟ ସମ୍ବନ୍ଧୀୟ ବିଷୟ) ଆଏନ 2019ର 10(4) ଅଂଶ ପାଳନ କରି ପ୍ରକାଶିତ।

**ଆବେଦନକାରୀଙ୍କର ନାମ: ଦକ୍ଷିଣ ଆଞ୍ଚଳିକ ଭାର ପ୍ରେଷଣ କେନ୍ଦ୍ର,** ପାୱାର ସିଷ୍ଟମ୍ ଅପାରେସନ୍ କର୍ପୋରେସନ୍ ଲିମିଟେଡ୍ (ପୋସୋକୋ) (ଭାରତ ସରକାରଙ୍କର ଏକ ସଂସ୍ଥା), ରେଜିଷ୍ଟର୍ଡ କାର୍ଯ୍ୟାଳୟ: ବି-୨, କୁତୁବ ଇନଷ୍ଟିଚ୍ୟୁସନାଲ ଏରିୟା, ପ୍ରଥମ ତଳ, କଟୱାରିୟା ସରାୟ, ନୂଆ ଦିଲ୍ଲୀ- 110016

1. ଉପରୋକ୍ତ ନାମର ଆବେଦକ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ନିଗମ, ନୂଆ ଦିଲ୍ଲୀ ନିକଟରେ 01.04.2019 ଠାରୁ 31.03.2024 ପର୍ଯ୍ୟନ୍ତ, ନିୟନ୍ତ୍ରିତ ସମୟସୀମା ନିମିତ୍ତ ଏସଆରଏଲଡିସି, 29, ରେସ କୋର୍ସ କ୍ରସ ରୋଡ, ବେଙ୍ଗାଲୁରୁ-560009, ଫିସ୍ ଏବଂ ଚାର୍ଜର ନିର୍ଦ୍ଧାରଣ ପାଇଁ ଆବେଦନ କରିଅଛି ।
2. ଏସ୍ଆରଏଲ୍ଡିସିର ବ୍ୟବହାରକାରୀ ହେଉଛନ୍ତି: ଏପିଟିଆରଏଏନଏସସିଓ, ଟିଏସଟିଆରଏଏନଏସସିଓ, କେପିଟିସିଏଲ, କେଏସଇବି, ଟିଏନଇବି, ପୁଡୁଚେରି ଇଲେକ୍ଟ୍ରିସିଟି ଡିପାର୍ଟମେଣ୍ଟ, ଗୋଆ ଇଲେକ୍ଟ୍ରିସିଟି ଡିପାର୍ଟମେଣ୍ଟ, ପାୱାରଗ୍ରୀଡ ଏଚଭିଡିସି, ରାମାଗୁଣ୍ଡମ ଷ୍ଟେଜ I ଏବଂ II, ରାମାଗୁଣ୍ଡମ ଷ୍ଟେଜ III, ସିମାଦ୍ରି ଷ୍ଟେଜ I, ସିମାଦ୍ରି ଷ୍ଟେଜ II, ତାଲଚେର ଷ୍ଟେଜ II, କୁଡଗି ଏସଟିପିପି, ଏନଏଲସି ଟିପିଏସ II ଷ୍ଟେଜ I, ଏନଏଲସି ଟିପିଏସ II ଷ୍ଟେଜ II, ଏନଏଲସି ଟିପିଏସ I ଇଏକ୍ସପି, ଏନଏଲସି ଟିପିଏସ II ଇଏକ୍ସପି, ଏନଏନଟିପିପି, ଏମଏପିଏସ, କେଜିଏସ ୟୁ1 ଆଣ୍ଡ 2, କେଜିଏସ ୟୁ3 ଆଣ୍ଡ 4, କେଏନପିପି ୟୁ1, କେଏନପିପି ୟୁ2, ଏନଟିଇସିଏଲ, ଏନଟିପିଏଲ, ଏଲକେପିପିଏଲ-II, ଏଲକେପିପିଏଲ-III, ଏମଇଏଲ, ଏମଇଏଲ-II, ଏସଇଏଲ, କୋଷ୍ଟାଲ୍, ଏସଇଆଇଏଲ, ଆଇଏଲଆଣ୍ଡଏଫଏସ, ଏସଇଆଇଏଲ ପି2, ଏଫଆରଭି1, ଏଫଆରଭି2, ଆଷ୍ଟୁର, ଟାଟା ପାୱାର ଆରଇଏଲ, ଏସିଏମଇ କର୍ଣ୍ଣାଲ, ଏସିଏମଇ ଭିୱାଡି, ଏସିଏମଇ ହିସାର, ଏନଟିପିସି ଅନନ୍ତପୁରାମୁ, ଜିଆଇଆରଇଏଲ, ଏମଇଆଇପିଏଲ, ଓରେଞ୍ଜ ସିରଞ୍ଜ, ପାୱାରଗ୍ରୀଡ ଆଇଏସଟିଏସ, ଆରଏସଟିସିଏଲ, କେଟିଏଲ, ଏମଟିଏଲ, ପିଏନଏମଟିଏଲ, ପିଭିଟିଏଲ, ପିଏସଆଇଟିଏସଏଲ, ଏପିଏସପିସିପିଏଲ।
3. ଟାରିଫର ବିବରଣ: (ଟଙ୍କା ଲକ୍ଷରେ)

| | ନିର୍ଦ୍ଧାରିତ କରାଯାଇଥିବା ବାର୍ଷିକ ଟାରିଫ | | | | | |
|---|---|---|---|---|---|---|
| | ଆର୍ଥିକ ବର୍ଷ 2018-19 ପାଇଁ ଅନୁମୋଦିତ ଫିସ ଏବଂ ଚାର୍ଜ | 2019-20 | 2020-21 | 2021-22 | 2022-23 | 2023-24 |
| (କ) ଏସଆରଏଲଡିସି | 3904.24 | 5025.63 | 5719.57 | 6785.28 | 7651.95 | 8778.49 |
| (ଖ) ଏନଏଲଡିସି ଚାର୍ଜ, ଏସଆରରେ ବିଭାଜିତ (ଉପରୋକ୍ତ କ୍ର.ସଂ. "କ"ରେ ସଂଯୁକ୍ତ) | 1243.5 | 1418.78 | 1638.02 | 2076.96 | 2274.31 | 2512.49 |

4. ଟାରିଫ ନିର୍ଦ୍ଧାରଣ ପାଇଁ କରାଯାଇଥିବା ଆବେଦନର ପ୍ରତିଲିପି ୱେବସାଇଟ (**http://www.srldc.org, http://www.srldc.in**) ରେ ପୋଷ୍ଟ କରାଯାଇଛି ।
5. ଏହି ଆବେଦନରେ ଥିବା ଟାରିଫ ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ ସମ୍ବନ୍ଧରେ କୌଣସି ପରାମର୍ଶ ଏବଂ ଆପତ୍ତି ରହିଲେ, ଯଦି କିଛି ଥାଏ, ହିତାଧିକାରୀ ସହ ଯେ କୌଣସି ବ୍ୟକ୍ତି ଦ୍ୱାରା ଏହି ବିଜ୍ଞପ୍ତିର ପ୍ରକାଶିତ ହେବାର 30 ଦିନ ମଧ୍ୟରେ ଆବେଦନର ପ୍ରତିଲିପି ସହିତ **ସେକ୍ରେଟରି, ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ରେଗୁଲେଟରି କମିସନ, 3ୟ ଏବଂ 4ର୍ଥ ମହଲା, ଚନ୍ଦ୍ରଲୋକ ବିଲ୍ଡିଙ୍ଗ, 36, ଜନପଥ, ନୂଆ ଦିଲ୍ଲୀ-110 001**ର ନିକଟରେ ଜମା କରାଯାଇ ପାରେ।

ସ୍ଥାନ: ବେଙ୍ଗାଲୁରୁ
ତାରିଖ: 26.10.2019

ଅଭିମନ୍ୟୁ ଗଡତିଆ
ଏକ୍ଜିକ୍ୟୁଟିଭ ଡିରେକ୍ଟର, ଏସଆରଏଲଡିସି

DSPL - 125
ସତ୍ୟମେବ ଜୟତେ
ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ, ଭାରତ ସରକାର



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

**ନ୍ୟାସନାଲ ସ୍କଲାରସିପ୍ ପୋର୍ଟାଲ୍ (ଏନ୍ଏସ୍ପି)ରେ ଶିକ୍ଷାନୁଷ୍ଠାନମାନଙ୍କର ପଞ୍ଜିକରଣ**

ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଭିନ୍ନକ୍ଷମ ଓ ଅନ୍ୟାନ୍ୟ ବର୍ଗର ବିଦ୍ୟାର୍ଥୀମାନେ ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଶିକ୍ଷାବୃତ୍ତିର ଲାଭ ନେବା ପାଇଁ ନ୍ୟାସନାଲ୍ ସ୍କଲାରସିପ୍ ପୋର୍ଟାଲ (ଏନ୍ଏସ୍ପି) https://scholarships.gov.in ଜରିଆରେ ଆବେଦନ କରୁଛନ୍ତି।

ଉକ୍ତ ଆବେଦନ ପତ୍ରଗୁଡ଼ିକୁ ପୋର୍ଟାଲ ଜରିଆରେ ଯାଞ୍ଚ କରିବା ସହ ରାଜ୍ୟସ୍ତରୀୟ ନୋଡାଲ ଅଧିକାରୀଙ୍କୁ ପ୍ରେରଣ କରିବା ଉକ୍ତ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ଶିକ୍ଷାନୁଷ୍ଠାନର ଦାୟିତ୍ୱ।

୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ଭାରତ ସରକାର ଉକ୍ତ ପୋର୍ଟାଲରେ ପୂର୍ବରୁ ପଞ୍ଜିକୃତ ହୋଇଥିବା ଏବଂ ହୋଇନଥିବା ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କର ପୁନି ପଞ୍ଜିକରଣ ଆବଶ୍ୟକ କରୁଛନ୍ତି।

ତେଣୁ ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ନ୍ୟାସନାଲ ସ୍କଲାରସିପ୍ ପୋର୍ଟାଲ (ଏନ୍ଏସ୍ପି)ରେ ନିଜ ଅନୁଷ୍ଠାନଗୁଡ଼ିକର ତୁରନ୍ତ ପଞ୍ଜିକରଣ କରାଇ ଉକ୍ତ ବିଦ୍ୟାର୍ଥୀମାନଙ୍କର ଅନ୍ଲାଇନ୍ ଶିକ୍ଷାବୃତ୍ତି ଆବେଦନ ପତ୍ରର ସମୟାନୁଯାୟୀ ଯାଞ୍ଚ କରନ୍ତୁ। ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କର ଅନୁମୋଦନ ପରେ ଶିକ୍ଷାନୁଷ୍ଠାନମାନେ ନିଜ ଅନୁଷ୍ଠାନର ID ଏବଂ Password ପାଇପାରିବେ।

46001/13/0017/1920

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ**





ଗୋରୁଙ୍କୁ କାୟମନୋବାକ୍ୟରେ ଭକ୍ତିପୂର୍ବକ ଅର୍ଚ୍ଚନା କଲେ ସର୍ବ ଦେବଦେବୀ ଓ ତୀର୍ଥ ଆଦି ଅର୍ଚ୍ଚନା ଫଳ ଲାଭ ହୁଏ।

- ମହର୍ଷି ବଶିଷ୍ଠ

## ସଂକ୍ଷେପରେ

### ବିଇଡି କଲେଜ, ଜିଏମ୍ୟୁରେ ଆଲୋଚନାଚକ୍ର

ସମ୍ବଲପୁର, ୨୫।୧୦ (ବ୍ୟୁରୋ)

ଡା. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ (ବିଇଡି) କଲେଜ ସଭା କକ୍ଷରେ ଶୁକ୍ରବାର 'ବିବେକାନନ୍ଦ ଶିଳା ସ୍ମାରକୀର ୫୦ତମ ପ୍ରତିଷ୍ଠା ଦିବସ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିବେକା ନନ୍ଦ ସେବାକେନ୍ଦ୍ର ସମ୍ବଲପୁର ଶାଖା ଆୟୋଜିତ ଆଲୋଚନାଚକ୍ରରେ ପ୍ରଫେସର ସୁଦର୍ଶନ ପୂଜାରୀ ମୁଖ୍ୟବକ୍ତା, ପ୍ରଫେସର ବସନ୍ତ ଦାଶ ସମ୍ମାନୀତ ବକ୍ତା ଭାବେ ଯୋଗଦେଇଥିଲେ । ଅଧ୍ୟାପକ ଡ. ନରେନ୍ଦ୍ର କୁମାର ରଣା ସୂଚନା ପ୍ରଦାନ କରିଥିଲେ । ବିଇଡି କଲେଜ ଅଧକ୍ଷ ଡ. କରୁଣାକର ପ୍ରଧାନଙ୍କ ସଭାପତିତ୍ୱରେ କାଯର୍ୟକ୍ରମ ହୋଇଥିଲା । ନୃସିଂହନାଥ ନାୟକ ଆଲୋଚନା ଚକ୍ର ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟପକ୍ଷେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ବାଣିଜ୍ୟ ବିଭାଗ ପକ୍ଷରୁ ମଧ୍ୟ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଡ. ପ୍ରିୟବ୍ରତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଶ୍ୟାମାଚରଣ ଆଚାର୍ଯ୍ୟ ନିବନ୍ଧ ଉପସ୍ଥାପନ କରିଥିଲେ। ଡ. ପ୍ରଦୀପ କୁମାର ହରିପାଲ, ସୁବାଷ ଚନ୍ଦ୍ର ଝାଙ୍କର, ଜ୍ଞାନରଞ୍ଜନ ବଳ, ମୁକେଶ ଶର୍ମା ଯୋଗଦେଇଥିଲେ । ଆରାଜୁ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

■ ୭ଦିନ ମଧ୍ୟରେ ୪୯ନମ୍ବର ଜାତୀୟ ରାଜପଥ ମରାମତି ନ ହେଲେ ଆନ୍ଦୋଳନ

# ଜିଲାପାଳଙ୍କୁ ଯୁବକ ସଂଘର ଦାବିପତ୍ର

ଦେବଗଡ, ୨୫।୧୦(ଡି.ଏନ.ଏ)

୪୯ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବା ବେଳେ ଅତି ଶୋଚନୀୟ ହୋଇପଡିଛି। ଏପରିକି ପାଣି ନ ପକେଇବାରୁ ପ୍ରବଳ ଧୂଳି ଉଡିବା ସହ ଜନସାଧାରଣ ଅତିଷ୍ଠ ହୋଇସାରିଲେଣି। ଏହି ପରିପ୍ରେକ୍ଷୀରେ ବାରକୋଟ ବ୍ଲକର ଦିବ୍ୟ ଭାରତ ଯୁବା ସଂଘ ଅଭିଯୋଗ କରିବା ସହ ତୁରନ୍ତ ଏହାର ପ୍ରତିକାର ପାଇଁ ଜିଲାପାଳଙ୍କ ଠାରେ ପାଇଁ ଦାବି କରିଛି। ଅନ୍ୟଥା ସଂଘ ପକ୍ଷରୁ ଆନ୍ଦୋଳନ ପନ୍ଥା ଅବଲମ୍ବନ କରାଯିବ ବୋଲି ଲିଖିତ ଭାବେ ଚେତାବନୀ ଦିଆଯାଇଛି। ଅନୁଷ୍ଠାନର ସଂଯୋଜକ ଜମିଦାର ପ୍ରଧାନ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ ଉକ୍ତ ଅନୁଷ୍ଠାନ ଦିବ୍ୟ ଭାରତ ଯୁବା ସଂଘର ଯୁବା ଭାଇମାନେ ପର୍ଯ୍ୟାବରଣ ସଂରକ୍ଷଣ ଉପରେ କାର୍ଯ୍ୟ କରନ୍ତି । ମାତ୍ର ବିଡମ୍ବନାର ବିଷୟ ଏହା ଯେ, ଦେବଗଡ ଜିଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଧୂଳି ଧୂଆଁ ଉଡି ପରିବେଶର ସାଂଘାତିକ କ୍ଷତି ଘଟୁଛି । ପୁରୁଣା ରାସ୍ତାରେ ଥିବା ଗାଡଖାଲ ଗୁଡିକ ମରାମତି କରା ନ ଯିବା ଫଳରେ ବର୍ଷା ପ୍ରଭାବରେ ସେଗୁଡିକ ବିରାଟ ବିରାଟ ଖାଲଖମାରେ ପରିଣତ ହୋଇଛି। ରାସ୍ତାର ଧୂଳି ଧୂଆଁ ଯୋଗୁ ଦିନରେ ମଧ୍ୟ ରାତ୍ରିର ଭ୍ରମ ସୃଷ୍ଟି ହୋଇ ପ୍ରତିଦିନ ଦୁର୍ଘଟଣା ମାନ ଘଟିବା ସହ ଅନେକ ଧନଜୀବନ ନଷ୍ଟ ହୋଇସାରିଲାଣି। ଏହାର ପ୍ରତିକାର ନିମନ୍ତେ ପ୍ରଶାସନ, ଜନପ୍ରତିନିଧି, ରାଜରାସ୍ତା କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ଯୁଦ୍ଧକାଳୀନ ଭିତରେ ରାସ୍ତା ମରାମତି କରିବାକୁ ଏହି ସ୍ମାରକପତ୍ର ଜରିଆରେ ଦାବି କରାଯାଇଛି । ଏଥିସହ ଯଦି ଆଗାମୀ ୭ ଦିନ ମଧ୍ୟରେ ଉକ୍ତ ଜାତୀୟ ରାଜପଥକୁ ମରାମତି କରା ନ ଯାଏ, ତେବେ ଆଗାମୀ ୩୦ ତାରିଖ ଦିନଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଜୟନଗର ଗ୍ରାମ ସ୍ଥିତ ମା' ଶରଣୀପାଟଙ୍କ ମନ୍ଦିର ସମ୍ମୁଖରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଦିବ୍ୟ ଭାରତ ଯୁବା ସଂଘର ସଂଯୋଜକ ପ୍ରଧାନଙ୍କ ସମେତ ଜିଲା ଜଙ୍ଗଲ ମଞ୍ଚର ସମ୍ପାଦକ ହୀରାଧର ସାହୁ, ଜିଲା ଯୋଗ ସମିତିର ସଦସ୍ୟ ସଞ୍ଜୟ କୁମାର ନାଏକ ଓ ପ୍ରାଉଟିଷ୍ଟ ବ୍ଲକ ଅଫ୍ ଇଣ୍ଡିଆର ତୋଳାକର ଭୋଇ ମିଳିତ ଭାବେ ଉକ୍ତ ସ୍ମାରକପତ୍ର ମାଧ୍ୟମରେ ଜିଲାପାଳଙ୍କୁ ଲିଖିତ ଚେତାବନୀ ଦେଇଛନ୍ତି।



୪୯ନଂ ଜାତୀୟ ରାଜପଥ ଶୋଚନୀୟ ହୋଇ ପଡ଼ିଛି।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଆକାଉଣ୍ଟ ଆରମ୍ଭ

ଦେବଗଡ଼, ୨୫।୧୦(ଡି.ଏନ.ଏ)

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସାରା ଭାରତରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ (ଆଇପିବିସି) ଶୁଭାରମ୍ଭ ହୋଇଥିବା ବେଳେ ଦେବଗଡ ଜିଲାର ବିଭିନ୍ନ ସ୍ଥାନରେ ଏହାର ଆକାଉଣ୍ଟ ଶୁଭାରମ୍ଭ ଶିବିର ଚାଲିଛି। ଏହି ପରିପ୍ରେକ୍ଷୀରେ ବାରକୋଟ ବ୍ଲକ ଗଳାବନ୍ଦ ଗ୍ରାମରେ ଆକାଉଣ୍ଟ ଶୁଭାରମ୍ଭ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଆଖପାଖ ଅଞ୍ଚଳର ୧୨୦ରୁ ଉର୍ଦ୍ଧ୍ୱ ଆକାଉଣ୍ଟ ଖୋଲା ଯାଇଛି। ସାରକିଲ ସେଲ୍ସ ମ୍ୟାନେଜର ସୁରେଶ ଜି,ଟେରିଟରି ମ୍ୟାନେଜର ସତ୍ୟବ୍ରତ ପ୍ରଧାନ,ଶାଖା ପରିଚାଳକ ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଶିବିରରେ ଆକାଉଣ୍ଟ ଖୋଲା ଯାଉଛି ।

# ବିଭାଗସ୍ତରୀୟ ସମନ୍ୱୟ କମିଟି ବୈଠକ

ଦେବଗଡ,୨୫।୧୦(ଡି.ଏନ.ଏ)

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଭାଗ ସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରଡିଏ ଭିନ୍ସେଣ୍ଟ ପୁନମକାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଜିଲାପାଳ ସାମଲ ରାଜ୍ୟ ସରକାର, ମୋ ସରକାର ଏବଂ ୫-ଟି ଯୋଜନାରେ ଲୋକଙ୍କର ସମସ୍ୟାର ସମାଧାନ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଥିବାରୁ ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜର ଦାୟିତ୍ୱ ନିଷ୍ଠାର ସହିତ ସମ୍ପାଦନ କରି ଲୋକମାନଙ୍କର ଆପତ୍ତି ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ମାସର ପ୍ରତ୍ୟେକ ସୋମବାରରେ ଆୟୋଜନ କରାଯାଉଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଗୁଡିକରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ଉପସ୍ଥିତି ଉପରେ ଜିଲାପାଳ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଶିବିରରେ ଗ୍ରହଣ କରାଯାଇ ପଠାଯାଉଥିବା ଆପତ୍ତି ଅଭିଯୋଗ ସମ୍ବନ୍ଧୀୟ ଦରଖାସ୍ତଗୁଡିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଗତ ସେପ୍ଟେମ୍ବର ୫ ତାରିଖରୁ ଜିଲାରେ ଆରମ୍ଭ କରାଯାଇଥିବା ଜନ ପ୍ରଶାସନ କାର୍ଯ୍ୟକ୍ରମରେ ଫୋନ୍ ମାଧ୍ୟମରେ ଜନସାଧାରଣଙ୍କଠାରୁ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡିକ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଏବଂ ଜନପ୍ରଶାସନରେ ମିଳିଥିବା ଅଭିଯୋଗ ଗୁଡିକର କାର୍ଯ୍ୟାନଷ୍ଠାନ ଉପରେ ବିଭାଗୱାରୀ ସମୀକ୍ଷା କରିଥିଲେ। ଏହା ବ୍ୟତୀତ ବୈଠକରେ ଅନ୍ତଃବିଭାଗୀୟ ସମସ୍ୟା ଉପରେ ମଧ୍ୟ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା ଏବଂ ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ବିଭାଗସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ସହ ଅନ୍ୟ ଅଧିକାରୀ।

## ରାଷ୍ଟ୍ରୀୟଗୋପାଳ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ନାଟକ ପରିବେଷଣ

ସମ୍ବଲପୁର, ୨୫।୧୦ (ବ୍ୟୁରୋ)

ସବୁଜ ଦୀପାବଳୀ ଓ ଟ୍ରାଫିକ ନିୟମର ବାର୍ତ୍ତା ନେଇ ଶୁକ୍ରବାର ରାଷ୍ଟ୍ରୀୟଗୋପାଳ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ନାଟକ ପରିବେଷଣ କରିଛନ୍ତି । ସେମାନେ ଗୋଲବଜାର ଓ ବୈଦ୍ୟନାଥ ଛକରେ ଅଭିନୟ ଶୈଳୀରେ ନାଟକ ମଞ୍ଚସ୍ଥ କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଶିକ୍ଷୟତ୍ରୀ ଗୌରି ସୋନିଙ୍କ ରଚିତ ଓ ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶନୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ନୃତ୍ୟ, ଗୀତ ଓ ଅଭିନୟ ମାଧ୍ୟମରେ ନାଟକ ପ୍ରଦର୍ଶନ କରିଥିଲେ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଶିବକୁମାର ଅଗ୍ରୱାଲ, ସମ୍ପାଦକ ଅଶୋକ କେଡିଆ, ସଭ୍ୟ ଶ୍ୟାମସୁନ୍ଦର ପୌଦାର, ସୁରେଶ ଟିବ୍ରିୱାଲ, ସରିତା ସୁପକାର, ଶିକ୍ଷକ ବିଜୟ ଦୋରା, ସଞ୍ଜିବ ପଣ୍ଡା ଓ ସଞ୍ଜୀବ ତ୍ରିପାଠୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।


## ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ

ଅନୁଗୋଳ - ୭୫୯୧୨୨

ସଂଖ୍ୟା ନଂ.୩୦୩୪ / TAMDA    ତା.୨୨।୧୦।୨୦୧୯

### ବିଜ୍ଞପ୍ତି

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (TAMDA)ଙ୍କ ପରିସୀମା ମଧ୍ୟରେ ବେଆଇନ୍ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣକାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସଂଖ୍ୟା.୧୫୬୪୬, ତା୨୦।୦୬।୨୦୧୮ରିଖ ଓ ଗେଜେଟ ସଂଖ୍ୟା.୯୮୭, ତା୨୦।୦୬।୨୦୧୮ ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଥିଲା। ବର୍ତ୍ତମାନ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା.୧୩୯୫୫, ତା୦୬।୦୮।୨୦୧୯ (Notification No.13955 / HUD / Dt.06.08.2019) ଦ୍ୱାରା ଉକ୍ତ ସ୍କିମ୍‌କୁ ତା୦୬।୦୮।୨୦୧୯ରିଖଠାରୁ ଆସନ୍ତା ୬(ଛଅ) ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି। ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତକରଣ ନିମନ୍ତେ ସେମାନେ ଏହି ସ୍କିମ୍‌ର ସଦୁପଯୋଗ କରନ୍ତୁ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ ଅଟେ।

ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ TAMDA କାର୍ଯ୍ୟାଳୟରେ ଅଫିସ୍ ସମୟ ମଧ୍ୟରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ
ଟାମ୍‌ଡା, ଅନୁଗୋଳ


# ସୁଗୁଡ଼ାରେ ଶିଶୁ ମହୋତ୍ସବ 'ସୁରଭି'



'ସୁରଭି' କାର୍ଯ୍ୟକ୍ରମରେ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ପ୍ରତିଯୋଗୀ।

ଦେବଗଡ,୨୫।୯(ଡି.ଏନ.ଏ.)

ତିଲେଇବଣି ବ୍ଲକ ଅଧିନ ସୁଗୁଡା ସ୍ଥିତ ଅପୂର୍ବ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଂସର କ୍ଲଷ୍ଟରର ୧୧ଟି ସ୍କୁଲର ୯୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସୃଜନ ଲିଖନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୁଗୁଡା କ୍ଲଷ୍ଟରର ସି.ଆର୍.ସି.ସି. ଭୋଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଅପୂର୍ବ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବାନନ୍ଦ ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ନଳିନୀକାନ୍ତ ଭୋଇ, ଦାଶରଥି ପ୍ରଧାନ ଓ ଭବାନୀକାନ୍ତ ପ୍ରଧାନ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଗୋପରଞ୍ଜନ ପ୍ରଧାନ, ତ୍ରିବେଣୀକାନ୍ତ ପ୍ରଧାନ, ଦୁର୍ଯ୍ୟୋଧନ ସାହୁ, ହିମାଂଶୁ ଦେହୁରୀ, ଦୀପ୍ତିମୟୀ ଦାଶ, ଅରୁଣା କୁମାରୀ ନାଥ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ବାଳାଶ୍ରମ ଅନ୍ତେବାସୀଙ୍କ ସହ ଦୀପାବଳି

ସମ୍ବଲପୁର, ୨୫।୧୦ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଜାଗୃତୀ ମହିଳା ମଣ୍ଡଳ ପକ୍ଷରୁ ଶୁକ୍ରବାର ଫୁଲଝରନ ବୃଦ୍ଧାଶ୍ରମ ଓ ବାଳାଶ୍ରମଠାରେ ଦୀପାବଳି ଉତ୍ସବ ପାଳିତ ଯାଇଛି । ଜାଗୃତୀ ମହିଳା ମଣ୍ଡଳ ଅଧ୍ୟକ୍ଷା ମଞ୍ଜୁଲା ଶୁକ୍ଲାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଦେଇ ଦୀପାବଳୀର ଶୁଭକାମନା ଦିଆଯାଇଥିଲା । ଏହାପରେ ଫଟକା ସହ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ପ୍ରଦାନ କରିଯାଇଥିଲା । ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ, ମଧୁ ମିଶ୍ରା, ସମ୍ପାଦିକା ରଞ୍ଜିତା ତ୍ରିପାଠୀ, ଯୁଗ୍ମ ସମ୍ପାଦିକା ରୁତୁ ପଟ୍ଟନାୟକ, କୋଷାଧ୍ୟକ୍ଷା ପାରମିତା ରାୟ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।


## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକ୍କୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101, 7310644390
Vishal Mansion, Mahatma Gandhi Road, UP

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

SEE COLOR DISPLAY CLASSIFIED
ON EVERY TUESDAY & FRIDAY

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବାଇକ୍ ସହ ଲୁହା ବୋଝେଇ ଟ୍ରକ୍ ଧକ୍କା, ୨ଭାଇ ମୃତ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୫।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବଡମାଲ ଥାନା ଅଧୀନ ୧୦ନଂ. ରାଜ୍ୟ ରାଜପଥରୁ ଏସ୍‌ଏମ୍‌ସି ରାସ୍ତାକୁ ସଂଯୋଗ କରୁଥିବା ବୁଲାଣିରେ ଶୁକ୍ରବାର ଏକ ଲୁହା ବୋଝେଇ ଟ୍ରକ୍ ସହ ବାଇକ୍‌ର ଧକ୍କା ହେବା ଫଳରେ ୨ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁମ୍ବେକେଲା ଗ୍ରାମର ସାନ୍ତନୁ ଭଇଁସା(୪୫) ଓ ତାଙ୍କ ସାନଭାଇ ଜଗନ୍ନାଥ ଭଇଁସା(୪୨) । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ସକାଳ ସାଢେ ୧୦ଟାରୁ ମଧ୍ୟାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଖବରପାଇ ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଏସ୍‌ଏମ୍‌ସି କମ୍ପାନୀ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଁଞ୍ଚିବା ପରେ ଏ ନେଇ ଆଲୋଚନା ହୋଇଥିଲା । ଏଥିରେ ଜିଲାପ୍ରଶାସନ ତରଫରୁ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ବାଗ୍, ଆଇଆଇସି ପଣ୍ଡା,ଆଇନ୍‌ଜୀବୀ ଦୀନେଶ ଜୈନ,ଏସ୍‌ଏମ୍‌ସି କମ୍ପାନୀ ଏଜିଏମ୍ ଅନୁପମ ମିଶ୍ର,ଡେପୁଟି ମ୍ୟାନେଜର ଦେବେନ୍ଦ୍ର ବାଗ୍,ମୃତ ୨ଭାଇଙ୍କ ବଡଭାଇ ବାସୁଦେବ ଭଇଁସା ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତଥିଲେ । କ୍ଷତିପୂରଣ ବାବଦକୁ ଏସ୍‌ଏମ୍‌ସି କମ୍ପାନୀ ତରଫରୁ ମୃତ ୨ ଭାଇଙ୍କ ପରିବାରକୁ ୧ଲକ୍ଷ ଲେଖାଏ ୨ ଲକ୍ଷ ଟଙ୍କା, ,ଶୁଦ୍ଧିକ୍ରିୟାପାଇଁ ୫୦ହଜାର ଟଙ୍କା ଲେଖାଏ ୧ ଲକ୍ଷ ଟଙ୍କା, ଜିଲାରେଡ୍‌କ୍ରସ୍‌ରୁ ୧୦ହଜାର ଟଙ୍କା ଲେଖାଏ, ୨୦ହଜାର ଟଙ୍କା ପ୍ରଦାନ କରାଯିବ । ମୃତ ପରିବାରର ଜଣଙ୍କୁ କମ୍ପାନୀରେ ଯୋଗ୍ୟତା ଭିତ୍ତିକ ଚାକିରି ଦିଆଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଦୁର୍ଘଟଣା ଘଟାଇଥିବା ଟ୍ରକ(ନଂ.ଓଡି ୧୬ଏଫ୍ ୮୫୦୭) ବାଇକ୍(ନଂ. ଓଡି୨୩ ଏଚ୍ ୬୩୩୯)କୁ ପୋଲିସ୍ ଜବତ କରିଛି । ଏନେଇ ପୋଲିସ ବଡମାଲ ଥାନାରେ ଏକ ମାମଲା(ନଂ.୧୭୨/୧୯) ରୁଜୁକରି ତଦନ୍ତ ଚଳାଇଛି ।



କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାଜ୍ୟ ରାଜପଥ ଅବରୋଧ କରିଛନ୍ତି ।

- **କ୍ଷତିପୂରଣ ଦାବିରେ ରାଜ୍ୟ ରାଜପଥ ଅବରୋଧ**
- **କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତିପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ**

## ଦୋକାନ ଘରୁ ମିଳିଲା ରକ୍ତ ଜୁଡୁବୁଡୁ ମୃତଦେହ
# ବ୍ୟବସାୟୀଙ୍କ ଗଳାକାଟି ହତ୍ୟା

**ସଇଁତଲା,୨୫।୧୦(ଡି.ଏନ୍.ଏ.)**
ବଲାଙ୍ଗୀର ଜିଲା ସଇଁତଲା ଥାନା ଅଧୀନ ଧରବଗଡ଼ ଗ୍ରାମର ବ୍ୟବସାୟୀ ସତ୍ୟନାରାୟଣ ପୁରୋହିତ(୫୨)ଙ୍କୁ ଗୁରୁବାର ବିଳମ୍ବିତ ରାତିରେ ଏକ ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରାଯାଇଛି। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

ସତ୍ୟନାରାୟଣ ଗ୍ରାମର ମଧ୍ୟ ଭାଗରେ ଏକ ଦୋକାନ କରିଥିଲେ। ସେ ଅବିବାହିତ ଥିବାରୁ ଦୋକାନ ଘରେ ରାତିରେ ଶୋଉଥିଲେ। ପ୍ରତିଦିନ ଭଳି ଗୁରୁବାର ସତ୍ୟନାରାୟଣ ଖାଇ ଦୋକାନ ବନ୍ଦ କରି ଶୋଇଥିଲେ । ହେଲେ ଶୁକ୍ରବାର ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ ଦୋକାନ ଖୋଲା ହୋଇ ନ ଥିଲା। ଏନେଇ ସତ୍ୟନାରାୟଙ୍କ ବଡ଼ଭାଇ ନିଳାଞ୍ଚଳ କବାଟ ବାଡ଼େଇ ଡ଼ାକିଥିଲେ। ହେଲେ ସତ୍ୟନାରାୟଣ ଶୁଣି ନ ଥିଲେ। ପରେ ସେ କବାଟକୁ ଧକ୍କା ମାରିବାରୁ ଖୋଲି ଯାଇଥିଲା। ସେ ଘର ଭିତରକୁ ପଶି ଦେଖିଲା ବେଳକୁ ସତ୍ୟନାରାୟଣ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ଏନେଇ ସଇଁତଲା ଥାନା ପୋଲିସକୁ ଖବର ଦିଆଯାଇଥିଲା । ଟିଟିଲାଗଡ଼ ଏସ୍‌ଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ, ସଇଁତଲା ଥାନା ଅଧିକାରୀ ବାରିଣୀ ଦାସ, ଏସ୍‌ଆଇ ସଙ୍ଗୀତା ବେକ, କଳ୍ପନା ବିଶ୍ୱାଳ, ପ୍ରସନ୍ନ ଭୋଇ ପ୍ରମୁଖ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ବଲାଙ୍ଗୀରରୁ ସାଇଣ୍ଟିଫିକ ଟମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ହେଲେ ପୋଲିସ କାହାରିକୁ ଗିରଫ କରି ନାହିଁ। ଏନେଇ ସଇଁନ୍ତଲା ଥାନା ପୋଲିସ ଏକ ହତ୍ୟା ମାମଲା(ନଂ.୨୭୪/୧୯) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ନିଶ୍ଚେତକ ଦେଇ ଅସ୍ତ୍ରୋପଚାର ନ କରିବା ଘଟଣା
# ଏଡ଼ିଏମ୍‌ଓ ନିଲମ୍ବିତ

ବରଗଡ଼ ଅଫିସ୍,୨୫।୧୦
ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବୁଧବାର ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ଆସିଥିବା ମହିଳାମାନଙ୍କୁ ନିଶ୍ଚେତକ ଦେବା ସତ୍ତ୍ୱେ ଅସ୍ତ୍ରୋପଚାର ନ କରି ଘରକୁ ଫେରାଇଦେବା ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦାୟିତ୍ୱରେ ଥିବା ଜିଲା ମୁଖ୍ୟ ଡାକ୍ତରଖାନାର ଏଡ଼ିଏମ୍‌ଓ (ପରିବାର କଲ୍ୟାଣ) ଡା. ଭୀମ ସାହୁଙ୍କୁ ନିଲମ୍ବିତ କରିଛନ୍ତି । ସେହିପରି ଘଟଣା ଦିନ ପରିବାର ନିୟୋଜନ ଅସ୍ତ୍ରୋପଚାର ଦାୟିତ୍ୱରେ ଥିବା ଅନ୍ୟ ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୁଷ୍ପାଂଶୁ ସାହୁ କହିଛନ୍ତି ।

ପ୍ରକାଥାଉକି, ବୁଧବାର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ପ୍ରାୟ ଶହେ ଜଣ ମହିଳା ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିଲେ। ଅସ୍ତ୍ରୋପଚାର ପାଇଁ ସମସ୍ତ ମହିଳାଙ୍କୁ ନିଶ୍ଚେତକ ଦିଆଯାଇ ଥିବାବେଳେ କେବଳ ୭୩ ଜଣଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ବାକି ୨୭ଜଣ ମହିଳାଙ୍କୁ ଅସ୍ତ୍ରୋପଚାର ନ କରି ରାତ୍ରିରେ ସେମାନଙ୍କ ଘରକୁ ଫେରାଇ ଦିଆଯାଇଥିଲା। ଏ ନେଇ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ଗୁରୁବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହାପରେ ସିଡ଼ିଏମ୍‌ଓ ଡା. ସାହୁ ଏହାର ତଦନ୍ତ କରି କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେବେ ପୂରିଥାଇ ଡୋଲି**
**ସୁସାର ବଚନ ବୋଲି**
**ଯେବେ ନ ପୂରଇ ଡୋଲି**
**ତେବେ ଫୋଓ ଫାଆ କରି ବୋଲି ।**

ଡୋଲିର ଅର୍ଥ ପେଟ। ପେଟ ପୂରିଥିଲେ ପାଟିରୁ ମଧୁର କଥା ବାହାରେ। ପେଟ ଶାନ୍ତି ତ ମନ ଶାନ୍ତି। ପରନ୍ତୁ ପେଟ ପୂରି ନ ଥିଲେ, ଭୋକରେ ପେଟ ଜଳୁଥିଲେ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥାଏ। ମନରେ ଅହେତୁକ କ୍ରୋଧ ଭାବନା ଆସିଯାଇଥାଏ। ପାଟିରୁ ଯାହାଇଚ୍ଛା ତାହା ବାହାରିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଯା' ଭାତ ଖାଇ,**
**ତା'କଥା କହି ।**

ପର ଅନ୍ନରେ ପୋଷି ହେଉଥିବା ବ୍ୟକ୍ତି ସାଧାରଣତଃ ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହାଭରସା ଯୋଗାଉଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ଉଚିତ ହୋଇଥାଏ। କୌଣସି ବ୍ୟକ୍ତିଙ୍କଠାରୁ କିଛି ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣଗାନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ


## District Rural Development Agency Sambalpur

DRDA, SAMBALPUR
Ph. 0663-2410992, 2410970, 2410721, Fax : 0663-2411843
e-mail : drdasbp@rediffmail.com, drdasbp@sancharnet.in
Letter No.434 Date: 23.10.19

**TENDER CALL NOTICE**

Sealed tenders are invited from Registered Tent house/ Decorators/ Firms/ Agencies / Organization having GST Registration for different works like Tentage and Allied works, Security Services, still Photography and Videography, Printing works. LED TV for the National Level "Pallishree Mela-2019" to be organized by District Administration, Sambalpur in association with ORMAS at PHED Ground, Ainthapali, Sambalpur from 20.11.2019 to 02.12.2019. The engagement of Firms/Agencies / Organisation shall be made through Tender systems.

The tender papers along with details specifications and eligibility criteria of the above works will be available in the office of DSMS c/o- DRDA Building , Sambalpur from 21st Oct. to 4th Nov 2019 up to 4.00 P.M. on payment of above amount in shape of demand draft / pay order in favor of DSMS payable at Sambalpur online tender paper can be downloaded from website- www.sambalpur.nic.in or www.ormas.org during the same period. The bidders who will download the tender paper are required to submit the cost of the tender paper in shape of Demand Draft / Pay order along with bid documents.

The Sealed tenders should be sent to office of DSMS c/o- DRDA Buildingm Sambalpur on or before 4th Nov 2019 by 4.00 P.M. by registered post / speed post / Courier only. Any other mode of submission of Tender paper will not be accepted. The tenders will be opened in the office chamber of Project Director, DRDA, Sambalpur on 4th Nov 2019 at 4.30 P.M. in the presence of the bidders or their authorized representatives. All the bidders are requested to specify the nature of works as mentioned above on the top of the envelope containing th bid documents.

The undersigned reserves the right to accept or reject any or all the tenders without assigning any reason thereof.

**Sd./- Collector, Sambalpur**



## ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା. ୨୯୬୮୦ ତା. ୨୪.୧୦.୨୦୧୯

**ନୋଟିସ୍**

ଏତଦ୍ୱାରା ପୁରୁଣା ଭୁବନେଶ୍ୱର ନିଗମାଂଚଳ ଅନନ୍ତ ବାସୁଦେବ ମନ୍ଦିର ପଛପଟେ ନୂତନ ଭାବେ ନିର୍ମିତ ଲିଙ୍ଗରାଜ ମାର୍କେଟ୍ କମ୍ପ୍ଲେକ୍ସର ୭ (ସାତ) ଗୋଟି ଦୋକାନ ଗୃହ ଆବଣ୍ଟନ ପାଇଁ ନିମ୍ନ ପ୍ରଦତ୍ତ ୧୨(ବାର)ଜଣ ବ୍ୟବସାୟୀ ମାନଙ୍କ ମଧ୍ୟରୁ ୭ (ସାତ) ଜଣଙ୍କୁ ଚୟନ କରିବାପାଇଁ ତା. ୨୯.୧୦.୨୦୧୯ରିଖ ଦିବା ଘ. ୪.୦୦ ଟିକା ସମୟରେ ମହାନଗର ନିଗମର Conference Hall ରେ ସର୍ବସମ୍ମୁଖରେ ଏକ ଲଟେରୀ ଅନୁଷ୍ଠିତ ହେବ । ଏଣୁ ନିମ୍ନ ସୂଚିତ ବ୍ୟବସାୟୀ ମାନଙ୍କୁ ନିର୍ଦ୍ଧାରିତ ତାରିଖ,ସମୟ ଓ ସ୍ଥାନ (ଲଟେରୀ ସ୍ଥଳ) ରେ ଉପସ୍ଥିତ ରହିବା ପାଇଁ ସୂଚାଇ ଦିଆଯାଉଅଛି ।

ପ୍ରକାଶ ଥାଉକି, ନିର୍ଦ୍ଧାରିତ ତାରିଖ ଓ ସମୟରେ ନିମ୍ନ ପ୍ରଦତ୍ତ ବ୍ୟବସାୟୀଙ୍କ ମଧ୍ୟରୁ ଯଦି କେହି ଅନୁପସ୍ଥିତ ରହନ୍ତି, ପରେ ସେମାନଙ୍କ ଦାବି ବା ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ । ୧୨ ଜଣ ବ୍ୟବସାୟୀ ମାନଙ୍କ ନାମ ନିମ୍ନରେ ଉଲ୍ଲେଖ କରାଗଲା ।

ଡେପୁଟି କମିଶନର (ରାଜସ୍ୱ),
ଭୁବନେଶ୍ୱର ମହାନଗର ନିଗମ

**List of 12 nos. of Applicants**

| Sl. No. | Name | Sl. No. | Name | Sl. No. | Name |
|---|---|---|---|---|---|
| 1. | Debalaxmi Batu | 5. | Brundaban Sahoo | 9. | Prasanna ku. Dash |
| 2. | Banshidhar Rath | 6. | Radhanath Mohapatra | 10. | Prahallad Senapati |
| 3. | Babuli Bisoi | 7. | Ratikant Mahasuar | 11. | Jogindra Pratihari |
| 4. | Banchhanidhi Pujapanda | 8. | Nirmal ku. Mohapatra | 12. | Umakant Garabadu |


# କର୍ତ୍ତବ୍ୟରେ ଅବହେଳା: ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

ବରଗଡ଼ ଅଫିସ,୨୫।୧୦
କର୍ତ୍ତବ୍ୟରେ ଅବହେଳା ଯୋଗୁ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବଡ଼ପିପିଲିପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାକ୍ଷୀ ଦାଶଙ୍କୁ ଶୁକ୍ରବାର ଜିଲା ଶିକ୍ଷାଧିକାରୀ ପ୍ରକାଶ କୁମାର ଯୋଶୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ଡିଇଓଙ୍କ ପତ୍ରସଂଖ୍ୟା-୧୬୩୧୭ ତା୨୫।୧୦।୧୯ରେ ଅନୁସାରେ, ଗତ ଜୁଲାଇ ୧୨ତାରିଖରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା-୯୫୮୦ କ୍ରମେ ପଦ୍ମାକ୍ଷୀଙ୍କୁ ଉକ୍ତ ସ୍କୁଲର ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେ କର୍ତ୍ତବ୍ୟରେ ଅବହେଳା କରିବା ଯୋଗୁ ସ୍କୁଲର ବିକାଶ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଛାତ୍ରୀଛାତ୍ର, ଅଭିଭାବକ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ । ପରେ ସ୍ଥାନୀୟ ସିଆରସିସି, ଏବିଇଓ ସେଠାକୁ ପହଞ୍ଚି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ସେମାନେ ଓହରିଥିଲେ ।


## PARADIP PORT TRUST

**E-TENDER CALL NOTICE**

Name of the work : **"Allotment of 09(Nine) nos. of Mechanical Iron Ore/ Iron Ore Pellet Plots at IOHP"**. License Fees : **Rs.2,61,87,150/-** , Wharfage Fees : **Rs.14,92,110/-**. Last Date & time of submission of bid : **29.10.2019 upto 15:00 Hrs**. Date and time of opening (technical bid): **01.11.2019 upto16:30 hrs.** Refer our website for details **https://eprocure.gov.in/eprocure/app.**

**Traffic Manager**

PPT/PR/409/19-20, Dt.25.10.2019



## ଆନ୍ଧ୍ର ବ୍ୟାଙ୍କ (ଭାରତ ସରକାରଙ୍କ ଏକ ଉପକ୍ରମ)

**ଆଞ୍ଚଳିକ କାର୍ଯ୍ୟାଳୟ,**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍**

**{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ନିୟମ-୮(୧)} (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ଆନ୍ଧ୍ର ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଦର୍ଶିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ସମସ୍ତ ଅର୍ଥ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା(ମାନେ) ବକେୟା ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ନିମନ୍ତେ **ଆନ୍ଧ୍ର ବ୍ୟାଙ୍କ, ସଂପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|
| **ଖଣ୍ଡଗିରି ଶାଖା /** **ଋଣଗ୍ରହୀତାମାନେ: ୧. ମେସର୍ସ ସାଇ ମିନେରାଲ୍ସ, ପରିଚାଳନା ଅଂଶୀଦାର: ସୁବ୍ରତ କୁମାର ପଟ୍ଟନାୟକ, ୨. ଜୁଇ ମହାନ୍ତି,** ସ୍ୱାମୀ: ସୁବ୍ରତ କୁମାର ପଟ୍ଟନାୟକ, ଉଭୟଙ୍କ ଠିକଣା- ଭିଆଇଏମ୍ ୩୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ହାଇପୋଥିକେସନ୍ ଅଫ୍ ଷ୍ଟକ୍ - ନିର୍ମିତ ଦ୍ରବ୍ୟ ଏବଂ / କିମ୍ବା ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ବିବରଣୀ ନିମ୍ନରେ ପ୍ରଦତ୍ତ: **(କ) ସୁବ୍ରତ କୁମାର ପଟ୍ଟନାୟକ** (ସମ୍ପତ୍ତି ମାଲିକ)ଙ୍କ ନାମରେ ଥିବା ଜମି ଏବଂ ଫ୍ୟାକ୍ଟ୍ରି ଗୃହ ଯାହାର ଖାତା ନଂ.: ୧୯୯/୬୧, ୧୯୯/୭୬, ୧୯୯/୭୦, ପ୍ଲଟ୍ ନଂ.: ୩୧୮/ ୧୦୮୯/୧୦୯୦, ୩୧୮/୧୧୦୩, ୩୧୮/୧୦୮୯, ସମୁଦାୟ କ୍ଷେତ୍ର: ଏକର୧.୯୫୮ଡିସିମିଲି, ସା: ବୃଷବନ୍ଧ, ପୋ: କୁହୁଡି, ଥାନା: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କୁହୁଡି ପୋଲିସ ଆଉଟପୋଷ୍ଟ ପାଖ ଏବଂ ଏହାର ଚାରିପାର୍ଶ୍ୱରେ- ପୂର୍ବ: ବିଷ୍ଣୁଚରଣ ବିଶ୍ୱାଳ, ପଶ୍ଚିମ: ପବିତ୍ର ବଳିୟାରସିଂହ, ଉତ୍ତର: ଗ୍ରାମ ରାସ୍ତା, ଦକ୍ଷିଣ: ପାହାଡ, **(ଖ) ସୁବ୍ରତ କୁମାର ପଟ୍ଟନାୟକଙ୍କ** ନାମରେ ଥିବା ଜମି ଯାହାର ଖାତା ନଂ.: ୬୨୯/୧୨୮, ପ୍ଲଟ୍ ନଂ.: ୭୨୦/୫୧୮୦, କ୍ଷେତ୍ର: ୪୮୭୯ ବର୍ଗଫୁଟ, ମୌଜା: ଯମେଶ୍ୱରପଡ଼ା, ଅରଗୁଳ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ୦୧.୦୮.୨୦୧୯ | ୨୩.୧୦.୨୦୧୯ | ୦୧.୦୮.୨୦୧୯ ସୁଦ୍ଧା ଟ.୧,୦୧,୪୨,୭୪୧/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ଜଟଣୀ ଶାଖା /** **ଋଣଗ୍ରହୀତା: କୃଷ୍ଣ ଚନ୍ଦ୍ର କାମଲା,** ପିତା: ମଦନ କାମଲା, ଗ୍ରାମ: ଚମ୍ପାପୁର, ଗ୍ରା.ପ.: ମଲ୍ଲିପୁର, ଗଡ଼ନିଆଳ, ୟୁଜିଏମ୍‌ଇ ସ୍କୁଲ ନିକଟ, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୫୫, **କୋ-ଆପ୍ଲିକାଣ୍ଟ: ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ,** ପିତା: ନବ କିଶୋର ଷଡ଼ଙ୍ଗୀ, ସା: ବଣିଆଟାଙ୍ଗି, ଗ୍ରା.ପ.: ବାଜପୁର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୫୫ | କୃଷ୍ଣ ଚନ୍ଦ୍ର କାମଲାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୮୦, କ୍ଷେତ୍ର: ଏକର୦.୦୧୭ଡିସିମିଲି, ଖାତା ନଂ.: ୨୦୩/୧୦, ମୌଜା: ଚମ୍ପାପୁର, ଥାନା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୫, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସରକାରୀ ଜମି, ପଶ୍ଚିମ: ମଦନ ମୋହନ କାମଲା, ଉତ୍ତର: ପ୍ରବଣ ମୁଦୁଲି, ଦକ୍ଷିଣ: ରାମ ଚନ୍ଦ୍ର କାମଲା | ୦୨.୦୪.୨୦୧୯ | ୨୩.୧୦.୨୦୧୯ | ୦୨.୦୪.୨୦୧୯ ସୁଦ୍ଧା ଟ.୨୨,୧୨,୨୩୧.୯୦ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ଖୋର୍ଦ୍ଧା ଶାଖା /** **ଋଣଗ୍ରହୀତା: ଶ୍ରୀ ରାମ ଚନ୍ଦ୍ର କାମଲା,** ପିତା: ମଦନ କାମଲା, **କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ଉଷାମଣି କାମଲା (ମୃତକ),** ସ୍ୱାମୀ: ମଦନ କାମଲା, **ଉଷାମଣି କାମଲାଙ୍କ ଆଇନଗତ ଉତ୍ତରାଧିକାରୀମାନେ,** ସମସ୍ତଙ୍କ ବାସସ୍ଥାନ ଠିକଣା- ସା: ଚମ୍ପାପୁର, ପୋ: ଗଡ଼ନିଆଳ ମଲ୍ଲିପୁର, ମଲ୍ଲିପୁର, ଖୋର୍ଦ୍ଧା-୭୫୨୦୫୭, ଓଡ଼ିଶା, ଭାରତ | ଶ୍ରୀ ରାମଚନ୍ଦ୍ର କାମଲା (ସମ୍ପତ୍ତି ମାଲିକ)ଙ୍କ ନାମରେ ଥିବା ଜମି ଏବଂ ବାସପୋଯୋଗୀ ଗୃହ ଯାହାର ଖାତା ନଂ.: ୨୦୩/୯, ପ୍ଲଟ୍ ନଂ.: ୨୮୦/୪୪୫, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମୌଜା: ଚମ୍ପାପୁର, ଜିଲ୍ଲା: ଖୋର୍ଦ୍ଧା ଏବଂ ଏହାର ଚାରିପାର୍ଶ୍ୱରେ- ପୂର୍ବ: ସରକାରୀ ଜମି, ପଶ୍ଚିମ: ମଦନ ମୋହନ କାମଲା, ଉତ୍ତର: ପ୍ରବଣ ମୁଦୁଲି, ଦକ୍ଷିଣ: କୃଷ୍ଣ ଚନ୍ଦ୍ର କାମଲା | ୦୨.୦୪.୨୦୧୯ | ୨୩.୧୦.୨୦୧୯ | ୦୨.୦୪.୨୦୧୯ ସୁଦ୍ଧା ଟ.୨୨,୧୮,୭୪୫/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ |

**ତାରିଖ: ୨୩.୧୦.୨୦୧୯, ସ୍ଥାନ: ଭୁବନେଶ୍ୱର** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆନ୍ଧ୍ର ବ୍ୟାଙ୍କ**



## Odisha Livelihoods Mission
## Panchayati Raj & Drinking Water Department
## Government of Odisha

SIRD Campus, Unit VIII, Bhubaneswar-751012, Odisha
Tel : 0674 2560166, 2560126, Mail : smmu.olm@gmail.com
**No.07 /2019-20** **Dated: 25.10.2019**

**QUOTATION CALL NOTICE**

**No.i-42 :-** Sealed quotations are invited in the prescribed format from the registered firms for Supply of Printing and Annual Branding & Communication Materials to State Mission Management Unit, OLM.The details of the terms and conditions of the above quotation can be downloaded from www.olm.nic.in for use. The interested firms are advised to submit two separate sealed envelopes super scribing "Technical Bid for Printing and Supply of Annual Diary & Calendar" and Financial Bid for Printing and Supply of Printing and Supply of Annual Diary & Calendar". Both sealed envelopes must be kept in a sealed third envelope super-scribing "Printing and Supply of Annual Diary & Calendar" to the office of the State Mission Director, Odisha Livelihoods Mission Building, SIRD & PR Campus, Unit-8, OLM, Bhubaneswar- 751012 by Dt.07.11.2019, 3.00 P.M. In case of any Addendum / Clarification / Corrigendum/Extension regarding this tender call notice, the same will be published in the above website. The undersigned reserves the right to accept or reject any or all applications at any time without assigning any reason thereof.

**Sd./- State Mission Director-cum-CEO**
**OLM, Bhubaneswar**

**19018/11/0004/1920**


# ଚୋରା ସ୍କ୍ରାପ୍ ଚାଲାଣ ବେଳେ ଜବତ

**ବାସୁଦେବପୁର, ୨୫।୧୦ (ଡି.ଏନ୍.ଏ.)**
ଭଦ୍ରକ ଜିଲା ବାସୁଦେବପୁର-ବେତଡ଼ା ରାସ୍ତାରୁ ଗୁରୁବାର ରାତିରେ ପୋଲିସ ପାଟ୍ରୋଲିଂ ବେଳେ ଚୋରା ସ୍କ୍ରାପ ବୋଝେଇ ଏକ ଟ୍ରକ ଜବତ କରିଛି। ଚୋରା ସ୍କ୍ରାପ ରାଜ୍ୟ ବାହାରକୁ ଚାଲାଣ ହେଉଥିଲା। ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି, ଏଏସ୍‌ଆଇ ବିନୋଦ ବିହାରୀ ହେମ୍ବ୍ରମ ଓ ଚିତ୍ତରଞ୍ଜନ ଦାସ ସଦଳବଳ ଚଢ଼ାଉ କରିଥିଲେ। ପୋଲିସ ସେଠାରୁ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଟ୍ରକ ଡ୍ରାଇଭର ସୂର୍ଯ୍ୟନାଥ ଜଗନ୍ନାଥ ୟେଦୋ(୫୮), ହେଲ୍‌ପର ଉପେନ୍ଦ୍ର ସିଂ ଯାଦବ(୨୬)ଙ୍କ ଘର ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶରେ। ଲୁହାଲକଡ଼ି ସାମଗ୍ରୀର ମାଲିକ ବାସୁଦେବପୁର ଅଞ୍ଚଳର ସେକ୍ ଅମାତଙ୍କୁ ଗିରଫ କରାଯାଇ ଥାନାରେ ଏକ ମାମଲା(ନଂ.୩୩୭/୧୯) ରୁଜୁ କରାଯାଇଛି।


## GOVERNMENT OF ODISHA
## ST & SC DEVELOPMENT DEPARTMENT
## INTEGRATED TRIBAL DEVELOPMENT AGENCY: JEYPORE

**SHORT QUOTATION CALL NOTICE**

No. 2415 // 2019-ITDA Dated, the 24, October, 2019.

No.CAD-503 :- Sealed quotation in the prescribed format in plain paper/letter pad are invited from the intending Registered Firms/Authorized Distributors/ Dealers having valid PAN card and GSTIN for Supply of **Single Burner 15 L x 15 B x 9 H inch Ring Kada Mild Steel Colour Gas Stove/Bhatti with High-Pressure Adapter, Nozzle, Brass Valve, Hose Pipe (5 ft), Electronic Gas Lighter**. The firm must quote their unit price with specifications inclusive all taxes for the item to the undersigned on or before **05.11.2019** by 4.00 PM. The said quotation will be opened **06.11.2019** at **11.00AM** on the same date in the office chamber of the undersigned in presence of quotationers. The quotationer shall quote their price for 1 year valid period of the above item.

The Registered Firms/Authorized Distributors/Dealers submit their Copy of valid documents i.e valid PAN card and GSTIN, failing which their quotation shall not be taken into consideration.

The Quotations received incomplete in any shape or after the scheduled date and time shall be summarily rejected. The undersigned reserves the right to reject any or all the quotations without assigning any reason thereof.

**FORMAT**

| Sl. No. | Single Burner Gas Stove with Specification | Model | Qnty. Required | Unit | Rate Quoted inclusive of all taxes per Stove | Total Cost |
|---|---|---|---|---|---|---|
| 1 | 2 | | | 3 | 4 | 5 |
| 01. | Single Burner 15 L x 15 B x 9 H inch Ring Kada Mild Steel Colour Gas Stove/ Bhatti with High-Pressure Adapter, Nozzle, Brass Valve, Hose Pipe (5 ft), Electronic Gas Lighter |  | 58Nos | Each | | |

Project Administrator,
I.T.D.A. Jeypore

26037/11/0004/1920



## ପୌର ପରିଷଦ କାର୍ଯ୍ୟାଳୟ, ଖୋରଧା

ସ୍ଥାନ/ପୋ/ଥା/ଜିଲ୍ଲା – ଖୋରଧା, ଦୂରଭାଷ: ୦୬୭୫୫-୨୨୦୬୭୪
୦୬୭୫୫-୨୨୨୬୭୪ (ଫ୍ୟାକ୍ସ)
ଇ-ମେଲ: khurda_municipality@yahoo.co.in
ନଂ. ୪୨୨୪ ତା: ୨୪।୧୦।୨୦୧୯

**ଦ୍ୱିତୀୟ ସଂଶୋଧିତ ବିଜ୍ଞାପନ**

No.: C-269:- ନିଲାମ/ଟେଣ୍ଡର ନୋଟିସ୍ ନଂ. ୪୦୮୯ ତା୧୭।୧୦।୨୦୧୯ର "ଖୋରଧା ପୌରାଞ୍ଚଳ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ମଧ୍ୟରେ ପାର୍କିଂ କରୁଥିବା ଯେ କୌଣସି ଯାନବାହନ (ଘରୋଇ ଯାନ ବ୍ୟତୀତ) (ବରୁଣେଇ ହୋଟେଲ୍ ଠାରୁ ବରୁଣେଇଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତା ବ୍ୟତୀତ) ପାର୍କିଂ ଫି ଆଦାୟ" ନିମ୍ନଲିଖିତମତେ ମିଆଦ ବୃଦ୍ଧି କରାଗଲା।

- ନିଲାମ/ଟେଣ୍ଡର ଫର୍ମ ବିକ୍ରିର ଅନ୍ତିମ ତାରିଖ ତା୩୧।୧୦।୨୦୧୯ରିଖ ସମୟ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ।
- ନିଲାମ/ଟେଣ୍ଡର ଫର୍ମ ପକାଇବାର ଅନ୍ତିମ ତାରିଖ ତା୩୧।୧୦।୨୦୧୯ରିଖ ସମୟ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ।
- ନିଲାମ/ଟେଣ୍ଡର Commercial Bid Cover No. A ଖୋଲିବାର ତାରିଖ ତା୩୧।୧୦।୨୦୧୯ ସମୟ ଅପରାହ୍ନ ୩.୦୦ ଘଟିକା ଅଟେ।
- ନିଲାମ/ଟେଣ୍ଡର Price Bid Cover No. B ଖୋଲିବାର ତାରିଖ ତା୩୧।୧୦।୨୦୧୯ ସମୟ ଅପରାହ୍ନ ୪.୦୦ ଘଟିକା ଅଟେ।
- ପ୍ରକାଶ ଥାଉକି ନିୟମାବଳୀ ଓ ସର୍ତ୍ତାବଳୀରେ ଥିବା ତାରିଖଗୁଡ଼ିକ ଉପରୋକ୍ତ କ୍ରମେ ବର୍ଦ୍ଧିତ କରାଗଲା।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା

13082/11/0012/1920



## ZILLA SWASTHYA SAMITI
### OFFICE OF THE
## CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR

**No.: 1081** **Date: 24.10.19**

**NOTICE**

Sealed tenders are hereby invited from the reputed & eligible agencies to provide human resources as and when requirement basis by the CDM&PHO-cum-District Mission Director, Subarnapur. Interested bidders may send their bid in double cover system (Cover - A Technical & Cover - B Financial). The tender document with terms & conditions may be downloaded from the district website i.e. **https://subarnapur.nic.in**. The last date of receipt of Bid is 19.11.2019 (5 P.M.) only through Registered Post/Speed Post. The same will be opened on 20.11.2019 (4 P.M.) or next working day whichever is earlier at 4.00 P.M. The undersigned reserves the right to cancel all or any bids without assigning any reason thereof. Delay received & incomplete bids will not be entertained.

**Sd./- Dr. P.K. Guru**
**Chief District Medical & Public Health Officer-cum-DMD, Subarnapur**

**ଗାନ୍ଧିଜୀଙ୍କ ସହ ମୋଦିଙ୍କ ପେଣ୍ଟିଂ ୨୫ ଲକ୍ଷରେ ନିଲାମ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଥିବା ବିଭିନ୍ନ ଉପହାରର ପ୍ରଦର୍ଶନୀ ସହ ଇ-ନିଲାମ ଶୁକ୍ରବାର ଶେଷ ହୋଇଛି। ମହାତ୍ମା ଗାନ୍ଧୀଙ୍କ ସହ ମୋଦିଙ୍କର ଏକ ପେଣ୍ଟିଂ ସର୍ବାଧିକ ୨୫ ଲକ୍ଷ ଟଙ୍କାରେ ନିଲାମ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ନିଲାମରୁ ହୋଇଥିବା ଆୟ ନମାମି ଗଙ୍ଗେ ମିଶନକୁ ଦାନ କରାଯିବ।

## ହରିୟାଣା ରାଜନୀତି: ଶାହଙ୍କ ଘୋଷଣା

# ଜେଜେପି ସମର୍ଥନରେ ଖଟ୍ଟର ସରକାର

ନୂଆଦିଲ୍ଲୀ/ଚଣ୍ଡିଗଡ଼,୨୫।୧୦ (ପି.ଟି./ଆଇଏଏନ୍‌ଏସ୍‌)

ହରିୟାଣା ନିର୍ବାଚନରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବା ପରେ ଝୁଲା ବିଧାନସଭା ସ୍ଥିତି ସୃଷ୍ଟି ହୋଇଛି। ମ୍ୟାଜିକ୍ ନମ୍ବର ୪୬କୁ ଛୁଇଁବା ପାଇଁ ଶାସକ ଭାଜପାକୁ ୬ ଆସନ ନିଅଣ୍ଟ ପଡୁଥିବାବେଳେ ବିରୋଧୀ କଂଗ୍ରେସକୁ ୧୪ ବିଧାୟକଙ୍କ ସମର୍ଥନ ଜରୁରୀ। ଦୁଇ ଦଳ ମଧ୍ୟରେ ସରକାର ଗଠନ ପାଇଁ ଟଣାଓଟରା ଚାଲିଥିବାବେଳେ ଜନନାୟକ ଜନତା ପାର୍ଟି (ଜେଜେପି) ଅଧ୍ୟକ୍ଷ ଦୁଷ୍ୟନ୍ତ ଚୌତାଲା ଶୁକ୍ରବାର ରାତିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଘରେ ପହଞ୍ଚିଛନ୍ତି। ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଜେଜେପି ସମର୍ଥନରେ ସରକାର ଗଠନ କରିବେ ଓ ଦୁଷ୍ୟନ୍ତ ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ଶାହ ଘୋଷଣା କରିଛନ୍ତି। ୧୦ ବିଧାୟକଙ୍କୁ ନେଇ କ୍ଷମତାର ଚାବିକାଠି ରଖିଥିବା ଦୁଷ୍ୟନ୍ତଙ୍କ ସମର୍ଥନ ମିଳିବା ପରେ ଖଟ୍ଟର ଶନିବାର ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସ୍ୱାଧୀନ ବିଧାୟକ ଗୋପାଳ ଗୋୟଲ କାଣ୍ଡା ଭାଜପାକୁ ସମର୍ଥନ କରିଥିବା ନେଇ ବିବାଦ ସୃଷ୍ଟି ହୋଇଛି। କାଣ୍ଡାଙ୍କ ପୂର୍ବ ଇତିହାସକୁ ନେଇ ଖଟ୍ଟରଙ୍କୁ ବିରୋଧୀ ଟାର୍ଗେଟ କରିଥିବାବେଳେ ବରିଷ୍ଠ ଭାଜପା ନେତା ଉମା ଭାରତୀ ମଧ୍ୟ ତାଙ୍କ ସମର୍ଥନ ନ ନେବା ପାଇଁ ଦଳକୁ ପରାମର୍ଶ ଦେଇଛନ୍ତି। ସଦ୍ୟ ସମାପ୍ତ ହରିୟାଣା ବିଧାନସଭା ନିର୍ବାଚନରେ ଭାଜପାକୁ ୪୦ ଓ କଂଗ୍ରେସକୁ ୩୧ ଆସନରେ ସଫଳତା ମିଳିଛି। ଜେଜେପି ୧୦ ଆସନରେ ବିଜୟୀ ହୋଇଥିବାବେଳେ ଆଇଏନ୍‌ଏଲ୍‌ଡି ଗୋଟିଏ ଓ ସ୍ୱାଧୀନ ପ୍ରାର୍ଥୀ ୮ ସିଟ୍ ଦଖଲ କରିଛନ୍ତି। ୯୦ ଆସନ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ହେଉଛି ୪୬। ଏହି ଖଣ୍ଡିତ ଜନାଦେଶ ପରିପ୍ରେକ୍ଷୀରେ ଚାଲିଥିବା କସରତ କେବଳ ହରିୟାଣା ନୁହେଁ, ବରଂ ଜାତୀୟ ରାଜନୀତିକୁ ସରଗରମ କରିଛି। ଗୁରୁବାର ରାତିରେ ନିର୍ବାଚନର ପରିଣାମ ଆସିବା ପରେ ସିର୍ସାର ଭାଜପା ଏମ୍‌ପି ସୁନୀତା ଦୁଗ୍ଗଲ ଏକ ଚାର୍ଟାର୍ଡ ପ୍ଲେନ୍‌ରେ ଦୁଇଜଣ ସ୍ୱାଧୀନ ବିଧାୟକଙ୍କୁ ଦିଲ୍ଲୀ ନେଇଥିଲେ। ସେମାନେ ହେଲେ ସିର୍ସା ବିଧାୟକ ଗୋପାଳ କାଣ୍ଡା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍‌ପ୍ରକାଶ ଚୌତାଲାଙ୍କ ଭାଇ ତଥା ରାନିଆ ଆସନରୁ ଜିତିଥିବା ରଣ୍‌ଜିତ ସିଂ। ଅନ୍ୟ ୬ ସ୍ୱାଧୀନ ବିଧାୟକ ହେଲେ ଧର୍ମପାଳ ଗୋନ୍ଦାନ, ନୟନପାଲ ରାୱତ୍, ସୋମବୀର ସଙ୍ଗ୍‌ୱାନ, ରାକେଶ ଦୌଲତାବାଦ, ରଣଧୀର ଗୌନ୍ଦାଲ ଓ ବଳରାଜ କୁଣ୍ଡୁ। କାଣ୍ଡାଙ୍କ ସମେତ ଏମାନଙ୍କ ମଧ୍ୟରୁ କେତେଜଣ ବିଧାୟକ ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟି ଖଟ୍ଟର ସରକାରଙ୍କୁ ସମର୍ଥନ ଦେବା ନେଇ ଘୋଷଣା କରିଥିବା କୁହାଯାଉଛି। ଏହାକୁ ନେଇ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, କାଣ୍ଡାଙ୍କ ସମର୍ଥନରେ ସରକାର ଗଢ଼ିବା ପାଇଁ କ୍ଷମତାଲୋଭୀ ଭାଜପା ଉଦ୍ୟମ କରୁଛି। ଏଥିରୁ ଭାଜପାର ଦୋମୁହାଁ ନୀତି ପଦାରେ ପଡ଼ିଛି। କାଣ୍ଡା ମନ୍ତ୍ରୀ ଥିବାବେଳେ ତାଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଦେଇଥିବା ମନ୍ତବ୍ୟକୁ ଦଳ ମନେପକାଇବା ଉଚିତ। କାଣ୍ଡା ଏକ ମାମଲାରେ ଛନ୍ଦିହୋଇ ବିବାଦୀୟ ହୋଇପଡ଼ିବା ପରେ ତାଙ୍କୁ ଇସ୍ତଫା ଦେବା ପାଇଁ କଂଗ୍ରେସ ବାଧ୍ୟ କରିଥିଲା। ୭୫ରୁ ଊର୍ଦ୍ଧ୍ୱ ଆସନ ଅକ୍ତିଆର କରିବ ବୋଲି ଦାବି କରୁଥିବା ଭାଜପା କୁହୁକ ସଂଖ୍ୟା ଛୁଇଁ ନ ପାରି ଅସାଧୁ ଉପାୟ ଆପଣାଇଛି ବୋଲି ସୁର୍ଜେୱାଲା ସମାଲୋଚନା କରିଛନ୍ତି।



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଘରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଜେଜେପି ନେତା ଦୁଷ୍ୟନ୍ତ ଚୌତାଲା ଓ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର।

**ଦୁଷ୍ୟନ୍ତ ଚୌତାଲା ହେବେ ଉପମୁଖ୍ୟମନ୍ତ୍ରୀ**

**ସ୍ୱାଧୀନ ବିଧାୟକ ଗୋପାଳ କାଣ୍ଡାଙ୍କୁ ନେଇ ଝଡ଼**



ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁର ଜିଲା ବଲୁରଘାଟରେ କାଳୀପୂଜା ପୂର୍ବରୁ କାଳୀଙ୍କ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି ଜଣେ ମୂର୍ତ୍ତିକାର।

## ହରିୟାଣାର ୯୩% ନବନିର୍ବାଚିତ ବିଧାୟକ କୋଟିପତି: ଏଡିଆର୍

ନୂଆଦିଲ୍ଲୀ,୨୫।୧୦(ପି.ଟି.)

ହରିୟାଣାର ନବନିର୍ବାଚିତ ୯୦ ବିଧାୟକଙ୍କ ମଧ୍ୟରୁ ୮୪ ଜଣ କୋଟିପତି ଥିବା ଆସୋସିଏଶନ୍ ଫର ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ବିଶ୍ଲେଷଣରୁ ଜଣାପଡିଛି। ଅର୍ଥାତ୍ ୯୩ ପ୍ରତିଶତ ବିଧାୟକଙ୍କ ସମ୍ପତ୍ତି ପରିମାଣ ୧ କୋଟି ଟଙ୍କାରୁ ଅଧିକ। ପୂର୍ବ ବିଧାନସଭାରେ ୭୫ ବିଧାୟକଙ୍କ ସମ୍ପତ୍ତି ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଥିଲା। ପୂର୍ବ ବିଧାନସଭା ତୁଳନାରେ ଏଥର ବିଧାନସଭାର କୋଟିପତି ବିଧାୟକ ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧି ପାଇଥିବା ଏଡିଆର୍ ରିପୋର୍ଟରେ କୁହାଯାଇଛି। ନବନିର୍ବାଚିତ ୪୦ ଭାଜପା ବିଧାୟକଙ୍କ ମଧ୍ୟରୁ ୩୭ କୋଟିପତି ହୋଇଥିଲାବେଳେ ୩୧ କଂଗ୍ରେସ ବିଧାୟକଙ୍କ ମଧ୍ୟରେ କୋଟିପତିଙ୍କ ସଂଖ୍ୟା ୨୯ ରହିଛି। ଦୁଷ୍ୟନ୍ତ ଚୌତାଲାଙ୍କ ଜନନାୟକ ଜନତା ପାର୍ଟିର ୧୦ ବିଧାୟକଙ୍କ ହାରାହାରି ସମ୍ପତ୍ତି ୨୫.୨୬ କୋଟି ବୋଲି ଏହି ରିପୋର୍ଟରୁ ଜଣାପଡିଛି।

୫୭ ବିଧାୟକଙ୍କ ବୟସ ୪୧ରୁ ୫୦ ମଧ୍ୟରେ ହୋଇଥିଲାବେଳେ ୬୨ ଜଣଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ। ୧୨ ନୂଆ ବିଧାୟକଙ୍କ ନାଁରେ ଫୌଜଦାରି ମାମଲା ରହିଛି। ସେଥିରୁ କଂଗ୍ରେସର ୪ ଜଣ ହୋଇଥିଲାବେଳେ ଭାଜପାର ୨ ଓ ଜେଜେପିରୁ ଜଣେ ବୋଲି ରିପୋର୍ଟରେ କୁହାଯାଇଛି।

## ପାର୍ଲାମେଣ୍ଟ ଭବନ ନବୀକରଣ ହେବ

**ନୂଆଦିଲ୍ଲୀ,୨୫।୧୦:** ପାର୍ଲାମେଣ୍ଟ ଭବନର ନବୀକରଣ ଓ ପୁନଃବିକାଶ କାର୍ଯ୍ୟ ଲାଗି ଗୁଜରାଟ ଅହମଦାବାଦର ଏଚ୍‌ସିପି ଡିଜାଇନ୍ ପ୍ଲାନିଂ କମ୍ପାନୀକୁ ଶୁକ୍ରବାର ଠିକା ଦିଆଯାଇଛି। ସାବରମତୀ ନଦୀତଟ ବିକାଶ ପ୍ରକଳ୍ପର ମୁଖ୍ୟ ସ୍ଥପତି ଥିବା ବିମଲ ପଟେଲଙ୍କର ଏହି କମ୍ପାନୀ ସେଣ୍ଟ୍ରାଲ ଭିଷ୍ଟାର ପୁନର୍ବିକାଶ କରିବା ସହ ନୂଆ ସାଧାରଣ କେନ୍ଦ୍ରୀୟ ସଚିବାଳୟର ମଧ୍ୟ ବିକାଶ କରିବ। ସେପ୍ଟେମ୍ବରରେ ସରକାରୀ ଅଧିକାରୀମାନେ ଉପରୋକ୍ତ ପ୍ରକଳ୍ପ ପାଇଁ ଆଗ୍ରହୀ ଥିବା ୧୫ ନିର୍ମାତାଙ୍କୁ ଭେଟିଥିଲେ। ସେମାନଙ୍କ ମଧ୍ୟରୁ ୬ଟି କମ୍ପାନୀ ବିଡ୍ ଦାଖଲ କରିଥିଲେ। ଶେଷରେ ଏଚ୍‌ସିପିକୁ ବଛାଯାଇଛି। ପାର୍ଲାମେଣ୍ଟ ଭବନ, ସେଣ୍ଟ୍ରାଲ ଭିଷ୍ଟା ଏବଂ ରାଜପଥ ଅଞ୍ଚଳର ବିକାଶ କାର୍ଯ୍ୟର ଡିଜାଇନ ସେମାନେ ପ୍ରସ୍ତୁତ କରିବେ ବୋଲି କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀ ହରଦୀପ୍ ପୁରୀ ସୂଚନା ଦେଇଛନ୍ତି।

## କାଣ୍ଡାଙ୍କ ସମର୍ଥନ ନିଅନାହିଁ

ଭୋପାଳ,୨୫।୧୦(ଆଇଏଏନ୍‌ଏସ୍‌)

ସ୍ୱାଧୀନ ବିଧାୟକ ଗୋପାଳ କାଣ୍ଡାଙ୍କ ସମର୍ଥନରେ ସରକାର ଗଠନ ନ କରିବାକୁ ପୂର୍ବତନ ବରିଷ୍ଠ ଭାଜପା ନେତା ଉମା ଭାରତୀ ନିଜ ଦଳକୁ ପରାମର୍ଶ ଦେଇଛନ୍ତି। କାଣ୍ଡା ଜଣେ ଯୁବତୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିଲେ। ନ୍ୟାୟ ନ ମିଳିବା ପରେ ଯୁବତୀଙ୍କ ମା’ ମଧ୍ୟ ଆତ୍ମହତ୍ୟା କରିଥିଲେ। ଏହି ମାମଲା ବିଚାରାଧୀନ ଥିବାବେଳେ କାଣ୍ଡା ଜାମିନରେ ଅଛନ୍ତି। ନିର୍ବାଚନରେ ବିଜୟୀ ହେବା ତାଙ୍କ ପାଇଁ କ୍ଲିନ୍‌ଚିଟ୍ ନୁହେଁ। ଭାଜପା ନୈତିକ ମୂଲ୍ୟବୋଧକୁ ଭୁଲି ନ ଯାଉ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭାରତୀ ଚେତାଇଦେବା ସହ କେବଳ ସ୍ୱଚ୍ଛ ଛବି ଥିବା ନେତାଙ୍କ ସମର୍ଥନ ନେବା ଉଚିତ ବୋଲି ଟୁଇଟ୍ କରିଛନ୍ତି।

**ଭାଜପାକୁ ଚେତାଇଲେ ଉମା ଭାରତୀ**





## ଭାଜପାର ନେତା ଚୟନ ଆଜି

ଚଣ୍ଡିଗଡ଼,୨୫।୧୦(ଆଇଏଏନ୍‌ଏସ୍‌): ହରିୟାଣା ବିଧାୟକ ଦଳ ନେତା ଚୟନ ଶନିବାର କରାଯିବ। ଚଣ୍ଡିଗଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ଏକ ବୈଠକ ହେବ। ଏଥିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଓ ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବେ। ବିଧାୟକ ଦଳ ନେତା ନିର୍ବାଚନ ପରେ ହରିୟାଣାରେ ସରକାର ଗଠନ ପାଇଁ ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଯିବ। ଏନେଇ ଭାଜପା ଜାତୀୟ ସାଧାରଣ ସମ୍ପାଦକ ଅନିଲ ଜୈନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ପୁଣିଥରେ ଆସନରେ ବସାଇବା ପାଇଁ କହିସାରିଛନ୍ତି। ତେଣୁ ଏହି ବୈଠକରେ କେବଳ ଔପଚାରିକତା ଦୃଷ୍ଟିରୁ ତାଙ୍କୁ ନେତା ଭାବେ ଚୟନ କରାଯିବ।

## ‘ପ୍ରଭାବଶାଳୀ ବିରୋଧୀ ଦଳ ଭୂମିକା ନେବୁ’




**ବାରାମତି,୨୫।୧୦:** ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମହାରାଷ୍ଟ୍ର ବିଧାନସଭାରେ ପ୍ରଭାବଶାଳୀ ବିରୋଧୀ ଦଳର ଭୂମିକା ତୁଲାଇବ ବୋଲି ଏହାର ଅଧକ୍ଷ ଶରଦ ପାୱାର ଶୁକ୍ରବାର କହିଛନ୍ତି। ଜନସାଧାରଣ ଆମକୁ ସରକାର ଗଢ଼ିବାକୁ ନୁହେଁ, ବିରୋଧୀ ଦଳ ଆସନରେ ବସିବା ଲାଗି ସୁଯୋଗ ଦେଇଛନ୍ତି। ଆମେ ଆମର କାର୍ଯ୍ୟ ପ୍ରଭାବଶାଳୀ ଢଙ୍ଗରେ ନିଭାଇବୁ ବୋଲି ଏନ୍‌ସିପି ମୁଖ୍ୟ କହିଛନ୍ତି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପାକୁ ୧୦୫ ଓ ଏହାର ସହଯୋଗୀ ଶିବସେନାକୁ ୫୬ ଆସନ ମିଳିଥିଲାବେଳେ କଂଗ୍ରେସ ୪୪ ଏବଂ ଏନ୍‌ସିପି ୫୪ ଆସନରେ ବିଜୟୀ ହୋଇଛି। ୨୦୧୪ ତୁଳନାରେ ଏନ୍‌ସିପି ଭଲ ଫଳାଫଳ ହାସଲ କରିବା ସହ ସତାରା ଲୋକ ସଭା ଆସନକୁ ମଧ୍ୟ ଦଖଲ କରିପାରିଛି। ଅନ୍ୟପକ୍ଷରେ କଂଗ୍ରେସ ଚତୁର୍ଥ ସ୍ଥାନକୁ ଖସିଯାଇଛି।

## ପୋଷ୍ଟରରେ ଆଦିତ୍ୟ ଠାକ୍‌ରେ ଭାବୀ ମୁଖ୍ୟମନ୍ତ୍ରୀ

ମୁମ୍ବାଇ,୨୫।୧୦

ୱର୍ଲି ଆସନରୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ଶିବସେନାର ଯୁବନେତା ଆଦିତ୍ୟ ଠାକ୍‌ରେଙ୍କୁ ମହାରାଷ୍ଟ୍ରର ଭାବୀ ମୁଖ୍ୟମନ୍ତ୍ରୀ ବୋଲି ମୁମ୍ବାଇର ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟରରୁ ଜଣାପଡିଛି। ଶିବସେନା କର୍ମୀମାନେ ଆଦିତ୍ୟଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ହୋଇଥିଲାବେଳେ ସେ ନୂଆ ବୋଲି କହିଛନ୍ତି ଆଦିତ୍ୟଙ୍କ ବାପା ଉଦ୍ଧବ ଠାକ୍‌ରେ। ଗୁରୁବାର ନିର୍ବାଚନ ଫଳାଫଳ ଆସିବା ପରେ ଆଦିତ୍ୟଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ନିର୍ବାଚନମଣ୍ଡଳୀ ୱର୍ଲିରେ ପୋଷ୍ଟର ଲାଗିଛି, ଯେଉଁଥିରେ ତାଙ୍କୁ ଭାବୀ ମୁଖ୍ୟମନ୍ତ୍ରୀ ଭାବେ ଦର୍ଶାଯାଇଛି। ସେ ଏନ୍‌ସିପି ପ୍ରାର୍ଥୀ ସୁରେଶ ମାନେଙ୍କୁ ୬୭ ହଜାର ଭୋଟ ବ୍ୟବଧାନରେ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଭୋଟ ଫଳାଫଳ ଆସିବା ପରେ ଉଦ୍ଧବ ୫୦:୫୦ ସୂତ୍ର ଅର୍ଥାତ୍ ମୁଖ୍ୟମନ୍ତ୍ରୀ ପଦ ଭାଜପା ହାତରେ ଅଢ଼େଇ ବର୍ଷ ଓ ଶିବସେନାକୁ ଅଢ଼େଇ ବର୍ଷ ମିଳିବା ନେଇ ଗଣମାଧ୍ୟମକୁ କହିଥିଲେ।




## ବିନା ଭିଜାରେ ବ୍ରାଜିଲ ଯାଇପାରିବେ ଭାରତୀୟ

ସାଓ ପଲୋ,୨୫।୧୦

ବ୍ରାଜିଲ ଯିବାକୁ ହେଲେ ଭାରତୀୟଙ୍କ ଲାଗି ଆଉ ଭିଜା ଆବଶ୍ୟକ ପଡିବନି। ଏନେଇ ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବଲସୋନାରୋ ଗୁରୁବାର ଘୋଷଣା କରିଛନ୍ତି। ଭାରତ ଓ ଚାଇନାର ପର୍ଯ୍ୟଟକ ଏବଂ ବ୍ୟବସାୟୀଙ୍କୁ ଭିଜା ଆବଶ୍ୟକତାରୁ ବାଦ୍ ଦେଇଛି ବ୍ରାଜିଲ। ଚଳିତବର୍ଷ ପ୍ରଥମ ଭାଗରେ କ୍ଷମତାକୁ ଆସିଥିବା ବଲସୋନାରୋ ବିଭିନ୍ନ ବିକଶିତ ରାଷ୍ଟ୍ରଙ୍କ ଲାଗି ଭିଜା ଆବଶ୍ୟକତା ହ୍ରାସ କରିଛନ୍ତି। ଚାଇନା ଗସ୍ତ ଅବସରରେ ସେ କେତେକ ବିକାଶୋନ୍ମୁଖୀ ରାଷ୍ଟ୍ରଙ୍କୁ ଏହି ନୀତିରେ ସାମିଲ କରିବା ପାଇଁ ଘୋଷଣା କରିଥିଲେ। ପୂର୍ବରୁ ଆମେରିକା, କାନାଡା, ଜାପାନ ଓ ଅଷ୍ଟ୍ରେଲିଆର ପର୍ଯ୍ୟଟକ ଓ ବ୍ୟବସାୟୀଙ୍କୁ ଭିଜାମୁକ୍ତ ଭ୍ରମଣ ସୁବିଧା ଦେଇଥିଲା ବ୍ରାଜିଲ।

## ନଭେମ୍ବର ୨୫ରେ ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଉପନିର୍ବାଚନ

ନୂଆଦିଲ୍ଲୀ,୨୫।୧୦(ପି.ଟି.)

ପଶ୍ଚିମବଙ୍ଗର ୩ ବିଧାନସଭା ଆସନ ଏବଂ ଉତ୍ତରାଖଣ୍ଡର ଗୋଟିଏ ଆସନ ଲାଗି ନଭେମ୍ବର ୨୫ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ନିର୍ବାଚନ କମିଶନ ଶୁକ୍ରବାର ଘୋଷଣା କରିଛନ୍ତି। ଗତ ୨୧ ତାରିଖରେ ୧୭ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲାବେଳେ ଉପରୋକ୍ତ ଦୁଇ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ସେଠାରେ ଭୋଟ ହୋଇ ନ ଥିଲା। ଉତ୍ତରାଖଣ୍ଡରେ ପଞ୍ଚାୟତ ନିର୍ବାଚନ ଥିବାରୁ ଉପନିର୍ବାଚନ ଘୁଞ୍ଚାଇବାକୁ ରାଜ୍ୟ ସରକାର ଅନୁରୋଧ କରିଥିଲେ। ସେହିପରି ପଶ୍ଚିମବଙ୍ଗ ସରକାର ଦୁର୍ଗାପୂଜା ଉତ୍ସବ ଲାଗି ଉପନିର୍ବାଚନ ସ୍ଥଗିତ ରଖିବାକୁ କହିଥିଲେ। ଉତ୍ତରାଖଣ୍ଡର ପିଥୋରାଗଡ ଏବଂ ପଶ୍ଚିମବଙ୍ଗର କାଳିଆଗଞ୍ଜ, କରିମପୁର, ଖଡ଼ଗପୁର ସଦର ଆସନ ଲାଗି ଅକ୍ଟୋବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇବ। ନଭେମ୍ବର ୨୫ରେ ଭୋଟଗ୍ରହଣ ହେବାକୁ ଥିଲାବେଳେ ୨୮ରେ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। କର୍ନାଟକର ୧୫ ବିଧାୟକ ଅଯୋଗ୍ୟ ଘୋଷଣା ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିଲାବେଳେ ଖୁବ୍‌ଶୀଘ୍ର ଏହାର ରାୟ ପ୍ରକାଶ ପାଇବ ବୋଲି ଜଣାପଡିଛି। ଆବଶ୍ୟକ ପଡ଼ିଲେ ଉକ୍ତ ୧୫ ଆସନରେ ଉପନିର୍ବାଚନ ଡିସେମ୍ବର ୫ରେ ହେବ।

### ଇତିହାସର ଆଇନାରେ

### ଅକ୍ଟୋବର ୨୬ର ପ୍ରମୁଖ ଘଟଣା

୧୯୮୯ ଅକ୍ଟୋବର ୨୬ରେ ଚାଇନାର ଏକ ବିମାନ ପାହାଡ଼ରେ ଧକ୍କାଖାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ତାଇୱାନର ହୁଆଲେନ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବା ପରେ ଏହା ଦୁର୍ଘଟଣାର ଶିକାର ହୋଇଥିଲା।

୨୦୧୫ ଅକ୍ଟୋବର ୨୬ରେ ଆଫଗାନିସ୍ତାନର ଉତ୍ତର-ପୂର୍ବ ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳରେ ଭୟଙ୍କର ଭୂକମ୍ପ ହେବାରୁ ପ୍ରାୟ ୪୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ପାଖାପାଖି ୩ ହଜାର ଲୋକ ଆହତ ହୋଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୫ ଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା, ଘଡ଼ଘଡ଼ି ସହ ଥଣ୍ଡା ଅନୁଭବ ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୦ | ୧୯.୮ |
| ଚାନ୍ଦବାଲି | ୨୭.୨ | ୨୨.୪ |
| କଟକ | ୨୮.୮ | ୨୦.୨ |
| ପାରାଦ୍ୱୀପ | ୨୯.୮ | ୨୪.୯ |
| ଭୁବନେଶ୍ୱର | ୨୭.୭ | ୨୨.୬ |
| ଗୋପାଳପୁର | ୩୨.୦ | ୨୫.୦ |
| ପୁରୀ | ୩୦.୦ | ୨୩.୬ |
| ଅନୁଗୋଳ | ୨୯.୧ | ୧୮.୬ |
| ବାରିପଦା | ୨୩.୨ | ୨୧.୪ |
| ଝାରସୁଗୁଡ଼ା | ୨୨.୮ | ୧୯.୬ |
| କେନ୍ଦୁଝର | ୨୭.୫ | ୧୯.୪ |
| ସମ୍ବଲପୁର | ୨୪.୪ | ୧୯.୩ |
| ସୁନ୍ଦରଗଡ଼ | ୨୫.୫ | ୧୫.୦ |
| ହୀରାକୁଦ | ୨୩.୩ | ୨୦.୩ |
| ତାଳଚେର | ୨୮.୬ | ୨୨.୦ |
| ଭବାନୀପାଟଣା | ୨୮.୨ | ୨୨.୫ |
| ବଲାଙ୍ଗୀର | ୨୪.୫ | ୨୧.୫ |
| କୋରାପୁଟ | ୨୬.୦ | ୧୭.୦ |
| ଫୁଲବାଣୀ | ୨୬.୫ | ୨୧.୩ |
| ଟିଟିଲାଗଡ଼ | -- | ୧୯.୬ |
| ମାଲକାନଗିରି | ୨୯.୦ | -- |
| ସୋନପୁର | ୨୫.୨ | ୧୭.୬ |
| ଦାରିଙ୍ଗିବାଡ଼ି | ୨୫.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ମୌସୁମୀ ବର୍ଷା, ବନ୍ୟା ନେଇଛି ୨୧୫୫ ଜୀବନ

ନୂଆଦିଲ୍ଲୀ,୨୫।୧୦(ପି.ଟି.)

ଚଳିତ ବର୍ଷ ଦେଶରେ ମୌସୁମୀ ବର୍ଷା ଓ ବନ୍ୟା ଜନିତ ମୃତ୍ୟୁସଂଖ୍ୟା ୨୧୫୫ରେ ପହଞ୍ଚିଥିଲାବେଳେ ୮୦୩ ଜଣ ଆହତ ହୋଇଛନ୍ତି। ଅନ୍ୟ ୪୫ ଜଣ ନିଖୋଜ ହୋଇଛନ୍ତି। ବନ୍ୟା ଯୋଗୁ ୨୨ ରାଜ୍ୟର ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀ ଶୁକ୍ରବାର ସୂଚନା ଦେଇଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୪୫୦ ଲୋକଙ୍କ ମୃତ୍ୟୁ ହୋଇଥିଲାବେଳେ ଏହା ପଛକୁ ରହିଛି ପଶ୍ଚିମବଙ୍ଗ। ଉକ୍ତ ରାଜ୍ୟରେ ବର୍ଷା,ବନ୍ୟା ଓ ଭୂସ୍ଖଳନରେ ୨୨୭ ଜଣଙ୍କ ଜୀବନ ଯାଇଛି। ସେହିପରି ବର୍ଷା, ବନ୍ୟାରେ ପାଖାପାଖି ୨୦ ହଜାର ପ୍ରାଣୀଙ୍କ ଜୀବନ ଯାଇଥିବା ସରକାରୀ ଭାବେ କୁହାଯାଇଛି। ୨.୨୩ ଲକ୍ଷ ଘର ସମ୍ପୂର୍ଣ୍ଣ ଭାଙ୍ଗିଥିଲାବେଳେ ୨.୦୬ ଲକ୍ଷ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୧୪.୦୯ ହେକ୍ଟର ଜମିରୁ ଫସଲ ନଷ୍ଟ ହୋଇଛି।

୧୯୯୪ ପରେ ଚଳିତବର୍ଷ ସର୍ବାଧିକ ମୌସୁମୀ ବୃଷ୍ଟିପାତ ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗର ୨୨ଟି ଲେଖାଏ ଜିଲା ବନ୍ୟା ପ୍ରଭାବିତ ହୋଇଥିଲେ। ବିହାରରେ ଚଳିତ ମାସ ପର୍ଯ୍ୟନ୍ତ ବନ୍ୟା ଲାଗି ରହିଥିଲାବେଳେ ମୃତ୍ୟୁସଂଖ୍ୟା ୧୬୬ରେ ପହଞ୍ଚିଛି। ସେଠାରେ ୧.୯୬ ଲକ୍ଷ ଲୋକ ୨୮୨ଟି ରିଲିଫ କେନ୍ଦ୍ରରେ ଆଶ୍ରୟ ନେଇଥିଲେ। ସେହିପରି ମଧ୍ୟପ୍ରଦେଶ ବନ୍ୟାରେ ୧୮୯ ଜଣଙ୍କ ଜୀବନ ଯିବା ସହ ୩୯ ଆହତ ଓ ୭ ନିଖୋଜ ହୋଇଥିଲେ। ସେଠାରେ ୩୨,୯୯୬ ଜଣ ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଥିଲେ। କେରଳରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ୧୮୧ ଜଣଙ୍କ ମୃତ୍ୟୁ ହେବା ସହ ୭୨ ଆହତ ଓ ୧୫ ନିଖୋଜ ହୋଇଥିଲେ। ସେହିପରି ଗୁଜରାଟର ୨୨ ଜିଲା ବର୍ଷା ଓ ବନ୍ୟା ପ୍ରଭାବିତ ହୋଇଥିଲାବେଳେ ୧୯୨ଜଣଙ୍କ ପ୍ରାଣହାନି ଘଟିଥିଲା । କର୍ନାଟକ ବନ୍ୟାରେ ୧୬ ଜିଲା କ୍ଷତିଗ୍ରସ୍ତ ହୋଇଥିଲା। ସେଠାରେ ୨୮୫ ଜଣଙ୍କ ଜୀବନ ଯିବା ସହ ୪୯ ଆହତ ଓ ୬ ଜଣ ନିଖୋଜ ହୋଇଥିଲେ।





"ରଣବୀର କପୁରଙ୍କ ସହ ମୋର ବାହାଘର ହେଉଛି ବୋଲି ଯାହା କୁହାଯାଉଛି, ତାହା ଉଡ଼ା କଥା।"
-ଆଲିଆ ଭଟ୍ଟ,
ବଲିଉଡ୍ ଅଭିନେତ୍ରୀ



# ଧୂଳିମାଟି ଖେଳ କମାଇବ ପାଠପଢ଼ା ବୋଝ

**ସୁରତ:** ସକାଳ ସାଢ଼େ ୬ରୁ ୭ଟା ଭିତରେ ଟ୍ୟୁଶନ୍। ୧୦ଟାରୁ ୪ଟା ସ୍କୁଲ। ଏହା ପରେ ପୁଣି ୫ଟାରୁ ଟ୍ୟୁଶନ୍। ଘରକୁ ଫେରି ହୋମ୍‌ୱାର୍କ। ଏହା ହେଉଛି ଦୁନିଆକୁ ଜାଣିବା ଆରମ୍ଭ କରୁଥିବା ଜଣେ କୋମଳମତି ପିଲାର ଧରାବନ୍ଧା ଜୀବନ। ଏହାଠାରୁ ବଳି ଶିଶୁ ନିର୍ଯାତନା ଆଉ କ'ଣ ବା ହୋଇପାରେ? କିଛିଦିନ ତଳେ ସୋସିଆଲ ମିଡିଆ ସାଇଟ୍‌ରେ ଭାଇରାଲ ହୋଇଥିଲା ଏପରି ବାର୍ତ୍ତା ଥିବା ଏକ ଲେଖା, ଯାହା ସଭ୍ୟ ସମାଜକୁ ଚିନ୍ତାରେ ପକାଇ ଦେଇଥିଲା।

ହେଲେ ଏପରି ସମ୍ବେଦନଶୀଳ କଥାକୁ ଗୁରୁତ୍ୱର ସହ ନେଇଛନ୍ତି ଗୁଜରାଟର ଅନେକ ସ୍କୁଲ କର୍ତ୍ତୃପକ୍ଷ। ଶିଶୁଙ୍କ ଜୀବନ କେବଳ ବହିବସ୍ତାନି ଭିତରେ ସୀମିତ ନୁହେଁ। ସେମାନେ ସ୍ୱାଧୀନ ଭାବେ ମତ ରଖିପାରିବେ। ଭଲମନ୍ଦ ବିଚାର କରିପାରିବେ। ସେମାନଙ୍କ ଭିତରେ ଲୁଚି ରହିଥିବା ସୃଜନଶୀଳ ଗୁଣାବଳୀର ବିକାଶ ଲାଗି ଛୁଟି ହେଉଛି ପ୍ରକୃଷ୍ଟ ସମୟ। ଛୁଟିରେ ସେମାନେ ଯେପରି ମନଭରି ଖୋଲା ଆକାଶ ତଳେ ସମୟ ବିତାଇପାରିବେ ସେ ଦିଗରେ ଦୃଷ୍ଟି ଦେବାକୁ ଅଭିଭାବକଙ୍କୁ ପତ୍ର ଲେଖି ପରାମର୍ଶ ଦିଆଯାଇଛି। ଧନତେରାସ ଏବଂ ଦୀପାବଳି ପାଇଁ ଗୁଜରାଟରେ ୩ସପ୍ତାହ ଛୁଟି ଘୋଷଣା କରାଯାଇଛି। ହେଲେ ଚଳିତବର୍ଷ ପିଲାଙ୍କୁ ହୋମ୍‌ୱାର୍କରୁ ମୁକ୍ତି ଦିଆଯାଇଛି। ଏହା ବଦଳରେ ଅଭିଭାବକଙ୍କୁ ପିଲାଙ୍କ ସହ ସମୟ ଅତିବାହିତ କରିବାକୁ କୁହାଯାଇଛି। ପିଲାଙ୍କୁ ପୈତୃକ ଗ୍ରାମକୁ ନେଇ ଧୂଳିମାଟିରେ ଖେଳିବାକୁ ଛାଡ଼ିବା, ହସ୍ପିଟାଲ, ପଞ୍ଚାୟତ, ବୃଦ୍ଧାଶ୍ରମ, ପୋଲିସ ଥାନାକୁ ନେଇ ବିଭିନ୍ନ ବିଷୟରେ ଧାରଣା ଦେବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି ଅଧିକାଂଶ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ।

ଏ ନେଇ ସ୍ୱାମୀ ନାରାୟଣ ଏଚ୍. ବିଦ୍ୟାଳୟର ଶିକ୍ଷକ କେତନ ବ୍ୟାସ କୁହନ୍ତି, ବର୍ଷତମାମ ପିଲାମାନେ ପାଠପଢ଼ାର ବୋଝ ତଳେ ଚାପିହୋଇ ରହୁଛନ୍ତି। ଅନ୍ତତଃ ପକ୍ଷେ ଛୁଟି ସମୟରେ ସେମାନେ ଏଥିରୁ ମୁକ୍ତ ରହିବା ଜରୁରୀ। ପରିବାର ସହ ସମୟ ବିତାଇବା ଦ୍ୱାରା ଶିଶୁ ଏବଂ ମା'ବାପାଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ। ଶିକ୍ଷାର୍ଥୀଙ୍କ ମନରେ ନୂଆ ବିଚାରଧାରା ସୃଷ୍ଟି ହୋଇପାରିବ। କେବଳ ବହିରେ ସୀମିତ ନ ରହି ଅନ୍ୟ ବିଷୟ ଜାଣିପାରିଲେ ପାଠପଢ଼ାର ମଜା ଦ୍ୱିଗୁଣିତ ହୋଇପାରିବ ବୋଲି ସେ କହିଛନ୍ତି।



# ୧.୫ ଟନ୍‌ର ଚକୋଲେଟ ଘର

**ପ୍ୟାରିସ:** ଫ୍ରାନ୍ସରେ ଏକ ହୋଟେଲରେ ଚକୋଲେଟ୍‌ର ଗୋଟିଏ କଟେଜ୍ ତିଆରି ହୋଇଛି। ଏଥିରେ ଥିବା ଘରଗୁଡ଼ିକ ଚକୋଲେଟରେ ନିର୍ମାଣ କରାଯାଇଛି। ଚକୋଲେଟ ନ ତରଳିବା ପାଇଁ ଘରଗୁଡ଼ିକୁ ଏସି ମଧ୍ୟରେ ରଖାଯାଉଛି। ଏଥିରେ ରହିବା ପାଇଁ ଦେଶବିଦେଶର ପର୍ଯ୍ୟଟକ ଆଗ୍ରହ ବଢ଼ିବାରେ ଲାଗିଛି। ଗ୍ରାହକମାନଙ୍କୁ ଏଥିପାଇଁ ୬ମାସ ପୂର୍ବରୁ ବୁକିଂ କରିବାକୁ ପଡ଼ିଥାଏ। ଏହି ଚକୋଲେଟ୍ ଘରେ ଶୋଇବା ପାଇଁ ବେଡ୍, ଖାଇବା ପାଇଁ ଡାଇନିଂ ଟେବୁଲ ଆଦି ରହିଛି। ଚକୋଲେଟ୍ ଘରେ ସୁବାସିତ ଅତର ସ୍ପ୍ରେ କରାଯାଉଛି। ଏହାଦ୍ୱାରା ଗ୍ରାହକଙ୍କୁ ଶୀଘ୍ର ନିଦ ମାଡୁଥିବା ଜଣାଯାଏ। ଏହି କଟେଜ୍ ନିର୍ମାଣରେ ୧.୫ ଟନ୍ ଚକୋଲେଟ୍ ବ୍ୟବହାର କରାଯାଇଛି। ଏଥିରେ ୧୮ ବର୍ଗମିଟର କ୍ଷେତ୍ରଫଳ ବିଶିଷ୍ଟ ଘର ରହିଛି। ଏହାର ଡିଜାଇନିଂ ଶିଳ୍ପୀକାର ଜିନ୍-ଲୁକ୍ ଡେକ୍ଲୁଜିୟୁ କରିଛନ୍ତି।

**୬ ମାସ ଆଗରୁ କରିବାକୁ ପଡ଼େ ବୁକିଂ**




# ଅନୁଷ୍କାଙ୍କୁ ବଦଳାଇଦେଲା 'ଦ ଗେମ୍ ଚେଞ୍ଜର'



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ନିଜର ଭିନ୍ନ ଅଭିନୟ ଶୈଳୀ ସହ ହେଲ୍‌ଦୀ ଲାଇଫ୍‌ଷ୍ଟାଇଲ ଓ ଫିଟ୍‌ନେଶ୍ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଗତ କିଛି ବର୍ଷ ହେବ ଅନୁଷ୍କା ଶାକାହାରୀ ହୋଇଯିବା ପରଠୁ ତାଙ୍କୁ ଅନେକ ସମୟରେ ଗୋଟିଏ ପ୍ରଶ୍ନର ସାମ୍ନା କରିବାକୁ ପଡିଛି। ତାହା ହେଲା ସାକାହାରୀ ହୋଇ ବି ସେ ଏତେ ଫିଟ୍ କେମିତି ଆଉ ତାଙ୍କ ଶରୀରକୁ ପ୍ରୋଟିନ୍ କେଉଁଠୁ ମିଳିଥାଏ? ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅନୁଷ୍କା ତାଙ୍କ ଟୁଇଟର ପେଜ୍‌ରେ ଏକ ପୋଷ୍ଟ ଶେୟାର କରିଛନ୍ତି। ନେଟ୍‌ଫ୍ଲିକ୍ସରେ ପ୍ରସାରିତ ଏକ ଫିଲ୍ମ 'ଦ ଗେମ୍ ଚେଞ୍ଜର' ତାଙ୍କ ଜୀବନଶୈଳୀକୁ ବଦଳାଇ ଦେଇଛି। ଏହି ଫିଲ୍ମ ଦେଖିବା ପରଠୁ ହିଁ ସେ ଆମିଷ ଖାଇବା ବନ୍ଦ କରିଦେଇଛନ୍ତି। ଏହି ଫିଲ୍ମର ଟ୍ରେଲରର ଲିଙ୍କ୍ ଶେୟାର କରି ସମସ୍ତେ ଏହାକୁ ଦେଖନ୍ତୁ ବୋଲି ଅନୁଷ୍କା ଉଲ୍ଲେଖ କରିଛନ୍ତି। ଆମିଷ ଖାଇବା ଫଳରେ ଶରୀରକୁ ପ୍ରୋଟିନ୍ ମିଳୁଥିବା କଥା କେବଳ ମାଛ, ମାଂସ ବିକ୍ରି କରିବାର ଏକ ଚାଲ୍ ବୋଲି ଏହି ଫିଲ୍ମରେ ଆର୍ନୋଲ୍ଡ ସ୍ୱର୍ଜନେଗରଙ୍କ ସହ ବହୁ ନାମୀଦାମୀ ଆଥ୍‌ଲେଟିକ୍ସ ଓ ଫର୍ମୁଲା ୱାନ୍ ରେସର୍ ଲୁଇସ୍ ହାମିଲ୍‌ଟନ କହିଛନ୍ତି। ଏହି ଫିଲ୍ମରେ ଶାକାହାରୀ ଫାଇଟର୍ ରୋମାନ୍ ଗ୍ଲାଡିଏଟରର୍ସଙ୍କ ସମ୍ପର୍କରେ ମଧ୍ୟ କୁହାଯାଇଛି। ତେବେ ଶାକାହାରୀ ହେବା ପରେ କିପରି ଆଥଲେଟ୍‌ମାନଙ୍କ ପ୍ରଦର୍ଶନ ଉନ୍ନତ ହୋଇଛି ସେ ସମ୍ପର୍କରେ ଫିଲ୍ମରେ ଦର୍ଶାଯାଇଛି। ଅନୁଷ୍କା ୨୦୧୭ରେ ଭାରତୀୟ କ୍ରିକେଟ୍ ଟିମ୍ ଅଧିନାୟକ ବିରାଟ୍ କୋହଲୀଙ୍କୁ ବିବାହ କରିଛନ୍ତି। ବାହାଘର ପରେ ବିରାଟ ମଧ୍ୟ ଆମିଷ ଖାଇବା ଛାଡ଼ି ଦେଇଛନ୍ତି। ଅନୁଷ୍କା ଏହି ଫିଲ୍ମ ସମ୍ପର୍କରେ ଟୁଇଟ୍ କରିବା ପରେ ବିରାଟ ମଧ୍ୟ ନିଜ ଟୁଇଟର ପେଜ୍‌ରେ ଏ ସମ୍ପର୍କରେ ଏକ ପୋଷ୍ଟ କରିଛନ୍ତି।

# ରେଷ୍ଟୁରାଣ୍ଟରେ ପିଇବାକୁ ଦିଆଯାଏ ଟଏଲେଟ୍ ପାଣି



**ବ୍ରାସିଲିଆ:** ଶୀର୍ଷକଟି ପଢ଼ି ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚୟ। ତେବେ କଥାଟି ସତ। ବିଶ୍ୱରେ ଏମିତି ଏକ ରେଷ୍ଟୁରାଣ୍ଟ ଅଛି ଯେଉଁଠାରେ ଗ୍ରାହକମାନଙ୍କୁ ଟଏଲେଟ୍ ପାଣି ପିଇବାକୁ ଦିଆଯାଏ। ଏହି ରେଷ୍ଟୁରାଣ୍ଟର ନାମ 'ଗେଷ୍ଟ ଯୁକ୍ସ'। ଏହା ବ୍ରାଜିଲର କୁର୍ନେରେ ଅବସ୍ଥିତ। ଏଠାକୁ ଆସୁଥିବା ଗ୍ରାହକମାନଙ୍କୁ ଟଏଲେଟ୍ ପାଣିକୁ ପୁନଃ ବ୍ୟବହାରଯୋଗ୍ୟ କରାଯାଇ ପିଇବାକୁ ଦିଆଯାଇଥାଏ। ଏଥିପାଇଁ ରେଷ୍ଟୁରାଣ୍ଟ ଏକ ନୂଆ ପଦ୍ଧତିର ୱାଟର ପ୍ୟୁରିଫାୟର ଲଗାଇଛି। ଏହି ୱାଟର ପ୍ୟୁରିଫାୟର ନାଳ ପାଣିକୁ ମଧ୍ୟ ସଫାକରି ପିଇବା ଯୋଗ୍ୟ କରିଥାଏ। ଖାସ୍ କଥା ହେଲା ଏହି ପାଣି ମିନେରାଲ।

ଏଠାରେ କାମ କରୁଥିବା ଜଣେ କର୍ମଚାରୀଙ୍କ କହିବା ଅନୁସାରେ, ଟଏଲେଟ୍ ପାଣିକୁ ପ୍ରଥମେ ପ୍ଲାଣ୍ଟ ଫର୍ଟିଲାଇଜରରେ ସଫା କରାଯାଇଥାଏ। ପରେ ଏଥିରେ ବର୍ଷା ପାଣି ମିଶାଯାଇଥାଏ। ଶେଷରେ ପିଇବା ଯୋଗ୍ୟ କରିବା ପାଇଁ ପ୍ୟୁରିଫାଏ କରାଯାଇଥାଏ। ଏହି ପାଣିକୁ ଆଇସ୍ କ୍ୟୁବ୍, ବିୟର ଏବଂ କଫି ତିଆରି ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ।

# ପୃଥିବୀର ୫ ପୁରାତନ ଦାମୀ ବହି




**ନୂଆଦିଲ୍ଲୀ:** ଦୁନିଆରେ ଅନେକ ପ୍ରକାର ପୁସ୍ତକ ରହିଛି। ତେବେ ଏଭଳି କିଛି ପୁସ୍ତକ ଅଛି, ଯାହା ଦାମୀ ତଥା ମୂଲ୍ୟବାନ। ଦି କୋଡେକ୍ସ ଲିସେଷ୍ଟର ବିଶ୍ୱର ସବୁଠାରୁ ଦାମିକା ବହି ଭାବେ ପରିଚିତ। ଏହାର ରଚୟିତା ଲିଓନାର୍ଡୋ ଦା ଭିଞ୍ଚି। ଏହି ବହିର ମୂଲ୍ୟ ୩୦.୮ ମିଲିୟନ ଡଲାର। ଏହି ବହିକୁ ବିଲ୍‌ଗେଟ୍‌ସ କିଣିଛନ୍ତି। ଏହି ତାଲିକାରେ ମଗ୍ନା କାର୍ଟର ସ୍ଥାନ ଦ୍ୱିତୀୟରେ ରହିଛି। ଏହି ବହିର ମୂଲ୍ୟ ୨୧.୨ ମିଲିୟନ ଡଲାର। ଏହାକୁ ଡେଭିଡ ରୁବେଷ୍ଟିନ କିଣିଛନ୍ତି। ସେଣ୍ଟ କ୍ୟୁଥ୍‌ବେର୍ଟ ଗୋସ୍ପେଲ ମୂଲ୍ୟବାନ ବହି ତାଲିକାରେ ତୃତୀୟ ସ୍ଥାନରେ ରହିଛି। ଏହି ବହିର ମୂଲ୍ୟ ୧୪.୩ ମିଲିୟନ ଡଲାର। ସେହିପରି ବେ ପ୍ଲାସମ ବୁକ୍ ଦୁନିଆର ଚତୁର୍ଥ ଦାମିକା ବହି। ଏହାର ମୂଲ୍ୟ ୧୪.୧୬୫ ମିଲିୟନ ଡଲାର। ଏହାକୁ ଉତ୍ତର କୋରିଆରେ ଛପାଯାଇଥିଲା। ବର୍ତ୍ତମାନ ଏହାର ମାତ୍ର ୧୧ଟି ପ୍ରତିଲିପି ରହିଛି। ରୋଥସ୍ ଚାଇଲ୍ଡ ପ୍ରେୟାର ହେଉଛି ଦୁନିଆର ପଞ୍ଚମ ଦାମିକା ବହି। ଏହାକୁ ୧୯୯୯ରେ ୧୩.୪ ମିଲିୟନ ଡଲାରରେ ବିକ୍ରି କରାଯାଇଥିଲା।

# ଆଳୁ ଚୋପା କୋଲେଷ୍ଟରଲ କମ କରେ

**ନୂଆଦିଲ୍ଲୀ:** ଜୀବନକୁ ସରସ ସୁନ୍ଦର ଓ ସ୍ୱାସ୍ଥ୍ୟବାନ୍ କରିବା ଲାଗି ଦୈନନ୍ଦିନ ଖାଦ୍ୟପେୟ ତାଲିକାର ଆମେ ବିଭିନ୍ନ ପ୍ରକାର ପନିପରିବା ବ୍ୟବହାର କରିଥାଉ। ଏସବୁ ପନିପରିବା ମଧ୍ୟରେ ଆଳୁର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିନା ଆଳୁରେ ରୋଷେଇ ଯେପରି ଅସମ୍ଭବ ଲାଗେ। ରୋଷେଇରେ ଆଳୁର ବିଭିନ୍ନ ପ୍ରକାର ବ୍ୟବହାରକୁ ନେଇ ଆମେ ସମସ୍ତେ ପରିଚିତ। ତେବେ ଆଳୁଚୋପା କୋଲେଷ୍ଟରଲ ସ୍ତର କମାଇବାରେ ସହାୟକ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଏଥିରେ ପ୍ରଚୁର ପରିମାଣର ପୋଟାସିୟମ ଥାଏ, ଯାହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ। ଆଳୁଚୋପାରେ ପ୍ରଚୁର ପରିମାଣରେ ଭିଟାମିନ-ବି ରହିଛି। ଏହା ଶରୀରକୁ ମଜଭୁତ କରିବା ସହ ଶକ୍ତି ଯୋଗାଇଥାଏ। ଏଥିରେ ଥିବା ପ୍ରଚୁର ପରିମାଣ ଫାଇବର ହଜମ ଶକ୍ତି ବଢ଼ାଏ ବୋଲି ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।



# ମହାରାଷ୍ଟ୍ର ଅପେକ୍ଷା ହରିୟାଣା ବିଧାୟକ ଅଧିକ ପାଠୁଆ

**ନୂଆଦିଲ୍ଲୀ :** ସଦ୍ୟସମାପ୍ତ ବିଧାନସଭା ନିର୍ବାଚନରେ ମହାରାଷ୍ଟ୍ର ଅପେକ୍ଷା ହରିୟାଣାରେ ଅଧିକ ଶିକ୍ଷିତ ବିଧାୟକ ଅଛନ୍ତି। ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ରିପୋର୍ଟରେ ଏନେଇ ଉଲ୍ଲେଖ କରାଯାଇଛି। ମହାରାଷ୍ଟ୍ରର ମୋଟ ୨୮୮ ବିଧାୟକଙ୍କ ମଧ୍ୟରୁ ୫୭ ପ୍ରତିଶତ ସ୍ନାତକ ପାସ୍ କରିଥିବାବେଳେ ହରିୟାଣାରେ ଏହା ୬୯ ପ୍ରତିଶତ ବୋଲି ଜଣାପଡ଼ିଛି। ମହାରାଷ୍ଟ୍ରର ୧୫ ପ୍ରତିଶତ ବିଧାୟକ ସ୍ନାତକୋତ୍ତର ପାସ୍ କରିଥିବାବେଳେ ହରିୟାଣାରେ ଏହା ୧୮ ପ୍ରତିଶତ। ବୟସକୁ ଯଦି ବିଚାରକୁ ନେବା, ତେବେ ମହାରାଷ୍ଟ୍ରର ୮୫ ପ୍ରତିଶତ ବିଧାୟକ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର। କିନ୍ତୁ ହରିୟାଣା ବିଧାୟକଙ୍କ ବୟସ ହାର ୫୫ ବର୍ଷ। ହେଲେ ଦୁଇ ରାଜ୍ୟରେ ମହିଳା ପ୍ରତିନିଧିଙ୍କ ସଂଖ୍ୟା ବହୁତ କମ ରହିଛି। ମହାରାଷ୍ଟ୍ରରେ ୨୪ ମହିଳା ପ୍ରାର୍ଥୀ (୮ ପ୍ରତିଶତ) ନିର୍ବାଚନ ଜିଣିଥିବାବେଳେ ହରିୟାଣାରେ ଏହା ୧୦ ପ୍ରତିଶତ ଅଛି। ୨୦୧୪ ବିଧାନସଭା ନିର୍ବାଚନ ପରେ ହରିୟାଣାରେ ମହିଳା ପ୍ରତିନିଧିଙ୍କ ହାର ୧୪ ପ୍ରତିଶତ ଥିଲା। ନବନିର୍ବାଚିତ ବିଧାୟକଙ୍କ ପ୍ରୋଫାଇଲ ତର୍ଜମା କରାଯିବା ପରେ ପିଆର୍‌ଏସ୍ ପକ୍ଷରୁ ଏଭଳି ରିପୋର୍ଟ ଉପସ୍ଥାପନ କରାଯାଇଥିବା ଜଣାପଡ଼ିଛି।

PRS Legislative Research

## ସଂକ୍ଷେପରେ

### ଟ୍ରେନିଂରେ ଯୋଗଦେଲା ବାଂଲାଦେଶ କ୍ରିକେଟ ଦଳ

**ଢାକା, ୨୫।୧୦ (ଏଏଫ୍‌ପି)**-ଉନ୍ନତ ହାରରେ ପାରିଶ୍ରମିକ ଓ ଅନ୍ୟାନ୍ୟ ସୁବିଧା ଦାବି କରି ବାଂଲାଦେଶ କ୍ରିକେଟ ଖେଳାଳିମାନେ ଚଳାଇଥିବା ଧର୍ମଘଟର ବିଧିବଦ୍ଧ ଅବସାନ ଘଟିଛି। ଫଳରେ ଆସନ୍ତା ମାସରେ ଭାରତ ଟୁର୍ ପାଇଁ ବାଂଲାଦେଶ କ୍ରିକେଟ ଦଳର ସଦସ୍ୟମାନେ ଶୁକ୍ରବାର ଟ୍ରେନିଂ କ୍ୟାମ୍ପରେ ଯୋଗ ଦେଇଛନ୍ତି। ଅସୁସ୍ଥ ଯୋଗୁ ଅଧିନାୟକ ଶକିବ ଅଲ୍ ହସନ ପ୍ରଥମ ସେସନରେ ଯୋଗ ଦେଇ ନାହାନ୍ତି। କିନ୍ତୁ ମୁଖ୍ୟ କୋଚ୍ ତଥା ଦକ୍ଷିଣ ଆଫ୍ରିକୀୟ ରସେଲ ଡୋମିଙ୍ଗୋଙ୍କ ସମେତ ଅନ୍ୟ ଖେଳାଳିମାନେ ଉପସ୍ଥିତ ରହିଥିଲେ। ବାଂଲାଦେଶର ସ୍ପିନ୍ ବୋଲିଂ କୋଚ୍ ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଡାନିଏଲ୍ ଭିଟ୍ଟୋରୀ ମଧ କ୍ୟାମ୍ପରେ ଯୋଗ ଦେଇଛନ୍ତି।

### ସାଇନା ଆଉଟ

**ପ୍ୟାରିସ୍,୨୫।୧୦(ପି.ଟି.)**-ଏଠାରେ ଚାଲିଥିବା ୭ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଫ୍ରେଞ୍ଚ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ଭାରତୀୟ ମହିଳା ତାରକା ସାଇନା ନେହ୍ୱାଲ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ଗତ ଜାନୁୟାରୀରେ ଇଣ୍ଡୋନେସିଆ ମାଷ୍ଟର୍ସ ଟାଇଟଲ ଜିତିଥିବା ୨୯ ବର୍ଷୀୟା ସାଇନା କ୍ୱାର୍ଟରରେ ବିଶ୍ୱର ୧୬ ନମ୍ବର ଖେଳାଳି କୋରିଆର ଏନ୍ ସେ ୟଙ୍ଗ୍‌ଠାରୁ ମାତ୍ର ୪୯ ମିନିଟ୍‌ରେ ପରାସ୍ତ ହୋଇଛନ୍ତି। ଗତ ଏପ୍ରିଲରେ ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍ ସେମିରେ ପ୍ରବେଶ କରିବା ପରେ ସେ ପ୍ରଥମଥର ପାଇଁ ଏହି ଟୁର୍ନାମେଣ୍ଟର କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପୂର୍ବରୁ ସେ ଚାଇନା, କୋରିଆ ଓ ଡେନମାର୍କ ଓପନ୍‌ର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ।

ଜାତୀୟ ସ୍କୁଲ ଆସିଡେଡୁ ଆଖଡ଼ା ପ୍ରତିଯୋଗିତା

## ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ୭ ବ୍ରୋଞ୍ଜ

**ପୁରୀ ଅଫିସ, ୨୫।୧୦**

ସ୍କୁଲ ଗେମ୍ସ ଫେଡେରେସନ ଅଫ ଇଣ୍ଡିଆ(ଏସ୍‌ଜିଏଫଆଇ) ଆନୁକୂଲ୍ୟରେ ରାଜସ୍ଥାନ ଢୋଲପୁର ଠାରେ ୬୫ତମ ଜାତୀୟ ସ୍ତରୀୟ ସ୍କୁଲ ଆସିଡେଡୁ ଆଖଡା ପ୍ରତିଯୋଗିତା ଅକ୍ଟୋବର ୨୧ରୁ ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ଗୋଟିଏ ଗୋଲ୍ଡ ସହ ୭ଟି ବ୍ରୋଞ୍ଜ ପଦକ ମିଳିଛି। ବରଗଡର ତୁଷାର ରଞ୍ଜନ ସାହୁ ଗୋଲ୍ଡ ହାସଲ କରିଛନ୍ତି। ପୁରୀର ସତ୍ୟଜିତ ନାୟକ, ରୋନାଲି ଗିରି, ରାଜଶ୍ରୀ ଦଳବେହେରା, ଗଞ୍ଜାମର ଏସ.ପୂଜା ପାତ୍ର, ଅନୁଗୁଳର ଜସ୍ମିନ ପ୍ରଧାନ, ବରଗଡର ରାହୁଲ ପ୍ରଧାନ ଏବଂ ସୁନ୍ଦରଗଡର ଇଶ୍ୱରଚନ୍ଦ୍ର ନାୟକ ପ୍ରମୁଖ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବୋଲି ଆଖଡ଼ାର ରାଜ୍ୟ ସମ୍ପାଦକ ସବ୍ୟସାଚୀ ରଥ କହିଛନ୍ତି। ଏହି ଟିମ୍ ସହ ମ୍ୟାନେଜର ଭାବେ ବିଶ୍ୱନାଥ ପ୍ରଧାନ, କୋଚ ଭାବେ ଗଞ୍ଜାମର ସସ୍ମିତା ପ୍ରଧାନ ଓ ସୁନ୍ଦରଗଡର ସଞ୍ଜୟ କିଷାନ ପ୍ରମୁଖ ଯୋଗଦେଇଥିଲେ।

ଏହି ଟିମ୍‌କୁ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ଜିଲା ଶାରୀରିକ ଅଧିକାରୀ ମହେନ୍ଦ୍ର ବିଶ୍ୱାଳ, ଜାତୀୟ ଆସିଡେଡୁ ଆଖଡ଼ା ସଂଘର ଅଧ୍ୟକ୍ଷ ମହାଗୁରୁ ଜ୍ଞାନରଞ୍ଜନ ମହାନ୍ତି, କ୍ରୀଡା ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ନାଥ ଓ ଗୋପାଳ ଚନ୍ଦ୍ର ପରିଡା ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଉଚ୍ଚକୋଟୀର ଖେଳ ପ୍ରଦର୍ଶନ ଲାଗି ଶକ୍ତିସ୍ୱରୂପ ସାହୁ ଓ ବର୍ଷା ପ୍ରିୟଦର୍ଶିନୀ ବାରିକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

## ଟି୨୦ ସିରିଜ ଖେଳିବେନି ୱିଲିୟମ୍‌ସନ

**ୱେଲିଂଟନ୍, ୨୫।୧୦(ପି.ଟି.)**

ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମ୍‌ସନ ଇଂଲଣ୍ଡ ବିପକ୍ଷ ଆଗାମୀ ଟି୨୦ ସିରିଜରେ ଖେଳିବେ ନାହିଁ। ହିପ୍ ଇଞ୍ଜୁରି ଯୋଗୁ ସେ ଏହି ନିଷ୍ପତ୍ତି ନେଇଥିବା ଟିମ୍ ଅଫିସିଆଲ ଶୁକ୍ରବାର ପ୍ରକାଶ କରିଛନ୍ତି। ୱିଲିୟମ୍‌ସନଙ୍କ ଅନୁପସ୍ଥିତିରେ ଟିମ୍ ସୌଦି ଦଳର ଅଧିନାୟକତ୍ୱ କରିବେ। ହେଲେ ନଭେମ୍ବର ଶେଷଭାଗରେ ଭ୍ରମଣକାରୀ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ୱିଲିୟମ୍‌ସନ ଦଳକୁ ଫେରିବେ। ମାର୍ଚ୍ଚରେ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜବେଳେ କେନ୍ ଏହି ଇଞ୍ଜୁରିର ସମ୍ମୁଖୀନ ହୋଇଥିଲେ ବୋଲି କୋଚ୍ ଗ୍ୟାରି ଷ୍ଟେଡ୍ ସୂଚନା ଦେଇଛନ୍ତି। ସୌଭାଗ୍ୟବଶତଃ ଆମ ନିକଟରେ ସୌଦିଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି, ଯିଏକି ଅଧିନାୟକ ଦାୟିତ୍ୱ ସମ୍ଭାଳିପାରିବେ ବୋଲି ସେ କହିଛନ୍ତି। ଫାଷ୍ଟ ବୋଲର ଲୋକି ଫର୍ଗୁସନ ୫ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ତିନୋଟିରେ ଖେଳିବେ। ତାଙ୍କ ସ୍ଥାନରେ ଅବଶିଷ୍ଟ ଦୁଇଟି ମ୍ୟାଚ୍‌ରେ ଟ୍ରେଣ୍ଟ ବୋଲ୍ଟ ଖେଳିବେ। ସିରିଜ ନଭେମ୍ବର ୧ରେ ଖ୍ରୀଷ୍ଟଚର୍ଚ୍ଚରେ ଆରମ୍ଭ ହେବ। ଜତ ଜୁଲାଇରେ ଲର୍ଡ୍ସରେ ବିଶ୍ୱକପ୍ ଫାଇନାଲ ପରେ ଦୁଇ ଦଳ ମଧ୍ୟରେ ଏହା ପ୍ରଥମ ଭେଟ ହେବ।

**ନ୍ୟୁଜିଲାଣ୍ଡ ଦଳ:** ଟିମ୍ ସୌଦି (ଅଧିନାୟକ), ଟ୍ରେଣ୍ଟ ବୋଲ୍ଟ (ଗେମ୍ ୪ ଓ ଗେମ୍ ୫), କଲିନ ଡି' ଗ୍ରାଣ୍ଡହୋମ୍, ଲୋକି ଫର୍ଗୁସନ (୧ରୁ ୩ ଗେମ୍ ପର୍ଯ୍ୟନ୍ତ), ମାର୍ଟିନ ଗୁପ୍‌ଟିଲ, ସ୍କଟ କୁଜେଲଜିନ୍, ଡେରିଲ୍ ମିଚେଲ, କଲିନ୍ ମୁନ୍‌ରୋ, ଜିମି ନିଶାମ, ମିଚେଲ ସାଣ୍ଟନର, ଟିମ୍ ସିଫର୍ଟ, ଇଶ୍ ସୋଧି, ରସ୍ ଟେଲର, ବ୍ଲେୟର ଟିକ୍‌ନର।

# କର୍ଣ୍ଣାଟକକୁ ଚତୁର୍ଥ ଟାଇଟଲ

**ବିଜୟ ହଜାରେ ଟ୍ରଫି**



- ମିଥୁନଙ୍କ ହ୍ୟାଟ୍ରିକ
- ମୟଙ୍କ, ରାହୁଲଙ୍କ ଅର୍ଦ୍ଧଶତକ



ଚାମ୍ପିୟନ କର୍ଣ୍ଣାଟକ ଦଳ ଟ୍ରଫି ସହ।

**ବେଙ୍ଗାଲୁରୁ, ୨୫।୧୦(ପି.ଟି.)**

ନିଜ ଜନ୍ମଦିନରେ ଅଭିମୁନ୍ୟ ମିଥୁନ୍ ହ୍ୟାଟ୍ରିକ ଉଇକେଟ ନେବା ସହ କର୍ଣ୍ଣାଟକକୁ ବିଜୟ ହଜାରେ ଟ୍ରଫିରେ ଚାମ୍ପିୟନ କରାଇଛନ୍ତି। ଦେଶର ସର୍ବବୃହତ୍ ଦିନିକିଆ ଟୁର୍ନାମେଣ୍ଟ ବା ଦିନିକିଆ ରଣଜୀ ଟ୍ରଫି ରୂପେ ପରିଚିତ ବିଜୟ ହଜାରେ ଟ୍ରଫିରେ ଏଥର କର୍ଣ୍ଣାଟକ ପ୍ରତିପକ୍ଷ ତାମିଲନାଡୁକୁ ଭିଜେଡି ନିୟମରେ ୬୦ ରନରେ ପରାସ୍ତ କରି ଚତୁର୍ଥ ଥର ପାଇଁ ଟାଇଟଲ ହାସଲ କରିଛି। ପୂର୍ବରୁ ତାମିଲନାଡୁ ୫ଥର ଚାମ୍ପିୟନ ହୋଇଥିଲେ ମଧ ଏଥର ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। କର୍ଣ୍ଣାଟକ ପୂର୍ବରୁ ୨୦୧୩-୧୪, ୨୦୧୪-୧୫ ଓ ୨୦୧୭- ୧୮ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା।

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଫାଇନାଲ ମ୍ୟାଚ୍‌ରେ କର୍ଣ୍ଣାଟକ ମେଘୁଆ ପାଗରେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ତାମିଲନାଡୁ ଓପନର ଅଭିନବ ମୁକୁନ୍ଦ ଓ ବାବା ଅପରାଜିତଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ୪୯.୫ ଓଭରରେ ୨୫୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ କର୍ଣ୍ଣାଟକ ବ୍ୟାଟିଂ ଆରମ୍ଭ କରି ୨୩ ଓଭରରେ ୧ ଉଇକେଟ ହରାଇ ୧୪୬ ରନ କରିଥିବା ବେଳେ ବର୍ଷା ହୋଇଥିଲା ଓ ଆଉ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ବର୍ଷା କାରଣରୁ ଘରୋଇ କ୍ରିକେଟରେ ଫଳାଫଳ ପାଇଁ ବ୍ୟବହୃତ ହେଉଥିବା ଭିଜେଡି ମେଥଡ ବା ନିୟମରେ କର୍ଣ୍ଣାଟକ ବୃହତ୍ ୬୦ ରନରେ ବିଜୟୀ ଘୋଷିତ ହୋଇଥିଲା। ହ୍ୟାଟ୍ରିକ ଅର୍ଜନ କରିବା ସହ ୩୪ ରନ ବ୍ୟୟ କରି ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିଥିବା ମିଥୁନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଓପନର ଲୋକେଶ ରାହୁଲ ୭୨ ବଲ୍‌ରୁ ୫ ଚୌକା ସହ ୫୨ ଓ ମୟଙ୍କ ଅଗ୍ରୱାଲ ୫୫ ବଲରୁ ୭ ଚୌକା ଓ ୩ ଛକା ସହ ୬୯ ରନ କରି ଅପରାଜିତ ରହିଥିଲେ। ଏକମାତ୍ର ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଦେବଦୁତ୍ତ ପଡିକାଲ ୧୧ ରନ କରି ୱାଶିଂଟନ ସୁନ୍ଦରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ତାମିଲନାଡୁ ତରଫରୁ ମୁକୁନ୍ଦ ୧୧୦ଟି ବଲର ସମ୍ମୁଖୀନ ହୋଇ ସର୍ବାଧିକ ୮୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ବାବା ଅପରାଜିତ ୬୬ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ୩୮, ଏମ୍. ଶାହରୁଖ ଖାଁ ୨୭, ଏମ୍. ମହମ୍ମଦ ୧୦, ଉଇକେଟକିପର ତଥା ଅଧିନାୟକ ଦୀନେଶ କାର୍ତ୍ତିକ ୧୧ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। କର୍ଣ୍ଣାଟକ ବୋଲର ମିଥୁନ ୫୦ତମ ଓଭରର ତୃତୀୟ, ଚତୁର୍ଥ ଓ ପଞ୍ଚମ ବଲ୍‌ରେ କ୍ରମାଗତ ଭାବେ ଶାହରୁଖ ଖାଁ, ଏମ୍. ମହମ୍ମଦ ଓ ମୁରୁଗାନ ଅଶ୍ୱିନଙ୍କୁ ଆଉଟ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏଥି ସହିତ ସେ ଲିଷ୍ଟ 'ଏ' ଗେମ୍‌ରେ ତାଙ୍କର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ବୋଲିଂରେ ଅନ୍ୟମାନଙ୍କ ମଧ୍ୟରେ କର୍ଣ୍ଣାଟକ ତରଫରୁ ଭି. କୌଶିକ ୨, ପ୍ରତୀକ ଜୈନ ଓ କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଦଳର ବିଜୟରେ କର୍ଣ୍ଣାଟକ ଅଧିନାୟକ ମନୀଷ ପାଣ୍ଡେ ଖୁସି ଜାହିର କରିଛନ୍ତି। ସାରା ଟୁର୍ନାମେଣ୍ଟରେ ଆମ ଦଳ ଯେପରି ଖେଳିଲା ତାହା ପ୍ରଶଂସନୀୟ ବୋଲି ସେ କହିଛନ୍ତି।

**ସଂକ୍ଷିପ୍ତ ସ୍କୋର:** ତାମିଲନାଡୁ ୪୯.୫ ଓଭରରେ ୨୫୨ ଅଲଆଉଟ (ମୁକୁନ୍ଦ- ୮୫, ଅପରାଜିତ- ୬୬, ଶଙ୍କର- ୩୮, ଶାହରୁଖ- ୨୭, ମିଥୁନ- ୫/୩୪, କୌଶିକ- ୨/୩୯)। କର୍ଣ୍ଣାଟକ ୨୩ ଓଭରରେ ୧୪୬/୧ (ରାହୁଲ- ୫୨*, ଅଗ୍ରୱାଲ- ୬୯*, ୱାଶିଂଟନ- ୧/୫୯)।

# ଭୁବନେଶ୍ୱର, ସମ୍ବଲପୁର ଦଳଗତ ଚାମ୍ପିୟନ



ବ୍ୟାକ୍ ଷ୍ଟ୍ରୋକ ଇଭେଣ୍ଟ ଅବସରରେ ପ୍ରତିଯୋଗୀମାନେ।



୪୦୦ ମିଟର ବାଳିକା ଫ୍ରି ଷ୍ଟାଇଲ ଇଭେଣ୍ଟରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଭୁବନେଶ୍ୱରର ଦିବ୍ୟଙ୍କାଦିବ୍ୟେଜ୍ୟୋତି ପ୍ରଧାନ।

**ସମ୍ବଲପୁର, ୨୫।୧୦ (ବ୍ୟୁରୋ)**

**ଓଡିଶା ରାଜ୍ୟ ସ୍କୁଲ ସନ୍ତରଣ ଚାମ୍ପିୟନଶିପ୍**

ସମ୍ବଲପୁରସ୍ଥିତ ଡା. ଝସକେତନ ସାହୁ ସୁଇମିଂ ପୁଲଠାରେ ଚାଲିଥିବା ୬୫ତମ ଓଡିଶା ରାଜ୍ୟ ସ୍କୁଲ ସନ୍ତରଣ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ସମ୍ବଲପୁର ଦଳଗତ ଚାମ୍ପିୟନ ଟ୍ରଫି ହାସଲ କରିଛି । ସେହିପରି ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି । ଏଥିସହ ୧୭ ବର୍ଷରୁ କମ୍ ବାଳକ ବର୍ଗରେ ଅମୀୟ କୁମାର ପ୍ରଧାନ ଓ ଉପେନ୍ଦ୍ର ପୂଜାରୀ, ବାଳିକାରେ ଅର୍ପିତା ସାହୁ, ୧୪ ବର୍ଷରୁ କମ୍ ବାଳକରେ ଅଂଶୁମାନ ମେର୍ଲି, ପିୟୁଷ ଠାକୁର, ହିତେଶ ମହାରଣା ଓ ଅମିତ ସାହା, ୧୪ ବର୍ଷରୁ କମ୍ ବାଳିକାରେ ମନ୍ନତା ମିଶ୍ର, ଦିବ୍ୟଙ୍କାଦିବ୍ୟେଜ୍ୟୋତି ପ୍ରଧାନ ଓ ଭଦ୍ରା ଶତପଥୀ ବ୍ୟକ୍ତିଗତ ଚାମ୍ପିୟନ ହୋଇଛନ୍ତି । ୫୦, ୧୦୦, ୨୦୦ ମିଟର ଫ୍ରି ଷ୍ଟାଇଲ, ବ୍ୟାକ୍ ଷ୍ଟ୍ରୋକ, ବେଷ୍ଟ ଷ୍ଟ୍ରୋକ, ବଟର ଫ୍ଲାଏ, ୪୦୦ ମିଟର ଫ୍ରି ଷ୍ଟାଇଲ ଓ ୨୦୦ ମିଟର ଇଣ୍ଡିଭିଜୁଆଲ ମିଡ୍‌ଲେ ଇଭେଣ୍ଟ ହୋଇଥିଲା । ଏଥିରେ ୧୧ଟି ଜିଲାର ୯୭ ପ୍ରତିଯୋଗୀ ଭାଗ ନେଇଥିଲେ। ୧୮ ଜଣ ଅଫିସିଆଲ ଇଭେଣ୍ଟ ପରିଚାଳନା କରିଥିଲେ । ରାଜ୍ୟ କ୍ରୀଡା ସଂଗଠନ ଓ ସମ୍ବଲପୁର ଜିଲା ଶିକ୍ଷା ଅଫିସ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ଉଦ୍‌ଘାଟନ କରିଥିଲେ । ମାଧ୍ୟମିକ ଶିକ୍ଷା ଉପନିର୍ଦ୍ଦେଶିକା ସ୍ନେହମୟୀ ସେନାପତି, ବରଗଡ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ସମ୍ବଲପୁର ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ସନ୍ତରଣ ତାଲିମଦାତା ସୁରେନ୍ଦ୍ର କୁମାର ନାୟକ ଅତିଥି ଭାବେ ଯୋଗଦେଇ ଚାମ୍ପିୟନମାନଙ୍କୁ ପୁରସ୍କୃତ କରିଥିଲେ । ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁମ୍ବାଇ ସିଟିର ପ୍ରଥମ ବିଜୟ

**କୋଚି, ୨୫।୧୦ (ପି.ଟି.)**

ଚଳିତ ହିରୋ-ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଫୁଟ୍‌ବଲ ଟୁର୍ନାମେଣ୍ଟରେ ମୁମ୍ବାଇ ସିଟି ଏଫ୍‌ସି ଏହାର ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟରେ ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଦଳ ୧-୦ ଗୋଲରେ କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛି। ମୁମ୍ବାଇ ମ୍ୟାଚରେ ଅନେକ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେ ମଧ ଫିନିଶିଂ ଭଲ ନ ଥିବାରୁ ଅସଫଳ ରହିଥିଲା। ଖେଳ ଶେଷ ମୁହୂର୍ତ୍ତରେ ଅର୍ଥାତ ୮୨ତମ ମିନିଟ୍‌ରେ ଆମିନେ ଚେରମିଟ୍ ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ଚଳିତ ସିଜନରେ ମୁମ୍ବାଇ ଦଳର ଏହା ହେଉଛି ପ୍ରଥମ ବିଜୟ। ଏହାଛଡ଼ା କୋଚି୍‌ରେ କେରଳ ବ୍ଲାଷ୍ଟର୍ସକୁ ଦଳ ପ୍ରଥମ ଥର ପରାସ୍ତ କରି ୩ ପଏଣ୍ଟ ଅର୍ଜନ କରିପାରିଛି। ଖେଳର ପ୍ରଥମ ଭାଗରେ ମୁମ୍ବାଇର ଅମିରିନ୍ଦର ସିଂଙ୍କୁ ରୋକିବା ଲାଗି କେରଳକୁ ସଂଘର୍ଷ କରିବାକୁ ପଡ଼ିଥିଲା। ମୁମ୍ବାଇ ଘରୋଇ ଦଳର ଗୋଲ ପୋଷ୍ଟ ଉପରେ ଆକ୍ରମଣ ଜାରି ରଖିଥିଲା। ୧୦ମ ମିନିଟ୍‌ରେ ବକ୍ସ ମଧକୁ ରାଇଟ୍ ଫ୍ଲାଙ୍କ୍‌ରୁ ଡିଏଗୋ କାର୍ଲୋସଙ୍କ କ୍ରସ୍ କେରଳ ଡିଫେନ୍ସରେ ଚାପ ସୃଷ୍ଟି କରିଥିଲା। ମହମ୍ମଦ ଲାର୍ବିଙ୍କ ଦୁର୍ବଳ ହେଡରକୁ ଗୋଲକିପର ବିଲାଲ ଖାଁ କିନ୍ତୁ ଧରି ପକାଇଥିଲେ। ମୁମ୍ବାଇ ଦଳ ଆକ୍ରମଣାତ୍ମକ ଖେଳ ଜାରି ରଖିଥିଲା। ୧୯ତମ ମିନିଟ୍‌ରେ କାର୍ଲୋସ ରାଇଟ୍ ଫ୍ଲାଙ୍କ୍‌ରେ ଏକ ଜେସେଲ କାରେନିଓଙ୍କୁ ଅତିକ୍ରମ କରି ଏକ ଶକ୍ତିଶାଳୀ ଶଟ୍ ମାରିଥିଲେ। ବିଲାଲ ଖାଁ ଗୋଲ୍ ପୋଷ୍ଟ ଆଗକୁ ଆସି ବଲ୍‌କୁ ରୋକିଥିଲେ। ଅନ୍ୟପକ୍ଷରେ ସୌଭିକ୍ ଚକ୍ରବର୍ତ୍ତୀଙ୍କ ଏକ ଫାଉଲ୍ ଯୋଗୁ କେରଳର ସିର୍ଗିଓ ସିଡୋଞ୍ଚାଙ୍କୁ ଏକ ଫ୍ରିକିକ୍ ମିଳିଥିଲା। ମାତ୍ର ଦଳ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। କେରଳ ପ୍ରଥମାର୍ଦ୍ଧ ଖେଳ ଶେଷ ହେବା ପୂର୍ବରୁ ଆଉ ଏକ ସୁଯୋଗ ପାଇଥିଲା। ମାତ୍ର ଜାଇରୋଙ୍କ ଶକ୍ତିଶାଳୀ ହେଡରକୁ ଅମରିନ୍ଦର ସିଂ ଗୋଲ ପୋଷ୍ଟ ନିକଟରେ ସେଭ କରିଦେଇଥିଲେ।

ରାଜ୍ୟସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ

# କୃତୀ ସାଇକ୍ଲିଷ୍ଟ ବିଶ୍ୱଜିତ୍

**ରାଉରକେଲା ଅଫିସ,୨୫।୧୦:** ଉଦିତନଗର ସରକାରୀ ହାଇସ୍କୁଲର ୧୦ ଶ୍ରେଣୀ ଛାତ୍ର ବିଶ୍ୱଜିତ୍ ପଣ୍ଡା(୧୪)। ବାସନ୍ତୀ କଲୋନୀ ଦୁର୍ଗାପୁର ବସ୍ତିରେ ତାଙ୍କ ଘର । ବାପା ଲୋକନାଥ ପଣ୍ଡା ଜଣେ ଫାଷ୍ଟଫୁଡ୍ ବ୍ୟବସାୟୀ। ସେହି ବ୍ୟବସାୟରେ ତାଙ୍କ ୪ପ୍ରାଣୀ କୁଟୁମ୍ବ ଚଳେ। ଏମିତି ଅବସ୍ଥାରେ ସାଇକେଲ ଚାଳନା ଭଳି ବ୍ୟୟବହୁଳ ଖେଳ ପ୍ରତି ପୁଅ ବିଶ୍ୱଜିତ୍‌ଙ୍କ ଆଗ୍ରହ ବଢ଼ି ଚାଲିଥିଲା। ଏଥିପାଇଁ ବାପା ଲୋକନାଥ ଚିନ୍ତାରେ ଥିଲେ। ୨ଲକ୍ଷ ଟଙ୍କା ମୂଲ୍ୟର ସାଇକେଲ ସହିତ ୫ ହଜାର ଟଙ୍କାର ଜୋତା ଓ ୪ ହଜାର ଟଙ୍କାର ହେଲ୍‌ମେଟ କିଣି ପୁଅକୁ ଦେବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ହେଲେ ଏଥିପାଇଁ ସହଯୋଗର ହାତ ବଢାଇ ଥିଲେ ବିଶ୍ୱଜିତ୍‌ଙ୍କ ଦାଦା ଗୋପୀନାଥ ପଣ୍ଡା। ସେ ନିଜେ ଜଣେ ସାଇକ୍ଲିଷ୍ଟ ହୋଇଥିବାରୁ ପୁତୁରାକୁ ସହଯୋଗ କରିବାକୁ ଆଗେଇ ଆସିଥିଲେ। ଗତ ୪ ମାସ ପୂର୍ବେ ବିଶ୍ୱଜିତ୍ ଦାଦାଙ୍କ ପ୍ରେରଣାରେ ସାଇକେଲ ଚାଳନା ଶିକ୍ଷାରମ୍ଭ କରିଥିଲେ। ଏଥିରେ ତାଙ୍କୁ ସହରର ଜଣାଶୁଣା କେତେ ଜଣ ସାଇକ୍ଲିଷ୍ଟ ଗାଇଡ୍ କରିବାକୁ ଆଗଭର ହୋଇଥିଲେ। ପାଠପଢା ସହ ବିଶ୍ୱଜିତ୍ ଦୈନିକ ସାଇକେଲ ଚାଳନା ପ୍ରତି ଧ୍ୟାନ ଦେଉଥିଲେ। ଅର୍ଥ ଏଥିରେ ବଡ ବାଧକ ହୋଇଥିବା ବେଳେ ବାପା ଦାଦା ମିଶି ତାହା ଦୂର କରୁଥିଲେ। ଖୁବ୍ ଅଳ୍ପଦିନ ଭିତରେ ସେ ଜଣେ ଭଲ ସାଇକ୍ଲିଷ୍ଟ ଭାବେ ନିଜକୁ ପ୍ରତିପାଦନ କରିପାରିଥିଲେ। ଦାଦାଙ୍କ ପ୍ରେରଣାରେ ବିଶ୍ୱଜିତ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ନିଜକୁ ପ୍ରସ୍ତୁତ କରିପାରିଥିଲେ। ବିଶ୍ୱଜିତ୍ ଭାବିଥିଲେ ରାଉରକେଲା ଇସ୍ପାତ୍ କାରଖାନା ହେଉ କି ଜିଲା ପ୍ରଶାସନ ଏଥିପାଇଁ ତାଙ୍କୁ ସୁଯୋଗ ପ୍ରଦାନ କରିବେ। ପ୍ରତିଯୋଗିତାରେ ସେ ଭାଗ ନେଇ ପାରିବେ। ହେଲେ ସେହି ସ୍ୱପ୍ନ ତାଙ୍କର ଧୂଳିସାତ ହୋଇ ଯାଇଥିଲା। କେହି ତାଙ୍କୁ ସହଯୋଗର ହାତ ବଢ଼ାଇ ନ ଥିଲେ । ବିଶ୍ୱଜିତ୍‌ଙ୍କ ଆଶା ମଉଳି ଯାଇଥିଲା। ଶେଷରେ କଟକ ଜିଲା ସାଇକ୍ଲିଂ ଆସୋସିଏଶନ ପକ୍ଷରୁ ତାଙ୍କୁ ସେହି ସୁଯୋଗ ମିଳିଲା। ବିଶ୍ୱଜିତ୍ ଜଣେ ପ୍ରତିଯୋଗୀ ଭାବେ ୩୮ତମ ରାଜ୍ୟସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତାରେ ଭାଗ ନେଲେ। ଭଦ୍ରକ ଜିଲା ଭଣ୍ଡାରିପୋଖରି ବାରିକପୁରଠାରେ ଗତ ୧୯ ଓ ୨୦ ଦୁଇଦିନ ଧରି ଅନୁଷ୍ଠିତ ଉଭୟ ସିନିୟର ଓ ଜୁନିୟର ବିଭାଗରେ ମୋଟ ୭୦ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ କନିଷ୍ଠ ବର୍ଗରେ ବିଶ୍ୱଜିତ୍ ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ(୧୦କିମି) ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିଣିଛନ୍ତି। ଆଗକୁ ଜାତୀୟସ୍ତରରେ ସୁନାମ ଆଣିବା ତାଙ୍କ ଲକ୍ଷ୍ୟ ରହିଛି। ବିଶ୍ୱଜିତ୍ କେବଳ ଜଣେ ଭଲ ସାଇକେଲ ଚାଳକ ନୁହନ୍ତି ଅନ୍ୟ ଖେଳକୁଦ ସହ ପାଠ ପଢାରେ ବି ସମସ୍ତଙ୍କ ଆଗରେ। ବିଦ୍ୟାଳୟ ଏନ୍‌ସିସି କମାଣ୍ଡାଣ୍ଟ ଭାବେ ମଧ ସେ ନିଜ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି । ସ୍ୱର୍ଣ୍ଣ ଜିଣିବା ପରେ ତାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସରକାରୀ ସାହାଯ୍ୟ ମିଳିଲେ ବିଶ୍ୱଜିତ୍ ଅନ୍ତର୍ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କାର ଜିତିପାରିବେ ବୋଲି କହିଛନ୍ତି।



ସାଇକ୍ଲିଷ୍ଟ ବିଶ୍ୱଜିତ୍

# ଅଷ୍ଟ୍ରେଲିଆ ଟି୨୦ ଦଳକୁ ଫେରିଲେ ସ୍ମିଥ୍, ୱାର୍ନର

**ଆଡିଲେଡ୍, ୨୫।୧୦ (ଏଏଫ୍‌ପି)**

ଆସନ୍ତା ବର୍ଷ ଘରୋଇ ପରିବେଶ୍‌ରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାବେଳେ ଆଗାମୀ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷଣା କରିଛି। ଏହି ଦଳକୁ ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନର ପ୍ରତ୍ୟାବର୍ତ୍ତନ କରିଛନ୍ତି। ବଲ୍ ଟ୍ୟାମ୍ପରିଂ ଯୋଗୁ ଏହି ଦୁଇ ବ୍ୟାଟ୍ସମ୍ୟାନ ବର୍ଷେ ବାସନ୍ଦ ହେବା ପରେ ଏବେ ଟେଷ୍ଟ, ଦିନିକିଆ ଓ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଅଷ୍ଟ୍ରେଲିଆ ସଫଳତାର ଶୀର୍ଷକୁ ଛୁଇଁଥିବା ବେଳେ ଟି୨୦ ବିଶ୍ୱକପ୍ ଏପର୍ଯ୍ୟନ୍ତ ହାସଲ କରିପାରି ନାହିଁ। ତେବେ ଅଷ୍ଟ୍ରେଲିଆ ୨୦୧୦ ଟି୨୦ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରି ଏହି ଫର୍ମାଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଆରୋନ ଫିଞ୍ଚ୍ ପୂର୍ବ ପରି ନେତୃତ୍ୱ ବଜାୟ ରଖିଛନ୍ତି। ଗତ ୫ଟି ଆଶେସ ଟେଷ୍ଟରେ ୱାର୍ନର ସାଂଘାତିକ ଭାବେ ବିଫଳ ହୋଇଥିଲେ। ତେବେ ସେ ଅଷ୍ଟ୍ରେଲିଆର ସର୍ବାଧିକ ଟି୨୦ ସ୍କୋରର ରହିଛନ୍ତି। ଫିଞ୍ଚଙ୍କ ସହ ସେ ଇନିଂସ ଓପନ କରିବେ। ପ୍ୟାଟ କୁମିନ୍ସ ଓ ମିଚେଲ ଷ୍ଟାର୍କ ବୋଲିଂ ବିଭାଗର ମଙ୍ଗ ସମ୍ଭାଳିବେ। ଆଣ୍ଡ୍ରୁ ଟାଏ, କେନ୍ ରିଚାର୍ଡସନ ଓ ବିଲି ଷ୍ଟାନଲେକ ଏମାନଙ୍କୁ ସହଯୋଗ କରିବେ।

ସେହିପରି ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ ପାଇଁ ଶ୍ରୀଲଙ୍କା ମଧ ଦଳ ଘୋଷଣା କରିଛି। ଅଭିଜ୍ଞ ବୋଲର ଲସିଥ ମାଲିଙ୍ଗା ଦଳର ନେତୃତ୍ୱ ନେବେ। କୁଶାଲ ପେରେରା ଓ ନିରୋଶାନ ଡିକ୍‌ୱେଲାଙ୍କୁ ମଧ ଦଳରେ ସାମିଲ କରାଯାଇଛି। ସେହିପରି ପାକିସ୍ତାନକୁ ହରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଭାନୁକା ରାଜପାକସା ଏବଂ ଓଶାଡା ଫର୍ନାଣ୍ଡୋଙ୍କୁ ମଧ ଦଳରେ ସାମିଲ କରାଯାଇଛି। ପ୍ରଥମ ଟି୨୦ ରବିବାର ଆଡିଲେଡ ଓଭାଲରେ ଖେଳାଯିବ। ଏହାର ୩ ଦିନ ପରେ ଦ୍ୱିତୀୟ ମ୍ୟାଚ୍ ବ୍ରିସ୍‌ବେନ୍ ଓ ନଭେମ୍ବର ୧ ତାରିଖରେ ମେଲବୋର୍ନରେ ଅନ୍ତିମ ତଥା ତୃତୀୟ ମ୍ୟାଚ ଖେଳାଯିବ।

**ଅଷ୍ଟ୍ରେଲିଆ ଦଳ: ଆରୋନ ଫିଞ୍ଚ୍ (ଅଧିନାୟକ), ଆଷ୍ଟନ ଅଗର, ଆଲେକ୍ସ କେରୀ, ପ୍ୟାଟ୍ କୁମିନ୍ସ, ଗ୍ଲେନ ମ୍ୟାକ୍ସୱେଲ, ବେନ ମ୍ୟାକଡର୍ମଟ, କେନ୍ ରିଚାର୍ଡସନ, ଷ୍ଟିଭ୍ ସ୍ମିଥ୍, ବିଲି ଷ୍ଟାନଲେକ, ମିଚେଲ ଷ୍ଟାର୍କ, ଆଷ୍ଟନ ଟର୍ନର, ଆଣ୍ଡ୍ରୁ ଟାଏ, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା।**

**ଶ୍ରୀଲଙ୍କା ଦଳ: ଲସିଥ ମାଲିଙ୍ଗା (ଅଧିନାୟକ), କୁଶାଲ ପେରେରା, କୁଶାଲ ମେଣ୍ଡିସ୍, ଦନୁଷ୍କା ଗୁଣଥିଲକା, ଅଭିସ୍କା ଫର୍ନାଣ୍ଡୋ, ନିରୋଶାନ ଡିକ୍‌ୱେଲା, ଦସୁନ ଶନକା, ଶେହାନ ଜୟସୁରିୟା, ଭାନୁକା ରାଜପାକ୍‌ସା, ଓଶାଡା ଫର୍ନାଣ୍ଡୋ, ୱାନିଡୁ ହାସରଙ୍ଗା, ଲକ୍ଷନ ସନ୍ଦକାନ, ନୁଆନ ପ୍ରଦୀପ, ଲାହିରୁ କୁମାରା, ଇସୁରୁ ଉଡାନା ଓ କାସୁନ ରଜିଥା।**



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବେଆଇନ ଫଟକା ଦୋକାନରେ ଚଢ଼ାଉ

**ବାମରା, ୨୫।୧୦ (ଡି.ଏନ.ଏ)-** ମହୁଲପାଲି ପୋଲିସ କବରିବାହାଲ ଗ୍ରାମରେ ଏକ ବେଆଇନ ଫଟକା ଦୋକାନ ଉପରେ ଚଢ଼ାଉ କରି ୯୬ଟି କୁମ୍ଭି ଫଟକା ଜବତ କରିଛି। ବେଆଇନ ଫଟକା ବ୍ୟବସାୟ ଅଭିଯୋଗରେ ସେହି ଗ୍ରାମର ଅନିରୁଦ୍ଧ ଭଇସାଙ୍କୁ ଗିରଫ କରାଯାଇଥିବା ନେଇ ଆଇଆଇସି ଜ୍ୟୋତ୍ସ୍ନାରାଣୀ ବେହେରା ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନାଁରେ ୨୮୬ ଆଇପିସି ଓ ୯ (ବି) (ଆଇ) (ଏସ) ଏକ୍ସପ୍ଲୋସିଭ ଆକ୍ଟରେ ମାମଲା ରୁଜୁ କରାଯାଇଛି।

### ଚୁଡ଼ାପୁଡୁଗ ରାସ୍ତାର କଲଭର୍ଟ ନିର୍ମାଣ ଦାବି

**ରେଢ଼ାଖୋଲ,୨୫।୧୦ (ଡି.ଏନ.ଏ.)-** ରେଢ଼ାଖୋଲ ବ୍ଲକ ଅଧୀନ ଚୁଡ଼ାପୁଡୁଗ-ଗୋଠରଗଡି ସାହି ରାସ୍ତାରେ ଥିବା ଏକ କଲଭର୍ଟ ଭାଙ୍ଗି ଯାଇଛି। ଏହାର ନିର୍ମାଣ କରାଯିବାକୁ ଭରତାପୁର ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନ ବିଡିଓ ପରିକ୍ଷିତ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୂଷାକଟା-ଭତରା ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ କରାଯାଉଛି। ଏହି ରାସ୍ତା ଦେଇ ଭାରିଯାନରେ ନିର୍ମାଣ ସାମଗ୍ରୀ ନିଆ ଯାଉଛି। ଫଳରେ ରାସ୍ତା ଖାଲଖମା ହେବା ସହ ଚୁଡ଼ାପୁଡୁଗ-ଗୋଠରଗଡି ରାସ୍ତାରେ ଥିବା କଲଭର୍ଟ ଭାଙ୍ଗି ଯାଇଛି ବୋଲି ସରପଞ୍ଚ ପ୍ରଧାନ ବିଡ଼ିଓଙ୍କ ନିକଟରେ ଦର୍ଶାଇଛନ୍ତି। ତେବେ ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଠିକାଦାରଙ୍କୁ ରାସ୍ତା ମରାମତି ସହ କଲଭର୍ଟ ନିର୍ମାଣ ପାଇଁ କୁହାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ କହିଛି।

### ଲଦଲଦା, ଲମ୍ବଖେତା ଗାଁ ଅନ୍ଧାରରେ

**ରେଢ଼ାଖୋଲ,୨୫।୧୦ (ଡି.ଏନ.ଏ)-** ରେଢ଼ାଖୋଲ ବ୍ଲକ ମୋଚିବାହାଲ ପଞ୍ଚାୟତର ଲଦଲଦା ଓ ଲମ୍ବଖେତା ଗ୍ରାମରେ ନିୟମିତ ଭାବେ ବିଦ୍ୟୁତ୍ ବିଭ୍ରାଟ ହେଉଛି। ବିଦ୍ୟୁତ ବିଭାଗ ନିକଟରେ ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ଫଳରେ ଦୀର୍ଘଦିନ ହେବ ଏହି ୨ ଗ୍ରାମର ଲୋକଙ୍କ ଅନ୍ଧାରରେ ଦିନ କାଟୁଛୁ। ଏଭଳି ଅଭିଯୋଗ କରି ଉଭୟ ଗ୍ରାମବାସୀ ଶୁକ୍ରବାର ୱେସ୍କୋ ସହକାରୀ ଯନ୍ତ୍ରୀଙ୍କ ଜରିଆରେ ସମ୍ବଲପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଦୀର୍ଘ ଦିନର ଦାବି ପରେ ଗତ ୩ ବର୍ଷ ହେବ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇଛି। ବିଗତ ଦିନରେ ଗ୍ରାମରେ ନିୟମିତ ଭାବେ ବିଦ୍ୟୁତ୍ ସଂଯୋଗ ରହୁଥିଲା। ଲଦଲଦା ଓ ଲମ୍ବଖେତାକୁ ଆସିଥିବା ଲାଇନ୍ ଆମ୍ବଦର ଗ୍ରାମ ଦେଇ ଆସିଛି। ଗତ କିଛିଦିନ ହେବ କେହି ଲାଇନ କାଟିଦେଉଥିବା ଯୋଗୁ ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। କେଶବ ପ୍ରଧାନ, ସୁଶୀଲା ଲୁଗୁନ, ବାହାଲେନ ସାମାଦ, ଆଶ୍ରିତା ଲୁଗୁନ, ସନ୍ତୋଷିନୀ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଲପଙ୍ଗା ଏସ୍‌ବିଆଇ ଶାଖାରୁ ଚୋରି ଉଦ୍ୟମ କରି ଜଣେ ଗିରଫ

**ରେଙ୍ଗାଲି, ୨୫।୧୦ (ଡି.ଏନ.ଏ.)-** ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ଏସ୍‌ବିଆଇରୁ ଚୋରି ଉଦ୍ୟମ କରୁଥିବା ବେଳେ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ରେଙ୍ଗାଲି ଥାନା ଅନ୍ତର୍ଗତ ଜଙ୍ଗଲା ଗ୍ରାମର ସୁବ୍ରତ ବେହେରା (୩୦)। ଠେଲକଲୋଇ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସୁବ୍ରତଙ୍କୁ ଧରିଥିଲା।

### ପାଇଖାନାରୁ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର,୨୫।୧୦(ବ୍ୟୁରୋ)-** ସମ୍ବଲପୁର ଜିଲା ହୀରାକୁଦ ଥାନା ଟାଙ୍ଗିପଡାର କଲେଜ ଛାତ୍ରୀ ଚିନ୍ମୟୀ ପ୍ରହରାଜ (୨୦)ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି । ଘର ପାଇଖାନାରୁ ରଶି ଲଗା ଅବସ୍ଥାରେ ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରିଥିଲା । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୧୯) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ତଦନ୍ତରୁ ସେ ଆତ୍ମହତ୍ୟା କରିଥିବା ନେଇ ପୋଲିସ ସନ୍ଦେହ କରୁଛି। ହେଲେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ସେ ଖାଇ ପିଇ ରାତିରେ ଶୋଇଥିଲେ । ସକାଳେ ଉଠିବାରେ ବିଳମ୍ବ ହେବାରୁ ମା' ଦେଖିବାକୁ ଯାଇଥିଲେ। ହେଲେ ପାଇଖାନା ସାୱାରରେ ସେ ରଶିରେ ଝୁଲୁଥିବା ଦେଖିବାକୁ ପାଇ ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ।








ଜମନକିରା ବ୍ଲକ୍‌ରେ ଶିକ୍ଷା ସହାୟକ ଭାବେ କାର୍ଯ୍ୟରତ ଶିକ୍ଷକମାନେ ସେମାନଙ୍କୁ ନିୟମିତ କରାଯିବା ପାଇଁ ଶୁକ୍ରବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ନାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି (ବାମ)। ନାକଟିଦେଉଳ ବ୍ଲକ୍ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କୁ ଶିକ୍ଷା ସହାୟକମାନେ ଭେଟି ଦାବି ଉପସ୍ଥାପନ କରୁଛନ୍ତି (ମଝି)। ରେଢ଼ାଖୋଲରେ ଶିକ୍ଷାସହାୟକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରାଙ୍କୁ ଦାବିପତ୍ର ଦେଉଛନ୍ତି।

■ ଚାକିରି ନିୟମିତ କରିବାକୁ ଦାବିକରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଲେ ଶିକ୍ଷା ସହାୟକ

# ୬ ବର୍ଷ ଖଟିଲୁଣି, ଏବେ ନିୟମିତ କର

**ଜମନକିରା/ନାକଟିଦେଉଳ, ୨୫।୧୦ (ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍‌ରେ ଶିକ୍ଷା ସହାୟକ ଭାବେ କାର୍ଯ୍ୟରତ ଶିକ୍ଷକଙ୍କୁ ନିୟମିତ କରାଯିବା ପାଇଁ ଶୁକ୍ରବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜମନକିରା ବ୍ଲକ୍‌ରେ କାର୍ଯ୍ୟରତ ୩୦ ଜଣ ଶିକ୍ଷା ସହାୟକ ୨୦୧୨ରୁ ଶିକ୍ଷାଦାନ କରି ଆସୁଛନ୍ତି। ଶିକ୍ଷା ନୀତି ଅନୁସାରେ ୬ ବର୍ଷ କାର୍ଯ୍ୟ ସମ୍ପାଦନା କଲା ପରେ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ପାଇବା କଥା। ସେହିଭଳି ଦରମା ମଧ୍ୟ ସେହି ହାରରେ ପାଇବାକୁ ନିୟମ ଅଛି। ମାତ୍ର ଏଠାରେ ଏହା ବ୍ୟତିକ୍ରମ ଦେଖାଯାଇଛି। ୨୦୧୮ ମସିହା ନଭେମ୍ବର ସୁଦ୍ଧା ୬ ବର୍ଷ ପୂରିଯାଇଥିବା ବେଳେ ଏମାନଙ୍କୁ ନିୟମିତ କରାଯାଇନାହିଁ। ଏଣୁ ଏହି ଶିକ୍ଷକ ଶିକ୍ଷୟିତ୍ରୀମାନେ ମାନସିକ ଓ ଆର୍ଥିକ ସମାସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଶିକ୍ଷା ବିଭାଗ ଅଧିକାରୀଙ୍କୁ ଦାବି କରିଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆସନ୍ତା ୩୧ ସୁଦ୍ଧା ଏହା କାର୍ଯ୍ୟକାରୀ କରା ନ ଗଲେ ସମୂହ ସ୍କୁଲରୁ ଛୁଟି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଶିକ୍ଷା ସହାୟକ ସଂଘ ସଭାପତି ମୁକେଶ ମନୋହରୀ, ଉପସଭାପତି ନରୋତ୍ତମ ସେଠ, ସମ୍ପାଦକ ପ୍ରତାପ ମହାପାତ୍ର, ଶ୍ରୀକାନ୍ତ ହାତୀ, ରାଜୀବ ଧରୁଆ, ତରୁଣ ଜୟପୁରୀଆ, ସୁଶାନ୍ତ ପ୍ରଧାନ, ମୁକ୍ତେଶ୍ୱର ମହାନନ୍ଦ, ଶିଶିର ବେରିହା, ଦୀପାଞ୍ଜଳୀ ଉର୍ମା, ରଞ୍ଜିତା ପଟେଲ, ସ୍ନେହଲତା ବାରିକ, ପଙ୍କଜିନୀ ସୁନାର, ରୀତାଞ୍ଜଳୀ ବାରିକ, ସଞ୍ଜିବନୀ ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନରେ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ନାୟକଙ୍କୁ ପଚାରିବାରୁ ସେ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଖୁବ ଶୀଘ୍ର ନିୟମିତ କରାଯିବ ବୋଲି କହିଛନ୍ତି।

■ ୨୦୧୨ରେ କାର୍ଯ୍ୟରେ ଯୋଗ ଦେଇଥିଲେ
■ ୨୦୧୮ ନଭେମ୍ବରକୁ ୬ ବର୍ଷ ପୂରି ଗଲାଣି
■ କାର୍ଯ୍ୟକାରୀ ହେଉନି ଚାକିରି ନିୟମିତ କରିବା ନିୟମ
■ ୩୧ ସୁଦ୍ଧା ସମସ୍ୟା ସମାଧାନ ପାଇଁ ସମୟ ଦେଇଛନ୍ତି
■ ସାମୂହିକ ଧାରଣା ଚେତାବନୀ ଦେଲେ

ସେହିଭଳି ଆମ ନାକଟିଦେଉଳ ପ୍ରତିନିଧିଙ୍କ ସୂଚନା ଅନୁସାରେ ଶୁକ୍ରବାର ନାକଟିଦେଉଳ ବ୍ଲକ ଅଞ୍ଚଳରେ ୨୦୧୨ ବ୍ୟାଚର କାର୍ଯ୍ୟରତ ଶିକ୍ଷାସହାୟକମାନେ ମଧ୍ୟ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଭେଟିଛନ୍ତି। ସେମାନଙ୍କ କାମ କରିବା ୬ ବର୍ଷ ପୂରଣ ହୋଇ ଯାଇଛି। ଏଣୁ ନିୟମ ଅନୁସାରେ ଏଣିକି ଚାକିରି ନିୟମିତ କରିବାକୁ ସେମାନେ ଦାବି କରିଛନ୍ତି। ବ୍ଲକର ସମୁଦାୟ ୨୩ଜଣ ଶିକ୍ଷା ସହାୟକ ୧୫।୧୧।୧୮ଠାରୁ ନିୟମିତ ହେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ହେଲେ ତାହା କାର୍ଯ୍ୟ କରାଯାଉନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଆସନ୍ତା ୩୧ ତାରିଖ ସୁଦ୍ଧା ସେମାନଙ୍କ ଚାକିରି ନିୟମିତ କରା ନ ଗଲେ ସମସ୍ତେ ସାମୂହିକ ଛୁଟି ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି । ବ୍ଲକ ଶିକ୍ଷା ସହାୟକ ସଂଘର ସଭାପତି ଅଜିତ କୁମାର ପ୍ରଧାନ, ଉପସଭାପତି ଯଶୋବନ୍ତ ସାମଲ, ସଂପାଦକ କେଦାଶେନ ସାହୁଙ୍କ ନେତୃତ୍ୱରେ ରଞ୍ଜନ କୁମାର ନାଏକ, ବିଷ୍ଣୁ ଚରଣ ବେହେରା, ବାସନ୍ତୀ ଡୁଙ୍ଗଡୁଙ୍ଗ, ନିହାରିକା ସେଠ, ବିନୋଦ ବିହାରୀ ସାହୁ, ମିକୁଲ ଦେହୁରୀ ପ୍ରମୁଖ ୨୩ଜଣ ଶିକ୍ଷା ସହାୟକ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କୁ ଏହି ଦାବି ପତ୍ର ପ୍ରଦାନ କରିଥିଲେ।

**ରେଢ଼ାଖୋଲ,(ଡି.ଏନ.ଏ.):** ରେଢ଼ାଖୋଲ ବ୍ଲକରେ ମଧ୍ୟ ୨୦୧୨ରୁ ନିଯୁକ୍ତି ପାଇ କାର୍ଯ୍ୟ କରୁଥିବା ଶିକ୍ଷା ସହାୟକମାନଙ୍କୁ ନିୟମିତ କରାଯିବାକୁ ଦାବି କରାଯାଇଛି। ଏହି ମର୍ମରେ ଏକ ଦାବିପତ୍ର ଶୁକ୍ରବାର କାର୍ଯ୍ୟରତ ଶିକ୍ଷାସହାୟକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରାଙ୍କୁ ପ୍ରଦାନ କରିଛନ୍ତି। ଏମାନେ ଦାବି କରିଛନ୍ତି ଯେ, ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପତ୍ର ସଂଖ୍ୟା ୨୪୯୦୧ (୧।୧୨।୧୮) ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା ୫୫୨୮ ଅନୁଯାୟୀ ରେଢ଼ାଖୋଲ ବ୍ଲକରେ ସମୁଦାୟ ୩୭ ଜଣ କାର୍ଯ୍ୟରତ ଶିକ୍ଷା ସହାୟକ ନିୟମିତ ହେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ୧୫।୧୧।୧୮ଠାରୁ ନିୟମିତ ହେବାପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ହେଁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ସରକାରଙ୍କ ନିୟମ ମୁତାବକ ୬ ବର୍ଷ କାର୍ଯ୍ୟକରିବା ପରେ ଶିକ୍ଷା ସହାୟକ ନିୟମିତ ହେବେ। ହେଲେ ୭ ବର୍ଷ ପୂରଣ ହେବାକୁ ଯଉଥିବା ବେଳେ ନିୟମିତ କରାଯାଉ ନ ଥିବା ଯୋଗୁ ଶିକ୍ଷାସହାୟକମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଏ ଦିଗରେ ପଦକ୍ଷେପ ନ ନେଲେ ସାମୂହିକ ଛୁଟି ନେଇ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରହଲ୍ଲାଦ ମୁଣ୍ଡା, ଖଗେଶ୍ୱର ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନ, ରିଙ୍କୁ ଦେହୁରୀ, ଚକ୍ରଧର ସାହୁ, ଅରନନ୍ଦ ବାସୁଦେବ ବିଶି, ପ୍ରଦୀପ କୁମାର ବିଶ୍ୱାଳ, ମାମି ପ୍ରଧାନ, ରଣୁକା ନାଏକ, ପ୍ରତିମା ମହାପାତ୍ର, ଉଷାବତି ଭୋଇ, ତପସ୍ୱିନୀ ବାରିକ,ସୁଚିସ୍ମିତା ସେଠ୍‌ଙ୍କ ସମେତ ବ୍ଲକର ୩୭ ଜଣ ଶିକ୍ଷା ସହାୟକ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ରେଢ଼ାଖୋଲରେ ଭୀମ ଭୋଇ ସାମର୍ଥ୍ୟ ଶିବିର

## ୪୪ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର

**ରେଢ଼ାଖୋଲ, ୨୫।୧୦ (ଡି.ଏନ.ଏ.)**

ରେଢ଼ାଖୋଲ ଏନଏସି କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୪୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଅସ୍ଥିଶଲ୍ୟ ବିଭାଗର ୪୦ ଜଣ, ମାନସିକ ଅନଗ୍ରସର ୫ ଜଣ, ସିକିଲସେଲ ୧୪ ଜଣ, ଚକ୍ଷୁ ୯ଜଣ, ଶ୍ରବଣ ବିଭାଗରେ ୧୨ ଜଣଙ୍କୁ ପରୀକ୍ଷା କରାଯାଇଥିଲା। ଶିବିରରେ ମେଡିସିନ ବିଭାଗର ଡା. ସିନା ରାଏ, ମାନସିକ ବିଭାଗର ଡା. ସୁଲତା ପତି, ଚକ୍ଷୁ ବିଭାଗର ଡା. ସୁକାନ୍ତ ପାଣିଗ୍ରାହୀ, କର୍ଣ୍ଣ ବିଭାଗର ଡା. ବିକାଶ ରଞ୍ଜନ ମେହେର, ଅସ୍ଥିଶଲ୍ୟ ବିଭାଗର ଡା. ପ୍ରଦୀପ ଦାସଯୋଗ ଦେଇ ପରୀକ୍ଷା ନିରିକ୍ଷା କରିଥିଲେ। ଶିବିରରେ ଏସଡିଏମଓ ଡା. ବିପିନ ବିହାରୀ ସାହୁ, ବିଡିଓ ପରିକ୍ଷିତ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌରେନ୍ଦ୍ରୀ ମେହେର, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପଞ୍ଚାନନ ବେହେରା, ପ୍ରଗତି ସହାୟକ କିଶୋର କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଭକ୍ତଚରଣ ବେହେରାଙ୍କ ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନଏସି କର୍ମଚାରୀ ସହଯୋଗ କରିଥିଲେ।

## ୨୨ ସ୍ଥାନରେ ଅସ୍ଥାୟୀ ଫଟକା ଦୋକାନ

**ସମ୍ବଲପୁର,୨୫।୧୦ (ବ୍ୟୁରୋ)**

ସମ୍ବଲପୁର ଜିଲାର ୨୨ଟି ସ୍ଥାନରେ ଅସ୍ଥାୟୀ ଫଟକା ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି । ସମ୍ବଲପୁର ସବ୍‌ଡିଭିଜନରେ ଗୋଶାଳା ଦୁର୍ଗାମଣ୍ଡପ, ବୁର୍ଲା ଟାଉନ୍, ହୀରାକୁଦ ସୁବାସ ମଇଦାନ, ସମ୍ବଲପୁର ମନ୍ଦଲିଆ ପଡିଆ, ପିଏଚଡି ପଡିଆ, ଧନୁପାଲି ବ୍ରିଜ ନିକଟସ୍ଥ ପଡିଆ, ମାନେଶ୍ୱର ଛକ ନିକଟସ୍ଥ ପଡିଆ, ପ୍ରଧାନପାଲି ହାଇସ୍କୁଲ ପଡିଆ, ଧମା ଖେଳ ପଡିଆ, ସାହାସପୁର ଫୁଟବଲ ପଡିଆ, ପରମାଣପୁର ପଡିଆ, ଶାସନ ସପ୍ତାହିକ ବଜାର, ରେଙ୍ଗାଲି ଏନଆର ହାଇସ୍କୁଲ ରାବଣପୋଡି ପଡିଆ, ଲଇଡା ଖେଳ ପଡିଆରେ ଫଟକା ଦୋକାନ ଖୋଲିବ। କୁଚିଣ୍ଡା ଡିଭିଜନର କୁଣ୍ଡେଶ୍ୱରୀ ମନ୍ଦିର ପଡିଆ, ଜମନକିରା ଦଶଘରିଆ ପଡିଆ, ବାମରା ଗୋବିନ୍ଦପୁର ଦୁର୍ଗପୂଜା ପଡିଆ, ଗଡପୋଷ ସପ୍ତାହିକ ବଜାର ଓ କେଶେଇବାହାଲ ପଞ୍ଚାୟତ ପଡିଆରେ ଫଟକା ଦେକାନ ଖୋଲିବ। ରେଢ଼ାଖୋଲ ସବ୍‌ଡିଭିଜନରେ କଦମ୍ ପଡିଆ, ଚାରମାଳ ସପ୍ତାହିକ ବଜାର ପଡିଆରେ ଫଟକା ଦୋକାନ କରିବାକୁ ଅନୁମତି ଦିଆଯାଇଛି।

### ଅଭିଯୋଗ ପଛରେ, ଶୁଭେଚ୍ଛା ଆଗ

**ସମ୍ବଲପୁର,୨୫।୧୦ (ବ୍ୟୁରୋ)**

ରବିବାର ଦୀପାବଳୀ। ଏଣୁ ଶୁକ୍ରବାର ଜିଲା ପ୍ରଶାସନର ବିଭିନ୍ନ ବିଭାଗର ଜିଲା ମୁଖିଆଙ୍କୁ ଭେଟିବାକୁ ଭିଡ ଜମିଥିଲା। କଳକାରଖାନା, ଛୋଟ ବଡ କମ୍ପାନୀ, ଠିକା କମ୍ପାନୀ, ବ୍ୟବସାୟୀମାନେଙ୍କ ଦାମୀରୁ ଓହ୍ଲାଇ ଅଧିକାରୀମାନଙ୍କୁଶଉଚ୍ଛୋ ଜଣାଇବା ସହ ଉପହାର ଭେଟି ଦେଇଛନ୍ତି। ସରକାରୀ ବାବୁଙ୍କୁ ଶୁଭେଚ୍ଛା ଜଣାଇବାକୁ ବିଭିନ୍ନ ଅଫିସରେ ଲମ୍ବା ଲାଇନ୍ ଲାଗିଥିଲା। ଜଣକୁ ପରେ ଜଣେ ବାବୁଙ୍କୁ ଭେଟୁଥିଲେ। ହେଲେ ଏହାଦ୍ୱାରା ସାଧାରଣ ଲୋକେ ହଇରାଣ ହୋଇଥିଲେ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମରେ ଗାଁ ଗହଳିରୁ ଆସିଥିବା ଲୋକେ ଏଭଳି ଭିଡ ଯୋଗୁ ଅଣ ନିଃଶ୍ୱାସୀ ହୋଇ ପଡିଥିଲେ। ସେମାନେ ଘଣ୍ଟା ଘଣ୍ଟା ଧରି ବାହାରେ ଛିଡା ହେଲା ପରେ ମଧ୍ୟ ଭିତରୁ ଡକାଯାଉ ନ ଥିଲା । ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜିଲାର ପ୍ରାୟ ଅଫିସ ଗୁଡିକରେ ଏଭଳି ଚାଲିଥିଲା। ଲୋକଙ୍କ ଅଭିଯୋଗ ଶୁଣିବାକୁ ସରକାରୀ ବାବୁ ଗୁରତ୍ୱ ନ ଦେଇ ଶୁଭେଚ୍ଛା ଜଣାଇବାକୁ ଆସିଥିବା ଗୋଷ୍ଠୀ ପ୍ରତି ଲାଳାୟିତ ହୋଇ ପଡିଥିଲେ। ଏହାକୁ ନେଇ ଉପସ୍ଥିତ ଅଭିଯୋଗକାରୀ ଓ କାମରେ ଆସିଥିବା ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

■ ସମ୍ବଲପୁରରେ ଶ୍ରମ କମିଶନର

## ଅଯୋଗ୍ୟଙ୍କୁ ବାଦ୍ ଦିଆଯିବ

**ସମ୍ବଲପୁର,୨୫।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଗସ୍ତରେ ଶୁକ୍ରବାର ରାଜ୍ୟ ଶ୍ରମ ବିଭାଗ କମିଶନର ନିରଞ୍ଜନ ସାହୁ ଦିନିକିଆ ଗସ୍ତରେ ଆସିଛନ୍ତି। ସେ ପ୍ରଥମେ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ସହ ଜିଲାରେ ଶ୍ରମିକ ପଞ୍ଜୀକରଣ ଓ ଶ୍ରମିକମାନଙ୍କୁ ସୁବିଧା ଦେବା ଉପରେ ଆଲୋଚନା ହୋଇଥିଲା। ପରେ ଜିଲା ଶ୍ରମ ଆୟୁକ୍ତ ଅଫିସ ପରିସରରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଉପ ଶ୍ରମ କମିସନର ୟୁ. ବିଲୁଙ୍ଗ, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝୀ, ପିଡି ସୁକାନ୍ତ ତ୍ରିପାଠି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଶ୍ରମିକମାନଙ୍କୁ ହଇରାଣ ନ କରି ପଞ୍ଜୀକରଣ କରିବା, ଆବେଦନ କରିଥିବା ଶ୍ରମିକମାନଙ୍କ ଘରକୁ ଯାଇ ଯାଞ୍ଚ କଲାପରେ ପଞ୍ଜୀକରଣ କରିବାକୁ କମିଶନର କହିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ କମିଶନର ସାହୁ କହିଛନ୍ତି ଯେ, ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ଭଲ ଭଲ ଯୋଜନା କରିଛନ୍ତି। ଶ୍ରମିକମାନଙ୍କ ପିଲାମାନଙ୍କ ବିବାହ, ପାଠ ପଢିବା, ସାଇକେଲ ବଣ୍ଟନ ଆଦି ବାବଦରେ ଜିଲାକୁ ୨୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ନାମ ପଞ୍ଜୀକରଣ ପାଇଁ ଅନେକ ଆବେଦନ କରାଯାଇଛି। ହେଲେ ଠିକ ଭାବେ ଯାଞ୍ଚ କଲାପରେ ପଞ୍ଜୀକରଣ କରାଯିବ । ପ୍ରତ୍ୟକ ବ୍ଲକସ୍ତରରେ ବିଭାଗୀୟ କର୍ମଚାରୀ ଘରକୁ ଘର ଯାଇ ଯାଞ୍ଚ କରିବେ। ପୂର୍ବରୁ ହୋଇଥିବା ପଞ୍ଜୀକରଣରେ ଅଯୋଗ୍ୟ ଥିବା ନେଇ ଅଭିଯୋଗ ହୋଇଛି । ତେଣୁ ଯାଞ୍ଚ କରାଯାଇ ଅଯୋଗ୍ୟାଙ୍କୁ ବାଦ୍ ଦିଆଯିବ । ଅନ୍ୟପକ୍ଷେ ଶ୍ରମ ଅଫିସକୁ ଦଲାଲ ମୁକ୍ତ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି। ସେହିଭଳି କୌଣସି ସ୍ଥାନରେ ଶ୍ରମିକମାନଙ୍କଠାରୁ ନାମ ପଞ୍ଜୀକରଣ ପାଇଁ କେହି ଟଙ୍କା ମାଗିଲେ ଅଭିଯୋଗ କରନ୍ତୁ। ଫଳରେ କାଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ ନିର୍ମାଣ ମଜଦୁର ସଂଘ ଶ୍ରମ କମିଶନରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ରାଜ୍ୟରେ ଶ୍ରମିକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ରାଜ୍ୟ ସରକାରଙ୍କ ସୁବିଧା ସୁଯୋଗ ମଧ୍ୟ ପାଇ ପାରୁନାହାନ୍ତି ବୋଲି ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପାଢ଼ୀ, ରହିତାଶ୍ୟ ସାହୁ, କିଶୋର ଛତର, ତ୍ରିନାଥ ରଣବିଡା, ବାଲ୍ମୀକି ନାୟକ, ଜୀବର୍ଦ୍ଧନ ମିର୍ଦ୍ଧା, ପିଣ୍ଟୁ ଓରାମ ପ୍ରମୁଖ ଭେଟି ଅଭିଯୋଗ କରିଥିଲେ।



ସମ୍ବଲପୁରର ବିଭିନ୍ନ ଶ୍ରମିକ ସଂଗଠନର ନେତୃବୃନ୍ଦ ଶୁକ୍ରବାର ଶ୍ରମ କମିଶନର ନିରଞ୍ଜନ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ।

■ ସମ୍ବଲପୁର ଜିଲାକୁ ୨୪କୋଟିର ସହାୟତା ଦିଆଯାଇଛି
■ ନୂଆ ଆବେଦନ ନେଇ ଯାଞ୍ଚ ପରେ ନାମ ପଞ୍ଜୀକରଣ ହେବ
■ କେହି ଟଙ୍କା ମାଗିଲେ ଅଭିଯୋଗ କରିବାକୁ ପରାମର୍ଶ

## ଫଟୋରେ ଖବର





ସମ୍ବଲପୁର ସହରର ସୁମିତ ଟେଷ୍ଟ ହାଉସ୍‌ରେ କାମ କରି ପାଉଣା ବାବଦ ୨ ଲକ୍ଷ ୭୩ ହଜାର ୧୫୦ ଟଙ୍କା ପାଇ ନ ଥିବ ଢେଙ୍କାନାଳ ଜିଲା ରାସୋଳ ଥାନା ଖଣ୍ଡଗିରି ଗ୍ରାମର ୩୫ ଜଣ ଶ୍ରମିକ ଶୁକ୍ରବାର ସମ୍ବଲପୁର ଜିଲା ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବାକୁ ପହଞ୍ଚିଛନ୍ତି (ବାମ)। ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ଶୁକ୍ରବାର ଚତୁର୍ଥ ଦିନରେ ଚାଷୀମାନେ ରିଲେ ଅନଶନରେ ବସିଛନ୍ତି।

## ଭାରପ୍ରାପ୍ତ ସିଡିଏମ୍‌ଓ ପଙ୍କଜ ପଟେଲଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

**ସୁନ୍ଦରଗଡ଼, ୨୫।୧୦ (ଡି.ଏନ୍.ଏ.):** ସୁନ୍ଦରଗଡ଼ର ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ପଙ୍କଜ କୁମାର ପଟେଲଙ୍କ ଉପରୁ ରାଜ୍ୟ ସରକାର ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ଚିଠି ନଂ. ୨୬୭୬୧ ତା ୨୪।୧୦।୨୦୧୯ରେ ରାଜ୍ୟପାଳଙ୍କ ଆଦେଶ ମୁତାବକ ବିଭାଗର ସ୍ୱତନ୍ତ୍ର ସଚିବ ତାଙ୍କୁ ଚାକିରିରେ ପୁନଃ ଅବସ୍ଥାପିତ କରି ସମ୍ବଲପୁର ଜିଲା ମୁଖ୍ୟ ଡାକ୍ତରଖାନାର ବରିଷ୍ଠ ଭେଷଜ ପରାମର୍ଶଦାତା ଭାବେ ବଦଳି କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଚିଠି ନଂ. ୨୫୩୯୨/ଏଚ୍ ତା ୧୩।୧୦।୨୦୧୯ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଥିଲା। ଡା. ପଟେଲଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରାଯାଇ ଚାକିରିରେ ପୁନଃ ଅବସ୍ଥାପିତ କରାଯାଇ ଥିବାରୁ ଓମ୍‌ସା (ଓଡ଼ିଶା ଡାକ୍ତରୀ ସଂଘ) ସୁନ୍ଦରଗଡ଼ ଜିଲା ଶାଖା ଡାକ୍ତରମାନେ ତାଙ୍କର ପ୍ରତୀକ ଧର୍ମଘଟ ପ୍ରତ୍ୟାହୃତ କରିଛନ୍ତି। ଧର୍ମଘଟ ପ୍ରତ୍ୟାହୃତ ନେଇ ଶାଖାର ସମ୍ପାଦକ ଡା. ସୋମ ଶୁଭଙ୍କର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ '୫-ଟି' ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିୟାନଙ୍କ ନେତୃତ୍ୱରେ ଆସିଥିବା ଟିମ୍ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଚିକିତ୍ସାସେବାରେ ଅବହେଳା ପାଇଁ ଡା. ପଟେଲଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିଲେ। ଡା. ସରୋଜ କୁମାର ମିଶ୍ରଙ୍କୁ ରାଜ୍ୟ ସରକାର ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଡା. ମିଶ୍ର ଗୁରୁବାର ଏଠାରେ କାର୍ଯ୍ୟରେ ଯୋଗଦେଇଛନ୍ତି।

### ୨୯୯ ଅଧ୍ୟାପକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ଉଚ୍ଚଶିକ୍ଷାରେ ଗବେଷଣାକୁ ଗୁରୁତ୍ୱ ଦିଆଯାଉଛି

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)



ଜଣେ ନବନିଯୁକ୍ତ ଅଧ୍ୟାପକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି।

ଶିକ୍ଷକମାନେ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ପିଲାଙ୍କ ଭବିଷ୍ୟତ ଗଠନ ସହ ସେମାନେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାକୁ ପରିପ୍ରକାଶ କରିବା ପାଇଁ ଉତ୍ସାହିତ କରିଥାନ୍ତି। ସେମାନଙ୍କୁ ରୋଜଗାରକ୍ଷମ କରିବା ସହ ସମାଜ, ରାଜ୍ୟ ଓ ଦେଶକୁ ସମୃଦ୍ଧ କରାଇବାର ଠିକଣା ଦୃଷ୍ଟିଭଙ୍ଗୀ ପ୍ରଦାନ କରିଥାନ୍ତି। ଅଧ୍ୟାପନା ବୃତ୍ତି ସମାଜରେ ସବୁଠାରୁ ବଡ଼ ସମ୍ମାନ ବହନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନବନିଯୁକ୍ତ ଅଧ୍ୟାପକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଉଚ୍ଚଶିକ୍ଷାର ମାନ ବୃଦ୍ଧି ଲାଗି ସମସ୍ତ ଉଦ୍ୟମ କରୁଛନ୍ତି। ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରାଯାଉଛି। ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ଗୁରୁତ୍ୱ ରଖୁଥିବା ବିଷୟ ଉପରେ ଅଧିକରୁ ଅଧିକ ଗବେଷଣା କରିବାକୁ ପ୍ରୋତ୍ସାହନ ଦିଆଯାଉଛି। କ୍ୟାରିୟର୍ କାଉନସେଲିଂ ସେଲ୍, ସିଭିଲ ସର୍ଭିସ ପାଇଁ ସ୍ୱତନ୍ତ୍ର କୋଚିଂ ସେଣ୍ଟର ଖୋଲାଯିବା ସହ ପିଲାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ବୃତ୍ତି ପ୍ରଦାନ କରାଯାଉଛି। ଓଡ଼ିଆ ଭାଷାର ବିକାଶ ଲାଗି ଓଡ଼ିଆ ବିଶ୍ୱବିଦ୍ୟାଳୟ ଖୋଲିବା ଦିଗରେ ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ନବନିଯୁକ୍ତ ଅଧ୍ୟାପକମାନଙ୍କୁ ରାଜ୍ୟ ସରକାରଙ୍କ '୫-ଟି' ମନ୍ତ୍ରକୁ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। କେତେକ ବିଭାଗରେ ନିଯୁକ୍ତି ନେଇ କୋର୍ଟରେ ମାମଲା ଚାଲିଥିବାରୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଉଥିବା ସେ କହିଥିଲେ। ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନୁଦାନପ୍ରାପ୍ତ କଲେଜଗୁଡ଼ିକ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୮୩୩ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏହି ଅବସରରେ ୨୯୯ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା।

## ସ୍କୁଲରେ ଲାଗୁ ହେବ ଅନ୍‌ଲାଇନ୍ ଉପସ୍ଥାନ ବ୍ୟବସ୍ଥା

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ):** ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଲାଗି ଲାଗୁହେବ ଅନ୍‌ଲାଇନ୍ ଉପସ୍ଥାନ ବ୍ୟବସ୍ଥା। ଏହି ବ୍ୟବସ୍ଥାକୁ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଜିଲାର ଗୋଟିଏ ସ୍କୁଲରେ ପାଇଲଟ୍ ପ୍ରକଳ୍ପଭାବେ ଲାଗୁ କରାଯିବ। ଏହାଦ୍ୱାରା କେଉଁ ଶିକ୍ଷକ ଓ କେତେ ପିଲା ଉପସ୍ଥିତ ରହୁଛନ୍ତି ତାହା ସହଜରେ ଜଣାପଡିଯିବ। ଶୁକ୍ରବାର ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷରେ ମନ୍ତ୍ରୀ କହିଛନ୍ତି, ଛାତ୍ରଛାତ୍ରୀଙ୍କୁ ଉନ୍ନତ ପ୍ରଣାଳୀରେ ଶିକ୍ଷା ଦେବା ପାଇଁ ରାଜ୍ୟର ୩୦ ଜିଲାରେ ୧୦୦ଟି ସ୍କୁଲକୁ 'ଉତ୍କର୍ଷ ବିଦ୍ୟାଳୟ' ଭାବେ ଚିହ୍ନଟ କରାଯିବ। ଉକ୍ତ ୧୦୦ ସ୍କୁଲରେ ସ୍ପୋକନ୍ ଇଂଲିଶ ସହ ଅନ୍ୟ ଭିତ୍ତିଭୂମି ଯୋଗାଇ ଦିଆଯିବ। ଏହାସହ ନୂଆ ଷ୍ଟୁଡେଣ୍ଟ ହେଲ୍ପଲାଇନ୍ ନମ୍ବର-୧୪୪୧୭୧ ବିଭାଗ ପକ୍ଷରୁ ଜାରି କରାଯାଇଛି। ଛାତ୍ରଛାତ୍ରୀଙ୍କଠାରୁ ଫିଡ୍‌ବ୍ୟାକ୍ ଡାଏରୀ ଏବଂ ଏସ୍.ଏମ୍.ସି./ ପି.ଟି.ଏ. ଡାଏରୀ ପ୍ରଚଳନ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ନବମ ଏବଂ ଦଶମ ଶ୍ରେଣୀ ପିଲାମାନେ ଏହାଦ୍ୱାରା ନିଜ ସମସ୍ୟା ସମ୍ପର୍କରେ ଜଣାଇପାରିବେ। ପିଲାଙ୍କ ସମସ୍ୟାକୁ ପରବର୍ତ୍ତୀ ସମୟରେ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇ ସମାଧାନ କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

## ଜିଲା ଚିଠି ମୟୂରଭଞ୍ଜ

# କାଗଜକଳ ସ୍ୱପ୍ନ

ମୟୂରଭଞ୍ଜ ଏକ ଶିଳ୍ପବିହୀନ ଜିଲା। ଯାହା ବି ଛୋଟ,ବଡ ଶିଳ୍ପ ଥିଲା ତାହା ବନ୍ଦ ହୋଇପଡ଼ିଛି। ଫଳରେ ଜିଲାରେ ବେକାରି ସହିତ ଦାଦନ ଶ୍ରମିକ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏକଦା ଏହି ଜିଲାର ଗୋରୁମହିଷାଣୀ ଭଳି ଖଣିଖାଦାନର କଞ୍ଚାମାଲ ଉପରେ ନିର୍ଭରକରି ଟାଟା କମ୍ପାନୀ ଗଢ଼ି ଉଠିଥିଲା। ଶାଳପତ୍ର, ସବାଇଘାସ, ବାଉଁଶ ଓ ଟସର ଭଳି ଜଙ୍ଗଲ ଓ କୃଷିଜାତ ସାମଗ୍ରୀକୁ ନେଇ ବହୁ କ୍ଷୁଦ୍ର ତଥା କୁଟୀରଶିଳ୍ପ ଜିଲାରେ ଥିଲା। ଗଡ଼ଜାତ ମିଶ୍ରଣ ପରଠାରୁ ଜିଲାରେ ଶିଳ୍ପ ପ୍ରତିଷ୍ଠା ଲାଗି ମୟୂରଭଞ୍ଜବାସୀ ଦାବିକରି ଆସୁଛନ୍ତି। ହେଲେ ସେମାନଙ୍କ ଦାବି କେବଳ ଅରଣ୍ୟରୋଦନ ହୋଇରହିଛି। ଶିଳ୍ପ ଓ ଗମନାଗମନ ଭଳି ଭିତ୍ତିଭୂମିର ବିକାଶ ବିନା କୌଣସି ଅଞ୍ଚଳର ସାମଗ୍ରିକ ବିକାଶ ସମ୍ଭବ ନୁହେଁ। ଜିଲାରେ ବିଭିନ୍ନ କଞ୍ଚାମାଲର ଅଭାବ ନ ଥିଲେ ମଧ୍ୟ ଏଠାରେ କୌଣସି ଶିଳ୍ପ ପ୍ରତିଷ୍ଠା ହୋଇପାରୁନାହିଁ। ବାସ୍ତବ ବିକାଶଧାରା ରସାତଳଗାମୀ ହେବାରେ ଲାଗିଛି। କାମଧନ୍ଦା ଅଭାବରୁ ଶ୍ରମିକଶ୍ରେଣୀର ଲୋକେ ଅନ୍ୟ ଜିଲା କିମ୍ବା ରାଜ୍ୟ ବାହାରକୁ ଯାଇ ଗୁଜୁରାଣ ମେଣ୍ଟାଉଛନ୍ତି। ପ୍ରତିଥର ସାଧାରଣ ନିର୍ବାଚନ ବେଳେ ଜିଲାରେ ଶିଳ୍ପ ପ୍ରତିଷ୍ଠା ମୁଖ୍ୟ ପ୍ରସଙ୍ଗ ହୋଇଥାଏ। ପରେ ସବୁ ପ୍ରତିଶ୍ରୁତି ପାଣିର ଗାର ପାଲଟିଯାଏ। ଜିଲାରେ ଭିତ୍ତିଭୂମି ଓ କଞ୍ଚାମାଲର ଅଭାବ ନ ଥିଲେ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏଠାରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରକୁ ଗୁରୁତ୍ୱ ନ ଦେବା ବିଡ଼ମ୍ବନା ପାଲଟିଛି। ମୟୂରଭଞ୍ଜର କଞ୍ଚାମାଲକୁ ନେଇ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ବେପାରୀମାନେ ବ୍ୟବସାୟ କରୁଛନ୍ତି। ସେହି କଞ୍ଚାମାଲର ବିକ୍ରି ପାଇଁ ସରକାରୀସ୍ତରରେ କୌଣସି ବ୍ୟବସ୍ଥା ନାହିଁ। ଲୋକେ ଶାଗମାଛ ମୂଲ୍ୟରେ ତାହା ବିକ୍ରିକରି କ୍ଷତି ସହୁଛନ୍ତି। ଉଦାହରଣ ସ୍ୱରୂପ ମୟୂରଭଞ୍ଜରେ ପର୍ଯ୍ୟାପ୍ତ ବାଉଁଶ ଜଙ୍ଗଲ ରହିଛି। ଶୁଳିଆପଦା ବ୍ଲକରେ ବର୍ଷ ତମାମ ପ୍ରଚୁର ପରିମାଣର ବାଉଁଶ ଉତ୍ପାଦନ ହୋଇଥାଏ। ଏହାବାଦ୍ ମୋରଡ଼ା, ବାରିପଦା, କୁଳିଅଣା, ରାସଗୋବିନ୍ଦପୁର, ସାରସକଣା ଓ ବେତନଟୀ ଆଦି ବ୍ଲକରେ ବାଉଁଶ ଚାଷ ହୋଇଥାଏ। ପ୍ରତିବର୍ଷ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ସେହି ବାଉଁଶ ଚାଲାଣ କରାଯାଇଥାଏ। ସରକାରଙ୍କ ପକ୍ଷରୁ ଏଠି କାଗଜକଳ ପ୍ରତିଷ୍ଠା କରାଯାଉ ନାହିଁ। ଅନ୍ୟପକ୍ଷେ ବଜାର ସୁବିଧା ଅଭାବରୁ ବ୍ୟବସାୟୀମାନେ ଦଲାଲଙ୍କ ଜରିଆରେ କମ୍ ମୂଲ୍ୟରେ ବାଉଁଶ କିଣି ନେଉଥିବାରୁ ଜିଲାର ଅର୍ଥନୀତି ପ୍ରଭାବିତ ହେଉଛି। ମୟୂରଭଞ୍ଜ ଭଳି ଶିଳ୍ପବିହୀନ ଜିଲାରେ କାଗଜକଳ ପ୍ରତିଷ୍ଠା ଦାବି କିଛି ନୂଆ କଥା ନୁହେଁ। ଏଭଳି ଶିଳ୍ପ ହେଲେ ସ୍ଥାନୀୟ ଅଞ୍ଚଳର ଲୋକେ ରୋଜଗାର ପାଇବା ସହିତ ବେକାର ଯୁବତୀଯୁବକମାନେ ଚାକିରି ପାଇ ପାରନ୍ତେ। କାଗଜକଳ ପାଇଁ ଏଠି ପାଣିର କୌଣସି ଅସୁବିଧା ନାହିଁ। ବାଉଁଶ ଜଙ୍ଗଲ ଥିବା ଅଞ୍ଚଳରେ ଜମ୍ବୀରା ନଦୀ ପ୍ରବାହିତ ହେଉଥିବା ବେଳେ ଦେଉଳି ଡ୍ୟାମ୍ ରହିଛି। କାଗଜକଳ ପ୍ରତିଷ୍ଠା ହେଲେ ଚାଷୀମାନେ ଉତ୍ସାହିତ ହୋଇ ବାଉଁଶ ଚାଷ ପ୍ରତି ଅଧିକ ମନ ବଳାଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

– ରବି ନାରାୟଣ ଚଲାନ

### ଦିଲ୍ଲୀ, ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ମାତ୍ରା ଅନୁଧାନ କଲା ପିଏମ୍‌ଓ

# ଟାସ୍କଫୋର୍ସ ବୈଠକରେ ସମୀକ୍ଷା କଲେ ପି. କେ. ମିଶ୍ର

**ନୂଆଦିଲ୍ଲୀ, ୨୫।୧୦ (ପିଆଇବି):** ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ର (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ମାତ୍ରା ଅନୁଧାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଗୁରୁବାର ସନ୍ଧ୍ୟାରେ ଉଚ୍ଚସ୍ତରୀୟ ଟାସ୍କଫୋର୍ସର ସମସ୍ତ ଅଂଶୀଦାରଙ୍କୁ ନେଇ ଏକ ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ବାୟୁର ଗୁଣବତ୍ତା ଯେପରି ଅଧିକ ହ୍ରାସ ନ ପାଇବ ସେଥିପାଇଁ ତ୍ୱରିତ ପଦକ୍ଷେପ ନେବା ଲାଗି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଭାବଶାଳୀ ଢଙ୍ଗରେ ଫସଲ ବର୍ଜ୍ୟ ଜାଳିବା ଉପରେ କଟକଣା ଜାରିକରିବା ଲାଗି ପଞ୍ଜାବ ଓ ହରିୟାଣା ସରକାରଙ୍କୁ ପ୍ରମୁଖ ସଚିବ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଚାଷୀଙ୍କୁ ଫସଲ ବର୍ଜ୍ୟ ଜାଳିବାରୁ ରୋକିବା ନିମନ୍ତେ ପ୍ରଶାସନକଳକୁ ସକ୍ରିୟ କରିବା ଲାଗି ଦୁଇ ରାଜ୍ୟର ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏହାଛଡ଼ା କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପାଣ୍ଠି ବିନିଯୋଗ କରି ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପରୋକ୍ତ ଦୁଇ ରାଜ୍ୟକୁ କୁହାଯାଇଛି। ଏହି ବୈଠକରେ ଦିଲ୍ଲୀ ସରକାର, ଦିଲ୍ଲୀର ବିଭିନ୍ନ ମହାନଗର ନିଗମ କର୍ତ୍ତୃପକ୍ଷ, ଆଇଆଇଟି, ସିଏସ୍‌ଆଇଆର୍ ଏବଂ ବିଭିନ୍ନ ମନ୍ତ୍ରଣାଳୟର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ଧୂଳି ପ୍ରଦୂଷଣ, ନିର୍ମାଣ ଓ ଭଗ୍ନ ପ୍ରକ୍ରିୟାରୁ ସୃଷ୍ଟ ଆବର୍ଜନା ଏବଂ ଶିଳ୍ପ ଓ ବାହନଜନିତ ପ୍ରଦୂଷଣକୁ ତୁରନ୍ତ ନିୟନ୍ତ୍ରଣ କରିବା ଲାଗି ପ୍ରମୁଖ ସଚିବ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଏ ସମସ୍ତ କାର୍ଯ୍ୟସମ୍ପାଦନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଦୂଷଣ ନିୟମ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେଇ ଛୋଟରୁ ଛୋଟ ଅଗ୍ନିକାଣ୍ଡ, ଆବର୍ଜନା ଆଦିକୁ ନିୟନ୍ତ୍ରଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ଦିଲ୍ଲୀ ବାୟୁର ଗୁଣବତ୍ତା ବୃଦ୍ଧି ଲାଗି କେନ୍ଦ୍ର ସରକାର ନିରନ୍ତର ଭାବେ ପ୍ରୟାସ କରିଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତତ୍ତ୍ୱାବଧାନରେ ୨୦୧୫ରେ ବାୟୁଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ)ର ଶୁଭାରମ୍ଭ କରାଯାଇଥିଲା। ଅଦ୍ୟାବଧି ଦିଲ୍ଲୀ ଏନ୍‌ସିଆର୍ କ୍ଷେତ୍ରରେ ୧୧୩ଟି ଏକ୍ୟୁଆଇ ନିରୀକ୍ଷଣ ଷ୍ଟେଶନ ପ୍ରତିଷ୍ଠା କରାଯାଇଛି। ଆଗକୁ ଏପରି ୨୯ଟି ଷ୍ଟେଶନ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ କରାଯାଇଛି।

# ନିରାପଦ ଦୀପାବଳି ପାଇଁ...



ଆଲୋକର ପର୍ବ ଦୀପାବଳି। ପରିବାର, ବନ୍ଧୁ ପରିଜନଙ୍କ ସହିତ ଆନନ୍ଦ ଉଲ୍ଲାସରେ ସମୟ ଅତିବାହିତ କରିବାର ବେଳ। ଅନ୍ଧାରକୁ ଏଡ଼ିଦେଇ କିଛି ସମୟ ପରିବେଶକୁ ଆଲୋକିତ କରିବାର ପ୍ରୟାସରେ ଏହି ପର୍ବର ଅନ୍ୟତମ ପ୍ରମୁଖ ଆକର୍ଷଣ ହେଉଛି ଆତସବାଜି। ମିଠା ସାଙ୍ଗକୁ ଆତସବାଜି ଏହି ମୁହୂର୍ତ୍ତକୁ ସବୁବେଳ ପାଇଁ ଉଜ୍ଜୀବିତ ରଖେ। ଗତ କିଛିବର୍ଷ ହେଲା ଦେଶରେ ବିଶେଷକରି ଓଡ଼ିଶାରେ ମଧ୍ୟ ଏହି ପର୍ବଜନିତ ଅର୍ଥାତ୍ ଆତସବାଜି ଦୁର୍ଘଟଣାଜନିତ ସଂଖ୍ୟା ବୃଦ୍ଧି ଘଟୁଥିବାର ଦେଖିବାକୁ ମିଳୁଛି। ଆଉ ଏହା ମୁଖ୍ୟତଃ ଆତସବାଜି ତିଆରି କରୁଥିବା କମ୍ପାନୀମାନଙ୍କର ନିମ୍ନମାନର ତିଆରି ପ୍ରଣାଳୀ, ସରକାରଙ୍କ ପକ୍ଷରୁ ମାନ ନିର୍ଦ୍ଧାରଣ କ୍ଷେତ୍ରରେ ବିଫଳତା ଏବଂ ବ୍ୟବହାରକାରୀଙ୍କ ଖାମଖିଆଲି ନୀତି ଯୋଗୁ ଘଟୁଛି। ତେବେ ଏହା ଖାଲି ଦୁର୍ଘଟଣାର କାରଣ ହୋଇଛି ତା'ନୁହେଁ, ବରଂ ଶବ୍ଦ ପ୍ରଦୂଷଣ ଏବଂ ବାୟୁ ପ୍ରଦୂଷଣ କ୍ଷେତ୍ରରେ ଏହାର ଯୋଗଦାନ ବଢ଼ିଛି। ତେଣୁ ଏହି ଆଲୋକର ପର୍ବକୁ କେବଳ ଆଲୋକ, ମିଠେଇରେ ସୀମିତ ରଖି ନିଜକୁ ସୁସ୍ଥ, ନିଜ ପରିବେଶକୁ ସୁସ୍ଥ ରଖିବା ନିହାତି ଦରକାର।

### କିଛି ଟିପ୍‌ସ...

- ଯଦି ଆପଣ ଆତସବାଜି କିଣିବା ପାଇଁ ଇଚ୍ଛୁକ ତେବେ ଆଇନଗତ ସ୍ୱୀକୃତି ଲାଭ କରିଥିବା କମ୍ପାନୀମାନଙ୍କର ଆତସବାଜି କିଣନ୍ତୁ।
- ଆତସବାଜି ବ୍ୟବହାର ପାଇଁ ପିଲାଙ୍କୁ ଏକୁଟିଆ ଛାଡ଼ନ୍ତୁ ନାହିଁ। ସେମାନଙ୍କର ପାଖେପାଖେ ରୁହନ୍ତୁ।
- ଘର ଭିତରେ କୌଣସି ଭାବେ ଆତସବାଜି ଲଗାନ୍ତୁ ନାହିଁ।
- ନିଜ ପାଖରେ କିମ୍ବା ଆତସବାଜି ଲାଗୁଥିବା ନିକଟ ସ୍ଥାନରେ ଅନ୍ୟ ଆତସବାଜି ପକାନ୍ତୁ ନାହିଁ।
- ପାଖରେ ସବୁବେଳେ ପାଣି ବାଲ୍‌ଟି ରଖନ୍ତୁ। ନାଇଲନ୍ କିମ୍ବା ପଲିଷ୍ଟର ପୋଷାକ ଏହି ସମୟରେ ପିନ୍ଧନ୍ତୁ ନାହିଁ।
- ରକେଟ ତଥା ବମ୍ ଭଳି ଆତସବାଜି ଜନଗହଳି ସ୍ଥାନରେ ଲଗାନ୍ତୁ ନାହିଁ।
- ନିରୀହ ପଶୁଙ୍କ କ୍ଷେତ୍ରରେ ଏହି ଆତସବାଜିର ପ୍ରୟୋଗ କରନ୍ତୁ ନାହିଁ।
- ମଜାରେ କାହା ଉପରକୁ ଏହା ଫିଙ୍ଗନ୍ତୁ ନାହିଁ।
- ନିଜ ଭଳି କିଭଳି ଅନ୍ୟମାନେ ମଧ୍ୟ ଏହି ମୁହୂର୍ତ୍ତର ମଜା ଉପଭୋଗ କରିବେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।


ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**PARADIP PORT TRUST**
PARADIP - 754 142, ODISHA (INDIA)
(An autonomous body under Ministry of Shipping, Govt. of India)
No. AD/RSC-I-24/32/2016/3483 Dt. 21 October, 2019
**ADVERTISEMENT**
Applications are invited from Indian Nationals for filling up one Class-I post of **Dy. Marine Engineer (UR)** on **Direct Recruitment** basis in Paradip Port Trust.
For further details, visit our website : **www.paradipport.gov.in**
Sr. Dy. Secretary
PPT/PR/401/19-20 Dt. 24.10.2019

**RECRUITMENT**
वाप्कोस लिमिटेड WAPCOS LIMITED
(A Government of India Undertaking), Ministry of Jal Shakti
WAPCOS Limited. An ISO 9001:2015 Govt. of India Undertaking intends to engage Engineers (Civil) & Surveyors on contract basis and empanelment of Expert (Water Supply / Sewerage / Drainage / Solid Waste Management / Hydrology / Hydrogeology / Design/ Quality Control / GIS), for work relating to projects in the state of Odisha.
For further details visit our website www.wapcos.co.in & for clarification, if any please call 0674-2362210 / +91-8895230263
In case of any further changes, the same shall be notified on the website only. Last date of receipt of application is November 11th, 2019.
Project Manager (WRD)

**DTP OPERATOR REQUIRED FOR CYBERCAFE**
Gents or Ladies, English & Odia DTP Operator required at Rabi Talkies Square, Bhubaneswar
Contact: 9337651024

**WANTED**
Pest Control Operator-2 nos. ୨ ବର୍ଷ ଅଭିଜ୍ଞତା ଥିବା ବ୍ୟକ୍ତି ଦରମା ୧୦,୦୦୦/- ପ୍ରତି ମାସ। Italian/ Continental Cook-1no. ୨ ବର୍ଷ ଅଭିଜ୍ଞତା ଥିବା ବ୍ୟକ୍ତି ଦରମା ୧୫,୦୦୦/- ପ୍ରତି ମାସ। ଯୋଗାଯୋଗ-
9437581042/9515883819

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୫୦୦୦ - ୧୮୦୦୦। ବୟସ: ୨୫-୪୫। (୧) ହାଉସ୍‌କିପିଂ ବୟ ଓ ରୋଷେୟା। ଉଭୟ କାମ କରିବାକୁ ହେବ। (୨) ପିଅନ (୩) ପୁରୁଷ କେୟାରଟେକର, ବରିଷ୍ଠ ନାଗରିକଙ୍କ ଯତ୍ନ ନେବା ପାଇଁ। ଯୋଗାଯୋଗ: ଅଗରୱାଲ, ଏଫ୍ଏଫ୍ଏଫ୍ ଲିଃ:
9884761210

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**REQUIRED**
HR RECRUITER / BDE
Qualification - Graduate / Masters. Experience 1 Yr. Fresher may Apply.
Email ID :
resume.ajeets@gmail.com
hr_one@ajeets.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**SECURITY JOB**
GISS ଆବଶ୍ୟକ କରୁଛି ଝାରସୁଗୁଡ଼ା, ଦେଓଗଡ଼, ବରଗଡ଼, ସୋନପୁର, ବଲାଙ୍ଗିର, ବୌଦ୍ଧ, ଅନୁଗୁଳ ଏବଂ ସୁନ୍ଦରଗଡ଼ ପାଇଁ ୫୫ ଜଣ ସିକ୍ୟୁରିଟି ଗାର୍ଡ। ମାସିକ ଦରମା ୮,୫୦୦ରୁ ୧୧,୦୦୦ (୮ ଘଣ୍ଟା), ସୁପରଭାଇଜର ୭ ଜଣ (EX Army) ମାସିକ ଦରମା ୧୨,୦୦୦ ରୁ ୧୪,୦୦୦ (୮ ଘଣ୍ଟା) E.S.I.C ଏବଂ E.P.F ସୁବିଧା ଉପଲବ୍ଧ।
Contact : 9861744455, 6370975356

**URGENTLY REQUIRED FOR REAL ESTATE COMPANY**
Related jobs - JUNIOR ACCOUNTANT (Male), TELECALLING - (Ladies)
Experience Needed 2 to 3 Years
SHREEHARI CONSTRUCTIONS
B-II, 1st Floor, Indradhanu Market, IRC Village, Nayapalli, Bhubaneswar
Mail Id : shreeharipuri@gmail.com
Contact No.9439537644/9861796270.
Send CV with colour photograph to this above address or E-mail id.

**REQUIRED**
For Hardware materials Company. Sales Executive, Store-keeper and Delivery Boy at Bhubaneswar. Apply with CV in E-Mail.
yashviagencies@hotmail.com
M: 7003212503

**SOUTH CITY HOTEL & SPA**
Requires
• Front Office Asst. • Sr. Captain (F&B) Service • Stewards (F&B) Service • Commis- Master in all trade (Kitchen) • Room Boys (H/K) • Kitchen Stewarding (Dishwasher) • Bartender • Accountant.
Mail Your Resume to:
southcityhotelandspa@gmail.com
Call: 9861988695, 9348303323
Interview Date: 27.10.2019

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
No.39/OMC Date : 25.10.2019
**ADVERTISEMENT FOR ENGAGEMENT OF EXECUTIVE DIRECTOR (IT) ON FIXED TERM CONTRACT BASIS IN OMC LTD**
The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs.4053 crores in the FY 2018-19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.
The OMC intends to engage one Executive Director (IT) on fixed term contract basis to head the IT Wing of the Corporation for which applications are invited from dynamic & competent professionals for filling up the Post.

| Sl. No. | Name of the Post | No. of post to be filled-up on contract basis | Essential Qualification | Experience & Competency | Age as on 30.09.2019 | Monthly consolidated remuneration |
|---|---|---|---|---|---|---|
| 1 | Executive Director (IT) | 01 | B.E / B.Tech. in Computer Science / IT or MCA or MBA/PGDM in Systems Management from a recognized University / Institute approved by AICTE. | i) 15 years' Post-qualification experience in IT strategy, operations.<br>ii) Proven experience in IT related role at Senior Management level in a reputed Company.<br>iii) Excellent knowledge of IT Systems and infrastructure.<br>iv) Back ground in designing/developing IT systems and planning IT implementation of IT Solutions.<br>v) In-depth understanding of data analysis, budgeting and business operations.<br>vi) Superior analytical and problem- solving capabilities.<br>vii) A strong strategic and business mind-set. | Minimum 40 years Maximum 55 years | Negotiable |

- The eligible candidates will be short-listed on the basis of relevant work experience.
- The selection will be made on the basis of personal interview of eligible shortlisted candidates.
- The engagement is on full time contract basis.

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Mark sheets /Certificates / Testimonials, Experience Certificate in support of their eligibility by Speed Post /Courier in a cover superscribed **"APPLICATION FOR THE POST OF EXECUTIVE DIRECTOR (IT)"** so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 11.11.2019** positively. Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.
Sd/-
Director (Personnel)

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୬ ଅକ୍ଟୋବର, ୨୦୧୯



## ଆଜି କ'ଣ କେଉଁଠି

**ସମ୍ବଲପୁର**

■ଚାଷୀ ଆନ୍ଦୋଳନର ପଞ୍ଚମ ଦିବସ, ଜିଲାପାଳଙ୍କ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ୧୦ଟା।

■୬୫ତମ ଓଡିଶା ରାଜ୍ୟ ସ୍କୁଲ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦଯାପନୀ ଉତ୍ସବ, ଭିଏସଏସ ଇନଡୋର ହଲ, ଅପରାହ୍ନ ୧ଟା ।

**ଦେବଗଡ଼**

■ପୋଲିସ କର୍ମଚାରୀଙ୍କ ପିଲାଙ୍କ ମଧ୍ୟରେ ମେଧା ଅନ୍ୱେଷଣର ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ରିଜର୍ଭ ଅଫିସ, ଅପରାହ୍ନ ୪ଟା।

**ନୂଆପଡ଼ା**

■ଯାଦବ ସମାଜର ଜିଲାସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍, ଇନ୍‌ଡୋର ଷ୍ଟାଡିୟମ୍ ପୂର୍ବାହ୍ନ ୧୦ଟା

**ଅମରପାଲି**

■ଅଷ୍ଟମ ଆଥଲେଟିକ୍ ମିଟ୍‌ର ଉଦ୍‌ଯାପନୀ ସମାରୋହ, ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାୟମ୍ ଅପରାହ୍ନ ୨ଟା

# ଲଘୁଚାପ ବର୍ଷା: କାନ୍ଥ ଭୁଶୁଡ଼ି ୪ମୃତ, ୩ ଆହତ

**ପୁରୀ ଅଫିସ/ ଜଳେଶ୍ୱର/ ରାସଗୋବିନ୍ଦପୁର/ ଆଳି,(ଡି.ଏନ୍.ଏ.)୨୫।୧୦:** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ସାରା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ି ରାଜ୍ୟର ବିଭିନ୍ନ ସ୍ଥାନରେ ୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ପୁରୀ ଜିଲା କୁମ୍ଭାରପଡ଼ାର ରସାନନ୍ଦ ବିଶୋଇ (୬୪), କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଗଣେଶ୍ୱରପୁରର କୈଳାସ ସାମଲ(୮୦), ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କାଳିକ ପଞ୍ଚାୟତ ଭଦୁଆ ଗ୍ରାମର ରବିନାରାୟଣ ବାରିକ(୩୩) ଏବଂ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଖୁଣ୍ଟାପାଳ ଗ୍ରାମର ଦମୟନ୍ତୀ ପଲେଇ(୪୫)। ଆହତମାନେ ହେଲେ କୈଳାସଙ୍କ ସ୍ତ୍ରୀ ମାଳତୀ ସାମଲ ଏବଂ ରବିନାରାୟଣଙ୍କ ସ୍ତ୍ରୀ ସୁମିତ୍ରା ଓ ଝିଅ ଶୁଭଲକ୍ଷ୍ମୀ। କୁମ୍ଭକାର ନିଯୋଗର ସମ୍ପାଦକ ଥିବା ରସାନନ୍ଦ ଶ୍ରୀମନ୍ଦିରକୁ କିପରି ହାଣ୍ଡି କୁଡୁଆ ସୁଚାରୁ ରୂପେ ଯୋଗାଣ ହେବ ସେ ନେଇ ଶୁକ୍ରବାର ସକାଳେ ଶାଳଘରକୁ ଯାଉଥିବା ବେଳେ ବଡୁରା ମାଟି କାନ୍ଥ ତାଙ୍କ ଉପରେ ଭୁଶୁଡ଼ି ପଡିଥିଲା। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ଓଡ଼ିଶା କୁମ୍ଭାର ମହାସଂଘ ରାଜ୍ୟ ସଭାପତି ସରୋଜ କୁମାର ବେହେରା, ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ବିଶୋଇ, ନିଯୋଗ ସଭାପତି ଜନାର୍ଦ୍ଦନ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରବିନାରାୟଣ ସପରିବାର ଶୋଇଥିବାବେଳେ ରାତିରେ କାନ୍ଥ ପଡ଼ିଯାଇଥିଲା। ଗ୍ରାମବାସୀ ସେମାନଙ୍କୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ରବିନାରାୟଣଙ୍କୁ ମୃତ ଘୋଷଣା କରିଥିଲେ। ସ୍ତ୍ରୀ ସୁମିତ୍ରା ଓ ଝିଅ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଶୁକ୍ରବାର ସକାଳେ ରୋଷେଇ କରୁଥିବାବେଳେ ଦମୟନ୍ତୀଙ୍କ ଉପରେ କାନ୍ଥ ପଡ଼ିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ଗୁରୁବାର ରାତିରେ ଶୋଇଥିବାବେଳେ କାନ୍ଥ ଭୁଶୁଡ଼ିବା ଯୋଗୁ କୈଳାସ ସମ୍ପୂର୍ଣ୍ଣ ଚାପି ହୋଇଯାଇଥିବାବେଳେ ମାଳତୀଙ୍କ ଉପରେ କିଛି ଅଂଶ ପଡ଼ିଥିଲା। ମାଳତୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ସେମାନଙ୍କୁ ଉଦ୍ଧାର କରିଥିଲେ। ଶୁକ୍ରବାର ଆଳି ତହସିଲଦାର ଓ ଆର୍‌ଆଇ ସେଠାକୁ ଯାଇଥିବାବେଳେ ପାଳିମୀ ସରପଞ୍ଚ କ୍ଷତିଗ୍ରସ୍ତ ପରିବାରକୁ ଭେଟି ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ କରିଛନ୍ତି। ଆଳି ବିଡିଓ ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିବା ଜଣାପଡ଼ିଛି।

# ସମୁଦ୍ର ମଝିରେ ବୁଡ଼ିଗଲା ଡଙ୍ଗା

**୩ ମତ୍ସ୍ୟଜୀବୀ ଉଦ୍ଧାର, ଜଣେ ନିଖୋଜ**

**ମହାକାଳପଡ଼ା, ୨୫।୧୦ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ଅଞ୍ଚଳରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଏକ ଇଞ୍ଜିନ୍ ଚାଳିତ ଡଙ୍ଗା ଶୁକ୍ରବାର ଅପରାହ୍ନରେ ଭାରସାମ୍ୟ ହରାଇ ବୁଡ଼ିଯାଇଛି। ଡଙ୍ଗାରେ ଥିବା ୪ ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟଜଣେ ମତ୍ସ୍ୟଜୀବୀ ତଥା ଡଙ୍ଗା ମାଲିକ ନିଖୋଜ ଥିବା ଜଣାପଡ଼ିଛି। ଉଦ୍ଧାର ମତ୍ସ୍ୟଜୀବୀମାନେ ହେଲେ ମହାକାଳପଡ଼ା ବ୍ଲକ ଜମ୍ବୁ ଗ୍ରାମ ଦାସପଡ଼ାର ବିଶ୍ୱନାଥ ଘରାମୀ (୫୦), ପ୍ରହ୍ଲାଦ ଦାସ (୪୫) ଓ ଗୌତମ ଦାସ (୪୦)। ଡଙ୍ଗା ମାଲିକ ଦାସପଡ଼ାର ତପନ ଦାସ (୪୦)ଙ୍କ ପତ୍ତା ମିଳିପାରିନାହିଁ। ଶୁକ୍ରବାର ପୂର୍ବାହ୍ନରେ ମତ୍ସ୍ୟଜୀବୀମାନେ ଡଙ୍ଗା ନେଇ ମାଛ ମାରିବାକୁ ଯାଇଥିଲେ। ଲଘୁଚାପ ପ୍ରଭାବରେ ଉଚ୍ଚ ଜୁଆର ଥିବାରୁ ହୁକିଟୋଲା-ଚଟକା ମୁହାଣ ନିକଟରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ସମସ୍ତ ମତ୍ସ୍ୟଜୀବୀ କିରୋସିନ ଜାର୍ ଧରି ପହଁରୁ ଥିବା ବେଳେ ତପନଙ୍କ ହାତରୁ ଜାର୍ ଖସିଯିବା ଯୋଗୁ ସେ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ଏକ ବୋଟରେ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀ ନିମାଇଁ ମଣ୍ଡଳ ୩ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ଡଙ୍ଗା ବୁଡ଼ି ସମ୍ପର୍କରେ ଉଦ୍ଧାର ମତ୍ସ୍ୟଜୀବୀ ଗୌତମ କୁହନ୍ତି, ଉଚ୍ଚ ଜୁଆର ଯୋଗୁ ଡଙ୍ଗା ବୁଡ଼ିଗଲା। ମା'ରାମଚଣ୍ଡୀଙ୍କୁ ଡାକି ଆମେ ବଞ୍ଚିଗଲୁ। ଲାଇଫ୍ ଜ୍ୟାକେଟ୍ ଥିଲେ ସମସ୍ତେ ସୁରକ୍ଷିତ ଅବସ୍ଥାରେ ଫେରିଥାନ୍ତୁ ବୋଲି ଗୌତମ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ମତ୍ସ୍ୟଜୀବୀଙ୍କ ଜୀବନ ବୀମା କରାଯିବା ସହ ଲାଇଫ୍ ଜ୍ୟାକେଟ୍ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ସୂଚନା ଦେଇଛନ୍ତି।

# ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣା: ସିଲ୍ ହେଲା ବିବାଦୀୟ ଗେଷ୍ଟ ହାଉସ

**ରସୁଲପୁର/ ଧର୍ମଶାଳା, ୨୫।୧୦ (ଡିଏନଏ):** ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ରୂପେଶ ଭଦ୍ରଙ୍କ ବିବାଦୀୟ ଗେଷ୍ଟ ହାଉସ୍‌କୁ ଶୁକ୍ରବାର ସିଲ୍ କରାଯିବା ସହ ସେଠାରେ ନାଲି ପତାକା ଉଡ଼ାଯାଇଛି। ଗୁରୁବାରଠାରୁ ଉକ୍ତ ଗେଷ୍ଟ ହାଉସ ପରିସରରେ ୧୪୪ଧାରା ଜାରି କରାଯାଇଛି। ଗତ ୧୬ରେ ଗେଷ୍ଟ ହାଉସରେ ସ୍ମିତାରାଣୀଙ୍କ ମୃତ୍ୟୁ ହୋଇଥିଲା। ପରେ ଏହା ସରକାରୀ ଜାଗାରେ ହୋଇଥିବା ନେଇ ବିରୋଧୀ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ତହସିଲଦାର ଓ ଅତିରିକ୍ତ ତହସିଲଦାର ତଦନ୍ତ କରି ଜିଲାପାଳଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଆଧାରରେ ରୂପେଶଙ୍କ ଗେଷ୍ଟ ହାଉସ ସରକାରୀ ଜାଗାରେ ବୋଲି ପ୍ରମାଣ ମିଳିଥିଲା। ଗୁରୁବାର ଜିଲାପାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେବା ପରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି, ଥାନାଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ଚଢାଉ କରି ଗେଷ୍ଟ ହାଉସ ପରିସରରେ ନାଲି ପତାକା ଲଗାଇବା ସହିତ ତାହାକୁ ସିଲ୍ କରି ନୋଟିସ ଲଗାଇଛନ୍ତି। ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଚାଲିଥିବାବେଳେ ଏବେ ଏହି ଗେଷ୍ଟ ହାଉସକୁ ଭଙ୍ଗାଯିବ ନାହିଁ। ତଦନ୍ତ ନ ସରିବା ପର୍ଯ୍ୟନ୍ତ ଏହା ପୋଲିସ ହେପାଜତରେ ରହିବ।

### ଦୁଇବର୍ଷ ଲାଗି ଘୋଷଣା ହେଲା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

# ଶ୍ୟାମାମଣି, ଉପେନ୍ଦ୍ରଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ):** ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶୁକ୍ରବାର ୨୦୧୭ ଏବଂ ୨୦୧୮ ମସିହା ନିମନ୍ତେ ଏକାଡେମୀର ସର୍ବୋଚ୍ଚ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଘୋଷଣା କରାଯାଇଛି। ନୃତ୍ୟ, ସଙ୍ଗୀତ ଓ ନାଟ୍ୟକଳା କ୍ଷେତ୍ରରେ ବିଶେଷ ଅବଦାନ ତଥା ଆଜୀବନ ସାଧନା ପାଇଁ ଏକାଡେମୀ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଏହି କ୍ରମରେ ୨୦୧୭ ମସିହା ଲାଗି କଟକ ଜିଲାର ବିଶିଷ୍ଟ ଓଡ଼ିଶୀ କଣ୍ଠସଙ୍ଗୀତ ଶିଳ୍ପୀ ଡ. ଶ୍ୟାମାମଣି ଦେବୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିଭଳି ୨୦୧୮ ମସିହା ନିମନ୍ତେ ଗଞ୍ଜାମର ପ୍ରଖ୍ୟାତ ଦାସକାଠିଆ ଶିଳ୍ପୀ ଉପେନ୍ଦ୍ର କୁମାର ପାଣିଗ୍ରାହୀ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଏହାଛଡ଼ା ୨୦୧୭ ଏବଂ ୨୦୧୮ ଦୁଇବର୍ଷ ପାଇଁ ଏକାଡେମୀ ସମ୍ମାନ ମଧ୍ୟ ଘୋଷଣା କରାଯାଇଛି। ୨୦୧୭ ମସିହା ଲାଗି ଭୁବନେଶ୍ୱରର ଶାନ୍ତିଲତା ବାରିକ୍ ଛୋଟରାୟ(ଓଡ଼ିଶୀ କଣ୍ଠସଙ୍ଗୀତ), ରାଉରକେଲାର ଅଳକା ଚାନ୍ଦ(ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ), କଟକର ରବିଶଙ୍କର ପ୍ରଧାନ(ଯନ୍ତ୍ର ସଙ୍ଗୀତ-ସୁଶିର/ତାର), ପୁରୀର କାଳନ୍ଦୀ ଚରଣ ପରିଡ଼ା(ଯନ୍ତ୍ର ସଙ୍ଗୀତ-ଆନଦ୍ଧ ବାଦ୍ୟ), ଭୁବନେଶ୍ୱରର ଡ. ସୁଧା ମିଶ୍ର(ସୁଗମ ସଙ୍ଗୀତ), ବଲାଙ୍ଗୀରର ଆଲୋକ ପ୍ରକାଶ ଦାସ(ଲୋକବାଦ୍ୟ), କେନ୍ଦୁଝରର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ(ଲୋକସଙ୍ଗୀତ), ବାଲେଶ୍ୱରର ହେମେନ୍ଦ୍ର ମହାପାତ୍ର(ନାଟ୍ୟ ରଚନା), ଭଦ୍ରକର ବୃନ୍ଦାବନ ବାରିକ(ଅଭିନୟ), ଭୁବନେଶ୍ୱରର ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ(ଅଭିନୟ), ପ୍ରସନ୍ନ ମିଶ୍ର(ନିର୍ଦ୍ଦେଶନା), ଅନ୍ତର୍ଯ୍ୟାମୀ ପଣ୍ଡା(ମଞ୍ଚକଳା), ବ୍ରଜକିଶୋର ମଲ୍ଲିକ(ଓଡ଼ିଶୀ ନୃତ୍ୟ), ଗଞ୍ଜାମର ନୀଳକଣ୍ଠ ତରେଇ(ଲୋକନୃତ୍ୟ), ବରଗଡ଼ର ଡ. କେଶରଞ୍ଜନ ପ୍ରଧାନ(ଲୋକନାଟ୍ୟ), କଟକର ମୀନାକ୍ଷୀ ଦେବୀ(ଗୀତିକବିତା) ଏକାଡେମୀ ସମ୍ମାନ ପାଇବେ।

ସେହିପରି ୨୦୧୮ ମସିହା ଲାଗି ଗଞ୍ଜାମର ସୀମାଞ୍ଚଳ ଦାସ(ଓଡ଼ିଶୀ କଣ୍ଠସଙ୍ଗୀତ), ଭୁବନେଶ୍ୱରର ହରିହର ରଥ(ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ), କେନ୍ଦ୍ରାପଡ଼ାର ରମେଶ ଚନ୍ଦ୍ର ଦାସ(ଯନ୍ତ୍ର ସଙ୍ଗୀତ-ସୁଶିର/ତାର), କଟକର ରାଧାକାନ୍ତ ନନ୍ଦ(ଯନ୍ତ୍ର ସଙ୍ଗୀତ-ଆନଦ୍ଧ ବାଦ୍ୟ), ଭୁବନେଶ୍ୱରର ଗୀତା ଦାଶ(ସୁଗମସଙ୍ଗୀତ), ସମ୍ବଲପୁରର ସନ୍ତୋଷ ସୁନା(ଲୋକବାଦ୍ୟ), ବଲାଙ୍ଗୀରର ବୀଥିକା ଚାଟାର୍ଜୀ(ଲୋକସଙ୍ଗୀତ), ଭଦ୍ରକର ଡ. ସୁଧାଂଶୁ ନାୟକ(ନାଟ୍ୟ ରଚନା), ଭୁବନେଶ୍ୱରର ନିରଞ୍ଜନ ସାହୁ(ଅଭିନୟ), ପୁରୀର ଲକ୍ଷ୍ମୀପ୍ରିୟା ମିଶ୍ର(ଅଭିନୟ), ହରେନ ସାହୁ(ନିର୍ଦ୍ଦେଶନା), ଖୋର୍ଦ୍ଧା ରେତଙ୍ଗର ସଂଗ୍ରାମ କେଶରୀ ମହାରଣା(ମଞ୍ଚକଳା), କଟକର ମୀରା ଦାସ(ଓଡ଼ିଶୀ ନୃତ୍ୟ), ପୁରୀର ମାଗୁଣୀ ଜେନା(ଲୋକନୃତ୍ୟ), ଭଦ୍ରକର ବିଜୟ କୁମାର ବହଳି(ଲୋକନାଟ୍ୟ) ଏବଂ ପୁରୀର ବଦ୍ରି ମିଶ୍ର(ଗୀତିକବିତା)ଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ। ଗତ ୨୫ ତାରିଖରେ ଏକାଡେମୀ ସଚିବ ଗୁରୁ ଡ. ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକାଡେମୀର ସାଧାରଣ ପରିଷଦ ବୈଠକରେ କାର୍ଯ୍ୟକାରୀ ସମିତିର ଅନୁମୋଦନକୁ ଆଧାର କରି ସମସ୍ତ ପୁରସ୍କାର ଘୋଷଣା କରାଯାଇଛି। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ବାବଦରେ ଉଭୟଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ସହ ୧ ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ। ସେହିଭଳି ଏକାଡେମୀ ପୁରସ୍କାର ବାବଦରେ ପ୍ରତିଭାଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ୫୦ ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ରବୀନ୍ଦ୍ର ମଣ୍ଡପଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ ପ୍ରତିଭାଙ୍କୁ ସମ୍ମାନିତ କରାଯିବ।


GOVERNMENT OF ODISHA, "e"-PROCUREMENT NOTICE

**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**

**WORKS DEPARTMENT**

E-mail: rbcirclekhurda@gmail.com

No. B-244:

**Tender call Notice**

Bid Identification No. SE-Khordha (R&B) Circle-04/2019-20 Memo No - Dt. . 24.10.2019

The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE form eligible contractors for Road works as detailed in the table below:

1. Nature of Work : Road Work
2. No of Work : 1 No
3. Tender Cost : Rs.10000.00 (On-Line)
4. Class of Contractor : 'B ' Class & 'A ' Class
5. Available of Bid document in the Website : From Dt. 31.10.2019 10.00 AM to Dt. 13.11.2019 05.00 PM
6. Date of opening of Bid : Dt. 14.11.2019 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

34127/11/0004/1920

Superintending Engineer, Khordha (R&B) Circle, Khordha



**GOVERNMENT OF ODISHA**

**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**

No. C-273:

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB) Dtd.24.10.2019**

| SN | Name of Work | Bid Identi-fication No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Providing Water Supply House Connection to consumers from PHEO source in different Locations of Brajarajnagar Town under Brajarajnagar Municipality | EICPH-04/ 2019-20 | 476.59 | 05 (Five) Months | 11.00 Hrs. of 30.10.2019 | 17.00 Hrs. Of 21.11.2019 |

❖ Name & Address of Officer Inviting Bid: Engineer-in-Chief (PH), Unnati Bhawan, 1st Floor, Satyanagar, Bhubaneswar-751 007, Odisha. Phone # 0674-2575309, mail:eicphodisha@gmail.com

❖ Further details can be seen from the e-Procurement portal "https://www.tendersodisha.gov.in".

❖ **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

13068/11/0004/1920

Sd/-ENGINEER-IN-CHIEF, PH



GOVERNMENT OF ODISHA, OFFICE OF THE SUPERINTENDING ENGINEER

**SOUTHERN CIRCLE, RURAL WORKS, SUNABEDA**

**NATIONAL COMPETITIVE BIDDING THROUGH e-Procurement**

No: ______/ Dt:______/

No. O-464:

1 Name of the work : Construction / up-gradation of roads under PMGSY & their maintenance for 5 years under PMGSY.
2 Total No of Packages : 9 Nos (Percentage Rate Tender).
3 Estimated Cost : Various from Rs.101.38 Lakhs to Rs.503.36 Lakhs.
4 Class of Contractor : "B" Class, "A" Class and Special Class (as per annexure).
5 Period of Completion : Six to Eighteen Calendar months
6 Cost of Tender paper : Rs.10,000.00 per set (Non refundable) only in shape of DD in favour of OSRRA payable at Bhubaneswar.
7 EMD required : 2% of estimated cost of the package duly pledged in favour of Executive Engineer of the concerned Rural Works Division.
8 Original Bid Cost, EMD, Affidavit regarding correctness of documents, along with other relevant documents submission on or before **17.11.2019 up to 5.30 PM**
9. Period of availability of tenders on-line / Date & time of bidding on-line / last date of seeking clarification / Date of opening of tender papers. : The details are as follows.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle,Sunabeda | SERWSCSBD – Online – 07/2019-20 | 29.10.2019 at 11.00 A.M. | 13.11.2019 up to 5.00 P.M. | 11.11..2019 up to 2.00 P.M. | 14.11.2019 at 11.00 A.M. | To be intimated separately |

1 .Further details can be seen from the e-procurement portal http://pmgsytenders.gov.in
2. Any Corrigendum/Addendum will be displayed in the above e-tender web site.

25045/11/0007/1920

Superintending Engineer, Southern Circle RW: Sunabeda.



## ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁନ୍ଦରଗଡ଼

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

**(ଔଷଧ, ଏକ୍ସରେ ସାମଗ୍ରିକ, ଶଯ୍ୟା ଆସ୍ତରଣ କପଡା ଏବଂ ବି.ଏମ.ଡବ୍ଲୁ ସାମଗ୍ରିକ କ୍ରୟ ସମ୍ବନ୍ଧେ ବିଜ୍ଞାପନ)**

**Tender No.5589 / CDM & PHO / SNG/ Date: 25.10.19**

**TENDER CALL NOTICE**

No.E-438 :- Sealed tenders are invited from the willing Supplier / Wholesaler / Manufacturer / EPM rate contract holder etc to quote the rates of drugs & medical consumables, X-ray item, Bedding Clothing and Bio Medical Waste Management items in Annexure-I. The willing bidders are requested to submit their sealed tenders to the office of the undersigned by Speed Post / Regd. Post / Courier Services only on or before dt.18.11.19 till 5 P.M. The said tenders will be opened on dt.19.11.19 at 11.30 A.M. and after due date & time any tender will not be entertained. The bidders or their representatives are requested to remain present in the fixed date & time for opening of tender. The details terms & conditions and items list can be downloaded from the District website - www.sundergarh.nic.in.

The undersigned reserves the right to accept /cancel all the tenders without assigning any reason thereof.

**Sd./- Dr. S.K. Mishra**

**Chief District Medical & Public Health Officer**

**10100/11/0023/1920 Sundargarh**



**STATE FOREST HEADQUARTERS, ODISHA**

**OFFSERVATORICE OF THE PRINCIPAL CHIEF CON OF FORESTS, ARANYA BHAWAN, CHANDRASEKHARPUR, BHUBANESWAR-23.**

Memo No 18513 / 6F (Accnt)-22/2014 / Dt. 24.10.2019

No. MM-80:

**TENDER CALL NOTICE**

Sealed Tender in plain paper is invited from interested parties/individuals by 2.00PM of dt.20/11/2019for disposal of old Government Vehicles of 6(six) four wheeler and 1(one) two wheeler of office of the Principal Chief Conservator of Forests & HoFF ,Odisha ,Arayan Bhawan,Chandrasekharpur,Bhubaneswar.

The details of vehicls to be disposed off with Terms and Conditions wiil be available with ACF(Hqr) of this office from 01/11/2019 and can be downloaded from the **Website www. Odishaforest.in.**

| Sl. No. | Vehicle | Regd. No. | Year of purchase /receive | EMD to be deposited. | Vehicle intact at. |
|---|---|---|---|---|---|
| 1 | TATA SUMO | OR-05R- 0423 | 2003 | Rs.3000/- | PCCF.Office campus |
| 2 | Ambassador | OR-02X- 1755 | 2003 | Rs.2000/- | -do- |
| 3 | GYPSY | OR-02Y-6742 | 2003 | Rs.2000/- | -do- |
| 4 | Ambassador | OR-02W- 3694 | 2006 | Rs.2000/- | R.O.Mancheswar.Campus. |
| 5 | TATA SIERA | WB-02W- 9275 | 2002 | Rs.1000/- | -do- |
| 6 | Amassador | OAS-1765 | 1985 | Rs.1000/- | -do- |
| 7 | Raj doot | OR-02Y- 1563 | 2003 | Rs.1000/- | -do- |

The sealed tender documents is to be submitted in locked and sealed box kept for the purpose in the chamber of ACF(Hqr) at Ground floor in the office of PCCF & HoFF, Odisha. The last date of submission of tender paper in the O/o PCCF, Odisha is 2.00PM of dt,20/11/2019 and the Quotation will be opened by the Tender Opening Committee at 4.00PM

08002/11/0018/1920

Sd/- Principal Chief Conservator of Forests, Odisha, Bhubaneswar



Tel.: 0671-2308424, 2308104 (FAX)

## କଟକ ମହାନଗର ନିଗମ

**ଚୌଧୁରୀ ବଜାର, କଟକ**

ସୂଚାଙ୍କ : ୯୮୦୪ ତାରିଖ: ୨୫।୧୦।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ନିମ୍ନଲିଖିତ ପାର୍କିଂ ସ୍ଥାନ ଓ କିଲିଖାନା ଗୁଡ଼ିକ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷ ଏବଂ ପୋଖରୀ ଆଦି ସୈରାତ ଗୁଡ଼ିକ ୨୦୧୯-୨୦ ଠାରୁ ୨୦୨୧-୨୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଆସନ୍ତା ତା୦୬।୧୧।୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ବନ୍ଦ ଲଫାପାରେ ନିଗମର ୱେବ୍‌ସାଇଟ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ଫର୍ମରେ ଟେଣ୍ଡର ଗ୍ରହଣ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତ ଗୁଡ଼ିକ ପାଇଁ ଧାର୍ଯ୍ୟ ଅମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ ଏବଂ ତା୦୭।୧୧।୨୦୧୯ରିଖ ଦିବା ଘ.୧୧.୩୦ମି. ଠାରୁ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତିରେ ନିଲାମ ଦର ଥିବା ଲଫାପାଗୁଡ଼ିକ ପର୍ଯ୍ୟାୟ କ୍ରମେ ଖୋଲାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଙ୍ଗେ ସଙ୍ଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍ **www.cmccuttack.gov.in**ରେ ଦେଖି ପାରିବେ। ଇଚ୍ଛୁକ ବ୍ୟକ୍ତି ଟେଣ୍ଡର ପାଇଁ ଉଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ଫର୍ମ ନିଗମ ୱେବ୍‌ସାଇଟ୍‌ରୁ ଡାଉନଲୋଡ କରି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ।

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଚୂଡ଼ାନ୍ତ କରାଯିବ:**

୧. ପୂର୍ବ ବର୍ଷର ନିଲାମ ଟଙ୍କା ରଖିଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନ ଅଥବା ପୂର୍ବରୁ ନିଲାମ ସିଦ୍ଧ ହୋଇ ନିଲାମ ଗ୍ରହଣ କରି ନ ଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନମାନେ ଉକ୍ତ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଦାରୀ ମାମଲା ବିଚାରାଧୀନ ନାହିଁ କିମ୍ବା ସେ କୌଣସି ମାମଲାରେ ସଂଶ୍ଳିଷ୍ଟ ଥାଇ କାରାବରଣ କରି ନ ଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ।
୩. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଙ୍ଗେ ସଙ୍ଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ ହାସଲ କରିବେ। ତାହା ନ ହେଲେ, ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡରରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ।
୪. ଯଦି ସର୍ବୋଚ୍ଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତା ହେଲେ କର୍ତ୍ତୃପକ୍ଷ ଇଚ୍ଛା କଲେ ଟେଣ୍ଡର ଚୂଡ଼ାନ୍ତ ନକରି ସାନି ଟେଣ୍ଡର କରିପାରିବେ।
୫. ଟେଣ୍ଡର ଗ୍ରହୀତା ପାର୍କିଂ ଫି (ମହାସୁଲ) ନିମ୍ନମତେ ଆଦାୟ କରିବେ।
(କ) ଚାରି ଚକିଆ ଯାନ ପ୍ରତି ଦୈନିକ ଟ୨୦.୦୦ଙ୍କା।
(ଖ) ତିନି ଚକିଆ ଯାନ ପ୍ରତି ଦୈନିକ ଟ୧୦.୦୦ଙ୍କା।
(ଗ) ଦୁଇ ଚକିଆ ଯାନ ପ୍ରତି ଦୈନିକ ଟ୫.୦୦ଙ୍କା।
(ଘ) ସାଇକେଲ ପ୍ରତି ଦୈନିକ ଟ୨.୦୦ଙ୍କା।
୬. ପାର୍କିଂ ସ୍ଥାନ ସକାଳ ଘ.୮.୦୦ଟିକା ଠାରୁ ରାତ୍ର ଘ.୧୧.୦୦ଟିକା ପର୍ଯ୍ୟନ୍ତ ଖୋଲା ରଖିବେ।
୭. ପାର୍କିଂ ସ୍ଥାନ ମହାସୁଲ ଆଦାୟକାରୀମାନେ ନିର୍ଦ୍ଦିଷ୍ଟ ସମପୋଷାକ (ୟୁନିଫର୍ମ) ପରିଧାନ କରିବା ସହିତ ନିଜର ପରିଚୟ ପତ୍ର ବେକରେ ଝୁଲାଇବେ।
୮. ପାର୍କିଂ ସ୍ଥାନକୁ ଟେଣ୍ଡର ଗ୍ରହୀତା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ ନାହିଁ।
୯. ଟେଣ୍ଡର ଗ୍ରହୀତା ପାର୍କିଂ ସ୍ଥାନରେ ରହୁଥିବା ଯାନବାହନର ନିରାପତ୍ତା ନିମନ୍ତେ ଜଗୁଆଳିର ବ୍ୟବସ୍ଥା କରିବେ।
୧୦. ଧାର୍ଯ୍ୟ ଅମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ, ଆବେଦନକାରୀ ନିଜ ନାମରେ ବ୍ୟାଙ୍କରୁ କ୍ରୟ କରିବେ।
୧୧. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ମ୍ୟୁନିସିପାଲ କମିଶନରଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୂଡ଼ାନ୍ତ ହେବାର ସାତ ଦିନ ମଧ୍ୟରେ କରିବେ।
୧୨. ଉକ୍ତ ଟେଣ୍ଡର ଡାକକୁ କର୍ତ୍ତୃପକ୍ଷ ଇଚ୍ଛା କଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ।

| କ୍ର.ନଂ. | ସୈରାତଗୁଡ଼ିକର ନାମ | ଟେଣ୍ଡର ପାଇଁ ସର୍ବନିମ୍ନ ଧାର୍ଯ୍ୟ ରାଶି | ଅମାନତ ଟଙ୍କା | ମିଆଦ |
|---|---|---|---|---|
| ୧ | ବନ୍ଧେ ହୋଟେଲ ସାମନା ପାର୍କିଂ ସ୍ଥାନ, ଜୋବ୍ରା ରୋଡ଼ | ଟ୧୨୭୦୦୦/- | ଟ୧୨୭୦୦/- | ଆର୍ଥିକ ବର୍ଷ ୨୦୧୯-୨୦ |
| ୨ | ଆକବରୀ ଖାଁ ଗୁଡ଼ାଖୁ ଦୋକାନ ସମ୍ମୁଖ ପାର୍କିଂ ସ୍ଥାନ, ନିମଚୌଡ଼ି | ଟ୩୪୧୦୦/- | ଟ୩୪୧୦/- | |
| ୩ | କନିକା ଛକ ପାର୍କିଂ ସ୍ଥାନ | ଟ୧୦୦୦୦/- | ଟ୧୦୦୦/- | |
| ୪ | ତିନିକୋଣିଆ ବଗିଚା ପାଖ ପାର୍କିଂ ସ୍ଥାନ | ଟ୧୪୩୦୦/- | ଟ୧୪୩୦/- | |
| ୫ | ବକ୍ସିବଜାର ରୋଡ ଉପର ମାଳିସାହି ଗଡ଼ା ନିକଟ ପାର୍କିଂ ସ୍ଥାନ | ଟ୫୬୪୦୦/- | ଟ୫୬୪୦/- | |
| ୬ | ଷ୍ଟାର ହସପିଟାଲ ସମ୍ମୁଖ ଓ ମଧୁସୂଦନ ଆଇନ ମହାବିଦ୍ୟାଳୟ ଛାତ୍ରାବାସ ପାଚେରି ପାଖ ପାର୍କିଂ ସ୍ଥାନ, ଜୋବ୍ରା ରୋଡ଼ | ଟ୭୩୫୦୦/- | ଟ୭୩୫୦/- | |
| ୭ | କେଶରପୁର କିଲିଖାନା | ଟ୮୦୧୦୦/- | ଟ୮୦୧୦/- | |
| ୮ | ସତୀଚୌରା କିଲିଖାନା | ଟ୫୦୧୦୦/- | ଟ୫୦୧୦/- | |
| ୯ | ଖାନନଗର କିଲିଖାନା | ଟ୧୭୬୦୦୦/- | ଟ୧୭୬୦୦/- | |
| ୧୦ | ପନ୍ଦର ଫୁଟିଆ ପୋଖରୀ, ଗୋପାଳପୁର | ଟ୫୫୦୦/- | ଟ୫୫୦/- | ଆର୍ଥିକ ବର୍ଷ ୨୦୧୯-୨୦ ଠାରୁ ୨୦୨୧-୨୨ ପର୍ଯ୍ୟନ୍ତ |
| ୧୧ | ଗାନ୍ଧୀ ସ୍ମୃତି ପୋଖରୀ, ତେଲେଙ୍ଗାପେଣ୍ଠ | ଟ୭୯୦୦/- | ଟ୭୯୦/- | |
| ୧୨ | ପଦ୍ମ ପୋଖରୀ | ଟ୯୭୦୦/- | ଟ୯୭୦/- | |
| ୧୩ | ଘିପୋଖରୀ | ଟ୨୧୪୦୦/- | ଟ୨୧୪୦/- | |
| ୧୪ | କଣ୍ଡରା ପୋଖରୀ | ଟ୧୮୭୦୦/- | ଟ୧୮୭୦/- | |

ସ୍ୱା./- ସଚିବ

DSPL-128

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଓଡ଼ିଶା ସରକାର

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା

ODISHA ONE
ଓଡ଼ିଶା ଆମ ଗୌରବ

*ରାଜ୍ୟର ବରିଷ୍ଠ ନାଗରିକ ମାନଙ୍କୁ ଦେଶର ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣର ସୁବିଧା ନିମନ୍ତେ ରାଜ୍ୟ ସରକାର "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା" ପ୍ରଣୟନ କରିଅଛନ୍ତି । ଏହି ଯୋଜନା ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଏବଂ ଟୁରିଜିମ କର୍ପୋରେସନ (**IRCTC**)ର ସହଯୋଗରେ କାର୍ଯ୍ୟକାରୀ ହେଉଅଛି । ଉକ୍ତ ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟ **www.dot.odishatourism.gov.in** ରେ ଉପଲବ୍ଧ । ଏହି ଯୋଜନାରେ ସୁବିଧା ପାଇବା ପାଇଁ ରାଜ୍ୟ ସରକାର ନିମ୍ନଲିଖିତ ମାନଦଣ୍ଡ ନିର୍ଦ୍ଧାରଣ କରିଅଛନ୍ତି । ଯୋଗ୍ୟ ବରିଷ୍ଠ ନାଗରିକମାନେ ଜୀବନକାଳ ମଧ୍ୟରେ ଉକ୍ତ ଯୋଜନାରେ ଗୋଟିଏ ଥର ପାଇଁ ଯାତ୍ରା କରିବାର ସୁଯୋଗ ପାଇବେ ।*

## ୧. ଯୋଗ୍ୟତା

(କ) ଇଚ୍ଛୁକ ତୀର୍ଥଯାତ୍ରୀମାନେ ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ୭୫ବର୍ଷରୁ କମ୍ ତଥା ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଖ) ଆର୍ଥିକ ଦୁର୍ବଳ ଶ୍ରେଣୀ / ଦାରିଦ୍ର୍ୟ ସୀମାରେଖାର ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ଗସ୍ତ ଖର୍ଚ୍ଚର ସମ୍ପୂର୍ଣ୍ଣ ରିହାତିର ବ୍ୟବସ୍ଥା କରାଯାଇଅଛି ।

(ଗ) ୭୦ ରୁ ୭୫ ବର୍ଷ ବୟସ ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ସେମାନଙ୍କ ସଙ୍ଗରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ। ସହାୟକ ବାବଦରେ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱର ନାମରେ ଦରଖାସ୍ତ ସହ ଦାଖଲ କରିବେ।

(ଘ) ଆୟକର ଦେଉଥିବା ବରିଷ୍ଠ ନାଗରିକମାନେ ଏହି ଯୋଜନାର ପରିସରଭୁକ୍ତ ନୁହଁନ୍ତି ।

(ଙ) ଇଚ୍ଛୁକ ବରିଷ୍ଠ ନାଗରିକମାନେ ଏଥିସହ ସଂଲଗ୍ନ ନିର୍ଦ୍ଧାରିତ ଫର୍ମ, ଫଟୋଗ୍ରାଫ, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାର କାର୍ଡ଼, ବୟସର ପ୍ରମାଣପତ୍ରର ନକଲ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣପତ୍ର ସହ ନିଜ ଜିଲ୍ଲାର ପର୍ଯ୍ୟଟନ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।

(ଚ) ଇଚ୍ଛୁକ ତୀର୍ଥ ଯାତ୍ରୀ ଦୂରଯାତ୍ରା ପାଇଁ ଶାରିରୀକ ଏବଂ ମାନସିକ ଭାବେ ସୁସ୍ଥ ହୋଇଥିବେ । ସେ କୌଣସି ସଂକ୍ରାମକ ରୋଗ ଯଥା- ଯକ୍ଷ୍ମା, କୁଷ୍ଠ, ଶ୍ୱାସଜନିତ ରୋଗ ଓ ହୃଦରୋଗ ଇତ୍ୟାଦି ଦ୍ୱାରା ଆକ୍ରାନ୍ତ ହୋଇନଥିବେ ।

## ୨. ଆବେଦନ ପ୍ରଣାଳୀ

(କ) ଆବେଦନ ଫର୍ମ ଜିଲ୍ଲାପାଳ, ଜିଲ୍ଲା ପର୍ଯ୍ୟଟନ ଓ ବ୍ଲକ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପର୍ଯ୍ୟଟନ ବିଭାଗର ୱେବସାଇଟ www.dot.odishatourism.gov.in ରେ ଉପଲବ୍ଧ ।

(ଖ) ଆବେଦନକାରୀ ଉକ୍ତ ଆବେଦନ ଫର୍ମକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଏବଂ ଏଥି ସହିତ ସଂପୃକ୍ତ ପ୍ରମାଣପତ୍ର ସଂଲଗ୍ନ କରି ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ **୮ ନଭେମ୍ବର ୨୦୧୯** ସୁଦ୍ଧା ବ୍ୟକ୍ତିଗତଭାବେ କିମ୍ବା ଡ଼ାକଯୋଗେ ଦାଖଲ କରିବେ ।

## ୩. ଚୟନ ପ୍ରଣାଳୀ

(କ) ଦରଖାସ୍ତକାରୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କଲା ପରେ ସଂପୃକ୍ତ ଟୁରିଷ୍ଟ ଅଫିସର ଦରଖାସ୍ତ ଗୁଡ଼ିକୁ ତନଖି କରି ଦରଖାସ୍ତଗୁଡ଼ିକରେ ଜିଲ୍ଲାକୋଡ ଏବଂ କ୍ରମିକ ସଂଖ୍ୟା ପ୍ରଦାନ କରିବେ । ପ୍ରତ୍ୟେକ ଜିଲ୍ଲାପାଇଁ ଉଦ୍ଦିଷ୍ଟ ତିର୍ଥଯାତ୍ରୀଙ୍କର ସଂଖ୍ୟା ଠାରୁ ଅଧିକ ଆବେଦନକାରୀ ସ୍ଥଳେ ସଂପୃକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରୀ ମାଧ୍ୟମରେ ତୀର୍ଥଯାତ୍ରୀ ଚୟନ କରାଯିବ ଏବଂ ବଛାଯାଇଥିବା ତୀର୍ଥ ଯାତ୍ରୀଙ୍କୁ ସେମାନଙ୍କ ଠିକଣାରେ ଜଣାଇଦିଆଯିବ ।

(ଖ) ଚଳିତ ଆର୍ଥିକ ବର୍ଷରେ ନିମ୍ନଲିଖିତ ସ୍ଥାନମାନଙ୍କରୁ ୪ଟି ଟ୍ରେନ ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିବ ।

| କ୍ର.ସଂ | ପ୍ରାରମ୍ଭ ଷ୍ଟେସନ | ଜିଲ୍ଲା | ଯାତ୍ରା ବିବରଣୀ | ଯାତ୍ରା ଅବଧି | ଜଣପିଛା ଯାତ୍ରାଖର୍ଚ୍ଚ | ଯାତ୍ରାଆରମ୍ଭର ସମ୍ଭାବ୍ୟ ତାରିଖ |
|---|---|---|---|---|---|---|
| ୧ | ବାଲେଶ୍ୱର | ବାଲେଶ୍ୱର, ଯାଜପୁର, ଭଦ୍ରକ, ମୟୁରଭଞ୍ଜ ଓ କେନ୍ଦୁଝର | ହରିଦ୍ୱାର-ଋଷିକେଶ | ୬ ଦିନ | ୧୩୫୦୦ | ନଭେମ୍ବର, ୨୦୧୯ ଦ୍ୱିତୀୟ ସପ୍ତାହ |
| ୨ | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର କଳାହାଣ୍ଡି, ଝାରସୁଗୁଡ଼ା, ଦେବଗଡ଼ ଓ ନୂଆପଡ଼ା | ଆଗ୍ରା-ମଥୁରା-ବୃନ୍ଦାବନ | ୫ ଦିନ | ୧୧୨୫୦ | ନଭେମ୍ବର, ୨୦୧୯ ଚତୁର୍ଥ ସପ୍ତାହ |
| ୩ | ଭୁବନେଶ୍ୱର | ଖୋର୍ଦ୍ଧା, କଟକ, ପୁରୀ କେନ୍ଦ୍ରାପଡ଼ା, ଜଗତସିଂହପୁର ଢେଙ୍କାନାଳ ଓ ନୟାଗଡ଼ | ଆହ୍ଲାବାଦ-ବାରଣାସୀ | ୫ ଦିନ | ୧୧୨୫୦ | ଡିସେମ୍ବର, ୨୦୧୯ ଦ୍ୱିତୀୟ ସପ୍ତାହ |
| ୪ | ବ୍ରହ୍ମପୁର | ଗଞ୍ଜାମ, ଗଜପତି, କନ୍ଧମାଳ ବୌଦ୍ଧ, କୋରାପୁଟ, ରାୟଗଡ଼ା ମାଲକାନଗିରି ଓ ନବରଙ୍ଗପୁର | ରାମେଶ୍ୱରମ୍-ମଦୁରାଇ-ତିରୁପତି | ୭ ଦିନ | ୧୫୭୫୦ | ଜାନୁୟାରୀ, ୨୦୨୦ ପ୍ରଥମ ସପ୍ତାହ |

ବିଦ୍ର: ୧) ଉପରୋକ୍ତ ଜିଲ୍ଲାର ଆବେଦନକାରୀମାନେ କେବଳ ସେହି ଜିଲ୍ଲା ଲାଗି ଉଦ୍ଦିଷ୍ଟ ଥିବା ତୀର୍ଥସ୍ଥାନକୁ ଯାତ୍ରା କରିପାରିବେ।
୨) ପୂର୍ବରୁ ଉକ୍ତ ଯୋଜନାରେ ଯାତ୍ରା କରିଥିବା ତିର୍ଥଯାତ୍ରୀ ପୁର୍ନବାର ଯାତ୍ରା କରିବାର ସୁବିଧା ପାଇବେ ନାହିଁ।

(ଗ) ଚୟନ କରାଯାଇଥିବା ତୀର୍ଥଯାତ୍ରୀମାନେ ନିଜ ବାସସ୍ଥାନରୁ ଟ୍ରେନର ଆରମ୍ଭ ଷ୍ଟେସନରେ ପହଞ୍ଚିବା ଏବଂ ଯାତ୍ରାପରେ ନିଜ ବାସସ୍ଥାନକୁ ଫେରିବା ବାବଦରେ ଗସ୍ତଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।

(ଘ) ଯାତ୍ରୀମାନେ କେବଳ ଶୟନ ଶ୍ରେଣୀ (2nd Class Sleeper) ଯାତ୍ରା କରିପାରିବେ ।

## ୪. ଯାତ୍ରୀମାନଙ୍କୁ ଯାତ୍ରାକାଳୀନ ସୁବିଧା

(କ) ଯାତ୍ରୀମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଏକ ସ୍ୱତନ୍ତ୍ର ଟ୍ରାଭେଲ କିଟ୍ (ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ) ଏବଂ ପରିଚୟ ପତ୍ର ଯୋଗାଇ ଦିଆଯିବ।

(ଖ) ଟ୍ରେନ ଯାତ୍ରା ସମୟରେ ଯାତ୍ରୀମାନଙ୍କୁ ସକାଳ ଏବଂ ସଂନ୍ଧ୍ୟାରେ ଜଳପାନ, ନିରାମିଷ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନର ବ୍ୟବସ୍ଥା ସହିତ ରେଳ ଷ୍ଟେସନରୁ ତୀର୍ଥସ୍ଥାନକୁ ନେବା ଓ ଆଣିବା ପାଇଁ ପରିବହନ ବ୍ୟବସ୍ଥା ସରକାରଙ୍କ ଦ୍ୱାରା କରାଯାଇଅଛି।

ବି. ଦ୍ର.:

୧. ଆବେଦନକାରୀମାନେ ଦରଖାସ୍ତ ଫର୍ମକୁ ସମ୍ପୁର୍ଣ୍ଣ ରୂପେ ପୂରଣ କରିବେ ।

୨. *ଆବେଦନକାରୀମାନେ ସେମାନଙ୍କର ପରିଚୟପତ୍ର, ଆଧାର କାର୍ଡ଼, ବୟସ ଓ ଠିକଣା ସମ୍ବନ୍ଧୀୟ ପ୍ରମାଣପତ୍ର, ଆର୍ଥୀକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଓ ଦୁଇଗୋଟି ପାସ୍‌ପୋର୍ଟ ଫଟୋ ଦରଖାସ୍ତ ସହ ସଂଲଗ୍ନ କରିବେ ।

୩. ଆବେଦନକାରୀମାନେ ସେମାନଙ୍କର ପରିଚୟ, ବୟସ, ଠିକଣା ଇତ୍ୟାଦିର ପ୍ରମାଣପତ୍ର ଭାରତ ସରକାର / ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରମାଣପତ୍ରମାନଙ୍କ ମଧ୍ୟରୁ ଗୋଟିଏ ଦରଖାସ୍ତ ସହ ସଂଲଗ୍ନ କରିବେ । ଏତଦ୍‌ବ୍ୟତୀତ ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍ କାର୍ଡ଼ / ଅନ୍ତୋଦୟ / ଅନ୍ନପୂର୍ଣ୍ଣା କାର୍ଡ଼ / ବାର୍ଦ୍ଧକ୍ୟ ଭତ୍ତା / ବିଧବା ଭତ୍ତା / ଖାଉଟି କାର୍ଡ଼ (ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନ୍ତର୍ଗତ) ଇତ୍ୟାଦି ଯେଉଁଥିରେ କି ସେମାନଙ୍କର ନାମ ଓ ବୟସର ବିବରଣୀ ଥିବ ସେଥିରୁ ଗୋଟିଏ (ଆର୍ଥିକ ଦୁର୍ବଳଶ୍ରେଣୀର ଅନ୍ତର୍ଗତ ପାଇଁ) ଦରଖାସ୍ତ ସହ ସଂଲଗ୍ନ କରିବେ ।

୪. ସହାୟକଙ୍କ ପାଇଁ ପ୍ରଯୁଜ୍ୟ ଗସ୍ତ ଦେୟ ବାବଦକୁ ବ୍ୟାଙ୍କ ଡ୍ରାଫ୍ଟ ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ କରାଯାଇ ଦାଖଲ କରିବେ । (Bank Draft in the Name of Director, Tourism & Payable at Bhubaneswar)

୫. ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ (ଫୋନ ନଂ) - ୦୬୭୪ ୨୪୩୨୧୭୭/ ୨୪୩୬୫୯୬

37001/13/0021/1920

ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ

BNTYY- କ୍ର. ସଂଖ୍ୟା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ଆବେଦନ ଫର୍ମ

କ. ଏକକ ଆବେଦନକାରୀଙ୍କ ନିମନ୍ତେ :

| | | | | | | | | | | |
|---|---|---|---|---|---|---|---|---|---|---|
| ୧. | ନାମ* | | | | | | | | | ଆବେଦନକାରୀଙ୍କ ଫଟୋ |
| ୨. | ପିତା/ ସ୍ୱାମୀଙ୍କ ନାମ | | | | | | | | | |
| ୩. | ଠିକଣା* | | | | | | | | | |
| ୪. | ଆଧାର ନମ୍ବର * | | | | | | | | | |
| ୫. | ଫୋନ, ମୋବାଇଲ ନଂ/ ଇ ମେଲ | | | | | | | | | |
| ୬. | ଜନ୍ମ ତାରିଖ * | | ୭. | ଲିଙ୍ଗ | ପୁରୁଷ | | ମହିଳା | | ଅନ୍ୟାନ୍ୟ | |
| ୮. | ପରିବାରର ଶ୍ରେଣୀ* | ଆର୍ଥିକ ଦୁର୍ବଳ ଶ୍ରେଣୀ | | | ୯. | | ବ୍ଲଡ଼ଗ୍ରୁପ୍ | | | |

ଖ. ସ୍ୱାମୀ ଓ ସ୍ତ୍ରୀ ଉଭୟ ଏକତ୍ର ଯାତ୍ରା ପାଇଁ ଇଚ୍ଛୁକ ଥିଲେ ନିମ୍ନଲିଖିତ ସୂଚନା ଆବଶ୍ୟକ, ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ:

| | | | | | |
|---|---|---|---|---|---|
| ୧. | ସ୍ତ୍ରୀଙ୍କ ନାମ* | | | | ସ୍ତ୍ରୀଙ୍କ ଫଟୋ |
| ୨. | ଜନ୍ମ ତାରିଖ * | | | | |
| ୩. | ଆଧାର ନମ୍ବର * | | ୪. | ବ୍ଲଡ଼ଗ୍ରୁପ୍ | |

ଗ. କେବଳ ୭୦ ବର୍ଷରୁ ଉର୍ଦ୍ଧ ବରିଷ୍ଠ ନାଗରିକଙ୍କ ସହ ଯାଉଥିବା ସହାୟକଙ୍କ ନିମନ୍ତେ ନିମ୍ନଲିଖିତ ସୂଚନା ଆବଶ୍ୟକ, ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ:

| | | | | | | | | | | |
|---|---|---|---|---|---|---|---|---|---|---|
| ୧. | ନାମ* | | | | | | | | | ସହାୟକଙ୍କ ଫଟୋ |
| ୨. | ପିତା/ ସ୍ୱାମୀଙ୍କ ନାମ | | | | | | | | | |
| ୩. | ଠିକଣା* | | | | | | | | | |
| ୪. | ଫୋନ, ମୋବାଇଲ ନଂ/ ଇ ମେଲ | | | | | | | | | |
| ୫. | ଜନ୍ମ ତାରିଖ * | | ୬ | ଲିଙ୍ଗ | ପୁରୁଷ | | ମହିଳା | | ଅନ୍ୟାନ୍ୟ | |
| ୭. | ଆଧାର ନମ୍ବର | | ୮ | ବ୍ଲଡ଼ଗ୍ରୁପ୍ | | | | | | |

ଘ. ସହାୟକଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟର ସମ୍ପୂର୍ଣ୍ଣ ବିବରଣୀ:

| ବ୍ୟାଙ୍କର ନାମ | ବ୍ୟାଙ୍କ ଡ୍ରାଫ୍ଟ ସଂଖ୍ୟା | ତାରିଖ | ପରିମାଣ |
|---|---|---|---|
| | | | |

ମୁଁ ଶ୍ରୀ/ ଶ୍ରୀମତୀ........................ ..... ........... .......ପିତା/ସ୍ୱାମୀ.................. ........... .................. ... ଏତଦ୍ୱାରା ଘୋଷଣା କରୁଅଛି ଯେ ମୁଁ ଆୟକର ଦାତା ନୁହେଁ, ମୁଁ ଏହି ତୀର୍ଥଯାତ୍ରା କରିବା ପାଇଁ ଶାରିରୀକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଅଟେ ଓ ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବିବରଣୀ ମୋର ଜ୍ଞାତ ମତେ ସତ୍ୟ ଅଟେ । ଉପରୋକ୍ତ ଫର୍ମରେ ଦେଇଥିବା କୌଣସି ବିବରଣୀ ଅସତ୍ୟ ହୋଇଥିଲେ ଏଥିପାଇଁ ମୁଁ ଦାୟୀ ରହିବି ଏବଂ ଯାତ୍ରାପାଇଁ ଅଯୋଗ୍ୟ ବିବେଚିତ ହେବି । ଯାତ୍ରା ସମୟରେ କୌଣସି ଦୁର୍ଘଟଣା କିମ୍ବା ଅଘଟଣ ନିମନ୍ତେ ସରକାର ଦାୟୀ ରହିବେ ନାହିଁ।

ତାରିଖ:

ସ୍ଥାନ : ଆବେଦନକାରୀଙ୍କ ସ୍ୱାକ୍ଷର

BNTYY- କ୍ର. ସଂଖ୍ୟା

ପ୍ରାପ୍ତି ସ୍ୱୀକାର ପତ୍ର

ଶ୍ରୀ/ ଶ୍ରୀମତୀ.. .. .. .. .. .. .. .. .. .. .. .. .. .. .. .. .. .. .. .. .. ପିତା/ସ୍ୱାମୀ .. .. .. .. .. .. .. .. .. .. .. .. .. .. .. .. .. .. ଠିକଣା .. .. .. .. .. .. .. .. .. .. .. .. .. .. .. .. .. ଙ୍କ ଠାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବା ନିମନ୍ତେ ଆବେଦନ ପତ୍ର ତଥା ଏଥିସହ ସଂଲଗ୍ନ ନିମ୍ନଲିଖିତ ପ୍ରମାଣପତ୍ର ଏବଂ ବ୍ୟାଙ୍କ ଡ଼ାଫ୍ଟର ପ୍ରାପ୍ତି ସ୍ୱୀକାର କରାଗଲା ।

ତାରିଖ: ଗ୍ରହଣକାରୀଙ୍କ ସ୍ୱାକ୍ଷର

ODISHA
INDIA'S BEST KEPT SECRET.

**ODISHA TOURISM**
Government of Odisha, Paryatan Bhawan
Lewis Road, Bhubaneswar-751014

**Website : www.dot.odishatourism.gov.in**
**E-mail: info@odishatourism.gov.in**
odishatourismofficial @odisha_tourism



@Naveen_Odisha CMO.Odisha @CMO_Odisha

"ମୁଁ ୭୦ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଫୁଟ୍‌ବଲ ମ୍ୟାନେଜ୍‌ମେଣ୍ଟରେ କାର୍ଯ୍ୟ କରିବା ଲାଗି ମୋତେ ଏବେ ମଧ୍ୟ ଅଫର ଆସୁଛି ।

–ଆର୍ସେନ ୱେଙ୍ଗେର୍, ପୂର୍ବତନ ଆର୍ସେନେଲ ମ୍ୟାନେଜର



"ସଞ୍ଜୁ ସାମ୍‌ସନଙ୍କୁ ଭାରତୀୟ କ୍ରିକେଟ ଦଳରେ ସ୍ଥାନ ମିଳିବା ନେଇ ମୁଁ ଆଶ୍ଚର୍ଯ୍ୟାନ୍ୱିତ ନୁହେଁ ବରଂ ଏଥିରେ ବିଳମ୍ବ ହୋଇଗଲା ।

–ଗୌତମ ଗମ୍ଭୀର, ପୂର୍ବତନ କ୍ରିକେଟର ତଥା ରାଜନେତା



## ସଂକ୍ଷେପରେ

### ନେଦରଲାଣ୍ଡ୍ସ, କାନାଡ଼ା ପରାସ୍ତ

ଦୁବାଇ, ୨୫।୧୦(ଏଏଫ୍‌ପି)- ଟି୨୦ ବିଶ୍ୱକପ୍ ୨୦୨୦ରେ ନେଦରଲାଣ୍ଡ୍ସ ଏବଂ କାନାଡ଼ାର ବିଜୟ ଧାରାରେ ବ୍ରେକ୍ ଲାଗିଛି। ଏହି ଦୁଇ ଦଳ ଯଥାକ୍ରମେ ପପୁଆ ନ୍ୟୁ ଗିନି (ପିଏନ୍‌ଜି) ଏବଂ ହଂକଂଠାରୁ ପରାଜିତ ହୋଇଛନ୍ତି। ଗୁରୁବାର ନେଦରଲାଣ୍ଡ୍ସ ବିପକ୍ଷରେ ପିଏନ୍‌ଜି ୫ ଉଇକେଟରେ ଚମକପ୍ରଦ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ କିଞ୍ଚିତ ଶାହଙ୍କ ଅପରାଜିତ ୫୯ ରନ୍ ଏବଂ ନାସରୁଲ୍ଲା ରାଣାଙ୍କ ୩ ଉଇକେଟ ସଫଳତା ସହାୟତାରେ ହଂକଂ ୩୨ ରନ୍‌ରେ କାନାଡ଼ାକୁ ହରାଇ ଦେଇଛି। ସେହିପରି ନାଇଜେରିଆ ବିପକ୍ଷରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ୫ ଉଇକେଟରେ ବିଜୟ ହାସଲ କରିଛି। ଦିନର ଅନ୍ତିମ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ୪ ଉଇକେଟ ବିନିମୟରେ ୨୦୪ ରନ୍ କରିଥିଲା। ବିପକ୍ଷ ଦଳ ବରମୁଡା ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୫୮ ରନ୍ କରିବା ଦ୍ୱାରା ୪୬ ରନ୍‌ରେ ପରାଜିତ ହୋଇଥିଲା।

### ବୁମ୍‌ରା, ମନ୍ଧାନାଙ୍କୁ ପୁରସ୍କାର

ବେଙ୍ଗାଲୁରୁ,୨୫।୧୦(ପି.ଟି.)- ୱିଜ୍‌ଡେନ୍ ଇଣ୍ଡିଆ ଅଲ୍‌ମାନାକ୍ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଶୁକ୍ରବାର ଘୋଷଣା କରାଯାଇଛି। ୫ଜଣ ବିଜେତାଙ୍କ ମଧ୍ୟରେ ଭାରତର ଦୁଇଜଣ ପ୍ରିମିୟର ସ୍ୱିଙ୍ଗ୍‌ଷ୍ଟର ଯଶପ୍ରୀତ୍ ବୁମ୍‌ରା ଏବଂ ବ୍ୟାଟ୍ସୱମ୍ୟାନ ସ୍ମୃତି ମନ୍ଧାନା ରହିଛନ୍ତି। ଏସିଆର ଅନ୍ୟ ବିଜେତାମାନେ ହେଲେ ପାକିସ୍ତାନର ଫଖର ଜମାନ, ଶ୍ରୀଲଙ୍କାର ଦିମୁଥ କରୁଣାରତ୍ନେ ଏବଂ ଆଫଗାନିସ୍ତାନର ରଶିଦ୍ ଖାଁ। ୨୦୧୯ ଏବଂ ୨୦୨୦ ପାଇଁ ବାର୍ଷିକ କ୍ରିକେଟ ପବ୍ଲିକେଶନର ୯ମ ସଂସ୍କରଣରେ ମୟଙ୍କ ଅଗ୍ରୱାଲଙ୍କ ଉପରେ ଏକ ଲେଖା ପ୍ରକାଶ ପାଇଛି। ଘରୋଇ କ୍ରିକେଟରେ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଏହି ଖେଳାଳି କିପରି ଟେଷ୍ଟ ଦଳରେ ସ୍ଥାନ ପାଇଲେ ତାହା ଏଥିରେ ବର୍ଣ୍ଣନା କରାଯାଇଛି। ମିଥାଲି ରାଜ ଏବଂ ଦୀପ୍ତି ଶର୍ମାଙ୍କ ପରେ 'କ୍ରିକେଟର ଅଫ୍ ଦି ଇୟର' ପୁରସ୍କାର ଜିତିବାରେ ମନ୍ଧାନା ତୃତୀୟ ମହିଳା ଖେଳାଳି। ଷ୍ଟଲୱାର୍ଟ ଗୁଣ୍ଡାପ୍ପା ବିଶ୍ୱନାଥ ଏବଂ ଲାଲା ଅମରନାଥଙ୍କୁ ଇଣ୍ଡିଆ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ମିଳିଛି।



ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ୍ ଖେଳିବା ପାଇଁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ଆମେରିକା ମହିଳା ହକି ଦଳ।

# ଅଲିମ୍ପିକ୍ସ ଯୋଗ୍ୟତା ମୁଖ୍ୟ ଲକ୍ଷ୍ୟ: ଶାର୍କି

■ ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ

■ ଆମେରିକା ମହିଳା ହକି ଦଳ ପହଞ୍ଚିଲା

**ଭୁବନେଶ୍ୱର, ୨୫।୧୦(କ୍ରୀଡ଼ା ପ୍ରତିନିଧି)**

ନଭେମ୍ବର ୧ ଓ ୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଆମେରିକା। ପୁରୁଷ ଦଳ ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ରୁଷିଆକୁ ଭେଟିବ। ମ୍ୟାଚ୍ ଦ୍ୱୟର ପ୍ରଦର୍ଶନ ଭିତ୍ତିରେ କେଉଁ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ ତାହା ସ୍ଥିର ହେବ। ଏଥିପାଇଁ ଭାରତୀୟ ମହିଳା ଦଳର କ୍ୟାମ୍ପ କଳିଙ୍ଗ ଷ୍ଟାଡିୟମରେ ଚାଲୁ ରହିଥିବାବେଳେ ଶୁକ୍ରବାର ଆମେରିକା ମହିଳା ଦଳ ଭୁବନେଶ୍ୱରରେ ପହଞ୍ଚିଛି। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ସମେତ ଅନେକ ପୁରୁଷ ବିଭାଗ ଟୁର୍ନାମେଣ୍ଟ ଆୟୋଜନ ହୋଇଥିବାବେଳେ ମହିଳା ବିଭାଗର ଅନ୍ତର୍ଜାତୀୟ ମ୍ୟାଚ୍ ପ୍ରଥମଥର ପାଇଁ ଅନୁଷ୍ଠିତ ହେବ।

ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଭାରତ ବିପକ୍ଷ ମ୍ୟାଚ୍ ଖେଳିବା ପାଇଁ ଆମେରିକା ଦଳ ବ୍ୟଗ୍ର ଥିବା ପ୍ରକାଶ କରିଛନ୍ତି ଅଧିନାୟିକା କାଥଲିନ ଶାର୍କି। "ଆମେ ପୂର୍ବରୁ ଭାରତରେ କେବେହେଲେ ହକି ଖେଳିନାହୁଁ। ମାତ୍ର ଭାରତର ହକି ଇତିହାସ ବହୁତ ଭଲ ଏବଂ ଏଠାକାର ଲୋକମାନେ ହକିକୁ ବହୁତ ଭଲ ପାଆନ୍ତି ବୋଲି ଜାଣିଛୁ। କଳିଙ୍ଗ ଷ୍ଟାଡିୟମକୁ ମ୍ୟାଚ୍ ଦେଖିବାକୁ ଭରପୂର ଦର୍ଶକ ଆସନ୍ତି ବୋଲି ମଧ୍ୟ ଶୁଣିଛୁ। ଭୁବନେଶ୍ୱରରେ ହକି ବିଶ୍ୱକପ୍‌ର ଚିତ୍ତାକର୍ଷକ ଆୟୋଜନକୁ ଆମେ ଦେଖିଛୁ। ତେଣୁ ଆମେ ଏଠାରେ ଖେଳିବାକୁ ବ୍ୟଗ୍ର ଅଛୁ ଏବଂ ହକି ପାଇଁ ପ୍ରସିଦ୍ଧ ବିଶ୍ୱର ଅନ୍ୟତମ ସହରରେ ଖେଳିବା ଅନୁଭୂତି ନେଇ ସ୍ୱଦେଶ ଫେରିବାକୁ ଚାହୁଁ" ବୋଲି ଶାର୍କି ପ୍ରକାଶ କରିଛନ୍ତି। ୨୯ ବର୍ଷୀୟା ଶାର୍କି କ୍ୟାରିୟରରେ ୧୭୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରଖିଛନ୍ତି।



କୋଚ୍ ଜାନେକ ସ୍କୁପମାନ



ଅଧିନାୟିକା କାଥଲିନ ଶାର୍କି

ଭାରତ ଓ ଆମେରିକା ମହିଳା ଦଳ ଶେଷଥର ପାଇଁ ୨୦୧୮ରେ ଲଣ୍ଡନରେ ଅନୁଷ୍ଠିତ ମହିଳା ହକି ବିଶ୍ୱକପ୍‌ରେ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ଟି ୧–୧ ଗୋଲ୍‌ରେ ଡ୍ର ରହିଥିଲା। ତେଣୁ ଭାରତୀୟ ଦଳର ଶକ୍ତି ସମ୍ପର୍କରେ ଶାର୍କି ଭଲଭାବେ ଅବଗତ ଅଛନ୍ତି। "୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଆଗାମୀ ୨ଟି ମ୍ୟାଚ୍‌ରେ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଚେଷ୍ଟା କରିବୁ" ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆମେରିକାର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ। "ଭାରତ ବିପକ୍ଷ ମ୍ୟାଚ୍ ପାଇଁ ଆମେ ଭଲଭାବେ ନିଜକୁ ପ୍ରସ୍ତୁତ କରିଛୁ। ଗତ ୧ ବର୍ଷ ଧରି ଆମ ପ୍ରଦର୍ଶନରେ କ୍ରମେ ଉନ୍ନତି ଆସିଛି। ଆମେ ଭାରତ ଖେଳିଥିବା ମ୍ୟାଚ୍‌ଗୁଡ଼ିକୁ ଅନୁଧ୍ୟାନ କରିଛୁ। ମ୍ୟାଚ୍ ୨ଟି ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା। ଆମ ପିଲାମାନେ ଖେଳିବା ପାଇଁ ବ୍ୟଗ୍ର" ବୋଲି ସ୍କୁପ୍‌ମାନ କହିଛନ୍ତି।

# ଭାରତୀୟ ମହିଳା, ପୁରୁଷ ହକି ଦଳର କିସ୍ ପରିଦର୍ଶନ

**ଭୁବନେଶ୍ୱର, ୨୫।୧୦(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ମହିଳା ଓ ପୁରୁଷ ହକି ଦଳର ଖେଳାଳି, କୋଚ୍ ଓ ଅଫିସିଆଲ୍‌ମାନେ ଶୁକ୍ରବାର କିସ୍ ଓ କିଟ୍ ପରିଦର୍ଶନ କରିଛନ୍ତି। ସେମାନେ କିସ୍‌ର ବିଭିନ୍ନ ୟୁନିଟ୍ ବୁଲିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ସମୟ ଅତିବାହିତ କରିଥିଲେ। ଏହି ପରିଦର୍ଶନରେ ସେମାନେ ଅଭୀଭୂତ ହୋଇଥିଲେ। ଦଳର ମୁଖ୍ୟ କୋଚ୍‌ଙ୍କ ଯୋଜନା ଅନୁସାରେ ଉଭୟ ମହିଳା ଓ ପୁରୁଷ ହକି ଦଳ ଏହି ପରିଦର୍ଶନରେ ଆସିପାରିଲା ବୋଲି ଖେଳାଳିମାନେ ମତ ଦେଇଥିଲେ। ତୁମେମାନେ ଜୀବନରେ ଯାହା ବି ଲକ୍ଷ୍ୟ ରଖୁଛ, ତାହା ଉଚ୍ଚ ହେବା ଉଚିତ। ତୁମେମାନେ ଏକ ସୁନ୍ଦର ପ୍ଲାଟ୍‌ଫର୍ମ ପାଇଛ। ତେଣୁ ଠିକ୍ ଢଙ୍ଗରେ ଏହାର ଉପଯୋଗ କରିବା ଉଚିତ। ଜନଜାତି ଛାତ୍ରୀଛାତ୍ର ସେମାନଙ୍କ ଭାଷାକୁ କେବେ ବି ଭୁଲିବା ଉଚିତ ନୁହେଁ ଏବଂ ସେମାନଙ୍କ ସଂସ୍କୃତିକୁ ଆହୁରି ଦୃଢ଼ୀଭୂତ କରିବା ସେମାନଙ୍କର କାମ। ତୁମେମାନେ ତୁମର ଶୁଦ୍ଧ ଆଚରଣ ଓ ନମ୍ରତାକୁ ବଜାୟ ରଖିବା ଉଚିତ ବୋଲି ଖେଳାଳିମାନେ ମତ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ। ପ୍ରକାଶଯୋଗ୍ୟ ଯେ, ଭାରତୀୟ ମହିଳା ଦଳରେ ଓଡ଼ିଆ ଖେଳାଳି ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ୍ ଓ ନମିତା ଟପ୍ପୋ ଏବଂ ପୁରୁଷ ଦଳରେ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି।



ଛାତ୍ରୀଛାତ୍ରଙ୍କ ଗହଣରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳ।

# କ୍ୱାର୍ଟର ଫାଇନାଲରୁ ଓହରିଲେ ୱାୱରିଙ୍କା

**ବାସେଲ, ୨୫।୧୦(ଏଏଫ୍‌ପି)**

ପିଠିରେ ଆଘାତପ୍ରାପ୍ତ ଯୋଗୁ ଶୁକ୍ରବାର ଖେଳାଯିବାକୁ ଥିବା ବାସେଲ ଟେନିସ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରୁ ଷ୍ଟାନ୍ ୱାୱରିଙ୍କା ଓହରି ଯାଇଛନ୍ତି। ଫଳରେ ତାଙ୍କ ଅନ୍ତରଙ୍ଗ ବନ୍ଧୁ ରୋଜର ଫେଡରରଙ୍କୁ ବାଇ ମିଳିଛି। ପିଠିରେ ଯନ୍ତ୍ରଣା ଯୋଗୁ ଆମେରିକାର ଫ୍ରାନ୍‌ସେସ୍ ଟିଆଫୋଙ୍କ ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୩୪ ବର୍ଷୀୟ ୱାୱରିଙ୍କା କଷ୍ଟସାଧ୍ୟ ବିଜୟ ଲାଭ କରିଥିଲେ। ଏଥିଲାଗି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ୱାକ୍‌ଓଭର ପାଇବା ପରେ ଟପ୍ ସିଡ୍ ଫେଡରର ଶନିବାର ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ନିଜ ସହରରେ ଖେଳାଯାଉଥିବା ଏହି ଇଭେଣ୍ଟରେ ସେ ୧୦ମ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛନ୍ତି।

# ଆଇଏସ୍‌ଏଲ୍: ପ୍ରଥମ ବିଜୟ ଆଶାରେ ନର୍ଥଇଷ୍ଟ, ଓଡିଶା ଏଫ୍‌ସି



ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ।

**ଗୁଆହାଟୀ, ୨୫।୧୦**

ଇଣ୍ଡିଆନ ସୁପର ଲିଗ୍‌ରେ ନିଜ ନିଜର ପ୍ରଥମ ବିଜୟ ହାସଲ ଆଶା ନେଇ ଶନିବାର ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ ଷ୍ଟାଡିୟମରେ ପରସ୍ପରକୁ ଭେଟିବେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଏବଂ ଓଡ଼ିଶା ଏଫ୍‌ସି।

ବାହାର ପଡ଼ିଆରେ ଗତବର୍ଷର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଏକ ଗୋଲଶୂନ୍ୟ ଡ୍ର ସହିତ ନିଜର ଅଭିଯାନ ଆରମ୍ଭ କରିଥିଲା ହାଇଲାଣ୍ଡର୍ସ ନାମରେ ପରିଚିତ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି। ଅନ୍ୟପକ୍ଷରେ ନବାଗତ ଓଡ଼ିଶା ଏଫ୍‌ସି ତା'ର ସର୍ବପ୍ରଥମ ଆଇଏସ୍‌ଏଲ ମ୍ୟାଚ୍‌ରେ ଜାମ୍‌ସେଦ୍‌ପୁର ଏଫ୍‌ସି ନିକଟରୁ ୨–୧ ଗୋଲରେ ପରାସ୍ତ ହୋଇଥିଲା। ପ୍ରଥମ ବିଜୟ ହାସଲର ଲକ୍ଷ୍ୟ ପୂରଣ ଲାଗି ନର୍ଥଇଷ୍ଟ ୟୁନାଇଟେଡ୍ ଘରୋଇ ସମର୍ଥନ ଉପରେ ନିର୍ଭର କରିବ। ଶକ୍ତିଶାଳୀ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ତାଙ୍କ ଦଳ ଲଢୁଆ ଖେଳ ପ୍ରଦର୍ଶନ କରିଥିବାରୁ ମୁଖ୍ୟ ପ୍ରଶିକ୍ଷକ ରବର୍ଟ ଜାର୍ନି ସମ୍ଭବତଃ ଖୁସି ଥିବେ। ସେହି ମ୍ୟାଚ୍‌ରେ ଏକ କେନ୍ଦ୍ରୀୟ ପ୍ରତିରକ୍ଷା ଯୋଡ଼ି ଭାବେ ମିସ୍ଲାଭ କମୋରସ୍କି ଓ କାଇ ହିଅରିଙ୍ଗ୍‌ସ ବେଶ୍ ଦୃଢ଼ ପରିଲକ୍ଷିତ ହୋଇଥିଲେ। କଲମ୍ବିଆ ମିଡ୍‌ଫିଲ୍ଡର ଜୋସ ଲିୟୁଡୋ ସେମାନଙ୍କୁ ଭଲ ସହାୟତା ଯୋଗାଇବା ସହିତ ମିଡ୍‌ଫିଲ୍ଡରେ ପ୍ରତିପକ୍ଷ ଆକ୍ରମଣକୁ ପ୍ରତିହତ କରିଥିଲେ।

"ବେଙ୍ଗାଲୁରୁ ଏଫ୍‌ସି ଠାରୁ ଗୋଟିଏ ପଏଣ୍ଟ ପାଇବା ନେଇ ମୁଁ ଖୁସି। ଗତବର୍ଷର ଚାମ୍ପିୟନ ବିପକ୍ଷରେ ଆମ ଦଳ କଠିନ ପରିଶ୍ରମ କରିଥିଲା। ଏବେ ଆମେ ଘରୋଇ ପଡ଼ିଆରେ ଅଧିକ ଆକ୍ରମଣାତ୍ମକ ଫୁଟ୍‌ବଲ ଖେଳିବାକୁ ଚେଷ୍ଟା କରିବୁ" ବୋଲି ଜାର୍ନି କହିଛନ୍ତି।

ଅନ୍ୟପକ୍ଷରେ ସୁଯୋଗକୁ ସଦ୍‌ବ୍ୟବହାର କରିବା ହେବ ଓଡ଼ିଶା ଏଫ୍‌ସି ପାଇଁ ବଡ଼ କାମ। ପୂର୍ବ ମ୍ୟାଚ୍‌ରେ ଦଶଜଣିଆ ଜାମ୍‌ସେଦପୁର ବିପକ୍ଷରେ ପ୍ରତିଆକ୍ରମଣକୁ ପ୍ରତିହତ କରିବାରେ ସେମାନଙ୍କ ଦୁର୍ବଳତା ଧରାପଡ଼ିଯାଇଥିଲା। ମ୍ୟାଚ୍ ଶେଷଆଡ଼କୁ ସେମାନେ ଗୋଲ ଖାଇବା ଘଟଣା ପ୍ରଶିକ୍ଷକ ଜୋସେପ ଗମ୍ବାଉଙ୍କୁ ନିଶ୍ଚିତ ହତାଶ କରିଥିବ। ତେଣୁ ଜ୍ୟାନ ଓ ଚାଭେସଙ୍କ ଭଳି ଆକ୍ରମଣକାରୀ ଖେଳାଳିଙ୍କ ପ୍ରତି କାର୍ଲସ ଡେଲଗାଡୋଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳର ରକ୍ଷଣ ଭାଗକୁ ସତର୍କ ରହିବାକୁ ପଡ଼ିବ। 'ଆମର ନିଜସ୍ୱ ଖେଳଶୈଳୀ ରହିଛି। ଆମେ ଆମ ମ୍ୟାଚ୍‌ରେ ବିପକ୍ଷ ଦଳକୁ ବହୁତ ସମ୍ମାନ ଦେଉ। ଜାମ୍‌ସେଦପୁର ମ୍ୟାଚ୍‌ର ଫଳାଫଳକୁ ନେଇ ଆମେ ଆମର ସମସ୍ତ ଖେଳାଳିଙ୍କ ସହିତ ଆଲୋଚନା କରିଛୁ। ଆମକୁ ସୁଯୋଗ ମିଳିଥିଲା, କିନ୍ତୁ ଆମେ କାର୍ଯ୍ୟକାରୀ କରିପାରିଲୁ ନାହିଁ। ତେବେ ଆମେ ଆମ ଖେଳାଳିଙ୍କୁ ନେଇ ସନ୍ତୁଷ୍ଟ' ବୋଲି କହିଛନ୍ତି ଗମ୍ବାଉ।

## ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ବାତିଲ

**ଭୁବନେଶ୍ୱର, ୨୫।୧୦(କ୍ରୀଡ଼ା ପ୍ରତିନିଧି)**

ଯାଜପୁରର ଜାରକାଠାରେ ୨୩ ତାରିଖରେ ଉଦ୍‌ଘାଟିତ ରାଜ୍ୟସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟକୁ କ୍ରମାଗତ ବର୍ଷା ଯୋଗୁ ବାତିଲ କରାଯାଇଛି। ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ୍ ଖେଳାଯିବା ସମ୍ଭବ ହୋଇନାହିଁ। ଆଗାମୀ ଦୁଇ ତିନିଦିନ ପର୍ଯ୍ୟନ୍ତ ଏହି ଗ୍ରାଉଣ୍ଡରେ ମ୍ୟାଚ୍ ସମ୍ଭବ ନୁହେଁ ବୋଲି ପିଚ୍ କ୍ୟୁରେଟର ବିଭୁ ଶତପଥୀ କହିଛନ୍ତି। ଫଳରେ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନର ଅଧିକାରୀମାନେ ଟୁର୍ନାମେଣ୍ଟକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସଭାପତି ଜାଫର ଇକ୍‌ବାଲ ପ୍ରକାଶ କରିଛନ୍ତି।

# ଡେଭିସ୍ କପ୍ ଦଳକୁ ଫେରିଲେ ପେସ୍

**ନୂଆଦିଲ୍ଲୀ, ୨୫।୧୦(ପି.ଟି.)**

ଅଭିଜ୍ଞ ଟେନିସ ତାରକା ଲିଆଣ୍ଡର ପେସ୍ ଭାରତୀୟ ଡେଭିସ କପ୍ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୧୮ ଏପ୍ରିଲ ପରେ ପ୍ରଥମଥର ପାଇଁ ସେ ଦଳକୁ ଫେରିଛନ୍ତି। ଫଳରେ ସେ ପାକିସ୍ତାନ ବିପକ୍ଷ ଡେଭିସ କପ୍ ଟାଇରେ ଖେଳିବା ସ୍ପଷ୍ଟ ହୋଇଛି। ଏହି ଟାଇ ପାଇଁ ନିରାପତ୍ତା ତଥା ସୁରକ୍ଷା କାରଣରୁ ନନ୍ ପ୍ଲେଇଙ୍ଗ୍ କ୍ୟାପଟେନ ମହେଶ ଭୂପତି ଦଳ ସହ ପାକିସ୍ତାନ ଯିବାକୁ ମନା କରିଦେବା ପରେ ପେସ୍‌ଙ୍କୁ ସୁଯୋଗ ମିଳିଛି।

ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ଏବେ ଭିଜା ହାସଲ ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛି। ଯଦିଓ ଏହି ଟାଇ କୌଣସି ନିରପେକ୍ଷ ସ୍ଥାନରେ ଆୟୋଜନ ହେବ ବୋଲି ସୂଚନା ମିଳିଛି। ଆସନ୍ତା ୨୯–୩୦ ତାରିଖରେ ଭେନ୍ୟୁ ସଂକ୍ରାନ୍ତରେ ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ଏଆଇଟିଏକୁ ଅନ୍ତିମ ପ୍ରସ୍ତାବ ଦେବ। ଇସ୍‌ଲାମାବାଦରେ ଖେଳାଯିବାକୁ ଥିବା ଏହି ଡେଭିସ୍ କପ୍ ମ୍ୟାଚ୍‌କୁ ଖେଳିବାକୁ ପେସ୍ ସମ୍ମତି ପ୍ରକାଶ କରିଛନ୍ତି ବୋଲି ଏଆଇଟିଏ ସମ୍ପାଦକ ହିରନମୋୟ ଚାଟାର୍ଜୀ କହିଛନ୍ତି। ଖୁବ୍‌ଶୀଘ୍ର ଅନ୍ତିମ ଦଳ ଚୟନ କରାଯିବ। ତେବେ ଏପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନିଆଯାଇନାହିଁ। ଦଳ ଚୟନ ପାଇଁ ସାକେତ ମାଇନେନି, ଅର୍ଜୁନ ଖାଡେ, ବିଜୟ ସୁନ୍ଦର ପ୍ରଶାନ୍ତ, ଏନ୍. ଶ୍ରୀରାମ ବାଲାଜୀ, ସିଦ୍ଧାର୍ଥ ରାୱତ ଓ ମନୀଷ ସୁରେଶ କୁମାର ଭଳି ଖେଳାଳିଙ୍କୁ ବିଚାରକୁ ନିଆଯିବ। କୋଚ୍ ଜିଶାନ ଅଲି, ଫିଜିଓ ଆନନ୍ଦ କୁମାର, ଓ ଏମ୍ଏସଏଲ୍‌ଟିଏ ସମ୍ପାଦକ ସୁନ୍ଦର ଆଇଟର ଟିମ୍ ମ୍ୟାନେଜର ହିସାବରେ ଦଳ ସହ ଯାତ୍ରା କରିବାର ସମ୍ଭାବନା ରହିଛି।



# କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ଚାମ୍ପିୟନ

■ ରାଜ୍ୟ ପୋଲିସ କବାଡ଼ି, ହ୍ୟାଣ୍ଡବଲ

**କଟକ ଅଫିସ,୨୫।୧୦**

ଓଏମ୍‌ପିସ୍ଥିତ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ପରିସରରେ ଚାଲିଥିବା ୭୬ତମ ରାଜ୍ୟ ପୋଲିସ କବାଡ଼ି ଓ ୮ମ ହ୍ୟାଣ୍ଡବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଭୟ ପ୍ରତିଯୋଗିତାରେ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ଦଳ ଚାମ୍ପିୟନ ହୋଇଛି। କବାଡ଼ି ପ୍ରତିଯୋଗିତାରେ ସମ୍ବଲପୁର ଜିଲା ଦଳ ରନର୍ସଅପ ହୋଇଛି। ହ୍ୟାଣ୍ଡବଲ ପ୍ରତିଯୋଗିତାରେ କେନ୍ଦୁଝର ଦ୍ୱିତୀୟ ଏସ୍‌ଏସ୍ ବାଟାଲିୟନ ରନର୍ସଅପ ହୋଇଛି। କବାଡ଼ି ପ୍ରତିଯୋଗିତାରେ କମିଶନରେଟ–ବି ଦଳକୁ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଛି। ଏହି ପ୍ରତିଯୋଗିତାରେ ସିପାହୀ ବ୍ରହ୍ମାନନ୍ଦ ଖୁଣ୍ଟିଆ–ଶ୍ରେଷ୍ଠ କ୍ୟାଚ୍‌ର, ସବିର ପ୍ରଧାନ–ଶ୍ରେଷ୍ଠ ରାଇଡର, ମହିନ୍ଦ୍ର ନାୟକ–ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ହ୍ୟାଣ୍ଡବଲ ପ୍ରତିଯୋଗିତାରେ ରାୟଗଡ଼ା ଜିଲା ଦଳ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ ହୋଇଥିଲା। ଏହି ପ୍ରତିଯୋଗିତାରେ ରଜତ କୁମାର ନାୟକ–ଶ୍ରେଷ୍ଠ ଗୋଲକିପର, ପିଣ୍ଟୁ ଥନପତି–ଶ୍ରେଷ୍ଠ ସ୍କୋରର, ବିଶ୍ୱନାଥ କହଁର–ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଏସ୍‌ଏପି ଆଇଜି ଯତୀନ୍ଦ୍ର କୋଏଲ, ୬ଷ୍ଠ ବାଟାଲିୟନର ଦୁର୍ଗପତି ବୈକୁଣ୍ଠ ବିହାରୀ ରାଉତ, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ। ଗତ ୧୮ ତାରିଖରୁ ଚାଲିଥିବା ଏହି ପ୍ରତିଯୋଗିତାର କବାଡ଼ି ବିଭାଗରେ ୨୫ଟି ଓ ହ୍ୟାଣ୍ଡବଲ ବିଭାଗରେ ୧୦ଟି ଦଳ ଭାଗ ନେଇଥିଲେ।



ଚାମ୍ପିୟନ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।



“ ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।

- ଶ୍ରୀଚୈତନ୍ୟ ଦେବ

# ଚୌଦ୍ୱାର ସର୍କଲ ଜେଲ: ଆଧୁନିକୀକରଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ):** କଟକ ଜିଲାର ଚୌଦ୍ୱାର ସର୍କଲ ଜେଲ୍‌ର ଉନ୍ନତି କରାଯାଇ ଓଡ଼ିଶାରେ ଏକ ମଡେଲ ଜେଲରେ ପରିଣତ କରାଯିବ। ଏ ନେଇ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜେଲ ପରିସର ଚିକିତ୍ସାଳୟରେ ଡାକ୍ତରଙ୍କ ଅଭାବ ରହିଛି। ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗସୂତ୍ର ରଖି ଡାକ୍ତର ନିଯୁକ୍ତି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଏଲୋପାଥି ଡାକ୍ତରମାନେ କମ୍ ଦରମାରେ ନିଯୁକ୍ତ ହେବାକୁ ପସନ୍ଦ କରୁନାହାନ୍ତି । ସେମାନଙ୍କ ଦରମା ବୃଦ୍ଧି ନେଇ ଆଲୋଚନା କରାଯାଇଛି। ଓଡ଼ିଶାର ସମସ୍ତ ଜେଲ ପରିସରରୁ ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ଗୋଟିଏ ବ୍ରାଣ୍ଡ ନାମ ଦିଆଯାଇ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାଉଣ୍ଟରରେ ବିକ୍ରି କରାଯିବା ଏବଂ ଅନ୍‌ଲାଇନ୍ ବିକ୍ରି ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଜେଲ ରନ୍ଧନଶାଳାକୁ ଫୁଲନଖରା 'ଅକ୍ଷୟ ପାତ୍ର' ରନ୍ଧନଶାଳା ଭଳି ଆଧୁନିକୀକରଣ କରିବାକୁ ଜେଲ ମହାନିର୍ଦ୍ଦେଶକ ସତ୍ୟଜିତ୍ ମହାନ୍ତି ପରାମର୍ଶ ଦେଇଥିଲେ। ସେହିପରି ଜେଲ ପରିସରରେ କଏଦୀମାନଙ୍କ ପରିବାରବର୍ଗଙ୍କ ସହ ସାକ୍ଷାତ୍ କରିବା ନିମନ୍ତେ ଉଦ୍ଦିଷ୍ଟ 'ମୁଲାକାତ୍' ଗୃହର ଆଧୁନିକୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

DSPL-127

ମୃତ୍ତିକା Mruttika 19

ବାର୍ଷିକ ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ

ସହରବାସୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବାର୍ଷିକ ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀକୁ ୨୬.୧୦.୨୦୧୯ ରିଖ ଯାଏ ବର୍ଦ୍ଧିତ କରାଗଲା।



- ସ୍ଥାନ -
ପ୍ରଦର୍ଶନୀ ପଡିଆ, ୟୁନିଟ୍-୩
ଭୁବନେଶ୍ୱର

- ବିଶେଷ ଆକର୍ଷଣ -
ଦୀପାବଳି ଉପଲକ୍ଷେ
ବିଭିନ୍ନ ପ୍ରକାର
ଦୀପର ଅପୂର୍ବ ସମ୍ଭାର



43002/13/0013/1920

ଆୟୋଜକ-
ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
(ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା)

# ମଧ୍ୟାହ୍ନଭୋଜନ ଖାଇ ୭୮ ଛାତ୍ରୀଛାତ୍ର ଅସୁସ୍ଥ

**କନ୍ଧମାଳ,୨୫।୧୦(ଡି.ଏନ.ଏ)**



ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଛାତ୍ରୀଛାତ୍ର।

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ଲୋକାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନଭୋଜନ ଖାଇ ୭୮ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ୧୧ ଗୁରୁତର ଛାତ୍ରୀଛାତ୍ର ମନମୁଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ୫ଜଣଙ୍କୁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଲୋକାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇଥିଲା। ପ୍ରଥମେ ଅଷ୍ଟମ ଶ୍ରେଣୀର ତୃପ୍ତିରେଖା ନାଏକ ସୋୟାବିନ ବଡ଼ି ତରକାରିରେ ପୋକ ବାହାରିବା ପରେ ବାନ୍ତି କରି ପକାଇଥିଲେ। ପରେ ଅନ୍ୟ ଛାତ୍ରୀଛାତ୍ରଙ୍କ ପେଟ କାମୁଡିଥିଲା ଓ ବାନ୍ତି ହୋଇଥିଲା। ଖବର ପାଇ ଗ୍ରାମବାସୀ ସ୍କୁଲରେ ପହଞ୍ଚି ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକଙ୍କ ସହିତ ପାଟିତୁଣ୍ଡ କରିଥିଲେ । ପରେ ଅଭିଭାବକ ଓ ଗ୍ରାମବାସୀ ୬୦ ଜଣ ଛାତ୍ରୀଛାତ୍ରଙ୍କୁ ମନମୁଣ୍ଡା ଡାକ୍ତରଖାନା ନେଇ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣ ଛାତ୍ରୀଛାତ୍ରଙ୍କ ଅବସ୍ଥା ଗୁରୁତର ରହିଛି। ସେହିପରି ସୋନପୁର ଡାକ୍ତରଖାନାରେ ୧୮ଜଣ ଛାତ୍ରୀଛାତ୍ର ଚିକିତ୍ସିତ ହେଉଛନ୍ତି। ତେବେ ମନମୁଣ୍ଡା ଡାକ୍ତରଖାନାରେ ଚିକିତ୍ସାଧୀନ ସମସ୍ତ ଛାତ୍ରୀଛାତ୍ର ବିପଦମୁକ୍ତ ବୋଲି ଡାକ୍ତର ମନୋଜ ନାଏକ କହିଛନ୍ତି। ବିଇଓ ଦଶରଥ ମେହେର ଓ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏବିଇଓ ମୃତ୍ୟୁଞ୍ଜୟ ମହାନ୍ତି ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି । ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବେଳେ ସିଡିଏମ୍‌ଓ ଲକ୍ଷ୍ମୀଧର ସାହୁ ପ୍ରକାଶ କରିଛନ୍ତି।

**ସୋୟାବିନ ବଡ଼ି ତରକାରିରୁ ବାହାରିଲା ପୋକ**

# ଝାରସୁଗୁଡ଼ାରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପାଥୋଲାବ୍

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ଝାରସୁଗୁଡ଼ାଠାରେ ବିଭିନ୍ନ ରୋଗର ଚିହ୍ନଟ ପାଇଁ ଉନ୍ନତମାନର ପାଥୋଲାବ୍ ଓ ରେଡିଓଲୋଜି ପରୀକ୍ଷା କେନ୍ଦ୍ର ନିର୍ମାଣ କରାଯିବ। ଏଥିପାଇଁ ବେଦାନ୍ତ ଆଲୁମିନିୟମ୍ ଏବଂ ଏସ୍‌ଆର୍‌ଏଲ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ଶୁକ୍ରବାର ସ୍ୱାକ୍ଷରିତ ହୋଇଛି। ଲୋକସେବା ଭବନଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏବଂ ବେଦାନ୍ତ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଛବିନାଥ ସିଂ ଓ ଏସ୍‌ଆର୍‌ଏଲ୍, ଓଡ଼ିଶା କ୍ଲଷ୍ଟର ମୁଖ୍ୟ ରାଜାଶ୍ରୀ ଦାସ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ପାଥୋଲାବ୍ ପ୍ରତିଷ୍ଠା କାର୍ଯ୍ୟ ବର୍ଷେ ମଧ୍ୟରେ ସମାପ୍ତ ହେବ। ୨୦୨୧ରେ ଏହାକୁ କାର୍ଯ୍ୟକ୍ଷମ କରାଯିବ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ସହର ଓ ଲଇକେରା ବ୍ଲକ୍‌ରେ ଭୂମି ଯୋଗାଇ ଦିଆଯାଇଥିବା ନବ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସିଦ୍ଧାନ୍ତ



ସୁଦାମ



ରବି

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


# ଲାଲ୍‌ଚାନ୍ଦ୍‌ରେ ଉପହାର ଓ ରିହାତିର ବର୍ଷା

ଏଥର ପୂଜା ଋତୁରେ ଆପଣଙ୍କ ଆନନ୍ଦ ଉଲ୍ଲାସକୁ ଦ୍ୱିଗୁଣିତ କରିଛି ଲାଲ୍‌ଚାନ୍ଦ୍ । ମନଛୁଆଁ ଅଫରର ବର୍ଷାରେ ଭିଜିଛନ୍ତି ଓ ଲାଭବାନ ହୋଇଛନ୍ତି ଗ୍ରାହକ । ଦୀପାବଳୀ ଓ ଧନତେରାସ ଉପଲକ୍ଷେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଶ୍ରୀ ସଂଜୟ ହଂସ ଘୋଷଣା କରିଥିଲେ ଏଥରର ସବୁଠୁ ବଡ଼ ଅଫର ।

ସୁନା ଅଳଙ୍କାରର ଗଢ଼ା ମଜୁରୀ କମ୍ କରାଯାଇ ରଖାଯାଇଛି ଗ୍ରାମ୍ ପ୍ରତି ଫ୍ଲାଟ୍ ୨୯୫ ଟଙ୍କା । ଡିଜାଇନର ସୁନା ଅଳଙ୍କାରର ଗଢ଼ା ମଜୁରୀ ଗ୍ରାମ୍ ପ୍ରତି ଫ୍ଲାଟ୍ ୩୯୫ ଟଙ୍କା । ସେହିପରି ହୀରା ଅଳଙ୍କାରରେ ଫ୍ଲାଟ୍‌୨୦ ପ୍ରତିଶତ ଛାଡ଼ । ଦୀପାବଳୀ ଓ ଧନତେରାସ ଉପଲକ୍ଷେ ବିଭିନ୍ନ ଓଜନ ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ମଧ୍ୟ ଯଥେଷ୍ଟ ପରିମାଣରେ ଉପଲବ୍ଧ । ଖାଲି ସେତିକି ନୁହେଁ, ଏଥିରେ ଗଢ଼ା ମଜୁରୀ ସଂପୂର୍ଣ୍ଣ ରୂପେ ଛାଡ଼ କରାଯାଇଛି ବୋଲି କହିଛନ୍ତି ଶ୍ରୀ ହଂସ ।

ଦୀପାବଳୀ ଓ ଧନତେରାସର ଶୁଭ ଅବସରରେ ଲୋକେ ନିବେଶ ଉଦ୍ଦେଶ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଓ ବାର୍ କ୍ରୟ କରିଥାନ୍ତି । କିନ୍ତୁ ଏଥିପାଇଁ କେତେକ ବିଶେଷ ଦିଗ ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ । ଯେପରିକି ସ୍ୱର୍ଣ୍ଣ ମୁଦ୍ରାର ଶୁଦ୍ଧତା ଓ ଯେକୌଣସି ସମୟରେ ଆବଶ୍ୟକ ପଡିଲେ ଏହାକୁ ବିକ୍ରୟ କରାଯାଇପାରିବ କି ନାହିଁ ? ସବୁଠାରୁ ବଡ଼ କଥା ହେଲା ସୁନାର ମୂଲ୍ୟ ବ୍ୟତିରକେ କିଛି ଅତିରିକ୍ତ ଅର୍ଥ ଦେବାକୁ ପଡୁଛି କି ? ଏ ସମସ୍ତ ପ୍ରଶ୍ନର ଉତ୍ତର ଆଣିଛନ୍ତି ଲାଲ୍‌ଚାନ୍ଦ୍ । ପ୍ରଥମ କଥା ହେଲା ଆପଣ ଏଠାରେ ୨୪ କ୍ୟାରେଟ୍, ୯୯୯ ଶୁଦ୍ଧତା ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ମିଳୁଛି ଏବଂ ସେଥିରେ ଗଢ଼ା ମଜୁରୀ ସଂପୂର୍ଣ୍ଣ ଛାଡ଼ । ସ୍ୱର୍ଣ୍ଣର ମୂଲ୍ୟ ବ୍ୟତୀତ କୌଣସି ଅତିରିକ୍ତ ଅର୍ଥ ଦେବାକୁ ପଡୁନାହିଁ । ତା' ଛଡ଼ା ଯେକୌଣସି ସମୟରେ ଇଚ୍ଛା କଲେ ସେହି ସମୟର ସୁନା ମୂଲ୍ୟରେ ଲାଲ୍‌ଚାନ୍ଦ୍ ସୁନାକୁ ପୁନଶ୍ଚ କ୍ରୟ କରିବାର ପ୍ରତିଶ୍ରୁତି ଦେଉଛନ୍ତି । ଏହାଠାରୁ ବଡ଼ କଥା କ'ଣ ଥାଇପାରେ ?

ଏତେ ସବୁ ରିହାତି ପରେ ମଧ୍ୟ ଲାଲ୍‌ଚାନ୍ଦ୍, ଗ୍ରାହକମାନଙ୍କ ପାଇଁ ଆଣିଛନ୍ତି ଅନେକ ଉପହାର । ସେସବୁ ଭିତରେ ରହିଛି ୬ଟି ହୋଣ୍ଡା ଆକ୍ଟିଭା, ଚାରିଟି କେଲ୍‌ଭିନ୍ କ୍ଲେନ୍ ହାତଘଣ୍ଟା, ୩୦ଟି ବ୍ଲୁଷ୍ଟୋନ୍ ହୀରା ଅଳଙ୍କାର ଓ ୧୦୦ଟି ସାନ୍ତ୍ୱନାମୂଳକ ପୁରସ୍କାର ଏବଂ ୩୬ଟି ଲକ୍ଷପତି ପୁରସ୍କାର । ତା' ମାନେ ୩୬ ଜଣ ଗ୍ରାହକ ହେବେ ଲକ୍ଷପତି ।

ତିନି ଦଶନ୍ଧି ତଳୁ ମାତ୍ର ୧୦୦ ବର୍ଗଫୁଟର ଛୋଟିଆ ଦୋକାନରୁ ଆରମ୍ଭ ହୋଇ ପୂର୍ବଭାରତର ବୃହତ୍ତମ ଅଳଙ୍କାର ସୋରୁମ୍ ଭାବରେ ଗଣା ହେବାର ସୌଭାଗ୍ୟ ଲାଭ କରିଛି ଲାଲ୍‌ଚାନ୍ଦ୍ । ନିକଟରେ ନନ୍ଦନକାନନ ରୋଡ୍‌ର ରଘୁନାଥପୁର ଠାରେ ଏହାର ୩୦ ହଜାର ବର୍ଗଫୁଟର ବିଶାଳ ଫ୍ଲାଗସିପ୍ ଷ୍ଟୋର୍‌କୁ ବଲିଉଡ୍ ଅଭିନେତ୍ରୀ ତଥା ଫେସନ୍ ଆଇକନ୍ ସୋନମ୍ କାପୁର୍ ଆହୁଜା ରିବନ କାଟି ଏହାକୁ ଉନ୍ମୋଚନ କରିଛନ୍ତି । ଲାଲ୍‌ଚାନ୍ଦ୍ ବ୍ରାଣ୍ଡ୍‌ର ଆହୁରି ଦୁଇଟି ବଡ଼ ସୋରୁମ୍ ଅଛି । ସେଥିରୁ ଗୋଟିଏ ଅଛି ମାଷ୍ଟରକ୍ୟାଣ୍ଟିନ୍ ଛକ, ଭୁବନେଶ୍ୱରରେ ଓ ଅନ୍ୟଟି କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍, କଟକରେ । ୨୦ ହଜାର ବର୍ଗଫୁଟ ପରିମିତ ପ୍ରତ୍ୟେକଟି ଷ୍ଟୋର୍ ଉଚ୍ଚମାନ ଓ ଅଳଙ୍କାରର ଶୁଦ୍ଧତା ପାଇଁ ବେଶ୍ ପରିଚିତ ।

**ସ୍ୱର୍ଣ୍ଣରେ ନିବେଶ ପାଇଁ ସୁବର୍ଣ୍ଣ ସୁଯୋଗ**

- ୨୪ କ୍ୟାରେଟ୍ ୯୯୯ଶୁଦ୍ଧତା ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା
- ଗଢ଼ା ମଜୁରୀ ସଂପୂର୍ଣ୍ଣ ଛାଡ଼
- ବାଇବ୍ୟାକ୍ ଗ୍ୟାରେଣ୍ଟି





ଲାଲ୍‌ଚାନ୍ଦ୍‌ର ସର୍ବବୃହତ ରଘୁନାଥପୁର ସ୍ଥିତ ଷ୍ଟୋର୍‌ରେ ରହିଛି ଏକ୍ସପୋର୍ଟ କ୍ୱାଲିଟି ତଥା ଅନ୍ତର୍ଜାତୀୟ ସ୍ତରର ଅଳଙ୍କାର । ସୁନା, ହୀରା ଏବଂ ରୂପାର ନିଖୁଣ ଏବଂ ଅବର୍ଣ୍ଣନୀୟ କାରିଗରୀ ଏଠାରେ ଦେଖିବାକୁ ମିଳେ । ଯାହା ସଂପୂର୍ଣ୍ଣ ପୂର୍ବଭାରତରେ ବିରଳ । ଦୀପାବଳୀ ଉପଲକ୍ଷେ କର୍ପୋରେଟ୍ ଗିଫ୍ଟ ସାମଗ୍ରୀର ବିଶାଳ ରେଞ୍ଜ୍ ଏଠାରେ ଉପଲବ୍ଧ । ଏସବୁରେ ମଧ୍ୟ ରହିଛି ଅନେକ ରିହାତି । ଯେପରିକି ରୂପା ଆଇଟମ୍‌ର ଗଢ଼ା ମଜୁରୀରେ ୫୦ ପ୍ରତିଶତ ରିହାତି, ଫ୍ୟାସନ୍ ଅଳଙ୍କାରରେ ୨୦ ପ୍ରତିଶତ ରିହାତି, ଆର୍ଟିଫ୍ୟାକ୍ଟ ଓ ଗିଫ୍ଟ ଆଇଟମ୍ ଉପରେ ୧୫ ପ୍ରତିଶତ ରିହାତି ଓ ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ୧୦ ପ୍ରତିଶତ ରିହାତି ଅଛି । ଏହିସବୁ ଅଫର ଗୁଡ଼ିକ ଲାଲ୍‌ଚାନ୍ଦ୍‌ର କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍, କଟକ ସୋରୁମ୍‌ରେ ମଧ୍ୟ ଉପଲବ୍ଧ ।





ଲାଲ୍‌ଚାନ୍ଦ୍‌ର ରଘୁନାଥପୁର ସୋରୁମ୍‌ରେ ଏହି ଉତ୍ସବ ଋତୁ ପାଇଁ ଆସିଛି ସ୍ୱତନ୍ତ୍ର ଡିଜାଇନ୍‌ର ଅଳଙ୍କାର ସମ୍ଭାର । ଏସବୁ କେବଳ ଲାଲ୍‌ଚାନ୍ଦ୍‌ର ଫ୍ଲାଗସିପ୍ ଷ୍ଟୋର୍ ବ୍ୟତୀତ ଅନ୍ୟ କେଉଁଠି ମିଳିବ ନାହିଁ । ଏବେ ଲୋକେ ଉପହାର ଆକାରରେ ହୀରା ମୁଦି ଦେବାପାଇଁ ଖୁବ୍ ପସନ୍ଦ କରୁଛନ୍ତି । ତାହାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଫାଇନ୍ କଟ୍ ହୀରାଯୁକ୍ତ ମୁଦିର ବିଶାଳ ସଂଗ୍ରହ ଏଠାରେ ଉପଲବ୍ଧ ।

ଶ୍ରୀ ହଂସ ୪ଟି ମୂଲ୍ୟବୋଧ ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି । ସେଗୁଡ଼ିକ ହେଲା : ସୁଲଭ ମୂଲ୍ୟ, ଉତ୍ତମ ଗୁଣବତ୍ତା, ନିଖୁଣ କାରିଗରୀ ଏବଂ ଉତ୍କୃଷ୍ଟ ଗ୍ରାହକ ସେବା । ଏଥିପାଇଁ ସେ କେବଳ ଓଡ଼ିଶା ଅଥବା ଭାରତ କାହିଁକି ବିଦେଶାଗତ ମାନଙ୍କର ମଧ୍ୟ ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇପାରିଛନ୍ତି । ସଭିଙ୍କୁ ଦୀପାବଳୀର ଶୁଭେଚ୍ଛା ଜଣାଇବା ସହ ସେ କହନ୍ତି - 'ମୋର କଠିନ ପରିଶ୍ରମ କେବଳ ଗ୍ରାହକମାନଙ୍କ ଶ୍ରଦ୍ଧା ପାଇଁ ଉତ୍ସର୍ଗୀକୃତ । ମୁଁ ଦିନରାତି କଠିନ ପରିଶ୍ରମ କରେ, ଯେପରି ମୋର ଗ୍ରାହକମାନେ ସବୁଠାରୁ ବେଶି ଉପକୃତ ହୋଇପାରିବେ । ଗ୍ରାହକମାନଙ୍କ ମୁହଁରେ ହସ ଦେଖିବାରେ ମୋର ସବୁଠୁ ବେଶି ଖୁସି ।'

ଏହି ସମୟରେ ଲାଲ୍‌ଚାନ୍ଦ୍‌ରୁ ସପିଂ କରି ଗ୍ରାହକମାନେ ବମ୍ପର ଲକି ଡ୍ରରେ ଭାଗ ନେବାର ସୁଯୋଗ ପାଇପାରିବେ । କଟକର କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ସ୍ଥିତ ସୋରୁମ୍ ପାଇଁ କଟକର ଶହୀଦ ଭବନ ଠାରେ ଆସନ୍ତା ନଭେମ୍ବର ୬ ତାରିଖରେ ଲକି ଡ୍ର ଅନୁଷ୍ଠିତ ହେବାକୁ ଥିବା ବେଳେ ଭୁବନେଶ୍ୱରର ରଘୁନାଥପୁର ସୋରୁମ୍ ଓ ମାଷ୍ଟରକ୍ୟାଣ୍ଟିନ୍ ସ୍ଥିତ ସୋରୁମ୍ ପାଇଁ ଲକି ଡ୍ର ହୋଟେଲ୍ ନିଉ ମାରିଅନ୍, ଭୁବନେଶ୍ୱର ଠାରେ ନଭେମ୍ବର ୭ ତାରିଖରେ ଅନୁଷ୍ଠିତ ହେବ ।

ଆଉ ଡେରି ନକରି ନିକଟସ୍ଥ ଲାଲ୍‌ଚାନ୍ଦ୍ ସୋରୁମ୍‌କୁ ଆସନ୍ତୁ ଏବଂ ଆପଣଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବା ସହ ଲାଭକରନ୍ତୁ ଅନେକ ରିହାତି ଓ ଉପହାର ।



ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର୍ ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସ

**ଗ୍ରାହକମାନେ ଜିତିପାରିବେ**

- ୬ଟି ହୋଣ୍ଡା ଆକ୍ଟିଭା
- ୩୬ ଜଣ ହେବେ ଲକ୍ଷପତି
- ୪ଟି କେଲ୍‌ଭିନ୍ କ୍ଲେନ୍ ହାତଘଣ୍ଟା
- ୩୦ଟି ବ୍ଲୁଷ୍ଟୋନ୍ ହୀରା ଅଳଙ୍କାର
- ୧୦୦ଟି ସାନ୍ତ୍ୱନାମୂଳକ ପୁରସ୍କାର

**ଲାଲ୍‌ଚାନ୍ଦ୍‌ର ରିହାତି ଅଫର**

- ସୁନା ଅଳଙ୍କାରର ଗଢ଼ା ମଜୁରୀ ଗ୍ରାମ୍ ପ୍ରତି ଫ୍ଲାଟ୍ ୨୯୫ ଟଙ୍କା
- ଡିଜାଇନର ସୁନା ଅଳଙ୍କାରର ଗଢ଼ା ମଜୁରୀ ଗ୍ରାମ୍ ପ୍ରତି ଫ୍ଲାଟ୍ ୩୯୫ ଟଙ୍କା
- ହୀରା ଅଳଙ୍କାରରେ ଫ୍ଲାଟ୍‌୨୦ ପ୍ରତିଶତ ରିହାତି
- ରୂପା ଗଢ଼ା ମଜୁରୀରେ ଫ୍ଲାଟ୍ ୫୦ ପ୍ରତିଶତ ରିହାତି



LALCHND
Odisha's Most Trusted Jeweller

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅକ୍ଟୋବର ୨୬/୨୦୧୯ Sambalpur, Saturday, October 26 / 2019

# ଟିଟିଲାଗଡ଼ରେ ଡାକ୍ତରଙ୍କୁ ଆକ୍ରମଣ ଘଟଣା: ୨ ଗିରଫ

**ଟିଟିଲାଗଡ଼,୨୫।୧୦ (ଡି.ଏନ.ଏ):** ଗୁରୁବାର ରାତିରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଦିଲୀପ ପଟ୍ଟନାୟକଙ୍କୁ ମାଡ଼ ମରାଯାଇଥିଲା। ଏହି ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ କଳାହାଣ୍ଡିର ବିମଲ ଶର୍ମା(୩୨) ଓ ଟିଟିଲାଗଡ଼ ବ୍ଲକ ଅଧୀନ ଗୁଲ୍ଲୀ ଗ୍ରାମର ରାଜୁ ସାହୁ(୩୪)। ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୦ଟାରେ ଟିଟିଲାଗଡ଼ ସହର ସ୍ୱାଧୀନପଡ଼ାର ସୁଧୀର ନନ୍ଦ ସ୍ତ୍ରୀଙ୍କ ପ୍ରସବ ବେଦନା ହେବାରୁ ଟିଟିଲାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ଦିଲୀପ ପଟ୍ଟନାୟକ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ଆରମ୍ଭ କରିଥିଲେ। ହେଲେ ସୁଧୀର ଡାକ୍ତର ପଟ୍ଟନାୟକଙ୍କ ସେବାରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ମୁଥ ମାରିଥିଲେ। ଏତିକିରେ କଥା ସରି ନ ଥିଲା । ସୁଧୀରଙ୍କ ସହ ଆସିଥିବା ତାଙ୍କ ୨ ସହଯୋଗୀ ବିମଲ ଏବଂ ରାଜୁ ଡାକ୍ତର ପଟ୍ଟନାୟକଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ । ଏନେଇ ଡାକ୍ତର ପଟ୍ଟନାୟକ ଟିଟିଲାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ଦଫା ୩୦୭, ୫୦୬, ୩୫୩, ୩୪୧, ୩୨୭ରେ ମାମଲା(ନଂ.୨୫୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ବିଳମ୍ବିତ ରାତିରେ ପୋଲିସ ବିମଲ ଏବଂ ରାଜୁଙ୍କୁ ଧରି ଥାନାକୁ ଆଣି ପଚରାଉଚୁରା କରିଥିଲା। ଶୁକ୍ରବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଟିଟିଲାଗଡ଼ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି। ଅନ୍ୟପକ୍ଷେ ସୁଧୀରଙ୍କୁ ଗିରଫ କରାଯାଇନାହିଁ । ତାଙ୍କ ସ୍ତ୍ରୀ ବଲାଙ୍ଗୀର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାରୁ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ପରବର୍ତ୍ତୀ ସମୟରେ ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଆଇଆଇସି ମହାନ୍ତି କହିଛନ୍ତି।













| | ALTO (P) | ALTO K10 (P) | SWIFT (P) | SWIFT (D) | VITARA BREZZA (D) | DZIRE (P) | DZIRE (D) | CELERIO (P) | EECO (7 SEATER) | EECO (5 SEATER) |
|---|---|---|---|---|---|---|---|---|---|---|
| କଞ୍ଜ୍ୟୁମର ଅଫର୍ | ₹40,000 | ₹35,000 | ₹25,000 | ₹30,000 + 5 Yr. Warranty | ₹45,000 + 5 Yr. Warranty | ₹30,000 | ₹35,000 + 5 Yr. Warranty | ₹35,000 | ₹25,000 | ₹15,000 |
| ଏକ୍ସଚେଞ୍ଜ ଅଫର୍ | ₹15,000 | ₹15,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 |
| ମୋଟ ସଞ୍ଚୟ | ₹55,000 | ₹50,000 | ₹45,000 | ₹50,000 | ₹65,000 | ₹50,000 | ₹55,000 | ₹55,000 | ₹45,000 | ₹35,000 |

ALTO ALTO K10 SWIFT VITARA BREZZA DZIRE CELERIO EECO

| LEGEND CARS | SKY AUTOMOBILES | ODYSSEY MOTORS | ORBIT MOTORS |
|---|---|---|---|
| JEYPORE: CALL: 7894442915. BHAWANIPATNA: CALL: 7894442907. | BERHAMPUR: CALL: 7381261000. | SAMBALPUR: CALL: 9439018805. BOLANGIR: CALL: 9438068327. BARGARH: CALL: 8895094616. NUAPADA: CALL: 8895094633. SONEPUR: CALL: 9437421356. JHARSUGUDA: CALL: 9439892153. BOUDH: CALL: 8594908009. | ROURKELA: CALL: 9040404444, 9040404333. SUNDARGARH: CALL: 9437049161. DEOGARH: CALL: 9437492369. |

*Terms and Conditions apply. All offers are brought to you by Maruti Suzuki dealers. Offers may vary from city to city, and variant to variant for all models. For diesel variants, warranty amount calculated is of the highest variant. Offer valid till stock lasts. Exchange offer valid at True Value outlets only. Accessories shown may not be part of standard equipment. For more details, contact your nearest Maruti Suzuki dealer. E-book today at www.marutisuzuki.com or visit your nearest Maruti Suzuki dealership.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ

### ମଥୁରାପାଲି ସ୍କୁଲରେ ଚାରା ରୋପଣ

ସୋହେଲା,୨୫।୧୦(ଡି.ଏନ.ଏ) ସୋହେଲା ବ୍ଲକ ଟୁଙ୍ଗିବନ୍ଧଲୀ ପଞ୍ଚାୟତ ଅନ୍ତର୍ଗତ ମଥୁରାପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ ଉପରେ ଲୋକଙ୍କୁ ସଚେତନ କରିବା ଗ୍ରାମ ପରିକ୍ରମା କରିଥିଲେ। ଏବିଇଓ ମନୋହର ଉଟି ମୁଖ୍ୟଅତିଥି ଓ ଛୁରିଆପାଲି ସିଆରସିସି କୃପାସିନ୍ଧୁ ପାଣ୍ଡେ ଅତିଥି ଭାବେ ଯୋଗଦେଇ ଲୋକଙ୍କୁ ବୃକ୍ଷରୋପଣର ଉପକାରିତା ଉପରେ ବୁଝାଇଥିଲେ । ପରେ ଛାତ୍ରୀଛାତ୍ର, ଅତିଥି ଏବଂ ଶିକ୍ଷକମାନେ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ ।

### ଲର୍ଣ୍ଣିଂ ଲାଇସେନ୍ସ ପାଇଁ ୨ଶହ ଆବେଦନକାରୀ

ବିନିକା,୨୫।୧୦(ଡି.ଏନ୍.ଏ) ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସି କମ୍ୟୁନିଟି କେନ୍ଦ୍ରଠାରେ ଗୁରୁବାର ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାନବାହନ ଚାଳନା ପାଇଁ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଦିନିକିଆ କ୍ୟାମ୍ପ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ଏହି କ୍ୟାମ୍ପ ପାଇଁ ଖୋଲା ଯାଇଥିଲା । କ୍ୟାମ୍ପରେ ଜିଲା ପରିବହନ ବିଭାଗ ଅଧିକାରୀ ରବିନ ପଟ୍ଟନାୟକଙ୍କ ସମେତ ଜୁନିୟର ଏମ୍‌ଭିଆଇ ଜେ.ପି.କୁଲୁ, ଇଣ୍ଟରସେକ୍ଟର ପ୍ରୋପାଇଟର ଆନନ୍ଦ ଚନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ପଟ୍ଟନାୟକ, ଡିଇଓ ନିକିତା ମିଶ୍ର, ଭାଗ୍ୟସିନୀ ସାହୁ, ଜିଲା ପ୍ରଦୂଷଣ ବିଭାଗର ରବିନ୍ଦ୍ର ଦଲେଇ ପ୍ରମୁଖ ଅଧିକାରୀ ଉପସ୍ଥିତ ରହିଥିଲେ । ପରିବହନ ବିଭାଗର ସୂଚନା ମତେ ୨ଶହ ଜଣ ଆବେଦନକାରୀ ନାମ ପଞ୍ଜୀକରଣ କରିଛନ୍ତି।

ଯୁବତୀଙ୍କ ନଗ୍ନ ଫଟୋ ଭାଇରାଲ ଘଟଣା

### ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସପିଙ୍କୁ ଫେରାଦ

ବରଗଡ଼ ଅଫିସ୍,୨୫।୧୦: ବରଗଡ଼ ଜିଲା ଭେଡ଼େନ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ନଗ୍ନ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଗତ ମାସ ୨୫ତାରିଖରୁ ଭେଡ଼େନ ଥାନାରେ ଏତଲା ଦେଇଥିବା ସତ୍ତ୍ୱେ ପୋଲିସ କେବଳ ଏକ ମାମଲା ରୁଜୁ କରିଛି ଏବଂ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ରାଜ୍ୟ ମହିଳା କଂଗ୍ରେସର ସମ୍ପାଦିକ ସୁନୀତା ବାଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବରଗଡ଼ ଏସପିଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏସପି ପଦ୍ମିନୀ ସାହୁଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଏସପି ଅମରେନ୍ଦ୍ର ରଣାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ନାଟ୍ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ

ସୋନପୁର,୨୫।୧୦(ନି.ପ୍ର.) ନାଟକ, ସାହିତ୍ୟ ଓ ସମାଜସେବା ପ୍ରତି ସମର୍ପିତ ସୁବର୍ଣ୍ଣପୁରର ଅନୁଷ୍ଠାନ ନୋଡାଲ ଆସୋସିଏଶନ ଫର ଏମେଚ୍ୟୋର ଥିଏଟର(ନାଟ୍)ର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ବିଗତ ବର୍ଷର ଆୟ ବ୍ୟୟର ହିସାବ ଉପସ୍ଥାପନ କରିଥିଲେ । ପରେ ବରିଷ୍ଠ ସଭ୍ୟ ଉମାକାନ୍ତ ବିଶିଙ୍କ ପରିଚାଳନାରେ ଆଗାମୀ ଦୁଇ ବର୍ଷ ପାଇଁ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରୀୟ ନାଟ୍ ସମ୍ମାନ ପ୍ରାପ୍ତ ପ୍ରତିଭା ଅନୁଷ୍ଠାନର ସଭାପତି ପଦମଣ୍ଡନ କରିବା ପରମ୍ପରା ଅନୁସାରେ ବର୍ତ୍ତମାନ ପଦ୍ମଶ୍ରୀ ଡ. ସାଧୁ ମେହେର ନାଟ୍‌ର ସଭାପତି ଅଛନ୍ତି। ତେବେ ଚୟନ ପ୍ରକ୍ରିୟାରେ ଅନ୍ୟ ସମସ୍ତ ପଦବି ପାଇଁ ସର୍ବ ସମ୍ମତି କ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏହି କ୍ରମରେ ପ୍ରଦ୍ୟୁମ୍ନ କୁମାର ସାହୁ କାର୍ଯ୍ୟକାରୀ ସଭାପତି, ଶୈଳେନ୍ଦ୍ର ବହିଆ ଉପସଭାପତି, ବନମାଳୀ ପଣ୍ଡା ସାଧାରଣ ସମ୍ପାଦକ, ଅବିନାଶ ହୋତା ସଂସ୍କୃତି ସମ୍ପାଦକ, ନରେନ୍ଦ୍ର ଭୋଇ ସାହିତ୍ୟ ସମ୍ପାଦକ, ସଞ୍ଜୟ କୁମାର ପଣ୍ଡା ସମାଜସେବା ସମ୍ପାଦକ, ଜ୍ୟୋତିବିକାଶ ମିଶ୍ର କୋଷାଧ୍ୟକ୍ଷ, କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ଅଜିତ ମେହେର, ଗତିକୃଷ୍ଣ ବଣିଆ, ଜିତେନ୍ଦ୍ର ମହାପାତ୍ର, ସମୀର କୁମାର ସାହୁ ଓ କ୍ଷୀରୋଦ ବିହାରୀ ବିଶ୍ୱାଳ ମନୋନିତ ହୋଇଥିଲେ । ସେହିପରି ସଂସ୍କୃତି ପରିଷଦ ସଭ୍ୟ ଭାବେ ଚିନ୍ମୟ କୁମାର ରଥ, ଜିତେନ୍ଦ୍ର ମହାପାତ୍ର, ସମୀର କୁମାର ସାହୁ, ସାହିତ୍ୟ ପରିଷଦର ସଭ୍ୟ ଭାବେ ପ୍ରଦ୍ୟୁମ୍ନ କୁମାର ସାହୁ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଶେଷଦେବ ଥନାପତି, ସମାଜସେବା ପରିଷଦର ସ୍ଥାୟୀ ପ୍ରତିଷ୍ଠାତା ସଭ୍ୟ ଭାବେ ପ୍ରଦ୍ୟୁମ୍ନ କୁମାର ସାହୁ, ଅଜିତ କୁମାର ମେହେର, ଅକ୍ଷୟ ପୁରୋହିତ, ଗତିକୃଷ୍ଣ ବଣିଆ ପ୍ରମୁଖ ମନୋନିତ ହୋଇଛନ୍ତି । ଏହି ଅବସରରେ ଫେବୃୟାରୀ ୨୦୨୦ରେ ତୃତୀୟ ରାଷ୍ଟ୍ରୀୟ ନାଟ ମେଳା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।



ବୈଠକରେ ଉପସ୍ଥିତ ନାଟ୍‌ର କର୍ମକର୍ତ୍ତା ।

## ଜିଲାସ୍ତରୀୟ ଆଥେଲେଟିକ୍ ମିଟ ଉଦ୍‌ଘାଟିତ

ଅମରପାଲି,୨୫।୧୦(ଡି.ଏନ.ଏ.) ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଅଷ୍ଟମ ସୁବର୍ଣ୍ଣପୁର ଜିଲାସ୍ତରୀୟ ଆଥେଲେଟିକ୍ ମିଟ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲାପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପୁଷ୍ପ ମିଞ୍ଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଜିଲା ସ୍କୁଲ ସ୍ପୋର୍ଟିଂ ଆସୋସିଏଶନ୍‌ର ସମ୍ପାଦକ ଦୁର୍ଯ୍ୟୋଧନ ରାଉତ ଓ ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିବା ବେଳେ ବୈଦ୍ୟନାଥ କର୍ଣ୍ଣ ଅତିଥି ପରିଚୟ ପ୍ରଦାନ ଓ ବିଆଇପି ବ୍ରଜଗୋପାଳ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲାର ୬ଟି ବ୍ଲକରୁ ପ୍ରାୟ ୨୬୩ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରୁଛନ୍ତି। ଉଦଘାଟନୀ ସଭାରେ ସ୍ଥାନୀୟ ଗଣପତି ଆଦର୍ଶ ଶିକ୍ଷା ନିକେତନ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅକ୍ଷୟ କୁମାର ରାଏ, ଭାବଗ୍ରାହୀ ମେହେର, ପଦ୍ମନାଭ ବାରିକ, ସୁରେନ୍ଦ୍ର ଓତା ଏବଂ ସମସ୍ତ ସିଆରସିସି, ଖେଳ ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନେ ସହଯୋଗ କରିଥିଲେ।

## ମଲ୍ଲିକମୁଣ୍ଡା କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ

ସୋନପୁର,୨୫।୧୦(ନି.ପ୍ର.) ସୋନପୁର ବ୍ଲକ ଅନ୍ତର୍ଗତ ଗଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମଲ୍ଲିକମୁଣ୍ଡା କ୍ଲଷ୍ଟର ଅନ୍ତର୍ଗତ ଗୋଟିଏ ହାଇସ୍କୁଲ, ୩ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୭ଗୋଟି ପ୍ରାଥମିକ ବିଦ୍ୟାଳୟର ମୋଟ ୧୭୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବର୍ଗର ୧୭ଟି ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଅଂଶଗ୍ରହଣ କରିବେ । ପୁରସ୍କାର ବିତରଣ ସଭାରେ ପୂର୍ବତନ ସିଆର୍‌ସିସି ବିଶେଶ୍ୱର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସିଆର୍‌ସିସି ଦୋଳଗୋବିନ୍ଦ ପଣ୍ଡା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଘ୍ନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗଡିଆ ସ୍କୁଲର ପ୍ରଧାନଶିକ୍ଷକ ସିଦ୍ଧେଶ୍ୱର ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ସୁରେଶ ସାହୁ, ପ୍ରମୋଦ ମେହେର, ପ୍ରଭାତ ସେଠୀ, ଲିଲିରାଣୀ ଧରୁଆ, ଡାକ୍ତର ଦାସ, ସନ୍ତୋଷିନୀ ନନ୍ଦ, ନିରୁ ମିଶ୍ର, ହେମନ୍ତ ଦାଶ, ସବିତା ସାହୁ ଓ ପଦାଥ ଝାଙ୍କର ଆଦି ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

## ବିଶେଷଜ୍ଞ କମିଟିର ସୋନପୁର, ବୀରମହାରାଜପୁର ଉପକାରାଗାର ପରିଦର୍ଶନ

ସୋନପୁର,୨୫।୧୦(ନି.ପ୍ର.) ଶିଶୁଙ୍କ ସୁରକ୍ଷା ପାଇଁ ଗୃହ ବିଭାଗ ପକ୍ଷରୁ ମନୋନିତ ସୁବର୍ଣ୍ଣପୁର ଜିଲା ବିଶେଷଜ୍ଞ କମିଟି ଶୁକ୍ରବାର ବୀରମହାରାଜପୁର ଉପକାରାଗାରକୁ ପରିଦର୍ଶନ କରିଥିଲେ। କମିଟି ଉପକାରାଗାରର ଅଧିକ୍ଷକ ପନିରାମ ବାଗ ଓ ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ । ଗୁରୁବାର କମିଟି ସୋନପୁର ଉପକାରାଗାର ପରିଦର୍ଶନ କରିଥିଲେ । ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ସୀମା ତ୍ରିପାଠୀ, ବିଶେଷଜ୍ଞ କମିଟିର ସଦସ୍ୟ ନୀଳାମ୍ବର ଶତପଥୀ, ଅବକାଶ ମିଶ୍ର, ହେମନ୍ତ କୁମାର ସା, ରାଜୀବ ଲୋଚନ ଗୁରୁ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ କାରାଗାରକୁ ଅଧିକ୍ଷକ ସତ୍ୟନାରାୟଣ ବେହେରାଙ୍କ ସହିତ ଆଲୋଚନା କରିଥିଲେ । ପରେ ଅନ୍ତେବାସୀଙ୍କ ସହିତ ଆଲୋଚନା କରିବା ସହ କାରାଗାରରେ ଆଇନ ସହିତ ଦ୍ୱନ୍ଦରେ ଥିବା ଶିଶୁ ରହିଛନ୍ତି କି ନାହିଁ ସେ ସମ୍ପର୍କରେ ଯାଞ୍ଚ କରିଥିଲେ।

■ ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ

## ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ବରଗଡ଼ ଅଫିସ୍,୨୫।୧୦ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ସ୍ଥାନାନ୍ତରକୁ ନେଇ ଏବେ ମଧ୍ୟ ଅସନ୍ତୋଷ ଲୁହୁଲୁଛି । ବ୍ୟାଙ୍କ ଶାଖା ସ୍ଥାନାନ୍ତର ପ୍ରତିବାଦରେ ଅଞ୍ଚଳବାସୀ ପୂର୍ବରୁ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେବା ସହିତ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଥିଲେ । ବୁଗବୁଗା ଗ୍ରାମରୁ ବ୍ୟାଙ୍କକୁ ସ୍ଥାନାନ୍ତର କରାଯାଇ ପୂର୍ବବତ୍ ସେଠାରେ ବ୍ୟାଙ୍କକୁ କାର୍ଯ୍ୟକ୍ଷମ କରାଯିବାକୁ ଗ୍ରାମବାସୀ ଦାବି କରିଥିଲେ । ତେବେ ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନିଆଯାଇ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେତେବେଳେ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ କିଛି ସୁଫଳ ମିଳିନାହିଁ । ଫଳରେ ଶୁକ୍ରବାର ବୁଗବୁଗା ଗ୍ରାମର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଭେଟି ଦାବି ପୂରଣ କରିବା ପାଇଁ ଗୁହାରୀ କରିଥିଲେ । ଏହି ପ୍ରତିନିଧି ଦଳରେ ଗ୍ରାମର ରବିନ୍ଦ୍ର ମହାକୁର, ସୁରେନ୍ଦ୍ର ମହାକୁର, ରମେଶ ମହାକୁରଙ୍କ ସମେତ ବହୁ ମହିଳା ସାମିଲ ହୋଇଥିଲେ ।

## ଜିଲାପାଳଙ୍କୁ ଭେଟିଲେ ଚାଷୀ

ବରଗଡ଼ ଅଫିସ୍,୨୫।୧୦ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡଭା ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ରେ ହୋଇଥିବା ଅନିୟମିତତାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। କାର୍ଯ୍ୟାନୁଷ୍ଠାନ ଦାବିରେ ଚାଷୀମାନେ ବାରମ୍ବାର ପ୍ରଶାସନକୁ ଜଣାଇବା ସହିତ ଆନ୍ଦୋଳନକୁ ଓହ୍ଲାଇବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି । ପ୍ୟାକ୍ସ ଅନିୟମିତାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସହିତ ଉକ୍ତ ସମିତିରେ ନୂତନ ସମ୍ପାଦକ ଅବସ୍ଥାପିତ କରା ନ ଗଲେ ନଭେମ୍ବର ୧ରୁ ଚାଷୀମାନେ ଜିଲାପାଳଙ୍କ ଅଫିସ ଆଗରେ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି । ଏ ନେଇ ସ୍ଥାନୀୟ ଚାଷୀ ସଙ୍ଗଠନ ପକ୍ଷରୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅଶୋକ କୁମାର ସାହୁ, ଚିନ୍ତାମଣି ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଚାଷୀ ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

**ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ**
ଅନୁଗୋଳ - ୭୫୯୧୨୨
ସଂଖ୍ୟା ନଂ.୩୦୩୪ / TAMDA ତା.୨୨।୧୦।୨୦୧୯

**ବିଜ୍ଞପ୍ତି**

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (TAMDA)ଙ୍କ ପରିସୀମା ମଧ୍ୟରେ ବେଆଇନ୍ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣକାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସଂଖ୍ୟା.୧୫୬୪୬, ତା୨୦।୦୬।୨୦୧୮ରିଖ ଓ ଗେଜେଟ ସଂଖ୍ୟା.୯୮୭, ତା୨୦।୦୬।୨୦୧୮ ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଥିଲା। ବର୍ତ୍ତମାନ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା.୧୩୯୫୫, ତା୦୬।୦୮।୨୦୧୯ (Notification No.13955 / HUD / Dt.06.08.2019) ଦ୍ୱାରା ଉକ୍ତ ସ୍କିମ୍‌କୁ ତା୦୬।୦୮।୨୦୧୯ରିଖଠାରୁ ଆସନ୍ତା ୬(ଛଅ) ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି। ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତକରଣ ନିମନ୍ତେ ସେମାନେ ଏହି ସ୍କିମ୍‌ର ସଦୁପଯୋଗ କରନ୍ତୁ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ ଅଟେ।

ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ TAMDA କାର୍ଯ୍ୟାଳୟରେ ଅଫିସ୍ ସମୟ ମଧ୍ୟରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ
ଟାମ୍‌ଡା, ଅନୁଗୋଳ

## ଦୁର୍ଘଟଣାରେ ଆହତଙ୍କୁ ଶିକ୍ଷକ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଲେ

ସୋନପୁର,୨୫।୧୦(ନି.ପ୍ର.) ସୋନପୁର ସହର ନିକଟସ୍ଥ ମହାନଦୀ ବ୍ରିଜ୍ ଉପରେ ଶୁକ୍ରବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣା ଘଟିଥିଲା । ବୀରମହାରାଜପୁର ବ୍ଲକ ନୂଆଁଗଡର ଚନ୍ଦ୍ରମଣି ସେଠୀ(୨୭) ବାଇକ୍‌ରେ ପତ୍ନୀ ସିପ୍ରା(୨୪), ଦେଢମାସର ଏକ ଶିଶୁ ଓ ଶାଳୀ ମାନସୀ(୨୦)ଙ୍କୁ ନେଇ ସୋନପୁରରୁ ବୀରମହାରାଜପୁର ଅଭିମୁଖେ ଯାଉଥିଲେ। ସେ ବ୍ରିଜ୍ ମଝିରେ ଥିବା ଖାଲ ଯୋଗୁ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ । ସେତିକିବେଳେ ଉଲୁଣ୍ଡା ବ୍ଲକ ପଞ୍ଚମହଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଧର ବାଗ ନିଜ କାର ଯୋଗେ ସୋନପୁର ଫେରୁଥିଲେ। ବହୁ ସଂଖ୍ୟାରେ ଜମା ହୋଇଥିବା ଲୋକଙ୍କୁ ଦେଖି ସେ ଅଟକି ଯାଇଥିଲେ। ନିଜ କାରରେ ସେ ଆହତମାନଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ସମସ୍ତେ ଏବେ ଚିକିତ୍ସିତ ହେଉଛନ୍ତି । ଦୁର୍ଘଟଣା ଘଟିବାର ଅଳ୍ପ ସମୟ ମଧ୍ୟରେ ସମସ୍ତେ ଚିକିତ୍ସାଳୟରେ ପହଞ୍ଚି ପାରିଥିବାରୁ ସୁସ୍ଥ ଅଛନ୍ତି । ଏହି କାର୍ଯ୍ୟ ପାଇଁ ପ୍ରଧାନଶିକ୍ଷକ ଶ୍ରୀଧର ବାଗ ପ୍ରଶଂସାର ପାତ୍ର ହୋଇଛନ୍ତି।



ପ୍ରଧାନଶିକ୍ଷକ ଆହତ ମହିଳାଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରୁଛନ୍ତି ।

## ଯାଦବ ସମାଜର ରାସପୂର୍ଣ୍ଣିମା ଯାତ୍ରା ପାଇଁ ବୈଠକ

ଗଣ୍ଡତୁରୁମ, ୨୫।୧୦ (ଡି.ଏନ.ଏ) ଭେଡେନ ବ୍ଲକ ଯାଦବ ସମାଜର ପାଳିତ ହେବାକୁ ଥିବା ରାସ ପୂର୍ଣ୍ଣିମା ଯାତ୍ରା ପାଇଁ ସ୍ଥାନୀୟ ଆଖିଫୁଟା ବିମଳେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଏକ ପରିଚାଳନା କମିଟି ଗଠିତ ହୋଇଯାଇଛି । ସଙ୍ଗଠକ ଉମେଶ ଚନ୍ଦ୍ର ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ତୋରା କଲେଜର ଅଧ୍ୟାପକ ନାରେନ ଭୁଏ, ପ୍ରବଚକ ଦିଲୀପ ବରର୍ତ୍ତି ଯୋଗଦେଇ ସମାଜର ଐତିହ୍ୟ, ଉତ୍ପତ୍ତି ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ । ସଭାପତି ସୁରୁବାବୁ ବରର୍ତ୍ତି, ସମ୍ପାଦକ ସୋମନାଥ ଭୁଏ ଯୋଗଦେଇ ସମାଜର କଳା ସଂସ୍କୃତି, ବୀରଯୋଦ୍ଧା ଶୈଳୀ, ଗୌଡବାଡି ନୃତ୍ୟ, ଲଉଡି ଗୀତ, ବିବାହ ଗୀତ ନାଚର ପରମ୍ପରା ପୁନରୁଦ୍ଧାର ପାଇଁ ଆଲୋକପାତ କରିଥିଲେ । ଏହି ଉତ୍ସବ ମାନପୁର ପଞ୍ଚାୟତ ମହଳାକଟା ଗ୍ରାମରେ ହେବାକୁ ସ୍ଥିର ହୋଇଥିଲା । ବୈଠକରେ ପବିତ୍ର ବନଛୋର, ବସୁଦେବ ବରର୍ତ୍ତି, ଶଙ୍କର ଛତର, କୃଷ୍ଣ ମଟାରୀ, ଗୌତୀ ଭୁଏ, ରାମ ଭୁଏ, ପବନ ଖୁଣ୍ଟୁଲି, ପଇଟି ଧରେଇ, ସୁରେଶ ମାଝୀ, ବସୁଦେବ ବାଗ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଡିଙ୍ଗର ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101 7310644390
Vishal Mansion, Mahatma Gandhi Road, UP

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

SEE COLOR DISPLAY CLASSIFIED
ON EVERY TUESDAY & FRIDAY

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ନଳକୂପ ଅଚଳ, ପାଣି ପାଇଁ ହଇରାଣ

ତଳଗାଁ,୨୫।୧୦(ଡି.ଏନ.ଏ) ହରଭଙ୍ଗା ବ୍ଲକ ଆଡେଶୀଗଡ ପଞ୍ଚାୟତର ବାରିଙ୍ଗ ଗୁରହାସାହିରେ ଏକ ମାସ ହେବ ନଳକୂପ ଅଚଳ ହୋଇପଡିଛି । ଫଳରେ ଲୋକମାନେ ନିକଟସ୍ଥ ନାଳରୁ ପାଣି ଆଣି ବ୍ୟବାହର କରୁଛନ୍ତି । ହରଭଙ୍ଗା ବ୍ଲକରେ କିଡନୀ ରୋଗ ମହାମାରୀ ରୂପ ନେଇଥିବା ବେଳେ ବର୍ତ୍ତମାନ ନଳକୂପ ଅଚଳ ଥିବାରୁ ବାରିଙ୍ଗବାସୀ ନାଳ ପାଣି ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ନରେନ୍ଦ୍ର ଜାନୀ, ଗୋକୁଳ ବେହରା, ରାଜେନ୍ଦ୍ର ପୋଢ ପ୍ରମୁଖ ଦାବି କରିଛନ୍ତି।

### ଝାଡାବାନ୍ତିରେ ୭ ଜଣ ଆକ୍ରାନ୍ତ

ପାଇକମାଳ,୨୫।୧୦(ଡି.ଏନ.ଏ) ପାଇକମାଳ ବ୍ଲକ ଭେଙ୍ଗରାଜପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ନାଗଡିହି ଗ୍ରାମରେ ଝାଡାବାନ୍ତିରେ ୭ଜଣ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧରୁ ୪ଜଣ ଗାଁରେ ଚିକିତ୍ସିତ ହେଉଥିବା ବେଳେ କୁନ୍ତଳା ଭୋଇ, ଭରତ ପାଇକଙ୍କୁ ପଦ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବନିତା ସାହୁ ଗୁରୁତର ଥିବାରୁ ତାଙ୍କୁ ବରଗଡ ପଠାଯାଇଛି। ଖବର ପାଇ କୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଡା. ତୁଷକାନ୍ତ ଚନ୍ଦ୍ରକାର, ଡା. ସୁଦୀପ୍ତ ସାହୁ, ଡା. କୋଶଳ ନାଏକ, ଏଏନଏମ ସରୋଜିନୀ ପଟେଲ, ସ୍ୱାସ୍ଥ୍ୟକର୍ମୀ ସୁନୀଲ ରଣା ପ୍ରମୁଖ ଉକ୍ତ ଗ୍ରାମରେ କ୍ୟାମ୍ପ କରି ଲୋକଙ୍କୁ ଚିକିତ୍ସା କରୁଛନ୍ତି । ସରପଞ୍ଚ ଭୀଷ୍ମଦେବ ସାହୁ, ଆଶାକର୍ମୀ ଓ ସ୍ୱେଚ୍ଛାସେବୀମାନେ ଲୋକମାନଙ୍କୁ ସଚେତନ କରୁଛନ୍ତି ।

### ସୁରଭିରେ ବିଭିନ୍ନ ପ୍ରତିଯୋଗିତା

ଜମ୍ଫାପଙ୍କ, ୨୫।୧୦ (ଡି.ଏନ.ଏ) ହରଭଙ୍ଗା ବ୍ଲକ ତାଲବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କାର୍ତ୍ତିକେଶ୍ୱର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବାମଣ୍ଡା ସରପଞ୍ଚ ଲଳିତ କୁମାର ଥାଟି ମୁଖ୍ୟଅତିଥି, ପୂର୍ବତନ ଏବିଇଓ ବିକାଶ କୁମାର କାନୁନଗୋ, ହରଭଙ୍ଗା ଏବିଇଓ ଦେବରାଜ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ତର୍କ, ବକ୍ତୃତା, ପ୍ରବନ୍ଧ, ସୃଜନାତ୍ମକ ଲିଖନ ଓ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧରେ ଶିକ୍ଷକ ରଜ ଦାନୀ, ବସନ୍ତ ବିଶ୍ୱାଳ, ରେବତୀ ସାହୁ, ମିନତୀ ତ୍ରିପାଠୀ, ଦୁର୍ଗାମାଧବ ଆଚାର୍ଯ୍ୟ, ଦୁର୍ଗା ମହାକୁଳ, ଚୈତନ୍ୟ ସାହୁ, ବିଭୂତି ଭୂଷଣ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ତାଲବାହାଲ ସିଆରସିସି ଶ୍ରୀଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଫଳ ଘୋଷଣା ପରେ ଜିତ୍ ହାର ଆକଳନ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୫।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନରେ ବିଜେଡ଼ିର ବୃହତ ବିଜୟ ହୋଇଛି । ଅପରପକ୍ଷେ ଆଞ୍ଚଳିକ ଦଳ ବିଜେଡ଼ିର ରଣନୀତିରେ ଅନ୍ୟ ଦୁଇ ଜାତୀୟ ଦଳ ଭାଜପା, କଂଗ୍ରେସ ଧରାଶାୟୀ ହୋଇଛନ୍ତି। ଏଭଳି ପରାଜୟକୁ କଂଗ୍ରେସ, ଭାଜପା ସ୍ୱୀକାର କରିବା ସହିତ ଜନାଦେଶକୁ ସମ୍ମାନ ଦେଇଛନ୍ତି । ମାତ୍ର ଏଠାରେ ଏହି ଦୁଇ ଜାତୀୟ ଦଳ ଯେଭଳି ପରାଜିତ ହେଲେ ତାହା ଏବେ ଆଲୋଚନାର ବିଷୟ ହୋଇଛି । ୧ଲକ୍ଷ ୩୫ହଜାର ୯୫୭ ଖଣ୍ଡ (୫୬.୬୧ ପ୍ରତିଶତ) ପାଇ ବିଜେଡ଼ି ରେକର୍ଡ଼ ବିଜୟ କରିଥିଲେ ସୁଦ୍ଧା ତାକୁ ନେଇ ଯେତେ ଚର୍ଚ୍ଚା ହେଉନି ୩୭ହଜାର ୯୬୭ଖଣ୍ଡ(୨୦.୬୨ ପ୍ରତିଶତ) ଭୋଟ୍ ପାଇ ଭାଜପା ଏବଂ ୫୮୭୩ଖଣ୍ଡ (୩.୧୯ ପ୍ରତିଶତ) ଭୋଟ୍ ପାଇ କଂଗ୍ରେସର ଶୋଚନୀୟ ପରାଜୟକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ବିଜେଡ଼ିର ଭୋଟ୍ ପ୍ରତି ବୁଥ୍‌ରେ ତିନିଅଙ୍କ ରହିଥିବାବେଳେ କେତେକ ବୁଥ୍‌ରେ କଂଗ୍ରେସ ଓ ଭାଜପାର ଭୋଟ୍ ଏକ ଓ ଦୁଇ ଅଙ୍କରେ ସୀମିତ ରହିଥିବା ଦେଖିବାକୁ ମିଳିଛି ।

କଂଗ୍ରେସ ବିଜେପୁର ନିର୍ବାଚନ ମଣ୍ଡଳୀର ୨୫୦ଟି ବୁଥ୍ ମଧ୍ୟରୁ କେବଳ ବୁଥ୍ ନଂ-୧୫୭ (ଅର୍ଡ଼ା ପ୍ରାଥମିକ ସ୍କୁଲ)କୁ ଛାଡ଼ି ଦେଲେ ଅନ୍ୟ କୌଣସି ବୁଥ୍‌ରେ ତିନିଅଙ୍କକୁ ଛୁଇଁ ପାରିନାହିଁ । ଏହି ବୁଥ୍‌ରେ ସମୁଦାୟ ୮୪୬ ମତଦାତାଙ୍କ ମଧ୍ୟରୁ ୬୭୬ଜଣ ମତାଧିକାର ସାବ୍ୟସ୍ତ କରିଥିଲେ । ସେଥିମଧ୍ୟରୁ ବିଜେଡ଼ିକୁ ସର୍ବାଧିକ ୪୫୫ଟି ଭୋଟ୍ ମିଳିଥିବାବେଳେ ଭାଜପାକୁ ୧୦୫ ଏବଂ କଂଗ୍ରେସକୁ ୧୧୦ଖଣ୍ଡ ଭୋଟ୍ ମିଳିଥିବାବେଳେ ନୋଟାରେ ଗୋଟିଏ ଭୋଟ୍ ପଡ଼ିଛି । ଏହି ବୁଥ୍‌ରେ କଂଗ୍ରେସ ୫ଖଣ୍ଡ ଅଧିକ ଭୋଟ ପାଇ ଭାଜପାକୁ ପଛରେ ପକାଇଛି। ଅନ୍ୟପଟେ ବୁଥ୍ ନଂ-୮୨ ଓ ବୁଥ୍ ନଂ-୨୩୪ରେ କଂଗ୍ରେସକୁ ଗୋଟିଏ ଲେଖାଏଁ ଭୋଟ୍ ମିଳିଥିବାବେଳେ ବୁଥ୍ ନଂ-୨, ବୁଥ୍ ନଂ-୧୬୬, ବୁଥ୍ ନଂ-୨୦୧, ୨୦୩ରେ ମାତ୍ର ୨ଟି ଲେଖାଏଁ ଭୋଟ୍ କଂଗ୍ରେସ ସପକ୍ଷରେ ଯାଇଛି । ସେହିପରି ବୁଥ୍ ନଂ-୫, ୮୪, ୧୧୨, ୧୪୦, ୧୪୪, ୨୦୬, ୨୧୪, ୨୪୭ ଏବଂ ବୁଥ୍ ନଂ-୨୫୩ରେ କଂଗ୍ରେସକୁ ମାତ୍ର ୩ଟି ଲେଖାଏଁ ଭୋଟ୍ ମିଳିଥିବାବେଳେ ଅନ୍ୟ ବୁଥ୍ ଗୁଡ଼ିକରେ କଂଗ୍ରେସ ପାଇଥିବା ଭୋଟ୍ ୪ରୁ ୯୫ ମଧ୍ୟରେ ସୀମିତ ରହିଛି । କଂଗ୍ରେସ ପ୍ରାର୍ଥି ଦିଲୀପ କୁମାର ପଣ୍ଡାଙ୍କ ବୁଥ୍ ନଂ-୯୮(ମାନପୁର ୟୁଜିୟୁପି ସ୍କୁଲ)ରେ ମଧ୍ୟ ଦଳ ସପକ୍ଷରେ ଭୋଟ୍ ସନ୍ତୋଷଜନକ ହୋଇନାହିଁ । ଏଠାରେ ସମୁଦାୟ ୯୬୪ ଭୋଟରଙ୍କ ମଧ୍ୟରୁ ୭୬୫ଜଣ ମତଦାନ କରିଥିଲେ । ସେଥିରୁ ଦିଲୀପଙ୍କ ସପକ୍ଷରେ ମାତ୍ର ୯୫ଟି ଯାଇଥିବାବେଳେ ଭାଜପାକୁ ୨୬୮ ଏବଂ ବିଜେଡ଼ିକୁ ସର୍ବାଧିକ ୩୮୮ଟି ଭୋଟ୍ ମିଳିଛି । ହିନ୍ଦୁ ମହାସଭାକୁ ୭ଟି ଭୋଟ୍ ମିଳିଥିବାବେଳେ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ୩ଟି ଯାଇଛି ।

> **ବିଜେପୁର ଉପନିର୍ବାଚନ**
> - କେବଳ ଗୋଟିଏ ବୁଥ୍‌ରେ କଂଗ୍ରେସର ଭୋଟ୍ ତିନି ଅଙ୍କ ବିଶିଷ୍ଟ
> - କଂଗ୍ରେସ, ଭାଜପାକୁ ଏକ ଅଙ୍କ ମଧ୍ୟ ଦେଖିବାକୁ ପଡ଼ିଛି
> - ସବୁ ବୁଥ୍‌ରେ ତିନି ଅଙ୍କ ଛୁଇଁ ବିଜେଡ଼ିର ହୋଇଛି ବୃହତ୍ ବିଜୟ

ଭାଜପାର ସ୍ଥିତି ମଧ୍ୟ ପ୍ରାୟ ପ୍ରତି ବୁଥ୍‌ରେ ନିରାଶାଜନକ ହୋଇଛି । ବୁଥ୍ ନଂ-୩୩ (ବାଦପାଲି ପ୍ରାଥମିକ ସ୍କୁଲ)ରେ ଭାଜପା ସପକ୍ଷରେ ମାତ୍ର ୪ଖଣ୍ଡ ଭୋଟ୍ ପଡ଼ିଛି। ଅନ୍ୟପଟେ ଏଠାରୁ ବିଜେଡ଼ିକୁ ୬୨୨ଟି ଭୋଟ ମିଳିଥିବାବେଳେ କଂଗ୍ରେସକୁ ୨, ହିନ୍ଦୁ ମହାସଭାକୁ ୪ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଗୋଟିଏ ଭୋଟ୍ ଯାଇଥିବାବେଳେ ନୋଟାରେ ୨ଟି ଭୋଟ୍ ମିଳିଛି । ଏହି ବୁଥ୍‌ରେ ସମୁଦାୟ ୭୯୬ ଭୋଟରଙ୍କ ମଧ୍ୟରୁ ୬୩୧ଜଣ ମତଦାନ କରିଥିଲେ । ସେହିପରି ୮୨ଟି ବୁଥ୍‌ରେ ଦଳ ସପକ୍ଷରେ ରହିଥିବା ମତଦାନ ଦୁଇ ଅଙ୍କ ଅର୍ଥାତ୍ ୧୦ରୁ ଆରମ୍ଭ କରି ୯୬ ପର୍ଯ୍ୟନ୍ତ ରହିଥିବାବେଳେ ବାକି ବୁଥ୍ ଗୁଡ଼ିକରେ ଭାଜପା ତିନିଅଙ୍କକୁ ଛୁଇଁଛି । ଦଳୀୟ ପ୍ରାର୍ଥୀ ସନତ କୁମାର ଗଡ଼ତିଆ ତାଙ୍କ ନିଜ ବୁଥ୍ ନଂ-୧୦୫(ବିଜେପୁର ବାଳକ ପ୍ରାଥମିକ ବିଦ୍ୟାଳୟ)ରେ ମଧ୍ୟ ଆଶାନୁରୂପ ଭୋଟ୍ ଦଳ ସପକ୍ଷକୁ ଟାଣି ପାରି ନାହାନ୍ତି। ଏଠାରେ ସନତଙ୍କୁ ୨୩୭ଖଣ୍ଡ ଭୋଟ୍ ମିଳିଥିବା ବେଳେ ବିଜେଡ଼ିକୁ ସର୍ବାଧିକ ୪୬୬ ଏବଂ କଂଗ୍ରେସକୁ ୮ଖଣ୍ଡ ଭୋଟ୍ ମିଳିଛି । ଅପରପକ୍ଷେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଖଣ୍ଡିଏ ଭୋଟ୍ ମିଳିଥିବାବେଳେ ୧୨ଜଣ କୌଣସି ପ୍ରାର୍ଥୀଙ୍କ ପସନ୍ଦ ନ କରି ନୋଟାରେ ଭୋଟ୍ ଦେଇଛନ୍ତି । ଏହି ବୁଥ୍‌ରେ ସମୁଦାୟ ୧୦୨୬ ଭୋଟରଙ୍କ ମଧ୍ୟରୁ ୭୨୪ଜଣ ମତଦାନ କରିଥିଲେ ।

ବିଜେଡ଼ି ପ୍ରତି ବୁଥ୍‌ରେ ଭାଜପା, କଂଗ୍ରେସକୁ ପଛରେ ପକାଇ ରେକର୍ଡ଼ ବିଜୟ ହାସଲ କରିଛି । ପ୍ରତ୍ୟେକ ବୁଥ୍‌ରେ ଦଳର ମତଦାନ ତିନିଅଙ୍କ ବିଶିଷ୍ଟ ରହିଛି । ବୁଥ୍ ନଂ-୫୩ (ସିର୍କିଡ଼ ୟୁପି ସ୍କୁଲ)ରେ ବିଜେଡ଼ିକୁ ସର୍ବାଧିକ ୯୬୬ଖଣ୍ଡ ଭୋଟ୍ ମିଳିଛି । ବୁଥ୍ ନଂ-୨୨୮ରେ ବିଜେଡ଼ିକୁ ୧୨୦ଖଣ୍ଡ ଭୋଟ୍ ମିଳିଛି । ସେହି ବୁଥ୍‌ର ସମୁଦାୟ ମତଦାତା ସଂଖ୍ୟା ୨୧୫ରୁ ୧୭୮ଜଣ ମତଦାନ କରିଥିଲେ । ସେଠାରେ କଂଗ୍ରେସକୁ ୪ ଏବଂ ଭାଜପାକୁ ୫୧ଟି ଭୋଟ୍ ମିଳିଛି । ହିନ୍ଦୁ ମହାସଭାକୁ ୨ଟି ଏବଂ ନୋଟାରେ ଗୋଟିଏ ଭୋଟ୍ ପଡ଼ିଥିଲା। ସେହିପରି ଦଳୀୟ ପ୍ରାର୍ଥିନୀ ରୀତା ତାଙ୍କ ନିଜ ବୁଥ୍ ନଂ-୨୧(ବରପାଲି ସମଲେଶ୍ୱରୀ ୟୁଜିୟୁପି ସ୍କୁଲ)ରେ ମଧ୍ୟ ରେକର୍ଡ଼ସଂଖ୍ୟକ ଭୋଟ୍ ପାଇଛନ୍ତି । ଏଠାରେ ସମୁଦାୟ ୯୬୦ ଭୋଟରଙ୍କ ମଧ୍ୟରୁ ୭୦୭ଜଣ ମତଦାନ କରିଥିଲେ । ସେଥିରୁ ରୀତାଙ୍କୁ ସର୍ବାଧିକ ୫୭୯ଖଣ୍ଡ ଭୋଟ୍ ମିଳିଥିଲା । ସେହିପରି ଏଠାରେ ଭାଜପାକୁ ୯୭, କଂଗ୍ରେସକୁ ୧୫ ଖଣ୍ଡ ଭୋଟ୍ ମିଳିଥିବାବେଳେ ଏବଂ ନୋଟାରେ ୯ଖଣ୍ଡ ଭୋଟ୍ ପଡ଼ିଥିଲା ।



ବଇଦପାଲି ରାସ୍ତା କର୍ଦ୍ଦମାକ୍ତ ।

### ବଇଦପାଲିକୁ ଯୋଗାଯୋଗ ବିଚ୍ଛିନ୍ନ

**ପଦ୍ମପୁର, ୨୫।୧୦ (ଡି.ଏନ.ଏ)**

ରାସ୍ତା ଖରାପ ଯୋଗୁ ରାଜବୋଡାସମ୍ବର ପଦ୍ମପୁର ବ୍ଲକ କନସିଂହା ଗ୍ରାମପଞ୍ଚାୟତ ଅଧୀନ ବଇଦପାଲି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଉକ୍ତ ଗାଁରୁ କନସିଂହା ଓ ଅନ୍ୟ ଗ୍ରାମକୁ ଯିବା ପାଇଁ ଅସୁବିଧା ହୋଇଛି । ପ୍ରାୟ ୩୦ ବର୍ଷ ହେଲା ରାସ୍ତା ମରାମତି ହେଉନାହିଁ। ତେଣୁ ଛାତ୍ରୀଛାତ୍ର, ମହିଳା, ବୃଦ୍ଧାବୃଦ୍ଧ ପାଣି କାଦୁଅରେ ଯାତାୟାତ କରୁଛନ୍ତି। ରାସ୍ତା ନିର୍ମାଣ ଦାବିରେ ଗତ ସାଧାରଣ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ । ପଦ୍ମପୁର ଉପଜିଲାପାଳ ଉକ୍ତ ଗାଁକୁ ଯାଇ ଆଲୋଚନା କରି ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇନାହିଁ। ପ୍ରଶାସନ ପକ୍ଷରୁ ଏ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି ।

■ ପାଠପଢ଼ା ଠିକ୍ ଭାବେ ହେଉନାହିଁ

# ବଡ଼ ପିପିଲିପାଲି ହାଇସ୍କୁଲରେ ତାଲା



ସ୍କୁଲରେ ତାଲା ପକାଇ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି ।

**ଭେଡ଼େନ,୨୫।୧୦(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବଡ଼ପିପିଲିପାଲି ନୋଡ଼ାଲ ହାଇସ୍କୁଲରେ ଠିକ୍ ଭାବେ ପାଠପଢ଼ା ହେଉ ନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି। ସ୍କୁଲରେ ପ୍ରଧାନ ଶିକ୍ଷକ ନ ଥିବା, ବିଜ୍ଞାନ ପାଠ ଠିକ ଭାବେ ପଢ଼ା ହେଉ ନ ଥିବା ତଥା ଅନ୍ୟ ଶିକ୍ଷକ ମାନେ ପାଠପଢ଼ାରେ ଅବହେଳା କରୁଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀଶିକ୍ଷକଙ୍କୁ ବଦଳି କରି ନୂତନ ଷ୍ଟାଫ ଦେବାକୁ ଅଭିଭାବକମାନେ ଦାବି କରିଥିଲେ । ଖବର ପାଇ ଭେଡ଼େନ ଏବିଇଓ ଅଭିମନ୍ୟୁ ଭୋଇ, ସିଆରସିସି ପଞ୍ଚାନନ ଭୁଏ, ଅନ୍ତର୍ଯାମୀ ଦୋରା ପ୍ରମୁଖ ଧାରଣାସ୍ଥଳକୁ ଯାଇ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କ ସହ ଆଲୋଚନା କରିବା ସହ ଆସନ୍ତା ସୋମବାର ସୁଦ୍ଧା ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଧାରଣା ପ୍ରତ୍ୟାହୃତ ହେବା ସହ ପାଠପଢ଼ା ସ୍ୱାଭାବିକ ହୋଇଥିଲା ।

# ବର୍ଷାରେ ଘର ଭାଙ୍ଗିଲା

**ପଦ୍ମପୁର, ୨୫।୧୦ (ଡି.ଏନ.ଏ)**

ଲଗାଣ ବର୍ଷା ଯୋଗୁ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବରିହାପାଲି ଗ୍ରାମପଞ୍ଚାୟତ ଅଧୀନ ଚକାଖଲିଆ ଗ୍ରାମର ନିରାକାର ଜାଲଙ୍କ ଘର ଭାଙ୍ଗି ଯାଇଛି । ତୁହାକୁ ତୁହା ବର୍ଷା ହେଉଥିବାରୁ ନିରାକାରଙ୍କ ମାଟି କାନ୍ଥ ଗୁଡିକ ଭିଜିଯାଇ ଭାଙ୍ଗି ଯାଉଛି । ନିରାକାର ଜଣେ ଗରିବ ଶ୍ରେଣୀର ଏବଂ ସେ ଶ୍ରମ କରି ପରିବାର ପ୍ରତିପୋଷଣ କରନ୍ତି । ତାଙ୍କ ମାଟି ଘର ଭାଙ୍ଗିଗଲା ପରେ ଅର୍ଥାଭାବ ଯୋଗୁ ସେ ଘର ତିଆରି କରିବା ପାଇଁ ଅସମର୍ଥ ହୋଇପଡିଛନ୍ତି । ତେଣୁ ସରକାର ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# କରମସାନୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

**ଭେଡ଼େନ, ୨୫।୧୦(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲିଟିକ୍ରାଠାରେ କରମସାନୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବ୍ଲକ କରମସାନୀ ପରିଷଦ ଆନୁକୂଲ୍ୟରେ ହୋଇଥିବା କଳସଯାତ୍ରାରେ ବିଡ଼ିଓ ମୁରଲିଧର ନାୟକ, ଥାନାଧିକାରୀ ହେମନ୍ତ ରାଓ, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, କଳାକାର ସଂଘ ସଭାପତି ସାଗର ମହାକୁର, ଆମ୍ବା କମିଟି ସଭାପତି ହରିଶଙ୍କର ବେହେରାଙ୍କ ସମେତ ତେନ୍ତୁଲିଟିକ୍ରା ଓ ଅଏଁଲାପାଲି ଅଞ୍ଚଳର ବହୁ ମହିଳାପୁରୁଷ ଯୋଗ ଦେଇଥିଲେ। ଦୁଲଦୁଲି ବାଜା ଏବଂ କରମା ନାଚଗୀତ ସହ ଏହି ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳରେ ସ୍ଥାପନ କରାଯାଇଥିଲା। ଏହି ଉତ୍ସବରେ ମଧୁସୁଦନ କରନ ଓ ସୁରେଖା କରନ ଏବଂ ଆନନ୍ଦ ବେହେରା ଓ କହର ବେହେରା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପ୍ରବଚକ ଅଏଁଠୁ ସାହୁ ପ୍ରବଚନ ଦେଇଥିଲେ। ଶନିବାର ମନ ବାଗଙ୍କ ପ୍ରବଚନ ସହ ରବିବାର ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦଯାପନ କାର୍ଯ୍ୟକ୍ରମରେ ଶତାଧିକ କରମା କଳାକାର ଯୋଗଦେଇ କଳା ପ୍ରଦର୍ଶନ କରିବେ ।



କରମସାନୀ ମନ୍ଦିର ପ୍ରତିଷ୍ଠା ଉତ୍ସବର କଳସ ଶୋଭାଯାତ୍ରା ।

### ଚାରିଦିନ ପରେ ଘଣ୍ଟାପଡା ହାଇସ୍କୁଲ ତାଲା ଖୋଲିଲା

**ଘଣ୍ଟାପଡା, ୨୫।୧୦ (ଡି.ଏନ.ଏ)**

ଚାରି ଦିନ ପରେ ବୌଦ୍ଧ ଜିଲା ଶିକ୍ଷାଧିକାରୀ ଶିକ୍ଷକ ବଦଳି ନେଇ ବିଜ୍ଞପ୍ତି ଜାରି କରିବା ପରେ ଶୁକ୍ରବାର ଘଣ୍ଟାପଡା ହାଇସ୍କୁଲରୁ ଅଭିଭାବକ ଓ ଗ୍ରାମବାସୀ ତାଲା ଖୋଲିଛନ୍ତି । ସୂଚନାଯୋଗ୍ୟ, ଘଣ୍ଟାପଡା ହାଇସ୍କୁଲରେ ସଂସ୍କୃତ, ହିନ୍ଦୀ ଏବଂ ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡିଛି। ଏହିସବୁ ପୂରଣ ପାଇଁ ଅଭିଭାବକମାନେ ଗତ ୨୨ ତାରିଖରୁ ହାଇସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ତେବେ ୪ ଦିନ ପରେ ବଦଳି ଆଦେଶ ପାଇବା ପରେ କନ୍ଧମାଳ ଆଇଆଇସି ଶୁଶାନ୍ତ କୁମାର ସେଠୀ, ଏଏସଆଇ ଜ୍ୟୋତିରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ ଗ୍ରାମବାସୀ ସ୍କୁଲରୁ ତାଲା ଖୋଲିଥିଲେ ।

# କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ

**ଘେଁସ,୨୫।୧୦(ଡି.ଏନ,ଏ)**

ବରଗଡ ଜିଲା ମେଲଛାମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ଘେଁସ ହାଇସ୍କଲ ପ୍ରଧାନ ଶିକ୍ଷକ କେଶବଲାଲ ସାହୁ ମୁଖ୍ୟଅତିଥି, ନନ୍ଦଲାଲ ମହାନ୍ତି, ପ୍ରଫୁଲ୍ଲ ଦାସ, ମେଲଛାମୁଣ୍ଡା ସରପଞ୍ଚ ସୁନୀତା ବରିହା, ସିଆରସିସି ସଞ୍ଜୀବ ବାରିକ, ସ୍କୁଲ ପରିଚାଳନା କମିଟି ସଭାପତି ରମେଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ଯଦୁମଣି ସୁନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ସଞ୍ଜୀବ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟର ଅଧୀନ ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମକୁନ୍ଦ ବାରିକ, ପ୍ରକାଶ ବରିହା, ରମେଶ ସାହୁ, ବନମାଳି ବନଛୋର, ନାଗାରାଜ କଅଁର ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ସୂର୍ଯ୍ୟନାରାୟଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।




ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

# ସତ୍ତା ହରାଉଛି ଭାଗବତ ଟୁଙ୍ଗି

**ଜାମଟିକ୍ରା, ୨୫।୧୦ (ଡି.ଏନ.ଏ)**

ଉତ୍କଳୀୟ ଜନଜୀବନ ତଥା ସାମାଜିକ ଚଳଣିରେ ଅତିବଡି ଜଗନ୍ନାଥ ଦାସଙ୍କ ସକଳ ତୀର୍ଥ ତୋ ଚରଣେ... ଭାଗବତୀ ବାଣୀ ଆଉ ଶୁଣିବାକୁ ମିଳୁନି । ଓଡିଆଙ୍କ ଜୀବନଧାରା ସହିତ ଓତଃପ୍ରୋତ ଭାବେ ଜଡିତ ଭାଗବତକୁ ନେଇ ଓଡିଶାର ଗାଁ ମାନଙ୍କରେ ଗଢ଼ି ଉଠିଥିଲା ଭାଗବତ ଟୁଙ୍ଗି । ଏହି ଟୁଙ୍ଗି କେବଳ ଭାଗବତ ପାଠ ବା ପାରାୟଣର ପୀଠ ନ ହୋଇ ଏକ ସାମୂହିକ ଜୀବନଚର୍ଯ୍ୟା ଏବଂ ବିବିଧ ସମସ୍ୟା ସମାଧାନର କେନ୍ଦ୍ରସ୍ଥଳ ପାଲଟିଥିଲା । ଏହା ଗ୍ରାମ୍ୟ ଅଦାଲତ ଓ ଗାଁ କୋଠଘର ଭାବେ କାମ କଲା । ଭାଗବତ ଟୁଙ୍ଗି ପରିଚାଳନା ପାଇଁ ଗ୍ରାମର ପ୍ରତ୍ୟେକ ପରିବାର ଧାନ ଆକାରରେ ଚାନ୍ଦା ଦେଉଥିଲେ । ଭାଗବତ ଗାଦି ନାମରେ କିଛି କୋଠ ଜମିର ବ୍ୟବସ୍ଥା କରୁଥିଲେ। ସେ ଜମି ଜଣେ ଚାଷ କରୁଥିଲେ ଏବଂ ଭାଗଚାଷ ବାବଦକୁ ଉତ୍ପନ୍ନ ଧାନରୁ ଅଧା ଦେଉଥିଲେ । ଏପରି ସଂଗୃହୀତ ଧାନରୁ ଅଭାବୀ ଗ୍ରାମବାସୀ ଅଭାବ ସମୟରେ ନିଜର ଗୁଜୁରାଣ ପାଇଁ କରଜ ନେଉଥିଲେ ଏବଂ ପରେ ଋଣ ପରିଶୋଧ କରୁଥିଲେ। ଏପ୍ରକାର ବ୍ୟବସ୍ଥା ବର୍ତ୍ତମାନର ଖାଉଟି ସମବାୟ ସହିତ ତୁଳନୀୟ। ସମବାୟ ଆନ୍ଦୋଳନ କାର୍ଯ୍ୟକାରୀ ହେବା ପୂର୍ବରୁ ଓଡିଶାର ଭାଗବତ ଟୁଙ୍ଗି ହିଁ ଏହି ଆଦର୍ଶରେ ଜୀବନଯାପନ କରିଥିଲା । ଭାଗବତ ଟୁଙ୍ଗିରେ ପ୍ରୌଢ ଶିକ୍ଷା ଓ ନୈଶ୍ୟ ବିଦ୍ୟାଳୟ ମଧ୍ୟ ଚାଲିଥିଲା । ମାତ୍ର ଏବେ ସେ ସବୁ ଆଉ ନାହିଁ । ସମୟ ସହ ବଦଳିଛି ସଭ୍ୟତା । ଏବେ ଖାଲି ସହର ନୁହେଁ, ଗାଁ ଗଣ୍ଡାରେ ମଧ କ୍ଲବ ଘର ଗଢ଼ି ଉଠିଲାଣି। ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଲାଗି ସରକାରୀ ସହାୟତା ଦରକାର । ଏ ଦିଗରେ ସରକାର ଦୃଷ୍ଟି ଦେଲେ ହଜାର ହଜାର ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଯାଇ ପାରିବ । ଏ ନେଇ ଜଣେ ଭାଗବତ ପ୍ରେମୀ ମନୋଜ ପ୍ରଧାନ କୁହନ୍ତି, ଭାଗବତ ଶୁଣିବା ଦ୍ୱାରା ମନ କର୍ଣ୍ଣ ପବିତ୍ର ହୁଏ । ପ୍ରତ୍ୟେକ ଗାଁରେ କିପରି ଭାବେ ଭାଗବତ ଟୁଙ୍ଗି ହୋଇ ପାରିବ ସେଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ଆବଶ୍ୟକ । ସେହିପରି ଭାଗବତ ପାଠକ ଭାଗ୍ୟବାନ ପଣ୍ଡା କୁହନ୍ତି, ମୁଁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭାଗବତ ପଢ଼େ । କିନ୍ତୁ ଏହା ଶୁଣିବାକୁ ଆଗ ଭଳି ଆଉ ଲୋକେ ଆସୁନାହାନ୍ତି । ସଂସ୍କୃତି ବିଭାଗ ପକ୍ଷରୁ ଭାଗବତ ଟୁଙ୍ଗି ଗୁଡିକର ପୁନରୁଦ୍ଧାର ପାଇଁ ଆର୍ଥିକ ସହାୟତା ମିଳିଲେ ପୁଣି ଗାଁ ଗାଁରେ ଭାଗବତ ଶୁଣିବାକୁ ମିଳିବ ବୋଲି ସମାରୁ ଜଗଦଲା ମତ ଦେଇଛନ୍ତି ।




ଅତାବିରା ବ୍ଲକ ଯୁଯୁଗାଁରେ ଥିବା ଭାଗବତ ଟୁଙ୍ଗୀ ।

# ପଞ୍ଚାୟତ କଲେଜରେ ଇଂଲିଶ ସେମିନାର

**ବୌଦ୍ଧ,୨୫।୧୦(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଇଂରାଜୀ ବିଭାଗ ଆନୁକୂଲ୍ୟରେ ସେକ୍ସପିୟରଙ୍କ ମ୍ୟାକବେଥ ଉପରେ ଆନ୍ତଃ ମହାବିଦ୍ୟାଳୟ ସେମିନାର ଅନୁଷ୍ଠିତ ହୋଇଛି। ଏଥିରେ ଭୈରବୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ସେମିନାରକୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଉଦଘାଟନ କରିଥିଲେ । ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ କୁମାର ମେହେର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ସେମିନାରରେ ଉଭୟ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୧୮ଟି ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା । ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଇଂରାଜୀ ମୁଖ୍ୟ ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ସଞ୍ଜୀବ ନାୟକ, ପ୍ରଣତି ମିଶ୍ର, ଲକ୍ଷ୍ମଣ ମେହେର ଓ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ମୁଖ୍ୟ ଡ. ପ୍ରମୋଦ କୁମାର ମହାପାତ୍ର, ବାଉଁଶୁଣୀ ମା ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ବାବାରାମ ଦେହୁରୀ, ବୌଦ୍ଧ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର ନାଥ ଗୁରୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ କରିଥିଲେ । ରତିକ କୁମାର ରାଉଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁଶ୍ରୀ ଅଦିତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




ସେମିନାରରେ ମଞ୍ଚାସୀନ ଅତିଥିବୃନ୍ଦ ।



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।

-ମହାକବି କାଳିଦାସ



## ସଂକ୍ଷେପରେ

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସିନାପାଲି,୨୫।୧୦(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ସିଂଗଝର ପଞ୍ଚାୟତ ପେଣ୍ଡରେନଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଚେତନତା ସଭାରେ ସିନାପାଲି ବ୍ଲକ ଅଧକ୍ଷା ତପସ୍ୱିନୀ ମାଝି ମୁଖ୍ୟଅତିଥି, ସମ୍ମାନିତ ଅତିଥି ସିଂଗଝର ସରପଞ୍ଚ ରୀନା ବୈଠାରୁ, ସାମାଜିକ କର୍ମୀ ଜମୁଲାଲ ସାକୁଞ୍ଜଳ ସିଂ ମାଝି ପ୍ରମୁଖ ଯୋଗଦାନ କରିଥିଲେ।

### ଧଣ୍ଡାମୁଣ୍ଡା ଜେଏନ୍ କଲେଜରେ ଶୋକସଭା

**ଖପ୍ରାଖୋଲ,୨୫।୧୦(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜେଏନ କଲେଜ ପରିସରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବାନୀଶଙ୍କର ପଧାନଙ୍କ ବିୟୋଗରେ ଏକ ଶୋକ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭୁବନେଶ୍ୱର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୃତ ପ୍ରଧାନଙ୍କ ସ୍ମୃତି ଚାରଣ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିକ୍ରମ ସିଂ ସାହୁ, ରାଜେଶ ମିଶ୍ର, ନବୀନ ବାରିକ, ରବୀନ୍ଦ୍ର ବାରିକ, ଚନ୍ଦ୍ରମଣି ଖର୍ସେଲଙ୍କ ସମେତ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଚତୁର୍ଥ ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ ପାଳିତ

ବଲାଙ୍ଗୀର ଅଫିସ,୨୫।୧୦

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ତଥା ଚିକିତ୍ସାଳୟରେ ଶୁକ୍ରବାର ଧନ୍ୱନ୍ତରୀ ଜୟନ୍ତୀ ତଥା ଚତୁର୍ଥ ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ର୍ୟାଲିର ଆୟୋଜନ କରାଯାଇଥିଲା। ପ୍ରଫେସର ଡା. ପ୍ରଦୀପ କୁମର ପଣ୍ଡା ପତକା ଦେଖାଇ ରାଲିର ଉଦ୍‌ଘାଟନ କରିଥିଲେ। ରାଲିରେ କଲେଜର ଅଧକ୍ଷା ସମସ୍ତ ଅଧାପକ ଓ ଛାତ୍ରଛାତ୍ରୀ ଯୋଗଦେଇ ସହର ପରିକ୍ରମା କରିଥିଲେ। ରାଲି ଭାଗିରଥି ଛକ, ଗାନ୍ଧୀପାଠାଗାର, ଷ୍ଟେଶନ ରୋଡ, ମହାଲକ୍ଷ୍ମୀନଗର ଦେଇ କଲେଜରେ ପହଞ୍ଚିଥିଲା। ର୍ୟାଲିକୁ ଅଲେଖ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ କଲେଜ ପରିସରରେ ସକାଳ ୮ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଡା. ନରେନ୍ଦ୍ର କୁମାର ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୭୨୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଡା. ଭୂଷଣ ସୀମାଦ୍ରୀ ନାୟକ, ଡା. ଜ୍ୟୋତି ରଞ୍ଜନ ମେହେର, ଡା. ଗଣେଶ କୁମାର ମେହେର, ଡା. ଗୋପୀନାଥ ମିଶ୍ର, ଡା. ତନୁଚନ୍ଦ୍ର ମରାଇ , ଡା. ଶିବବ୍ରତ ବେହେର, ଡା. ଜିତେନ୍ଦ୍ର ଛତ୍ରିଆ ପ୍ରମୁଖ ଶିବର ପରିଚାଳନା କରିଥିଲେ । ଏହି ଅବସରରେ ଧନ୍ୱନ୍ତ୍ରରୀଙ୍କ ପୂଜା କରାଯାଇଥିଲା। ଅପରାହ୍ନରେ ଚତୁର୍ଥ ଆୟୁର୍ବେଦ ଦିବସ ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା । ସଭାରେ ମୁଖ୍ୟ ଅତିଥିଭାବେ ବରଗଡ଼ର ଅବସର ପ୍ରାପ୍ତ ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବେ ଡା. ସ୍ୱାଧୀନକୁମାର ଶର୍ମା, ସମ୍ମାନିୟ ଅତିଥି ଭାବେ ଡା. ଆରିତି ମିଶ୍ର, ସାମାଜିକ କର୍ମୀ ସୁନିଲ କୁମାର ବେହେରା ଯୋଗଦେଇ ଆୟୁର୍ବେଦର ଭବିଶ୍ୟତ ଉପରେ ମତବ୍ୟକ୍ତି କରିଥିଲେ। ଡା. ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ପ୍ରଫେସର ଶିବବ୍ରତ ଦାସ, ଡା. ଅଲେଖ ଚନ୍ଦ୍ର ମହାନ୍ତି, ଡା. ଉତ୍କଳିନି ଚାକଡା, ଡା. ଗୋପବନ୍ଧୁ ଆଚାର୍ଯ୍ୟ, ଡା. ଲିପ୍‌ସା ଦାଶ, ଡା. ପ୍ରସନ୍ନ କୁମାର ମିଶ୍ର, ଡା. ମନୋଜ କୁମାର ସାହୁ ପ୍ରମୁଖ ଆୟୁର୍ବେଦରେ ଚିକିତ୍ସା ପଦ୍ଧତି ଉପରେ ଆଲୋକପାତ କରିଥିଲେ। ଡା. ବିଶ୍ୱଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଡା. ନିଗମାନନ୍ଦ ବଳ, ଡା. ବିନୋଦ କୁମାର ସିଂହ ଏହାକୁ ପରିଚାଳନା କରିଥିଲେ । ହିସାବ ଅଧିକାରୀ ନବକିଶୋର ମାଝି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଚତୁର୍ଥ ରାଷ୍ଟ୍ରୀୟ ଓ ଧନ୍ୱନ୍ତରୀ ଦିବସ ଅବସରରେ ମଞ୍ଚାସୀନ ଅତିଥି।

## ହସ୍ପିଟାଲ ବିଲ୍‌ଡିଂ କାର୍ଯ୍ୟକ୍ଷମ ଦାବି

# ରୋଗୀ ଶୋଉଛନ୍ତି ତଳେ

### ଦାବି ପୂରଣ ନ ହେଲେ କଂଗ୍ରେସର ଧାରଣା ଚେତାବନୀ

ନୂଆପଡା ଅଫିସ,୨୫।୧୦

ନୂଆପଡା ଜିଲା ହେଡକ୍ୱାର୍ଟର ହେବା ସହ ଛତିଶଗଡ ସୀମାନ୍ତରେ ଥିବାରୁ ଏଠିକାର ହସ୍ପିଟାଲରେ ରୋଗୀ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ହେଲେ ସେହି ଅନୁପାତରେ ବେଡ ନ ଥିବାରୁ ରୋଗୀମାନେ ତଳେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ ନିକଟରେ ସାତ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ ହେବାର ବହୁ ଦିନ ବିତିଗଲାଣି ହେଲେ ତାହା କାମକୁ ଆସିପାରୁନାହିଁ । ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ବିଭିନ୍ନ ସମୟରେ ଦାବି କରାଯାଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନ ଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏହାକୁ ନେଇ ବର୍ତ୍ତମାନ ଜିଲା କଂଗ୍ରେସ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ଦାବି କରିଥିବା ବେଳେ ୩ ସପ୍ତାହ ମଧ୍ୟରେ ଏହା ନ କଲେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଜିଲା କଂଗ୍ରେସ ପକ୍ଷରୁ ସଭାପତି ଘାସିରାମ ମାଝି ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି ଯେ, ଏହି ହସ୍ପିଟାଲରେ ମାତ୍ର ଶହେ ଶର୍ଯ୍ୟା ଥିବାରୁ ରୋଗୀମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି । ଫଳରେ ରୋଗ ଛାଡିବା ପରିବର୍ତ୍ତେ ବଢିବାରେ ଲାଗିଛି। ନିକଟରେ ୩୦ କୋଟି ଟଙ୍କାରେ ସାତ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ କାମ ସରିଯାଇଛି। ହେଲେ ପ୍ରଶାସନ ଏହାକୁ ଶୁଭାରମ୍ଭ କରିବାକୁ କୌଣସି ପଦକ୍ଷେପ ନେଉନାହିଁ। ଏହି ବିଲଡିଂ କାର୍ଯ୍ୟକ୍ଷମ କରାଗଲେ ସବୁ ଅସୁବିଧା ଦୂର ହୋଇପାରିବ। ଏହା ଉପରେ ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରାଯିବାକୁ ଦାବି କରାଯାଇଛି । ଏହା ନ କଲେ ଆସନ୍ତା ମାସ ୧୫ ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କୁହାଯାଇଛି। ଏହାକୁ ଜିଲା ପ୍ରଶାସନ କେତେଦୂର ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

# ୨୮ରୁ ପଞ୍ଚମ ଭୀମପାହାଡ଼ ମହୋତ୍ସବ

ଦେଓଗାଁ,୨୫।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ନିକଟସ୍ଥ ଭୀମପାହାଡ ପାଦଦେଶରେ ଗିରିଗୋବର୍ଦ୍ଧନ ପୂଜା ଅବସରରେ ପଞ୍ଚମ ଭୀମପାହାଡ ମହୋତ୍ସବ ଅନୁଷ୍ଠିତ ହେବା ନେଇ ଚୂଡାନ୍ତ ହୋଇଛି। ପୂର୍ବରୁ ମକୁନ୍ଦପୁର ପଞ୍ଚାୟତର ୯ଟି ଗ୍ରାମର ଜନସାଧାରଣ ଗିରିଗୋବର୍ଦ୍ଧ ପୂଜା ଓ ନାମଯଜ୍ଞ କରି ଆସୁଥିବା ବେଳେ ୫ବର୍ଷ ତଳେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ଭୀମପାହାଡ଼ ମହୋତ୍ସବ ଆୟୋଜନ ହୋଇଆସୁଛି। ହେଲେ ଚଳିତ ବର୍ଷ ମହୋତ୍ସବ ଆୟୋଜନ ନେଇ ଦ୍ୱନ୍ଦ ଉପୁଜିଥିଲା। କିଛି ସ୍ଥାନୀୟ ଲୋକ ନୂତନ କମିଟି ଗଠନ କରି ମହୋତ୍ସବ ଆୟୋଜନ କରିବା ପାଇଁ ପ୍ରଶାସନକୁ ଜଣାଇଥିଲେ। ଏ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଅଞ୍ଚଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହୋତ୍ସବ ତଥା ପର୍ଯ୍ୟଟନସ୍ଥଳ ଭୀମ ପାହାଡକୁ ନେଇ ରାଜନୀତି କରା ନ ଯାଉ ବୋଲି ସାଧାରଣରେ ମତପ୍ରକାଶ ପାଇଥିଲା। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମତଲୋଡି ଥିଲା ପୋଲିସ ପ୍ରଶାସନ। ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀ, ଦେଓଗାଁ ଥାନା ଅଧିକାରୀ ଲୋକନାଥ ଭୋଇ ପ୍ରମୁଖ ମକୁନ୍ଦପୁର ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଲୋକଙ୍କ ମତ ସଂଗ୍ରହ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆଲୋଚନା ପରେ ଶୁକ୍ରବାର ନୂତନ ଭାବେ କମିଟି ଗଠନ କରାଯାଇଥିବା ନୂତନ ଭୀମପାହାଡ ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କୁ ଜିଲାପାଳ ପତ୍ର ମାଧ୍ୟମରେ ମହୋତ୍ସବ ଆୟୋଜନକୁ ସ୍ଥଗିତ କରିବା ପାଇଁ ଜଣାଇଥିଲେ। ଏଥିସହ ଉକ୍ତ ସ୍ଥାନରେ ସରକାରୀ ଭାବେ ମହୋତ୍ସବ ଆୟୋଜନ କରାଯିବ ବୋଲି ସୂଚନା ଦେଇଥିବା ଜଣାପଡିଛି। ଅନ୍ୟପକ୍ଷେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ୨୭ ତାରିଖ ରବିବାର ଗିରିଗୋବର୍ଦ୍ଧନ ପୂଜା ଓ ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ୨୮ ତାରିଖରେ ନାମ ଆରମ୍ଭ ହେବା ସହ ସନ୍ଧ୍ୟାରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପଞ୍ଚମ ଭୀମପାହାଡ ମହୋତ୍ସବ ଆରମ୍ଭ ହେବ। ୨୮, ୨୯ ଓ ୩୦ ଆୟୋଜନ ହେବାକୁ ଥିବା ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ କଂସ ଦରବାର ଓ ମୀନାବଜାର ମୁଖ୍ୟ ଆକର୍ଷଣ ହେବ ବୋଲି ପୂର୍ବରୁ ରହିଥିବା ମହୋତ୍ସବ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ କୁମାର ମେହେର ଜଣାଇଛନ୍ତି।

## ଚିକିଛା ସାହାଯ୍ ଆଶ୍‌ରେ ଗରିବ୍ ମା'ବାପ୍

# ଗୁରୁତର ଅବସ୍‌ତାରେ ପୁଓ ଟେକରାମ

ସିନାପାଲି, ୨୫।୧୦ (ଡି.ଏନ୍.ଏ.)



ମା'ର ସଂଗେ ଟେକରାମ ମାଝି।

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଘାଟମାଳ ପଁଚେତ୍ ଟାଙ୍ଗରୀପଡ଼ା ଗାଁର କ୍ଷୀରସିନ୍ଧୁ ମାଝି(୩୮) ଆର ମାଏକିନା ଦେବକି ମାଝି(୩୫)କଁର ୫ ପୁଓ ଝିଁ। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ନାଁକେ ଜଂଗଲ ଜମି ଟିକେ ରହିଛେ। ଇ ଗରିବ୍ ପରିବାର ଲାଗି ରାଶନ କାର୍ଡରେ ମିଲୁଥିବାର ଚାଉଲ ଦୁରାକ ନ ସାହାଭରସା। ଗାଁଟା ନିପଟପଟ ଜଂଗଲ ଅଂଚଲରେ ହେଇଥିବାର ଲାଗି ଇଠାନେ କାମ୍‌ଧଁଦାର ବି ବଡ଼ଭାରି ଅଭାବ ରହିଛେ। ପରିବାରଟା ଅନେକ ସମିଆରେ ଜଂଗଲଜାତ୍ ଦରବ ଠୁଲେଇ ସେଟାକେ ବିକାଭଂଗା କରି ତେଲନୁନ୍ ସଁସାର ଚଲଉଛନ୍। ଏନ୍‌ତାଥି କ୍ଷୀରସିନ୍ଧୁକଁର ସାନପୁଓ ଟେକରାମ ମାଝି(୧୦ମାସ) ଦିହିପା ଅସବିଧା ଲାଗି ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛେ। ଟେକାରାମର ମୁହୁଁ ଗ୍ରହଣ ଖଣ୍ଡିଆ ହେଇଥିଲାବେଲେ ତାକର ଦୁଇ କାନ ବି ନାଁଇଁନ। ସେ ସବୁବେଲେ ତରଲ ଖାଏଦ୍ ଖାଉଛନ୍। ହେଲେ ଇ ଗରିବ୍ ଦମ୍ପତି ଛୁଆକେ ସବୁବେଲେ ତରଲ ଖାଏଦ୍ ଦେବାକେ ସକ୍ଷମ ନୁହଁନ୍। ଚିକିଛା ସାହାଯ୍ ଲାଗି ଇ ଗରିବ୍ ଦମ୍ପତି ଥାନୀଅ ସ୍ୱାସ୍ଥ୍ୟ କରମୀ ଆର ଅଙ୍ଗନୱାଡି କରମୀକୁଁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଏହେଦ୍‌କା ଚିକିଛା ଅଭାବୁ ଟେକରାମର ଅବସ୍‌ତା ଦିନୁଦିନ୍‌କେ ଗୁରୁତର ହେବାରେ ଲାଗିଛେ। ଏନ୍‌ତାଥି ଛୁଆକେ ଡାକ୍‌ତରଖାନା ନେବାକେ ଗରିବ୍ ମା'ବାପ୍ ହାତେ ଟଁକାଟେ ନାଁଇଁନ। ଶେଷେ ଉପେ ଶୁଇନ୍ ଗରିବ୍ ମା'ବାପ୍ ପୁଓର ଚିକିଛା ସାହାଯ୍ ଲାଗି ଗଣମାଧ ଜରିଆରେ ଜିଲା ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ଭ୍ରାମ୍ୟମାଣ ଡାକ୍‌ତର ଭୈରବ ପାଣିଗ୍ରାହୀକୁଁ ପଚ୍‌ରାଲାରୁ ଘଟନା ବାବ୍‌ଦେ ବୁଝ୍‌ମି ଆର ପଦକ୍ଷେପ ଲାଗି ଜିଲା ମୁଖିଆ ଚିକିଛା ଅଧିକାରୀକଁର ସଂଗେ କଥା ହେମି ବଲି ସେ କହିଛନ୍।


ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ

ଅନୁଗୋଳ - ୭୫୯୧୨୨

ସଂଖ୍ୟା ନଂ.୩୦୩୪ / TAMDA ତା.୨୨।୧୦।୨୦୧୯

ବିଜ୍ଞପ୍ତି

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (TAMDA)ଙ୍କ ପରିସୀମା ମଧ୍ୟରେ ବେଆଇନ୍ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣକାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସଂଖ୍ୟା.୧୫୬୪୬, ତା୨୦।୦୬।୨୦୧୮ରିଖ ଓ ଗେଜେଟ ସଂଖ୍ୟା.୯୮୭, ତା୨୦।୦୬।୨୦୧୮ ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଥିଲା। ବର୍ତ୍ତମାନ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା.୧୩୯୫୫, ତା୦୬।୦୮।୨୦୧୯ (Notification No.13955 / HUD / Dt.06.08.2019) ଦ୍ୱାରା ଉକ୍ତ ସ୍କିମ୍‌କୁ ତା୦୬।୦୮।୨୦୧୯ରିଖଠାରୁ ଆସନ୍ତା ୬(ଛଅ) ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି। ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତକରଣ ନିମନ୍ତେ ସେମାନେ ଏହି ସ୍କିମ୍‌ର ସଦୁପଯୋଗ କରନ୍ତୁ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ ଅଟେ।

ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ TAMDA କାର୍ଯ୍ୟାଳୟରେ ଅଫିସ୍ ସମୟ ମଧ୍ୟରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ
ଟାମ୍‌ଡା, ଅନୁଗୋଳ




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଗୁଡଭେଲା,୨୫।୧୦(ଡି.ଏନ୍.ଏ.)

### କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଡାହିମାଳ ହାଇସ୍କୁଲରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ-୨୦୧୯ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପ ଏହାକୁ ଉଦ୍‌ଘାଟନ କରିଥିଲେ । ବ୍ଲକ ସିଆର୍‌ସିସି ତଥା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରମେଶ ସାର୍ଥକଙ୍କ ସଂଯୋଜନାରେ ସିନିୟର ଓ ଜୁନିୟର ବିଭାଗର ୧୭ଟି ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯଦୁମଣୀ ମେହେର ସଭାପତିତ୍ୱ କରିଥିବା ବେଳେ ବ୍ଲକ ଅଧକ୍ଷ ତଥା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ହୋଇପାରିବ ବୋଲି କହିଥିଲେ। ଏପରି କି ପ୍ରତ୍ୟେକ ବିଦ୍ୟାଳୟରେ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷା, ସଂସ୍କୃତି ଓ ଖେଳ ବିଭାଗର ବ୍ଲକ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶିଶୁ କୁମାର ପ୍ରଧାନ, ମାରୱାଡି ଯୁବା ମଞ୍ଚର ସଭାପତି ମନୋଜ କୁମାର ଜୈନ, ସମିତି ସଭ୍ୟା ଅମ୍ରିତା ପ୍ରଧାନ ସମ୍ମାନିୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ କୈଳାସ କୁମ୍ବାର ମଞ୍ଚ ପରିଚାଳନା କରିଥିବା ବେଳେ ସିଆର୍‌ସିସି ଅକ୍ଷୟ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୮ଟି କ୍ଲଷ୍ଟରର ପ୍ରାୟ ୨ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଆୟୋଜକଙ୍କଠାରୁ ପ୍ରକାଶ। କାର୍ଯ୍ୟକ୍ରମରେ ସିଆର୍‌ସିସି ସଞ୍ଜୟ ସାହୁ, ପ୍ରଶାନ୍ତ କୁମାର ଭୋଇ, ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଭୋଇ, ସୁଧୀର ନନ୍ଦ, କୈଳାସ ମହାନନ୍ଦ, ବେଣୁପାଣି ବୁଡେକ, ଶମ୍ଭୁ ଚନ୍ଦ୍ର ନନ୍ଦଙ୍କ ସହ ବିଭିନ୍ନ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101 7310644390
Vishal Mansion, Mahatma Gandhi Road, UP

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

SEE COLOR DISPLAY CLASSIFIED
ON EVERY TUESDAY & FRIDAY

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ

## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀ ଅବସରରେ ସଂକଳ୍ପ ପଦଯାତ୍ରା

ସିନାପାଲି,୨୫।୧୦ (ଡି.ଏନ.ଏ.)- ନୂଆପଡା ଜିଲା ଖଡିଆଳ ନିର୍ବାଚନମଣ୍ଡଳୀସ୍ତରୀୟ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଭାଜପା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଖଡିଆଳ ବିଧାନସଭା ଅନ୍ତର୍ଗତ ୯ଟି ମଣ୍ଡଳରେ ଏହି କାର୍ଯ୍ୟକ୍ରମ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ସିନାପାଲି ବ୍ଲକ୍ ୧୨ ନଂ. ଜୋନ୍‌ର ନେତୃତ୍ୱ ନେଇଥିଲେ ଜିଲା ସାଧାରଣ ସମ୍ପାଦକ ସୁବ୍ରତ କୁମାର ଠାକୁର, ମଣ୍ଡଳ ସଭାପତି ପ୍ରତାପ ଗୁଆଲ, ପ୍ରେମସିନ୍ଧୁ ହେର୍ଣ୍ଣା, ଅନୁପ ସିଂ ବୈଠାରୁ, ନାରାୟଣ ସିଂ ବାବୁ, କୃତ୍ତିବାସ ତେଜି, ଚୁଡାମଣି ମାଝି। ଜୋନ୍ ନଂ.୧୪ରେ ପୂର୍ବତନ ବିଧାୟକ ହିତେଶ କୁମାର ବାଗର୍ତ୍ତା, ଜିଲା ସଭାପତି ଶିବପ୍ରସାଦ ମୁଣ୍ଡା, ମଣ୍ଡଳ ସାଧାରଣ ସମ୍ପାଦକ ମାର୍କଣ୍ଡ ଗହୀର, କୋଦଣ୍ଡ ରାଉତରାୟ, ଧରସିଂ ମାଝି, ମହାବୀର ମିଶ୍ର, କେଶବ ବାଗ, ହୀରାଧର ମେହେର ଓ ସେହିପରି ଜୋନ ନଂ.୫ ରେ ମଣ୍ଡଳ ସଭାପତି ରାତ୍ରାନନ୍ଦ ମନହିରା, ଜିଲା ସମ୍ପାଦକ କିଶୋର ନାଗ, ମଣ୍ଡଳ ସାଧାରଣ ସମ୍ପାଦକ ଜନକରାମ ନାଏକ, ହରି ପ୍ରଧାନୀ, ଜୋନ ନଂ. ୬ ରେ ଦେବଦେବ ପ୍ରତାପ ସିଂ ଦେଓ, ଦଧିମୋହନ ପଟେଲ, ଖିର ରାଉତରାୟ, ଜୋନ ନଂ.୪ରେ ମଣ୍ଡଳ ସଭାପତି ଗୋପ ବନ୍ଦିଛୋର, ଜିଲା ସମ୍ପାଦକ ମୋହନ ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସିନାପାଲି,୨୫।୧୦(ଡି.ଏନ.ଏ.) ନୂଆପଡା ଜିଲା ସିନାପାଲି ସିଂଗଝର ପଞ୍ଚାୟତ ପେଣ୍ଡରେନଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଚେତନତା ସଭାରେ ସିନାପାଲି ବ୍ଲକ ଅଧକ୍ଷା ତପସ୍ୱିନୀ ମାଝି ମୁଖ୍ୟଅତିଥି, ସମ୍ମାନିତ ଅତିଥି ସିଂଗଝର ସରପଞ୍ଚ ରୀନା ବୈଠାରୁ, ସାମାଜିକ କର୍ମୀ ଜମୁଲାଲ ସା, ସାମାଜିକ କର୍ମୀ କୁଞ୍ଜଲ ସିଂ ମାଝି, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପଞ୍ଚାନନ ମେହେର ପ୍ରମୁଖ ଯୋଗଦାନ କରିଥିଲେ। ଗ୍ରାମର ଲଛମନ ବୈଠାରୁ, ବାସୁଦେବ ରାଉତ, ଭୂମିସୁତା ପାଣ୍ଡେ ସହଯୋଗ କରିଥିଲେ। ଚୁଡାରାମ ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ କଏଁଟପଦର ଭଜନ ନାଏକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଶତାଧିକ ପୁରୁଷ ଓ ମହିଳା ସାମିଲ ଥିଲେ। ସଚେତନତା ସଭା ପରେ ସମସ୍ତେ ଏକ ସଚେତନତା ରାଲିରେ ବାହାରି ଲୋକଙ୍କୁ ସଚେତନର ବାର୍ତ୍ତା ଦେବା ସହ ଗ୍ରାମର ବିଭିନ୍ନ ସ୍ଥାନ ସଫା କରି ପରିବେଶକୁ ସଦାସର୍ବଦା ସ୍ୱଚ୍ଛ ରଖିବା ପାଇଁ ଲୋକଙ୍କୁ ବୁଝାଇଥିଲେ ।

# ଚାଷୀଙ୍କୁ ମରଣାନ୍ତକ ଆକ୍ରମଣ

ଖଡିଆଳ,୨୫।୧୦ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ଅନ୍ତର୍ଗତ ଜୁନାନୀ ଗାଁରେ ଶୁକ୍ରବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଚାଷୀଙ୍କୁ ମରଣାତ୍ମକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଆକ୍ରମଣର ଶିକାର ହୋଇଥିବା ଚାଷୀ ଜଣକ ହେଲେ ଜୁନାନୀ ଗାଁର ବିକ୍ରମ କେଶରୀ ସିଂଦେଓ। ସକାଳେ ବିକ୍ରମ ଗାଁ ନିକଟସ୍ଥ ନିଜ ଚାଷ ଜମିକୁ ଧାନ ଫସଲ ଦେଖିବାକୁ ଯାଇଥିଲେ। ଏହି ସମୟରେ ଗାଁର ରାଜାରାମ ପଟେଲ ନାମକ ଜଣେ ବ୍ୟକ୍ତି ତାଙ୍କ ଧାନ ଫସଲରେ ଗାଈଗୁଡିକୁ ଧସେଇ ଚରାଉଥିବା ବିକ୍ରମ ଦେଖିବାକୁ ପାଇଥିଲେ। ଏହା ପୂର୍ବରୁ ମଧ୍ୟ ରାଜାରାମ ଅନେକ ଥର ସାଙ୍କ ଚାଷ ଜମିରେ ଗାଇ ଚରାଇ ଫସଲ ନଷ୍ଟ କରିଥିବା ବେଳେ ଶୁକ୍ରବାର ପୁଣିଥରେ ଧାନ ଫସଲର ଗାଈ ଗୋରୁ ଧସେଇ ଦେଇଥିବା ଦେଖି ବିକ୍ରମ ତତକ୍ଷଣାତ ଧାନ ଫସଲରୁ ଗୋରୁଙ୍କୁ ହଟାଇବା ପାଇଁ ରାଜାରାମଙ୍କୁ କହିଥିଲେ । ଏଥିରେ ରାଜାରାମ ଉତକ୍ଷିପ୍ତ ହୋଇ ଚାଷୀ ବିକ୍ରମଙ୍କୁ ଅତର୍କିତ ଭାବେ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ । ବିକ୍ରମଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ । ଖବର ପାଇ ପରିବାର ଲୋକେ ବିକ୍ରମଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଖଡିଆଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ବିକ୍ରମଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭବାନୀପାଟଣା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବିକ୍ରମଙ୍କ ଡାହାଣ ହାତ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଗୋଡ ଓ ହାତ ଫୁଲି ଯିବାରୁ ଏବେ ସେ ଚଲାବୁଲା ମଧ୍ୟ କରି ପାରୁନାହାନ୍ତି । ଏପରିକି ତାଙ୍କ ମୁଣ୍ଡରୁ ଏଯାଏଁ ରକ୍ତସ୍ରାବ ବନ୍ଦ ହୋଇନାହିଁ । ଫଳରେ ସେ ବାରମ୍ବାର ଚେତାଶୂନ୍ୟ ହୋଇ ପଡୁଛନ୍ତି । ଏ ନେଇ ବିକ୍ରମ କେଶରୀ ଓ ତାଙ୍କ ପରିବାର ଲୋକେ ରାଜାରାମ ପଟେଲ ଓ ତାଙ୍କ ପୁଅ ବିମଳ ପଟେଲଙ୍କ ବିରୋଧରେ ଖଡିଆଳ ଥାନାରେ ଲିଖିତ ଏତଲା ଦେଇଛନ୍ତି । ଏ ନେଇ ଖଡିଆଳ ପୋଲିସ ରାଜାରାମ ପଟେଲଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରହିଥିବା ଖଡିଆଳ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।



ଆହତ ଚାଷୀ ବିକ୍ରମକେଶରୀ ସିଂଦେଓ।

# ପଣ୍ଡ୍ରିପାଣି-ଧରମବନ୍ଧା ରାସ୍ତାରେ ମାଓବାଦୀ ପୋଷ୍ଟର

## ସିଆର୍‌ପିଏଫ୍ ଯବାନ ହଟାଇବାକୁ ଦାବି

ନୂଆପଡା ଅଫିସ,୨୫।୧୦

ବହୁ ଦିନର ନୀରବତା ପରେ ମାଓବାଦୀମାନେ ନୂଆପଡ଼ା ଜିଲାରେ ଉପସ୍ଥିତି ଜାହିର କରିଛନ୍ତି। ପଣ୍ଡ୍ରିପାଣିରୁ ଧରମବନ୍ଧା ରାସ୍ତାରେ ମାଓବାଦୀମାନେ ପୋଷ୍ଟର ପକାଇ ବିଭିନ୍ନ ସରକାରୀ ଯୋଜନାକୁ ବିରୋଧ କରିଛନ୍ତି । ଜିଲାର ସଦର ବ୍ଲକ ଧରମବନ୍ଧା ଥାନା ଅଞ୍ଚଳରେ ମାଓବାଦୀମାନେ ବିଭିନ୍ନ ସମୟରେ ଉପସ୍ଥିତି ଜାହିର କରି ଅନେକ କାଣ୍ଡସବୁ ଭିଆଇଛନ୍ତି । ଗୁରୁବାର ଲଗାଣ ଲଘୁଚାପ ବର୍ଷା ଚାଲିଥିବା ବେଳେ ପଣ୍ଡ୍ରିପାଣି-ଧରମବନ୍ଧା ରାସ୍ତାରେ ଏକ ପୋଷ୍ଟର ପଡିଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଧରମବନ୍ଧା ଥାନା ପୋଲିସ ଖବର ପାଇ ସବୁ ପୋଷ୍ଟର ଜବତ କରିଛି । ଏହା ମୈନପୁର ଡିଭିଜନର ପୋଷ୍ଟର ବୋଲି ଜଣାପଡିଛି। ଏଥିରେ ଜିଲାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ସିଆରପିଏଫ ଯବାନ ମୁତୟନ କରିବାକୁ ବିରୋଧ କରାଯାଇଥିବାବେଳେ ସୁନାବେଡା ଅଭୟାରଣ୍ୟକୁ ବ୍ୟାଘ୍ର ପ୍ରକଳ୍ପ କରାଯିବାକୁ ବିରୋଧ କରାଯାଇଛି। ଅଭୟାରଣ୍ୟ ନାଁରେ ଏଠାରୁ ଖଣିଜ ସମ୍ପଦ ଲୁଟ କରିବାକୁ ସରକାରଙ୍କ ହୀନ ଚକ୍ରାନ୍ତ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି । ପୋଲିସ ପକ୍ଷରୁ ମଧ୍ୟ ଏହି ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ମିଳିଛି।




ମାଓବାଦୀ ପୋଷ୍ଟର ।

### ହସ୍ପିଟାଲ ବିଲ୍‌ଡିଂ କାର୍ଯ୍ୟକ୍ଷମ ଦାବି

# ରୋଗୀ ଶୋଉଛନ୍ତି ତଳେ

## ଦାବି ପୂରଣ ନ ହେଲେ କଂଗ୍ରେସର ଧାରଣା ଚେତାବନୀ

ନୂଆପଡା ଅଫିସ,୨୫।୧୦

ନୂଆପଡା ଜିଲା ହେଡକ୍ୱାର୍ଟର ହେବା ସହ ଛତିଶଗଡ ସୀମାନ୍ତରେ ଥିବାରୁ ଏଠିକାର ହସ୍ପିଟାଲରେ ରୋଗୀ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି । ହେଲେ ସେହି ଅନୁପାତରେ ବେଡ ନ ଥିବାରୁ ରୋଗୀମାନେ ତଳେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷେ ନିକଟରେ ସାତ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ ହେବାର ବହୁ ଦିନ ବିତିଗଲାଣି ହେଲେ ତାହା କାମକୁ ଆସିପାରୁନାହିଁ । ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ବିଭିନ୍ନ ସମୟରେ ଦାବି କରାଯାଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନ ଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏହାକୁ ନେଇ ବର୍ତ୍ତମାନ ଜିଲା କଂଗ୍ରେସ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ଦାବି କରିଥିବା ବେଳେ ୩ ସପ୍ତାହ ମଧ୍ୟରେ ଏହା ନ କଲେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଜିଲା କଂଗ୍ରେସ ପକ୍ଷରୁ ସଭାପତି ଘାସିରାମ ମାଝି ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି ଯେ, ଏହି ହସ୍ପିଟାଲରେ ମାତ୍ର ଶହେ ଶର୍ଯ୍ୟା ଥିବାରୁ ରୋଗୀମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି । ଫଳରେ ରୋଗ ଛାଡିବା ପରିବର୍ତ୍ତେ ବଢିବାରେ ଲାଗିଛି। ନିକଟରେ ୩୦ କୋଟି ଟଙ୍କାରେ ସାତ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ କାମ ସରିଯାଇଛି । ହେଲେ ପ୍ରଶାସନ ଏହାକୁ ଶୁଭାରମ୍ଭ କରିବାକୁ କୌଣସି ପଦକ୍ଷେପ ନେଉନାହିଁ । ଏହି ବିଲଡିଂ କାର୍ଯ୍ୟକ୍ଷମ କରାଗଲେ ସବୁ ଅସୁବିଧା ଦୂର ହୋଇପାରିବ। ଏହା ଉପରେ ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରାଯିବାକୁ ଦାବି କରାଯାଇଛି । ଏହା ନ କଲେ ଆସନ୍ତା ମାସ ୧୫ ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କୁହାଯାଇଛି। ଏହାକୁ ଜିଲା ପ୍ରଶାସନ କେତେଦୂର ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।



ଉଦ୍ଧାର ଦାଦନ ଶ୍ରମିକମାନେ ।

# ଚାଲାଣବେଳେ ୨୬ ଦାଦନ ଶ୍ରମିକ ଉଦ୍ଧାର

■ ୨ ଦଲାଲ, ୨ ଡ୍ରାଇଭର ଗିରଫ

କୋମନା,୨୫।୧୦ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ବରକୋଟ ଗାଁ ନିକଟରୁ ୨୬ ଦାଦନ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରୁଥିବା ବେଳେ କୋମନା ପୋଲିସ ଉଦ୍ଧାର କରିଛି । ସୂଚନା ଅନୁସାରେ କୋମନା ବ୍ଲକ ସୁନାବେଡା ଅଞ୍ଚଳରୁ ୨୬ ଜଣ ଦାଦନ ଶ୍ରମିକଙ୍କୁ ଦୁଇଟି ବୋଲେରୋରେ ତେଲେଙ୍ଗାନା ସହର ଇଟାଭାଟିରେ କାମ କରାଇବା ପାଇଁ ଦଲାଲ ସରୋଜ ପରାଭୋଇ ଓ ରଞ୍ଜନ ମୁଦୁଲି ମଙ୍ଗଳବାର ରାତି ୮ଟାରେ ଘାଟି ରାସ୍ତାରେ ପାର୍ କରୁଥିଲେ। କୌଣସି ବିଶେଷ ସୂତ୍ରରୁ ଖବର ପାଇ କୋମନା ପୋଲିସ ବରକୋଟ ଗାଁରେ ଚଢାଉ କରି ୨୬ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ବୋଲେରୋର ଡ୍ରାଇଭର ପିପଲବାହାଲର ଇନ୍ଦ୍ର ମେହେର ଓ ସିଲେଟପାଣିର ଦେବରାଜ ତାଣ୍ଡିଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ସର୍ଦ୍ଦାର ହେମରାଜ ଫେରାର ହୋଇଛନ୍ତି। ଏ ନେଇ କୋମନା ପୋଲିସ ଏକ ମାମଲା (ନଂ.୨୮୦/୧୯) ରୁଜୁ କରି ୨ ଦଲାଲ ଓ ଡ୍ରାଇଭର ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। କୋମନା ପୋଲିସର ସହାୟତାରେ ସମସ୍ତ ଉଦ୍ଧାର ଶ୍ରମିକଙ୍କୁ ସୁନାବେଡା ଗାଁରେ ଛାଡି ଦେଇଥିବା ଆଇଆଇସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

**ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ**

ଅନୁଗୋଳ - ୭୫୯୧୨୨

ସଂଖ୍ୟା ନଂ.୩୦୩୪ / TAMDA ତା.୨୨।୧୦।୨୦୧୯

**ବିଜ୍ଞପ୍ତି**

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (TAMDA)ଙ୍କ ପରିସୀମା ମଧ୍ୟରେ ବେଆଇନ୍ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣକାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସଂଖ୍ୟା.୧୫୬୪୬, ତା୨୦।୦୬।୨୦୧୮ରିଖ ଓ ଗେଜେଟ ସଂଖ୍ୟା.୯୮୭, ତା୨୦।୦୬।୨୦୧୮ ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଥିଲା। ବର୍ତ୍ତମାନ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା.୧୩୯୫୫, ତା୦୬।୦୮।୨୦୧୯ (Notification No.13955 / HUD / Dt.06.08.2019) ଦ୍ୱାରା ଉକ୍ତ ସ୍କିମ୍‌କୁ ତା୦୬।୦୮।୨୦୧୯ରିଖଠାରୁ ଆସନ୍ତା ୬(ଛଅ) ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି। ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତକରଣ ନିମନ୍ତେ ସେମାନେ ଏହି ସ୍କିମ୍‌ର ସଦୁପଯୋଗ କରନ୍ତୁ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ ଅଟେ।

ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ TAMDA କାର୍ଯ୍ୟାଳୟରେ ଅଫିସ୍ ସମୟ ମଧ୍ୟରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ
ଟାମ୍‌ଡା, ଅନୁଗୋଳ

# ଆନ୍ତଃଜିଲା ବିଶ୍ୱବିଦ୍ୟାଳୟ କବାଡ଼ି ପ୍ରତିଯୋଗିତା

ଖଡିଆଳ,୨୫।୧୦ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସ୍ୱୟଂଶାସିତ କଲେଜରେ ଆନ୍ତଃଜିଲା ବିଶ୍ୱବିଦ୍ୟାଳୟସ୍ତରୀୟ କବାଡି ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ୪୦ଟି କଲେଜ ଯୋଗଦେଇଥିବା ବେଳେ ୨୦ଟି ମହିଳା କଲେଜ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ କଳାହାଣ୍ଡି ଏମ୍‌ପି ତଥା ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ପୁରୁଷ ବର୍ଗରେ ସମ୍ବଲପୁର ଜିଲା କୁଲୁଣ୍ଡି ପିଇଟି କଲେଜ ୨୨-୧୮ ପଏଣ୍ଟରେ ଖଡିଆଳ କଲେଜକୁ ହରାଇ ଚାମ୍ପିୟନ ହୋଇଛି। ମହିଳା ବର୍ଗରେ ଦେବଗଡ କଲେଜ ୧୮-୦୬ ପଏଣ୍ଟରେ ରାଜଗାଙ୍ଗପୁର କଲେଜକୁ ହରାଇ ଚାମ୍ପିୟନ ହୋଇଛି । ଉଦଯାପନୀ ପୁରସ୍କାର ବିତରଣୀ ଉତ୍ସବରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ବିଭୁତିଭୂଷଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ପୁରୁଷ ଓ ମହିଳା ବର୍ଗର ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଅଧକ୍ଷ ଡ. ହରେନ୍ଦ୍ର ପଣ୍ଡା ଅଧକ୍ଷତା କରିଥିବା ବେଳେ ଖେଳ ପରିଚାଳନା ସମ୍ପାଦକ ଡ. ତରୁଣ ପ୍ରଧାନ ଓ ସହସମ୍ପାଦକ ଡ. ସରୋଜ ପଣ୍ଡା କରିଥିଲେ ।

### ଚିକିଛା ସାହାଯ୍ ଆଶ୍‌ରେ ଗରିବ୍ ମା'ବାପ୍

# ଗୁରୁତର ଅବସ୍ତାରେ ପୁଓ ଟେକରାମ

ସିନାପାଲି, ୨୫।୧୦ (ଡି.ଏନ୍.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଘାଟମାଳ ପଁଚେତ୍ ଟାଙ୍ଗରୀପଡ଼ା ଗାଁର କ୍ଷୀରସିନ୍ଧୁ ମାଝି(୩୮) ଆର ମାଏକିନା ଦେବକି ମାଝି(୩୫)କଁର ୫ ପୁଓ ଝିଁ । ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ନାଁ'କେ ଜଂଗଲ ଜମି ଟିକେ ରହିଛେ। ଇ ଗରିବ୍ ପରିବାର ଲାଗି ରାଶନ କାର୍ଡରେ ମିଲୁଥିବାର ଚାଉଲ ଦୁରାକ ନ ସାହାଭରସା। ଗାଁଟା ନିପଟପଟ ଜଂଗଲ ଅଂଚଲରେ ହେଇଥିବାର ଲାଗି ଇଠାନେ କାମ୍‌ଧଁଦାର ବି ବଡ଼ଭାରି ଅଭାବ ରହିଛେ। ପରିବାରଟା ଅନେକ ସମିଆରେ ଜଂଗଲଜାତ୍ ଦରବ ଠୁଲେଇ ସେଟାକେ ବିକାଭଂଗା କରି ତେଲନୁନ୍ ସଁସାର ଚଲଉଛନ୍। ଏନ୍‌ତାଥି କ୍ଷୀରସିନ୍ଧୁକଁର ସାନପୁଓ ଟେକରାମ ମାଝି(୧୦ମାସ) ଦିହିପା ଅସବିଧା ଲାଗି ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛେ। ଟେକୋରାମର ମୁହୁଁ ଗ୍ରହଣ ଖଣ୍ଡିଆ ହେଇଥିଲାବେଲେ ତାକର ଦୁଇ କାନ ବି ନାଁଇଁ। ସେ ସବୁବେଲେ ତରଲ ଖାଏଦ୍ ଖାଉଛନ୍। ହେଲେ ଇ ଗରିବ୍ ଦମ୍ପତି ଛୁଆକେ ସବୁବେଲେ ତରଲ ଖାଏଦ୍ ଦେବାକେ ସକ୍ଷମ ନୁହଁନ୍। ଚିକିଛା ସାହାଯ୍ ଲାଗି ଇ ଗରିବ୍ ଦମ୍ପତି ଥାନୀଅ ସ୍ୱାସ୍ଥ୍ୟ କରମୀ ଆର ଅଙ୍ଗନୱାଡି କରମୀକୁଁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଏହେଦ୍‌କା ଚିକିଛା ଅଭାବୁ ଟେକରାମର ଅବସ୍ତା ଦିନୁଦିନ୍‌କେ ଗୁରୁତର ହେବାରେ ଲାଗିଛେ। ଏନ୍‌ତାଥି ଛୁଆକେ ଡାକ୍ତରଖାନା ନେବାକେ ଗରିବ୍ ମା'ବାପ୍ ହାତେ ଟଁକାଟେ ନାଁଇଁ। ଶେଷେ ଉପେ ଶୁଇନ୍ ଗରିବ୍ ମା'ବାପ୍ ପୁଓର ଚିକିଛା ସାହାଯ୍ ଲାଗି ଗଣମାଧ ଜରିଆରେ ଜିଲା ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ଭ୍ରାମ୍ୟମାଣ ଡାକ୍ତର ଭୈରବ ପାଣିଗ୍ରାହୀକୁଁ ପଚ୍‌ରାଲାରୁ ଘଟନା ବାବ୍‌ଦେ ବୁଝିମି ଆର ପଦକ୍ଷେପ ଲାଗି ଜିଲା ମୁଖିଆ ଚିକିଛା ଅଧିକାରୀକଁର ସଂଗେ କଥା ହେମି ବଲି ସେ କହିଛନ୍।



ମା'ର ସଂଗେ ଟେକରାମ ମାଝି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

SEE COLOR DISPLAY CLASSIFIED
ON EVERY TUESDAY & FRIDAY

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବେଆଇନ ଚାନ୍ଦା: ପୂଜକ ଥାନାର ଦ୍ୱାରସ୍ଥ

**ଲୋଇସିଂହା,୨୫।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବେନ୍ଦ୍ରା ଗ୍ରାମର ମା' ମେଟାକାନୀ ଯାତ୍ରା ଆଳରେ ଗ୍ରାମର ୪ଜଣ ବ୍ୟକ୍ତି ବେଆଇନ ଚାନ୍ଦା ମାଗୁଥିବା ନେଇ ପୂଜକ ଶଶିକଣ୍ଠ ମହାନନ୍ଦ ଗୁରୁବାର ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ମୁତାବକ, ଆଗଲପୁର ବ୍ଲକ ବେନ୍ଦ୍ରା ରେଳ ଫାଟକ ନିକଟରେ ମା' ମେଟାକାନୀଙ୍କ ପୂଜାପୀଠ ରହିଛି। ଶଶିକଣ୍ଠ ମହାନନ୍ଦ ପୀଠର ପୂଜାର୍ଚ୍ଚନା କରୁଛନ୍ତି। ଦୀର୍ଘ ୧୨ ବର୍ଷ ହେଲା ଦଶହରା ପୂର୍ଣ୍ଣମୀ ସମୟରେ ବାର୍ଷିକ ଯାତ୍ରା ଆୟୋଜନ କରି ଆସୁଛନ୍ତି। ଗ୍ରାମାବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ପ୍ରତିବର୍ଷ ଯାତ୍ରା ଅନୁଷ୍ଠିତ ହେଉଛି। ହେଲେ ଗ୍ରାମର ହରିଜନ ପଡାର କେତେକ ବ୍ୟକ୍ତି କିଛି ବର୍ଷ ହେଲା ଗାଁଗାଁ ଯାଇ ବେଆଇନ ଚାନ୍ଦା ଆଦାୟ କରୁଛନ୍ତି। ସଂଗୃହିତ ଚାନ୍ଦା ଯାତ୍ରା କମିଟିକୁ ଦେଉନାହାନ୍ତି। ଚଳିତ ବର୍ଷ ଯାତ୍ରା ୧୩ ତାରିଖରେ ସମ୍ପନ୍ନ ହୋଇଯାଇଛି। ହେଲେ ଯାତ୍ରା ଶେଷ ହୋଇଥିଲେ ଯୁବକମାନେ ବିଭିନ୍ନ ଗାଁକୁ ଯାଇ ଚାନ୍ଦା ଆଦାୟ କରୁଥିବା ପୂଜକ ଓ ଗ୍ରାମାବସୀଙ୍କ ଦୃଷ୍ଟିକୁ ଆସିଥିଲା। ଏନେଇ ପୂଜକ ମହାନନ୍ଦ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବେଆଇ ଭାବେ ଚାନ୍ଦା ଆଦାୟ କରୁଥିବା ଏନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଲୋଇସିଂହା ଥାନା ପୋଲିସ ଉଭୟ ପକ୍ଷକୁ ଲୋଇସିଂହା ଥାନାକୁ ଡାକିଥିବା ଜଣାପଡିଛି।

### ସ୍କୁଲ ଘର ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୨୫।୧୦(ଡି.ଏନ.ଏ.):** ଲୋଇସିଂହା ବ୍ଲକ କୁଶଙ୍ଗ ପଞ୍ଚାୟତ ଅଧୀନ ଭଦ୍ରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୱାଲ୍ଡଭିଜନ ପକ୍ଷରୁ ପ୍ରଥମ ସ୍କୁଲଘର ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଭିବାବକମାନେ ଯୋଗ ଦେଇଥିଲେ। ଅଭିଭାବକ ହିଁ ଶିଶୁଙ୍କ ପ୍ରଥମ ଗୁରୁ। ଶିଶୁଙ୍କୁ ଘରେ ଯାହା ଶିକ୍ଷା ଓ ସଂସ୍କାର ଦିଆଯିବ ତାଙ୍କୁ ସେମାନେ ଖୁବ ଶୀର୍ଘ ଗ୍ରହଣ କରିଥାନ୍ତି। ପରବର୍ତ୍ତି ସମୟରେ ଏହାକୁ ସ୍କୁଲରେ ପ୍ରୟୋଗ କରିଥାନ୍ତି। ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ସଂସ୍କାର ଧର୍ମୀ କରିବା ପାଇଁ ଅଭିଭାବକମାନେ ସଚେତନ ହେବା ଆବଶ୍ୟକ ବୋଲି ସଂସ୍ଥାର ସିଡିଏଫ ଦେବସହାୟାମ ବ୍ୟାରାପ୍ପା ପରାମର୍ଶ ଦେଇଥିଲେ।

### ହରିଶଙ୍କର ମନ୍ଦିର ପରିଚାଳକଙ୍କ ବିୟୋଗ



**ଖପ୍ରାଖୋଲ, ୨୫।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ମନ୍ଦିର ପରିଚାଳକ ବେଣୁଧର ସାହୁ(୬୦)ଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ମନ୍ଦିର ପରିଚାଳକ ଭାବେ କାମ କରି ଆସୁଥିଲେ। କିଛି ଦିନ ହେଲା ସେ ରୋଗରେ ଆକ୍ରାନ୍ତ ହୋଇ ଓଡ଼ିଆପାଲି ପଞ୍ଚାୟତ ଭାଲୁଡୁଙ୍ଗୁରି ଗାଁରେ ଘରେ ରହି ଚିକିତ୍ସିତ ହେଉଥିଲେ। ଅନ୍ତିମ ସାଂସ୍କାରରେ ତାଙ୍କ ଏକ ମାତ୍ର ପୁତ୍ର ଭାଗ୍ୟବାନ ସାହୁଙ୍କ ସମେତ ବନ୍ଧୁ ବର୍ଗ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଖପ୍ରାଖୋଲ ବିଡିଓ ତରଣୀ ସୁନା, ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ଜୋସ୍ନାମୟୀ ସାହୁ, ଖପ୍ରାଖୋଲ ସରପଞ୍ଚ ଉପେନ୍ଦ୍ର ଭୋଇ, ମନ୍ଦିର ପରିଚାଳନା ସବକମିଟି ସଦସ୍ୟ ଅଭୟ ତ୍ରିପାଠୀ, ଶଶି ପୂଝାରୀ, ଗୁପ୍ତେଶ୍ୱର କୁଅଁର, ଧରମ ସିଂ ଧରୁଆ, ତହସିଲଦାର ନିରଞ୍ଜନ ନାଏକ, ପାଟଣାଗଡ ଏଡିପିଆର୍‌ଓ ରୀତାକାନ୍ତି ବଲିୟାରସିଂ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ଆଦିବାସୀ ସଂଘର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ବଲାଙ୍ଗୀର ଅଫିସ,୨୫।୧୦**

ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଂଘ ସଭାପତି ବ୍ରଜକିଶୋର ଭାଇଙ୍କ ନେତୃତ୍ୱରେ ଆଦିବାସୀମାନେ କୋଶଳ କଳାମଣ୍ଡଳ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖର ପହଞ୍ଚି ଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ଆଦିବାସୀ ନେତାମାନେ ଉଦ୍‌ବୋଧନ ଆଦିବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି କରିଥିଲେ। ପରେ ଏକ ୮ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

ସରକାର ନକଲି ଆଦିବାସୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏପରି କି ଜଙ୍ଗଲ ଜମି ଅଧିକାର ଆଇନ ଅନୁସାରେ ଆଦିବାସୀମାନଙ୍କୁ ଜମି ପଟ୍ଟା ପ୍ରଦାନ, ଅନୁସୂଚୀତ ଜାତି ଅନୁସୂଚୀତ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ୧୯୮୯ ସଂଶୋଧନ, ପିଡିତ ଆଦିବାସୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଅଣ ଆଦିବାସୀଙ୍କ ଜବରଦଖଲରେ ଥିବା ଆଦିବାସୀଙ୍କ ଜମି, ଘରବାରୀ ଫେରସ୍ତ କରିବା, କେନ୍ଦୁପତ୍ର ବନ୍ଧାଳି ତୋଳାଳି ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ, ଆଦିବାସୀ ବଢେଇ, ମିସ୍ତ୍ରୀ, ରାଜମିସ୍ତ୍ରୀ, ନିର୍ମାଣ ଶ୍ରମିକମାନଙ୍କୁ ରେଜିଷ୍ଟ୍ରେଶନ କରିବା, କୋଠାବାଡି ନିର୍ମାଣ କଲ୍ୟାଣ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ, ରାଜ୍ୟ ସରକାର ଓ କେନ୍ଦ୍ର ସରକାର, ପିଏସ୍‌ୟୁ ସଂସ୍ଥାରେ ଆଦିବାସୀ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ପଦବୀ ତୁରନ୍ତ ପରୀକ୍ଷା ମାଧ୍ୟମରେ ପୂରଣ କରିବା ଆଦି ଦାବି କରାଯାଇଛି। ଆନ୍ଦୋଳନରେ ସଂଘର ସଭାପତି ଭୋଇ, ମୁଖ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ଭୋଇ, କାହ୍ନୁ ଚରଣ ପଧାନ, ସନ୍ତୋଷ ପୁଟା, ରାଜୀବ କୁଅଁର, ବନଲତା ମାଝି, ଗିରିଧାରୀ ଭୋଇ, ମନବୋଧ ବରିହା, ନିଳେନ୍ଦ୍ରି ଭୋଇ, ଟଙ୍କଧର ଧରୁଆ, ଯଦୁମଣି ବରିହା, ଘନ ଭୋଇ, ଅଚ୍ୟୁତ ଧରୁଆ, କୃଷ୍ଣ ଧରୁଆ, ସୁବ୍ରତ କୁଅଁର, ଭୁବନେଶ୍ୱର ଧରୁଆ, ଧିନା ଭୋଇ, ଗଦି ବରିହା, ଲକ୍ଷେଶ୍ୱର ଭୋଇ, ନିତ୍ୟା ଶଳତର, ଉମାକାନ୍ତ ଭୋଇ, ପ୍ରଦୀପ ମାଝି ପ୍ରମୁଖ ସାମିଲ ଥିଲେ।




ଜିଲା ଆଦିବାସୀ ସଂଘ ପକ୍ଷରୁ ବାହାରିଥିବା ଶୋଭଯାତ୍ରା।

### ବିଦ୍ୟାଳୟ ବାରଣ୍ଡାରେ ବସି ମଦ ପିଇବା ଭିଡିଓ ଭାଇରାଲ

**ଖପ୍ରାଖୋଲ,୨୫।୧୦(ଡି.ଏନ.ଏ.)**

ଖପ୍ରାଖୋଲ ଅଞ୍ଚଳରେ ଥିବା ଏକ ବିଦ୍ୟାଳୟ ବାରଣ୍ଡାରେ ୨ଜଣ ବ୍ୟକ୍ତି ବସି ମଦ ପିଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସମ୍ପୃକ୍ତ ୨ଜଣ ବ୍ୟକ୍ତିଙ୍କୁ ବିଦ୍ୟାଳୟର ଶିକ୍ଷକ ତାଗିଦ କରୁଥିବା ବେଳେ ଉଭୟେ ଭୁଲ ହୋଇଗଲା କହିବା ସହ ବିଦ୍ୟାଳୟରେ ବସି ମଦ ପିଇବେ ନାହିଁ ବୋଲି କହୁଥିବା ଭିଡିଓରେ ଉଲ୍ଲେଖ ରହିଛି। ଭିଡିଓଟି ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଜଣାପଡିଛି। ଏ ନେଇ ବିଦ୍ୟାଳୟ ଶିକ୍ଷକ ଅଜୟ ଭୋଇଙ୍କୁ ପଚାରିବାରୁ ଦିନକୁ ଦିନ ଅଞ୍ଚଳରେ ମଦୁଆଙ୍କୁ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ବିଦ୍ୟାଳୟରେ ପାଠପଢା ହେଉଥିବା ବେଳେ ମଦୁଆମାନେ ବିଦ୍ୟାଳୟ ଭିତରକୁ ଚାଲିଆସି ମଦ ପିଉଥିବା ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଓ ଅବକାରୀ ବିଭାଗକୁ ଜଣାଇ ବିଦ୍ୟାଳୟ ପାଖରେ ମଦ କାରବାର ବନ୍ଦ କରିବାକୁ ଦାବି କରାଯିବ ବୋଲି କହିଥିଲେ।

## ଡାକ୍ତରଙ୍କୁ ଆକ୍ରମଣ ଘଟଣାକୁ ଆଇଏମ୍‌ଏର ନିନ୍ଦା

**ଟିଟିଲାଗଡ଼,୨୫।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ଗୁରୁବାର ରାତିରେ ଡ୍ୟୁଟିରେ ଥିବା ଭାରପ୍ରାପ୍ତ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଦିଲୀପ ପଟ୍ଟନାୟକଙ୍କୁ ରୋଗୀଙ୍କ ସମ୍ପର୍କୀୟ ମାଡ ମାରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଇଣ୍ଡିଆନ ମେଡିକାଲ ଆସୋସିଏଶନ(ଆଇଏମ୍‌ଏ) ଟିଟିଲାଗଡ଼ ଶାଖା ପକ୍ଷରୁ ଡାକ୍ତରଖାନା ସଭା ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଘଟଣାର ନିନ୍ଦା କରାଯାଇଛି। ଆଇଏମ୍‌ଏ ଟିଟିଲାଗଡ ଶାଖା ସଭାପତି ଡ. ଘନଶ୍ୟାମ ଜୈନ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ ଡାକ୍ତରଖାନା ପରିସରରେ ପୋଲିସ ଆଉଟ ପୋଷ୍ଟ ଖୋଲିବାକୁ ଦାବି କରିଛନ୍ତି।

ଟିଟିଲାଗଡ଼ ଡାକ୍ତରଖାନାରେ ଡାକ୍ତର ଅଭାବ ନେଇ ଜଣେ ଡାକ୍ତର ଦୈନିକ ହାରାହାରି ୨୦୦ ରୋଗୀ ଦେଖୁଛନ୍ତି। ଏପରି କି ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ପାଟଣାଗଡ, ଗୁଡଭେଲା ଡାକ୍ତରଖାନାର ଡାକ୍ତର ଏଠାରେ ସପ୍ତାହକୁ ୩ ଦିନ ସେବା ପ୍ରଦାନ କରୁଛନ୍ତି। ଏପରିପ୍ରେକ୍ଷୀରେ ଜନସାଧାରଣ ସମସ୍ୟାର ହୃଦୟଙ୍ଗମ କରି ସହଯୋଗ ଭାବନା ରଖିବା ଉଚିତ ବୋଲି ସଭାପତି ଜୈନ କହିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଡାକ୍ତର ପଟ୍ଟନାୟକଙ୍କ କହିବା ମୁତାବକ, ଗରୁବାର ରାତ୍ରିରେ ଜନୈକ ପ୍ରସୁତି ମହିଳା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ସେ ପ୍ରସୁତି ବିଶେଷଜ୍ଞଙ୍କୁ ଆସିବା ପାଇଁ ଖବର ଦେଇ ମହିଳାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ତେବେ ମହିଳାଙ୍କ ସ୍ୱାମୀ ଉକ୍ଷିପ୍ତ ହୋଇ ତାଙ୍କୁ ମାଡ ମାରିଥିଲେ। ସେହିପରି ତାଙ୍କ ସହ ଆସିଥିବା ଅନ୍ୟ ୨ଜଣ ଯୁବକ ମହିଳାଙ୍କ ସ୍ୱାମୀଙ୍କୁ ଉସୁକାଇବା ସହ ଆକ୍ରମଣ କରିଥିଲେ। ପରେ ଡାକ୍ତରଖାନାରେ ନିୟୋଜିତ ସୁରକ୍ଷା କର୍ମୀ ପହଞ୍ଚି ତାଙ୍କୁ ରକ୍ଷା କରିଥିଲେ। ହେଲେ ପ୍ରସୁତି ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମାନବିକତା ଦୃଷ୍ଟି କୋଣରୁ ଆକ୍ରମଣକାରୀ ସ୍ୱାମୀଙ୍କୁ ପୋଲିସ ହେପାଜତରେ ମହଳାଙ୍କ ସାଙ୍ଗରେ ଯିବା ପାଇଁ ଅନୁମତି ଦିଆଯାଇଥିବା ଡାକ୍ତର ପଟ୍ଟନାୟକ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଡା. ହସମୁଖ ଲାଲ, ଡା. ବଳରାମ ସାହୁ, ଡା. ପ୍ରଶାନ୍ତି ସାହୁ, ଆଇଏମ୍‌ଏ ସମ୍ପାଦକ ଡା. ମୋହନ ଜୈନ ପ୍ରମୁଖ ମତବ୍ୟକ୍ତ କରି ଘଟଣାର ନିନ୍ଦା କରିଥିଲେ। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

### ବିଶେଷଜ୍ଞ ଦଳର ପଞ୍ଚମହଲା ହାଇସ୍କୁଲ ପରିଦର୍ଶନ

**ଉଲୁଣ୍ଡା୨୫।୧୦(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଚୟନ କମିଟି ବିଶେଷଜ୍ଞ ଦଳ ଶୁକ୍ରବାର ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗଣେଶ୍ୱର ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ଶ୍ରୀଧର ବାଗଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷଜ୍ଞ ଦଳ ବାଲ୍ୟ ବିବାହ ଉପରେ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କୁ ବାଲ୍ୟ ବିବାହ ଉପରେ ପ୍ରଶ୍ନ ପଚାରିଥିଲେ। ଛାତ୍ରୀଛାତ୍ରଙ୍କଠାରୁ ସନ୍ତୋଷ ଜନକ ଉତ୍ତର ପାଇ ବିଶେଷଜ୍ଞ ଦଳ ଖୁସି ପ୍ରକଟ କରିଥିଲେ। ଏଥିରେ ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଓ ଅଭିଯୋଗ ପ୍ରକୋଷ୍ଠର ବରିଷ୍ଠ ଅଧିକାରୀ ଏସ୍.ଏନ୍.ବହିଦାରଙ୍କ ନେତୃତ୍ୱରେ ବିଶେଷଜ୍ଞ ଦଳଙ୍କ ସହ ଜିଲା ପ୍ରୋଗ୍ରାମ ଅଫିସର ଅନୀତା ଗୁରୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତର୍ଭୁଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

## ଲୋଇସିଂହା ଭାଜପାର ପଦଯାତ୍ରା

**ଲୋଇସିଂହା,୨୫।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଭାଜପା ପକ୍ଷରୁ ବ୍ଲକର କନ୍ଦାଜୁରୀ, କୁଶଙ୍ଗ, ତଲିଉଡାର ଓ କୁଶମେଲ ପଞ୍ଚାୟତରେ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ବିଧାୟକ ମମୁକେଶ ମହାଲିଙ୍ଗ ଯୋଗଦେଇ ପଦଯାତ୍ରାର ଆଭିମୁଖ୍ୟ ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ଲୋଇସିଂହା ମଣ୍ଡଳ ଅଧୀନ କନ୍ଦାଜୁରୀରୁ ପଦଯାତ୍ରା ଆରମ୍ଭ ହୋଇ କୁଶଙ୍ଗ, ବଞ୍ଜାରି, ପିପିଲି, କୁଶମେଲ ଉପରଉଡାର ଦେଇ ତଲିଉଡାରାରେ ପଦଯାତ୍ରା ପହଞ୍ଚି ଥିଲା। ପଦଯାତ୍ରା ଅବସରରେ ଗାଁଗୁଡିକରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ମହାଲିଙ୍ଗ କହିଥିଲେଯେ, ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀ ସ୍ମୃତିଚାରଣ ତଥା ତାଙ୍କ ନୀତ ଆଦର୍ଶ ଓ ବିଚାରଧାରକୁ ଜନମାନସରେ ପହଞ୍ଚାଇବା ନେଇ ପଦଯାତ୍ରା ହେଉଥିବା ପ୍ରକାଶ କରିଥିଲେ। ଏପରି କି କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା, ଉଜ୍ଜ୍ୱଳା ଯୋଜନା ଓ ୨୦୨୪ ସୁଦ୍ଧା ସମସ୍ତ ମାଟିଘର ପକ୍କାଘର ଓ ୨୦୨୪ ସୁଦ୍ଧା ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲକ୍ଷ୍ୟ ରଖାଯାଇଥିବା କହିଥିଲେ। କାର୍ଯ୍ୟକ୍ରମରେ ଗୌରାଙ୍ଗ ନାଏକ, ଭୂତନାଥ ନାଏକ, ରାଜୁ ସାହୁ, ବାଳକୃଷ୍ଣ ଧରୁଆଙ୍କ ସମେତ ବହୁକର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।

## ଅଖିଳ ଭାରତୀୟ ଜ୍ଞାନ ବିଜ୍ଞାନ ମେଳା

### କ୍ରିସ୍ ଏରେନ ମନୋନୀତ

**ଲାଠୋର,୨୫।୧୦(ଡି.ଏନ୍.ଏ.)**

ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଯୋଜନାରେ କ୍ଷେତ୍ରସ୍ତରରେ ଜ୍ଞାନ ବିଜ୍ଞାନ ମେଳା ପ୍ରତିଯୋଗିତା ପଶ୍ଚିମବଙ୍ଗ ରାଜ୍ୟ ଖଡକପୁର ଅଧୀନ ମଦିନିପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର କ୍ରିସ କୁମାର ଏରେନ କିଶୋର ବର୍ଗ ଗଣିତ ପ୍ରକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତର ପ୍ରଦେଶ କାନପୁରଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ଜ୍ଞାନ ବିଜ୍ଞାନ ମେଳାରେ ଯୋଗଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଓଡ଼ିଶାର ଯାଜପୁର ରୋଡଠାରେ ଅନୁଷ୍ଠିତ କ୍ଷେତ୍ରୀୟ କ୍ରୀଡ଼ା ସମାରୋହରେ ଛାତ୍ର ରଞ୍ଜନ ମେହେର କିଶୋର ବର୍ଗ ସଟ୍‌ପୁଟ ଓ ଡିସକସ୍ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶଙ୍କର ମେହେର ସୂଚନା ଦେଇଛନ୍ତି।



ଅଖିଳ ଭାରତୀୟ ଜ୍ଞାନ ବିଜ୍ଞାନ ମେଳାକୁ ମନୋନିତ ହୋଇଥିବା ଛାତ୍ର କ୍ରିସ ଏରେନ।

■ ଆବାସ ଯୋଜନା ସାତ୍‌ସପନ

## ଭଂଗା ଘରେ ଅଶ୍ରେ ନେଇଛନ୍ ପରିବାର

**ଲାଠୋର, ୨୫।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଁଚେତ୍ ଅଧୀନ ପତ୍ରାପାଲି ଗାଁର ପାତ୍ର ଶିକା। ଗଲା ବଛର ବରଷାରେ ତାକର ଝାଟିମାଟିର ଘରଟା ଭାଂଗିଯାଇଛେ। ଏନ୍‌ତାଥି ସେ କୁଟୁମବସିଆ ବଡ଼ା ଗୁଲଗୁଲା ହେଉଛନ୍। ହେଲେ ଆଏଜ୍‌ତକ ତାହାକୁ ପରଶାସନ ତରଫୁ ସାହାଯ୍ ନାଇଁ ମିଳିଥିବାର ସେ ଅଭିଯୋଗ କରିଛନ୍।

ହିସାବେ ପତ୍ରାପାଲି ଗାଁର ପାତ୍ର ଶିକାକଁର ପରିବାର କହେଲେ ମାଏକିନା ତୁଲସା, ଝିଁ ସନ୍ଧ୍ୟା ଆର ପୁଓ ଶିବାକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ। ବାପ୍‌ଅଜା ଅମଲୁ ଦୁଇ ଏକର ଚାଷ୍ ଜମି ରହିଛେ ସତ୍, ହେଲେ ସେଟା ଚାଷ୍‌ବାସ ଲାଗି ବତର ନୁହେ। ଯେନ୍‌ଥିରଲାଗି ସେ ବଛରର ଅନେକ ସମିଆ ଦାଦନ ଯାଇ କୁଟୁମ ପୁଷୁଛନ୍। ଇଆଡେ ସରକାରୀ ସାହାଯ୍ କହେଲେ ପଁଚେତ୍‌ରୁ ମାସିକ ପାଉଥିବାର ୧୫ କେ.ଜି. ଚାଉଳ। ଏନ୍‌ତାଥି ସେ ଘର ଖଁଡ଼େ ତିଆରିବାର ତ ଦୂରର କଥା ପୁରନା ଘରଟାକେ ମରାମତି ବି କରି ନାଇଁ ପାରବାର। ଗଲା ବଛର କୁଟୁମବସିଆ ଆନ୍ଧ୍ର ପ୍ରଦେଶକେ ଦାଦନ ଖଟି ଯାଇଥିଲାବେଲେ ଲଘୁଚାପ ବରଷାରେ ତାକର ଘରଟା ଭାଂଗି ଗଲା। ୧୫ ଦିନ୍ ଆଗରୁ ଗାଁକେ ଫିରି ଦେଖିଲାବେଲେ ତାକର ଘରଟା ମାଡ଼ି ବସିଛେ। ଏନ୍‌ତାଥି ସେ କୁଟୁମବସିଆ ପରହର ଘରେ ଆଶ୍ରେ ନେଇଛନ୍। ଯଥରକଥର କି ଘରର କାଁଥିମାନ ସଜେଇଛନ୍। ହେଲେ ଘରଟା ନିରାପଦ ଅବସ୍ତାରେ ନାଁଇଁନ। ଯେନ୍‌ଥିରଲାଗି ସେ ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ଥାନୀଅ ସରପଁଚ୍‌ନୁ ବ୍ଲକ ତକ୍ ଗୁହାରି କରିଛନ୍। ଖପ୍ରାଖୋଲ ତହସିଲରେ ଘରଭଂଗା ବାବ୍‌ଦେ ଗୁହାରି କଲାରୁ ତାହାକୁ ପଲିଥିନ୍ ଖଁଡ଼େ ଦିଆଯାଇଛେ। ଏହେଦେ କୁଟୁମଟା ଭଂଗା ଘରେ ପଲିଥିନ୍ ଢାପି ବିପଦ୍‌ମୁଣ୍ଡେଇ ରହୁଛନ୍ ସତ୍। ହେଲେ ବରଷା ପାଏନ୍‌ରେ କେତେବେଲେ କେନ୍ ଅଘଟନ ଘଟବା କିଛି କହି ନାଇଁ ହେବାର। ଇ ବାବ୍‌ଦେ ଟଙ୍କପାଣି ସରପଁଚ୍ ଉତ୍ତର କୁମାର ଭୋଇକୁଁ ପଚରାଲାରୁ ଇ ପରିବାରର ନାଁ ଏସ୍‌ଇସିସି ତାଲିକାରେ ନାଁଇଁନ। ସେମାନେ ଦରକାରି କାଗଜପତର ଦେଲେ ସାହାଯ୍ ଲାଗି ଉପର ମହଲକେ ଆମେ ସୁପାରିସ କରମୁ ବଲି ସେ କହିଥିଲେ। ହେଲେ ଜିଲା ଆର ଥାନୀଅ ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍ଟି ଦେଇ ଯେତେ ଜଲଦି ହେବା ଘରଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ନିଜର ଭଂଗା ଘରଆଘେ ପାତ୍ର ସିକାକଁର ପରିବାର।

## ଫଟୋରେ ଖବର





ଧନ୍ୱନ୍ତରୀ ଦିବସ ଉପଲକ୍ଷେ ଆୟୁର୍ବେଦ କଲେଜରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ସେବା ଶିବିରରେ ଡାକ୍ତରମାନେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି (ବାମ)। ଚତୁର୍ଥ ରାଷ୍ଟ୍ରୀୟ ଓ ଧନ୍ୱନ୍ତରୀ ଦିବସ ଅବସରରେ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରୁଛନ୍ତି। (ଫଟୋ: ସୁନୀଲ)

## ତୁଷୁରା ଉପଡାକ ଘରେ ଅଗ୍ନିକାଣ୍ଡ

### ୧ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ

**ଗୁଡଭେଲା,୨୫।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଉପଡାକ ଘରରେ ଶୁକ୍ରବାର ସକାଳରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୧ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ପୋଡି ଯାଇଥିବା ଜଣାପଡିଛି। ନିଆଁରେ ଗୋଟିଏ କମ୍ପ୍ୟୁଟର, ଗୋଟିଏ ଇୟୁପିଏସ୍ ସହ ଆସବାବପତ୍ର ପୋଡି ଯାଇଥିବା ଉପଡାକ ଘର ଅଧିକାରୀ ସତ୍ୟବାନ ବିଷ୍ଣୁନୀ କହନ୍ତି । ସୂଚନା ଯୋଗ୍ୟ ସକାଳ ପ୍ରାୟ ସାଢେ ୫ଟାରେ ଡାକଘରରୁ ଧୂଆଁ ବାହରୁଥିବା ସ୍ଥାନୀୟ ଲୋକେ ଦେଖି ଅଧିକାରୀ ବିଷ୍ଣୁନୀଙ୍କୁ ଫୋନ କରି ଜଣାଇଥିଲେ। ଏନେଇ ସେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଗୁଡଭେଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଠିକ୍ ଥିବା ଉପଡ଼ାକ ଘର ଅଧିକାରୀ ବିଷ୍ଣୁନୀ ପ୍ରକାଶ କରିଛନ୍ତି।





ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ

## ସଂକ୍ଷେପରେ

### ବର୍ଷାରେ ଦବିଲା ଟ୍ରକ୍

ରିଷିଡା,୨୫।୧ ୦ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା-ମ.ରାମପୁର ରାସ୍ତା ବଡଡୁଙ୍ଗୁରୀଗୁଡାଠାରେ ଗତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାରେ ବର୍ଷା ଯୋଗୁ ଶୁକ୍ରବାର ଅପରାହ୍ନରେ ଟ୍ରକ ଦବି ଯାଇଛି। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାର ଗୋଟିଏ ପାର୍ଶ୍ୱ ରାସ୍ତା ଧୋଇଯାଇଥିଲା । କିନ୍ତୁ ଅନ୍ୟ ପାର୍ଶ୍ୱରେ ବର୍ଷା ଯୋଗୁ ମାଟି ଦବି ଯାଇଥିବାରୁ ଟ୍ରକଟି ଅଟକି ରହିଛି । ଏହି ରାସ୍ତାରେ ମେଟାଲ ଦେଇ ରାସ୍ତା ମରାମତି କରିବା ପାଇଁ ଦାବି ହେଉଛି ।

### ଲଘୁଚାପ ବର୍ଷାରେ ଧାନ ଫସଲ ବାଧାପ୍ରାପ୍ତ

ରିଷିଡା,୨୫।୧୦ (ଡି.ଏନ.ଏ.)- ଗତ ୨ ଦିନ ଧରି ଲଘୁଚାପଜନିତ ବର୍ଷା ଯୋଗୁ ଧାନ ଫସଲ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି । ଯେଉଁ ଧାନଗୁଡିକ ପାଚିବା ଅବସ୍ଥାରେ ରହିଛି ସେଗୁଡିକ ଓଦା ହୋଇ ନଷ୍ଟ ହୋଇଛି । ଲଘୁଚାପ ବର୍ଷା ଯୋଗୁ ପାଗ ମେଘୁଆ ରହିଛି ।

### ଶିକ୍ଷକ ନିଯୁକ୍ତି ଦାବିରେ ଥୁଟିବର ଗ୍ରାମବାସୀଙ୍କ ଡିଇଓଙ୍କୁ ଦାବିପତ୍ର

ଭବାନୀପାଟଣା,୨୫।୧୦ (ଡି.ଏନ.ଏ.)- କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡାଗୋଡା ସର୍କଲର ଥୁଟିବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଦାବିରେ ଥୁଟିବର ଗ୍ରାମବାସୀ ଡିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। ୮ଟି ଶ୍ରେଣୀକୁ ୨ ଜଣ ଶିକ୍ଷକରେ ବହୁବର୍ଷ ହେଲା ଶିକ୍ଷାଦାନ କରାଯାଉଥିଲା। ଶିକ୍ଷକ ନିଯୁକ୍ତି ନେଇ ଗ୍ରାମବାସୀ ବାରମ୍ବାର ଲିଖିତ ଅଭିଯୋଗ କରିବା ପରେ ପୁନଃ ୩ ଜଣ ଶିକ୍ଷକ ନିଯୁକ୍ତି କରାଯାଇଥିଲା। ୮ଟି ଶ୍ରେଣୀକୁ ୫ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ଶିକ୍ଷାଦାନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍କୁଲରେ ଗୋଟିଏ ଶ୍ରେଣୀ କୋଠରୀରେ ୩ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସାଯାଇ ପାଠପଢାଯାଉଛି। ବର୍ତ୍ତମାନ ଏହି ସ୍କୁଲର ଜଣେ ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆଁଙ୍କୁ ଅନ୍ୟତ୍ର ବଦଳି କରାଯିବା ନେଇ ଗ୍ରାମବାସୀଙ୍କ ମଧରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶିକ୍ଷକ ନ ଥିବା ବେଳେ ସ୍କୁଲରୁ ଶିକ୍ଷକ ବଦଳି କରିବା ନେଇ କେତେ ଦୂର ଯଥାର୍ଥ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଯଦି ସ୍କୁଲରେ ପୁନଃ ଶିକ୍ଷକ ନିଯୁକ୍ତି କରା ନ ଗଲେ ସ୍କୁଲ କମିଟି, ଗାଁ କଲ୍ୟାଣ କମିଟି ଓ ଅଭିଭାବକମାନେ ଅଗାମୀ ଦିନରେ ସ୍କୁଲରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ତାଲା ପକାଇବେ ବୋଲି ଗୁରୁବାର ଥୁଟିବର ଗ୍ରାମବାସୀ କଳାହାଣ୍ଡି ଶିକ୍ଷା ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

### ପ୍ରସୂତିକାଳୀନ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜୋତା ନେବା ମନା

# ନିୟମ ମାନୁନାହାନ୍ତି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ

ଭବାନୀପାଟଣା,୨୫।୧୦(ସ୍ୱ.ପ୍ର.)

ପ୍ରସୂତିକାଳୀନ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ମା' ଓ ନବଜାତ ଶିଶୁ ରହୁଥିବାରୁ ପରବେଶକୁ ସମ୍ପୂର୍ଣ୍ଣ ସୁସ୍ଥ ରଖିବା ପାଇଁ ଭିତରକୁ ଜୋତା ନେବା ପାଇଁ ବାରଣ କରାଯାଇଛି। ଏଥିପାଇଁ ମୁଖ୍ୟ ଫାଟକ ଆଗରେ ସୂଚନା ମଧ ଦିଆଯାଇଛି। ଏହି ନିୟମକୁ ଜନସାଧାରଣ ମାନୁଥିବା ବେଳେ ଖୋଦ୍ ସ୍ୱାସ୍ଥ୍ୟବିଭାଗ କର୍ମଚାରୀମାନେ ଏହି ନିୟମକୁ ମାନୁନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ପ୍ରସୂତିକାଳୀନ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର (ଏମସିଏଚ୍)ରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ଯେ, ପ୍ରତିଦିନ ଜିଲାର ବିଭିନ୍ନ ଅଞ୍ଚଳରୁ ମହିଳାମାନେ ପ୍ରସୂତି ପାଇଁ ଏଠାକୁ ଆସିଥାନ୍ତି। ଏଠାରେ କର୍ମଚାରୀମାନେ କେନ୍ଦ୍ର ଭିତରେ ରହିବା ସମୟରେ ଏକ ସ୍ୱତନ୍ତ୍ର ଜୋତା ଲଗାଇବା କଥା। କିନ୍ତୁ ସେମାନେ ଏହା ନ ଲଗେଇ ଘରୁ ଯେଉଁ ଜୋତା ଲଗାଇ ଆସୁଛନ୍ତି, ସେହି ଜୋତା ପିନ୍ଧି ସିଧାସଳଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଶିଯାଉଛନ୍ତି। ଫଳରେ ରୋଗ ଜିବାଣୁ ମଧ ସିଧାସଳଖ ଡାକ୍ତରଖାନା ଭିତରକୁ ଚାଲିଯାଉଛି। ଖୋଲାଖୋଲି ସରକାରୀ ନିୟମକୁ ଉଲ୍ଲଂଘନ କରିବା ସହ ସ୍ୱାସ୍ଥ୍ୟକର୍ମଚାରୀ ହୋଇ ମଧ ସେମାନେ ସଚେତନ ନୁହନ୍ତି ବୋଲି ଏଥିରୁ ପ୍ରମାଣିତ ହୋଇଛି। ସର୍ବସାଧାରଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଭିତରକୁ ଯିବା ପୂର୍ବରୁ ଜୋତା ଖୋଲିବାକୁ ସିକ୍ୟୁରିଟି ଗାଡି ମୁଖ୍ୟ ଫାଟକ ସମ୍ମୁଖରେ କହୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଜୋତା ପିନ୍ଧି ଗଲେ ନୀରବ ରହୁଛନ୍ତି। ଉପସ୍ଥିତ ଥିବା ସିକୁରିଟି ଗାର୍ଡଙ୍କୁ ପଚାରିବାରୁ କର୍ମଚାରୀ ମାନୁନାହାନ୍ତି ଆମେ କ'ଣ କରିବୁ ବୋଲି କହିଥିଲେ। ଏହାର ଏକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରଧିକାରୀ ଡାକ୍ତର ବନଳତା ଦେବୀଙ୍କୁ ପଚାରିବାରୁ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ରିପୋର୍ଟ-ଉତ୍ତମ କୁମାର ଦାଶ



ଭବାନୀପାଟଣାରେ ଥିବା ପ୍ରସୂତିକାଳୀନ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ।



ବିଜେଡି ପକ୍ଷରୁ କୋକସରା ବ୍ଲକରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

କୋକସରା,୨୫।୧୦ (ଡି.ଏନ.ଏ.)

କଳାହାଣ୍ଡିଜିଲା ଧର୍ମଗଡ ନିର୍ବାଚନମଣ୍ଡଳୀ ଅଧୀନ କୋକସରା ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ଗମ୍ଭାରୀଗୁଡାଠାରୁ ସିର୍ଲିଗୁଡା ଦେଇ କୋକସରା ପର୍ଯ୍ୟନ୍ତ ଏହି ପଦଯାତ୍ରା ହୋଇଥିଲା। ପଦଯାତ୍ରାରେ ଧର୍ମଗଡ ବିଧାୟକ ମୌଷଧି ବାଗ, ବିଜେଡି ନେତ୍ରୀ କଲ୍ୟାଣୀ ନାଏକ, ପର୍ଶୁରାମ ପ୍ରଧାନୀ, ରୁତୁରାଜ ମାଝି, ଦୁର୍ଗାପ୍ରସାଦ ନାଏକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅନୁସୁଚିତ ଜନଜାତି ସେଲ ଇଂ ସୁଶିଲ କୁମାର ଶବର, ମାନଷ ବାଗ, ରମେଶ ଦୁର୍ଗ, ବିଜେଡିର ସଭାପତି ହେମନ୍ତ ମାଝି, ବିନୋଦ ରାଉତ ପ୍ରମୁଖଙ୍କ ସହିତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ। ପଦଯାତ୍ରା ସମୟରେ ଗାଁରେ ପଥପ୍ରାନ୍ତ ସଭା କରି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ପଦଯାତ୍ରା ବେଳେ ସିର୍ଲିଗୁଡାର ମହିଳାମାନେ ଗାଁରେ ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ବିଧାୟକ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆମଲୋଚନା କରି ତୁରନ୍ତ ସମାଧାନ କରାଯିବ ବୋଲି ବିଧାୟକ ବାଗ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ବିଶ୍ୱନାଥପୁର ମା' ହୀରାନୀଳା ଡିଗ୍ରୀ ମହାବିଦ୍ୟାଳୟ

# ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ

ଲାଞ୍ଜିଗଡ଼,୨୫।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ଡିଗ୍ରୀ ଜଲେରେ ଗୁରୁବାର ଯୁକ୍ତ ୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷର ନୂତନ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ କର୍ତ୍ତୃପକ୍ଷ ଓ ଯୁକ୍ତ ତିନି ଦ୍ୱିତୀୟ ତଥା ଶେଷବର୍ଷ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ସମାରୋହରେ ଯୁକ୍ତ ୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନୂତନ ୧୧୫ ଜଣ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସିନିୟର ଛାତ୍ରୀଛାତ୍ରମାନେ ସେମାନଙ୍କୁ ସାଦରେ ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଦିବାସୀ ବହୁଳ ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ଉଚ୍ଚଶିକ୍ଷା ଏବେ ଯୁବସମାଜ ପାଇଁ ଏକ ନୂତନ ଚ୍ୟାଲେଞ୍ଜ ଭାବେ ଉଭା ହୋଇଥିବା ବେଳେ ଏଥିରେ ସମସ୍ତେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସେ ପରାମର୍ଶ ଦେଇଥିଲେ। ସ୍ୱାଗତ ସମାରୋହରେ ଭୂଗୋଳ ଅଧାପିକା ପୁଷ୍ପାଞ୍ଜଳି ନାଏକ, ଓଡିଆ ଅଧାପିକା କନକଲତା ବେହେରା, ଉଦ୍ଭିଦ ବିଜ୍ଞାନ ଅଧାପିକା ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁ, ବାଣିଜ୍ୟ ଅଧାପିକା ଜୟଶ୍ରୀ ବେହେରା, ପଦାର୍ଥ ବିଜ୍ଞାନ ଅଧାପକ ତାପସ ନାଏକ, ମୁଖ୍ୟ କିରାଣୀ ବିକ୍ରମ ବାରିକ, ଡାଟା ଏଣ୍ଟ୍ରି ଅପରେଟର ରୀତାରାଣୀ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୂତନ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠିତ ସମାରୋହକୁ ବାଣିଜ୍ୟ ବିଭାଗ ଅଧାପକ ସୁବାସ ହିଆଁଲ ପରିଚାଳନା କରିଥିବା ବେଳେ ପ୍ରାଣୀବିଜ୍ଞାନ ଅଧାପକ ଶୁଭମ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହ ପରିଚାଳନାରେ ଯୁକ୍ତତିନି ଶେଷବର୍ଷର ଛାତ୍ର ଅମିତ ସାହୁ, ଯଶୋବନ୍ତ ପାତ୍ର, ଶୁଭମସଙ୍ଗୀତ ଦାସ, ସ୍ୱପ୍ନାରାଣୀ ବାରିକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ ।



ନୂତନ ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି ।

# ନିଖିଳ ଓଡ଼ିଶା ଅଣନିଯୁକ୍ତ ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ବିକ୍ଷୋଭ

ଭବାନୀପାଟଣା, ୨୫।୧୦ (ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ଏଏନଏମ କାଉନସେଲିଂ କେନ୍ଦ୍ରଠାରେ ଗୁରୁବାର ନୂତନ ଛାତ୍ରୀମାନଙ୍କୁ କାଉନସେଲିଂ କରୁଥିବା ବେଳେ ନିଖିଳ ଓଡିଶା ଅଣନିଯୁକ୍ତ ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲାରେ ୧୭ ହଜାରରୁ ଅଧିକ ତାଲିମପ୍ରାପ୍ତ ଏଏନଏମ ଅଛନ୍ତି। ଏମାନଙ୍କ ସମସ୍ୟା ସମ୍ପର୍କରେ ବାରମ୍ବାର ସ୍ୱାସ୍ଥ୍ୟ ସଚିବ ଓ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରାଯାଇ ନାହିଁ। ଏଭଳି ସ୍ଥିତିରେ ପୁନଃ କାଉନସେଲିଂ ପାଇଁ ବିଜ୍ଞପ୍ତି କରିବା ଦୁର୍ଭାଗ୍ୟଜନକ ବୋଲି ସେମାନେ ଦର୍ଶାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଲୋକଙ୍କ ସେବା ଅଧିକାରକୁ ଛଡାଇ ନେଇଛନ୍ତି ଏବଂ ଆଇପିଏଚଏସକୁ ଅଣଦେଖା କରି ଏବଂ ନିୟମ ଉଲ୍ଲଂଘନ କରି ସ୍ୱାସ୍ଥ୍ୟ ସେବାରେ ମାନବ ସମ୍ବଳର ଉପଯୁକ୍ତ ପରିଚାଳନା ବ୍ୟବସ୍ଥା କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସରକାର ପଦ ସୃଷ୍ଟି କରି ସମସ୍ତ ତାଲିମପ୍ରାପ୍ତ ଏଏନଏମ ଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଏଏନଏମ ତାଲିମପ୍ରାପ୍ତ ଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବା ସହିତ ସମସ୍ତ ନୋଡାଲ କାଉନସେଲିଂ ସେଣ୍ଟରରେ ତାଲା ପକାଇବାକୁ ଚେତାବନୀ ଦେଇଥିଲେ। ବିକ୍ଷୋଭ ପ୍ରଦର୍ଶନରେ ଦୀପ୍ତିମୟୀ ଦୀପ, ସୁପ୍ରିୟା ଦାସ, ବୀଣା ମାଝି, ସଙ୍ଗୀତା ବେନିଆ, ବିସ୍ମିତା ବିଶି, ତ୍ରିବେଣୀ ସରାଫ, ନିବେଦିତା ଧଙ୍ଗଡାମାଝି, ରଶ୍ମି ବାଗ, ରଶ୍ମିତା ନାଏକ, ସୁପ୍ରଭା ତାଣ୍ଡି, ତନୁ ନିଆଲଙ୍କ ସମେତ ଜିଲାର ସମସ୍ତ ତାଲିମପ୍ରାପ୍ତ ଏଏନଏମ ଛାତ୍ରୀ ସାମିଲ ହୋଇଥିଲେ।

# ଆପ୍ରେଣ୍ଟିଶିପ୍ ପୋଖଓ୍ୱାଡା ସପ୍ତାହ ପାଳନ

ଭବାନୀପାଟଣା,୨୫।୧୦ (ଡି.ଏନ.ଏ.)

ଭବାନୀପାଟଣା ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ପରିସରରେ ଆପ୍ରେଣ୍ଟିଶିପ୍ ପୋଖଓ୍ୱାଡା ସପ୍ତାହ ପାଳିତ ହୋଇଯାଇଛି। ଶିଳ୍ପ ତାଲିମ୍ ଅନୁଷ୍ଠାନ ଅଧକ୍ଷ ଇଂ. ସ୍ନେହାଶିଷ ମୁଦୁଲିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଡିଡିଆରଡିଏ ଜ୍ଞାନରଞ୍ଜନ ଭଞ୍ଜଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଅତିଥି ଭାବେ ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟୟ, ଶିଳ୍ପତାଲିମ୍ କେନ୍ଦ୍ରର ଦୀପକ କୁମାର ଅଗ୍ରୱାଲ, ଭବାନୀପାଟଣା ପଲିଟେକନିକ କଲେଜ ଅଧକ୍ଷ, ଏସଡିଓ ଭବାନୀପାଟଣା ବିଦ୍ୟୁତ୍ ବିଭାଗ (ଇଷ୍ଟ), (ୱେଷ୍ଟ) ଯୋଗଦେଇ ଆଇଟିଆଇର ଛାତ୍ରୀଛାତ୍ରମାନଙ୍କୁ ତାଲିମ୍ ପାଇବା ପରେ ଆପେରେଣ୍ଟିସିପ୍ ପାଇଁ ରେଜିଷ୍ଟ୍ରେଶନ୍ କରି ଦକ୍ଷତା ବୃଦ୍ଧି କରିବା ସକାଶେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶିଳ୍ପ ତାଲିମ୍ କେନ୍ଦ୍ର ବରିଷ୍ଠ ପ୍ରଶିକ୍ଷକ ସରୋଜ କୁମାର ଦାସ ସପ୍ତାହ ବ୍ୟାପି ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଶିଳ୍ପ ତାଲିମ୍ କେନ୍ଦ୍ରର ଅଧକ୍ଷ ମୁଦୁଲି, ଆପେରେଣ୍ଟିସିପ୍ ସେଲର ଦାୟିତ୍ୱରେ ଥିବା ପ୍ରଶିକ୍ଷକ ସଞ୍ଜୟ କୁମାର ଠାକୁର ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ଏବଂ ଏଣ୍ଟର ପିନରସିପ୍ ଓ ଓଡିଶା ସରକାରଙ୍କ ସ୍କିଲ ଡେଭଲପ୍‌ମେଣ୍ଟ ଅଥରିଟି ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ନିୟୋଜନା ଅଧିକାରୀ ଉପାଧାୟ ଭବାନୀପାଟଣା ତାଲିମ୍ କେନ୍ଦ୍ର ଛାତ୍ରୀଛାତ୍ରମାନେ ଆପେରେଣ୍ଟିସିପ୍ ତାଲିମ୍ ନେଇ ଚାକିରି ସକାଶେ ଆବେଦନ କଲେ ନିଶ୍ଚିତ କର୍ମନିଯୁକ୍ତି ମିଳିବ ବୋଲି ମତାମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଲିମ୍ କେନ୍ଦ୍ରର ପ୍ରଶିକ୍ଷକ ସରୋଜ କୁମାର ମହାଖୁଡ, ସଞ୍ଜୀବ କୁମାର ସାବତ, ବିଭାସ ମିଶ୍ର, ପର୍ଶୁରାମ ରାଉତ, ମହମ୍ମଦ ଆବିଦ ପ୍ରମୁଖ ଉପସ୍ଥିତ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସରୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଶିଳ୍ପ ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

# ମୋଟେର ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନମେଳା

କୋକସରା,୨୫।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେରଠାରେ ଥିବା ଏଲମିଶି ଇଂଲିଶ ମିଡିୟମ ସ୍କୁଲରେ ବୁଧବାର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସପାଲ ଜନ୍ ମନୋହରନଙ୍କ ତତ୍ତ୍ୱାବଧାନରେ ଷ୍ଟାଣ୍ଡାର୍ଡ ୧ରୁ ଷ୍ଟାଣ୍ଡାର୍ଡ ୮ର ଛାତ୍ରୀଛାତ୍ରମାନେ ବିଜ୍ଞାନ ସମ୍ବନ୍ଧିତ ବିଭିନ୍ନ ପ୍ରକଳ୍ପ ଉପସ୍ଥାପନ କରି ତାହାର କାର୍ଯ୍ୟକାରିତା ମଣିଷ ସମାଜ ପାଇଁ କେମିତି ଉପାଦେୟ ସେ ନେଇ ବୁଝାଇଥିଲେ। ପ୍ରକଳ୍ପ ମଧ୍ୟରେ ଚନ୍ଦ୍ରଜାନ ୨, ବର୍ଷା ପାଣିକୁ ସଂରକ୍ଷଣ କରିବା, ସୋଲାରରୁ ବିଦ୍ୟୁତ୍ ଉତ୍ପାଦନ ଭଳି ଅନେକ ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି ଅବସରରେ ଅଭିଭାବକ ଓ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ରକଳ୍ପଗୁଡିକ ବୁଲି ଦେଖିଥିଲେ ।

ମୋଟ ୨୯୬ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ଅନନ୍ୟା ପାଟଯୋଶୀ, ଅକ୍ଷରିତ ନନ୍ଦ, ଆଦିତି ଗୁପ୍ତା, ଜୋଲେଜଷ୍ଟିନ ବାଗ, ଆନନ୍ଦ ମାଝି, ଆୟୁଷ ପଟ୍ଟନାୟକ, ସୁଭାଷିଶ ସିଂ, ଆୟୁଷ୍ମାନ ମହାପାତ୍ର, ସୋନାକ୍ଷୀ ନନ୍ଦ, ଅନନ୍ୟା ଚିନ୍ଦା, ପ୍ରତି ଦୀପ, ଅର୍ମାନ ଗୁପ୍ତା, ଯୋସୁଆ ପୋଲ, ସୋନମ ମହାପାତ୍ର, ସୋୟମ ସାହୁ, ସାର୍ଥକ ସରୁପ ପାଢ଼ି, କଶିସ ଗୁପ୍ତା, ଲୋହିତ କୁମାର ନାଏକ, ଅମିତ ବହାର, ପିୟୁସ ପଣ୍ଡା, ପ୍ରତିଦୀପ ମୁଣ୍ଡ, କୃପାଲିନୀ ପାଟଯୋଶୀ ପ୍ରମୁଖ ଛାତ୍ରୀଛାତ୍ରମାନେ ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପରେ ପୁରସ୍କୃତ ହୋଇଥିଲେ। ଇଂରାଜୀ ମିଡିୟମ ସ୍କୁଲ ଶିକ୍ଷକ ଗେଟଜେଲ ଜନ୍, ଯୁଧିଷ୍ଠିର ପାଣିଗ୍ରାହୀ, ଭବାନୀଶଙ୍କର ବେହେରା, ଦିଲୀପ ସିଂ, ଶୈଳ ସିଂ, ଚନ୍ଦ୍ରିକା ଚଳାନ, ସ୍ନିଗଧା ବେହେରା, ଚନ୍ଦ୍ରିକା ଜାନି, ସୁକଚନ ଦୁର୍ଗା, ଭକଚନ ପାନ, ସୋହନ ବାଗ, ମି.ଷ୍ଟେପେନ ଓ ମି. ଆବ୍ରାହମ ପ୍ରମୁଖ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଅଟାଙ୍ଗଗୁଡ଼ାରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଭବାନୀପାଟଣା,୨୫।୧୦ (ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ଅଟାଙ୍ଗଗୁଡାରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ କୈଳାସ ଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଦେଇ ଉଦ୍‌ଘାଟନ କରିଥିଲେ। ଅଟାଙ୍ଗଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଶୁତୋଷ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସଦର ଏବିଇଓ ଠାକୁର ସାହୁ, ସମ୍ମାନିତ ଅତିଥି ଦୁଆରସନି ସରପଞ୍ଚ ଜିତେନ୍ଦ୍ର ପୁଝାରୀ, ସିଆର୍‌ସିସି ଦୁଷ୍ମନ୍ତ ସାହୁ, ସିଆର୍‌ସିସି ମୀନତି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ତିଲେଶ୍ୱର ରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସିଆର୍‌ସିସି ମୀନତି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସୀତାରାମ ପଣ୍ଡା ଧନ୍ୟବାଦ ପ୍ରଧାନ କରିଥିଲେ।

# ଚାଷୀଙ୍କୁ ମହଙ୍ଗା ପଡ଼ିଲା ହାଇବ୍ରିଡ୍ ବିହନ ଧାନ

ପର୍ଲା, ୨୫।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଦଣ୍ଡପାଟ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଏବେ ପୁଣି ଚଡକ ପଡିଛି । ଚଳିତବର୍ଷ ଅଧିକ ଅମଳ ଆଶା ରଖି ଅଞ୍ଚଳର ଚାଷୀମାନେ ସରକାରୀ ହାଇବ୍ରିଡ ଧାନ ବିହନ କିଣି ଜମିରେ ଚାଷ କରିଥିଲେ। ତେବେ ସେହି ହାଇବ୍ରିଡ ଧାନ କାଣ୍ଡରେ ପୁଣି ଏକ କାଣ୍ଡ ଉଠି ଫସଲ ନଷ୍ଟ ହେଉଥିବା ଦେଖାଦେଇଛି। ଏହାକୁ ନେଇ ଚାଷୀ କୁଳ ଭିତରେ ଛନକା ପଶିଯାଇଛି । ସୂଚନାମତେ ଅଞ୍ଚଳର ପର୍ଲାରେ ୯ ହେକ୍ଟର, କଦଳିମୁଣ୍ଡା ୫ ହେକ୍ଟର, ଛଞ୍ଚାଣବାହାଲିରେ ୮ ହେକ୍ଟର, ଜୟନ୍ତପୁରରେ ୭ ହେକ୍ଟର, ତେଣ୍ଡାପାଲି ୬ ହେକ୍ଟର ଜମିରେ ହାଇବ୍ରିଡ ଧାନ ଚାଷ ହୋଇଛି। ସେହିପରି ବେହେରାରେ ୧୩ ହେକ୍ଟର, ଖୁଣ୍ଟିଆରେ ୬ ହେକ୍ଟର, ଘୁମରରେ ୧୦-ହେକ୍ଟର, ଗଡିଆଯୋରରେ ୧୨ ହେକ୍ଟର, ଧଅାଁରପୁରରେ ୬ ହେକ୍ଟର ଜମିରେ ହାଇବ୍ରିଡ ଧାନ ଚାଷ ହୋଇଥିବା ଜଣାପଡିଛି। ଏହି ହାଇବ୍ରିଡ ଅର୍ଦ୍ଧପଚା ଧାନ କେଣ୍ଡାରେ ପୁଣି ଏକ କେଣ୍ଡା ବାହାରି ଧାନ ସବୁ ଧଳା ପଡିଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତ।

ଗତ ୮ରୁ ୧୦ ଦିନ ତଳୁ ଏଭଳି ସମସ୍ୟା ଦେଖାଯାଉଥିବା ବେଳେ କୃଷି ବିଭାଗ ପାଖରେ ଖବର ନ ଥିବା ବିଷୟ ଅଞ୍ଚଳରେ ସମାଲୋଚନା ଜୋରଧରିଛି । ଅନ୍ୟପଟେ କୃଷି ବିଭାଗ କର୍ମଚାରୀଙ୍କ ଅନୁପସ୍ଥିତି ଯୋଗୁ ଚାଷୀଙ୍କୁ ପରାମର୍ଶ ଦେବାରେ ବିଳମ୍ବତା ହେତୁ ଧୀରେ ଧୀରେ ସମସ୍ୟା ଜଟିଳ ହେବାରେ ଲାଗିଥିବା ଚାଷୀ ଡମ୍ବରୁ କାଣ୍ଡ,କରୁଣା କର ବାଗ, ଭକ୍ତରାମ ମେହେର, ଧନୁର୍ଯ୍ୟୟ ଦୁର୍ଗା, ଚିତ୍ରସେନ ନାଏକ, ଗୋପୀନାଥ ମାଝି, କାର୍ତ୍ତିକ ମାଝି ପ୍ରମୁଖ ପ୍ରକାଶ କରିଛନ୍ତି। ଜୟନ୍ତପୁର ପଞ୍ଚାୟତରେ ଏହାର ପ୍ରକୋପ ବଢି ଯାଉଥିବା ବେଳେ କୃଷି ବିଭାଗର ଦୃଷ୍ଟି ପଡୁ ନ ଥିବା ବିଷୟ ଅଞ୍ଚଳରେ ଆଲୋଚନା ହେଉଛି । ଏ ନେଇ ଧର୍ମଗଡ ସହକାରୀ କୃଷି ଅଧିକାରୀ ହେମାନନ୍ଦ ମାଝିଙ୍କୁ ପଚାରିବାରୁ ଏ ବିଷୟ ନେଇ ଅବଗତ ଥିବା ପ୍ରକାଶ କରିଥିବା ବେଳେ ତାର ପ୍ରତିକାର ପାଇଁ କୌଣସି ଉପାୟ ନ ଥିବା ପ୍ରକାଶ କରିଥିଲେ। ଅନ୍ୟପଟେ ଏହି ଧାନ ନୂତନ ଭାବେ ଚାଷ କରାଯାଉଥିବା ଓ ଠିକ ପଦ୍ଧତିରେ ହେଉ ନ ଥିବା ଯୋଗ ଏଭଳି ସମସ୍ୟା ଦେଖାଦେଇ ଥିବା ଅନ୍ୟ ଏକ କାରଣ ବୋଲି ପ୍ରକାଶ କରିଥିଲେ।



ଜଣେ ଚାଷୀ ନିଜ ଧାନ ଜମିରେ ଫସଲ ଦେଖୁଛନ୍ତି।

### ଅର୍ଦ୍ଧନିର୍ମିତ ଭାବେ ପଡ଼ିରହିଛି ଶୌଚାଳୟ

# ସମ୍ପୂର୍ଣ୍ଣ ଦର୍ଶାଇ ଅର୍ଥ ଆତ୍ମସାତ୍ ଅଭିଯୋଗ

କେସିଙ୍ଗା, ୨୫।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଓ ନର୍ଲା ବ୍ଲକ ସୀମାନ୍ତ ଅଞ୍ଚଳରେ ଥିବା ଗ୍ରାମରେ ଅର୍ଦ୍ଧନିର୍ମିତ ଶୌଚାଳୟ ଦୀର୍ଘ ବର୍ଷ ହେଲା ପଡିରହିଛି । ହିତାଧିକାରୀମାନେ ଶୌଚାଳୟ ବ୍ୟବହାର କରି ପାରୁ ନ ଥିବା ବେଳେ ୧ ବର୍ଷ ୮ ମାସ ହେଲା ଅକାମୀ ହୋଇ ପଡିରହିଛି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ମୁସ୍କୁଟି ଗ୍ରାମପଞ୍ଚାୟତ ଅଧୀନ ମଦନପୁର ଗ୍ରାମରେ ଏହିରି ଘଟଣା ଘଟିଛି। ଗତ ୨୦୧୮ ଫେବୃୟାରୀରେ ମଦନପୁର ଗ୍ରାମରେ ୫୦ଜଣ ହିତାଧିକାରୀଙ୍କୁ ନର୍ଲା ଆରଡବ୍ଲ୍ୟୁଏସଏସ ପକ୍ଷରୁ ଶୌଚାଳୟ ନିର୍ମାଣ କରିବାକୁ ଜଣେ ଠିକାଦାରଙ୍କୁ ନିୟୋଜିତ କରାଯାଇଥିଲା। ମଦନପୁର ଗ୍ରାମର କୁମର ଶବର (୬୦) ନାମକ ଜଣେ ହିତାଧିକାରୀଙ୍କ ଘର ସମ୍ମୁଖରେ ଶୌଚାଳୟ ନିର୍ମାଣ କରାଯାଇଛି । କିନ୍ତୁ ଆଜକୁ ୧ ବର୍ଷ ୮ ମାସ ବିତିଯାଇଥିଲେ ସୁଦ୍ଧା ଶୌଚାଳୟର ଦୁଇଟି ଟାଙ୍କିରେ ପାଇପ ସଂଯୋଗ କରାଯାଇ ନାହିଁ । ଫଳରେ ଅକାମୀ ହୋଇ ପଡିରହିଛି । କିନ୍ତୁ ନର୍ଲା ବ୍ଲକର ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ-୨ଙ୍କୁ ତଦାରଖ କରିବାକୁ ଦାୟିତ୍ୱ ଦିଆଯାଇଥିଲେ ସୁଦ୍ଧା ଉକ୍ତ ଶୌଚାଳୟ ସମ୍ପୂର୍ଣ୍ଣ କରା ନ ଯାଇ ୧୨ ହଜାର ଟଙ୍କା ବିଲ କରି ଠିକାଦାରଙ୍କୁ ପୈଠ କରାଯାଇଥିବା ଜଣାପଡିଛି। ସେହିପରି ନର୍ଲା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ୩୦ ହଜାରରୁ ଉର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ କରାଯାଇଛି। ଗୋଟିଏ ପରିବାରରେ ୨ରୁ ୩ଟି ଲେଖାଏଁ ମିଥ୍ୟା ଶୌଚାଳୟ ନିର୍ମାଣ କରାଯାଇ କାଗଜ କଲମରେ ବିଲ ଭାଉଚର ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଗୋଟିଏ ଶୌଚାଳୟରେ କେଉଁ ମସିହାରେ ନିର୍ମାଣ କରାଯାଇଛି, ତାହା ମଧ ଉଲ୍ଲେଖ କରାଯାଇ ନାହିଁ। ସେହି ଶୌଚାଳୟ ପାର୍ଶ୍ୱରେ ମିଥ୍ୟାରେ ୨ଥର ନାମ ଲେଖାଯାଇ ମିଥ୍ୟା ବିଲ ଭାଉଚର କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଉଛି। ହିତାଧିକାରୀମାନଙ୍କ ଘର ସମ୍ମୁଖରେ ଶୌଚାଳୟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିଥିବାରୁ ସମସ୍ୟାର ସମ୍ମୁଖିନ ଭୋଗୁଛନ୍ତି । ଏ ସଂକ୍ରାନ୍ତରେ ନର୍ଲା ଆରଡବ୍ଲ୍ୟୁଏସଏସ ବିଭାଗ କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ସୁନାନୀଙ୍କୁ ପଚାରିବାରୁ ମୁଁ ତଦନ୍ତ କରି ଅଳ୍ପ ଦିନରେ ସମସ୍ତ ଶୌଚାଳୟ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରକାଶ କରିଥିଲେ ।



ମଦନପୁର ଗ୍ରାମରେ ଅର୍ଦ୍ଧନିର୍ମିତ ଶୌଚାଳୟ ।

■ ୧ ବର୍ଷ ୮ ମାସ ହେଲା ଅକାମୀ ହୋଇ ପଡିରହିଛି

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୬ ଅକ୍ଟୋବର, ୨୦୧୯



ଗୋରୁଙ୍କୁ କାୟମନୋବାକ୍ୟରେ ଭକ୍ତିପୂର୍ବକ ଅର୍ଚ୍ଚନା କଲେ ସର୍ବ ଦେବଦେବୀ ଓ ତୀର୍ଥ ଆଦି ଅର୍ଚ୍ଚନା ଫଳ ଲାଭ ହୁଏ।
- ମହର୍ଷି ବଶିଷ୍ଠ



## ସଂକ୍ଷେପରେ

### ଚୋରି ଶୀତତାପ ନିୟନ୍ତ୍ରିତ ମେଶିନ ମଧ୍ୟରୁ ୫ଉଦ୍ଧାର, ୩ଗିରଫ

ସୁନ୍ଦରଗଡ଼, ୨୫।୧୦ (ଡି.ଏନ୍.ଏ.) -ଭଷ୍ମା ଥାନା ଅନ୍ତର୍ଗତ ଦର୍ଲିପାଲି ଏନ୍‌ଟିପିସି ଟାଉନଶିପ୍‌ଠାରେ ନିର୍ମାଣଧୀନ ଏକ ଶିକ୍ଷାନୁଷ୍ଠାନ ପରିସରରେ ଚୋରି ହୋଇଥିବା ୧୦ଟି ଶୀତତାପ ନିୟନ୍ତ୍ରିତ (ଏସି)ମେଶିନ ମଧ୍ୟରୁ ୫ଟି ଉଦ୍ଧାର ହୋଇଛି। ଏହି ଚୋରି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଦର୍ଲିପାଲିଠାରେ ନିର୍ମାଣଧୀନ ବାଲଭାରତୀ ଶିକ୍ଷାନୁଷ୍ଠାନର ଛାତ୍ରାବାସରେ ୩୨ଟି ଏସି ମେଶିନ୍ ଲଗାଇବା ପାଇଁ ଏକ ଠିକା ସଂସ୍ଥା ଦାୟିତ୍ୱ ନେଇଥିଲା। ୧୬ଟି ଏସି ମେଶିନ୍ ଫିଟିଂ କରିସାରିବା ପରେ ଗତ ଅଗଷ୍ଟ ୨୮ରେ କାମବନ୍ଦ କରି କର୍ମଚାରୀମାନେ ଯାଇଥିଲେ। ମାତ୍ର ଫେରିବା ପରେ ସେଠାରେ ଥିବା ଅନ୍ୟ ୧୬ଟି ଏସି ମେଶିନ ମଧ୍ୟରୁ ୧୦ଟି ଗାଏବ୍ ହୋଇଯାଇଥିଲା। ଏହା ପରେ ଏସି ମେଶିନ ଲଗାଇବା ଦାୟିତ୍ୱ ନେଇଥିବା ଠିକାସଂସ୍ଥା ତରଫରୁ ରଞ୍ଜନ ଧଳ ଏ ନେଇ ଗତ ସେପ୍ଟେମ୍ବର ୨୦ତାରିଖରେ ଭଷ୍ମା ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଚୋରି ଏସି ମେଶିନ୍ ଏହି ଥାନା ଅନ୍ତର୍ଗତ ଦଲଦଲି ଗ୍ରାମର କୁଶ ଦୁତିଆ ଚାନ୍ଦ(୨୫) ଙ୍କ ଘରେ ଚଡାଉ କରି ୩ଟି ଏସି ମେଶିନ୍ ଉଦ୍ଧାର କରିଥିଲେ। ଏହାପରେ ତାକୁ ଥାନାକୁ ଆଣି ପଚରାଉଚରା ପରେ ଅନ୍ୟ ୨ଟି ଲେଫ୍ରିପଡା ଥାନା ଅନ୍ତର୍ଗତ ରାଏଡିହି ଗ୍ରାମର ପୋଲସ୍ତି କୁଆ ଓ ପିଣ୍ଟୁମହାପାତ୍ରଙ୍କ ଠାରେ ଗୋଟିକୁ ୧୫ହଜାର ଟଙ୍କାରେ ବିକ୍ରି କରିଥିବା କହିଥିଲେ। ପୋଲିସ ଏସି ମେଶିନ୍ କିଣିଥିବାପୋଲସ୍ତି ଓ ପିଣ୍ଟୁଙ୍କ ଘରେ ମଧ୍ୟ ଚଢାଉ କରି ଅନ୍ୟ ୨ଟି ଚୋରି ଏସି ମେଶିନ୍‌କୁ ଉଦ୍ଧାର କରି ସେହି ୨ଜଣଙ୍କୁ ମଧ୍ୟ ଗିରଫ କରିଥିଲା। ଚୋରି ଘଟଣାରେ ବ୍ୟବହୃତ ହୋଇଥିବା ଅଭିଯୁକ୍ତ କୁଶର ବାଇକକୁ ମଧ୍ୟ ପୋଲିସ ଜବତ କରିଛି। କୁଶ ତାଙ୍କର ଅନ୍ୟ ଜଣେସାଥୀ ସହ ମିଶି ତାଙ୍କର ବାଇକରେ ଏହି ମେଶିନ ଗୁଡିକ ଚୋରି କରିଆଣିଥିଲେ ବୋଲି ପୋଲିସ ଜେରା ବେଳେ କୁଶ ପ୍ରକାଶ କରିଛନ୍ତି। ଏହି ଚୋରି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର୍ ଥିବା ପୋଲିସ କହିଛି।

# ଧନ୍ୱନ୍ତରୀ ଜୟନ୍ତୀ, ଜାତୀୟ ଆୟୁର୍ବେଦ ଦିବସ

**ସୁନ୍ଦରଗଡ଼, ୨୫।୧୦ (ଡି.ଏନ୍.ଏ)**

ଶୁକ୍ରବାର ଜିଲାସ୍ତରୀୟ ଧନ୍ୱନ୍ତରୀ ଜୟନ୍ତୀ ଓ ଜାତୀୟ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ଜିଲା ଆୟୁର୍ବେଦ ଚିକିତ୍ସା ବିଭାଗ, ଓଡ଼ିଶା ଆୟୁର୍ବେଦ ଚିକିତ୍ସକ ସଂଘ ସୁନ୍ଦରଗଡର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଜିଲା ଆୟୁର୍ବେଦ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ଜିଲାର ସମସ୍ତ ଆୟୁର୍ବେଦ ଚିକିତ୍ସକ, ହୋମିଓପାଥି ଚିକିତ୍ସକ, ଆୟୁଷ ଡାକ୍ତର, ଔଷଧ ସହାୟକ ଓ ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଆରୋଗ୍ୟ ଦେବତା ଧନ୍ୱନ୍ତରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଜିଲା ଆୟୁର୍ବେଦ ମୁଖ୍ୟ ଚିକିତ୍ସାଧିକାରୀ ଡା. ପରମେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଜିଲା ହୋମିଓପାଥି ଚିକିତ୍ସାଧିକାରୀ ଡ. ପୂର୍ଣ୍ଣଚନ୍ଦ୍ର ସାହୁ, ଓଡିଶା ଆୟୁର୍ବେଦ ଚିକିତ୍ସକ ସଂଘ ସଭାପତି ଡା. ଅନନ୍ତ କୁମାର ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ମନ୍ଦିରର ପ୍ରଭାରୀ ରାମଚନ୍ଦ୍ର ଦଣ୍ଡସେନା, ସଦର ତହସିଲଦାର ଯୋଗେଶ୍ୱର ଭୋଇ, ବେଣୁ ମାଧବ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ଜୀବନ ପାଇଁ ଆୟୁର୍ବେଦ ଶୀର୍ଷକ ଆଲୋଚନାଚକ୍ରରେ ଡା. ରବୀନ୍ଦ୍ର ବେହେରା, ଡା ସୁନୀତା ମହାପାତ୍ର, ଡା. ସୁଧା ଦଣ୍ଡସେନା, ଡା ଅନନ୍ତ ଆଚାର୍ଯ୍ୟ, ଡା. ଅଜୟ ପାତ୍ର, ଡା. ସୁଧୀର ବାଘ, ଡା. ଚନ୍ଦ୍ର ଶେଖର ସାମନ୍ତ, ଡା. ଅମିତ ତିର୍କୀ ପ୍ରମୁଖ ନିଜର ସନ୍ଦର୍ଭ ପାଠକରିଥିଲେ। ଆୟୁର୍ବେଦ ଚିକିତ୍ସା ବ୍ୟବସ୍ଥାରେ ଥିବା ଦିନଚର୍ଯ୍ୟା, ଋତୁଚର୍ଯ୍ୟା, ଯୋଗ, ସତବୃତ, ପଞ୍ଚକର୍ମ, ଅନୁଶୀଳନ ତଥା ରସାୟନ ସେବନ ଦ୍ୱାରା ମଣିଷ ଦୀର୍ଘଜୀବୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଲୁପ୍ତ ପ୍ରାୟ ଔଷଧୀୟ ବୃକ୍ଷ ଶ୍ୟୋନାକ (ଫଣଫଣା)ର ପ୍ରସ୍ତୁତ ୨୦୦ ଚାରାକୁ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉତ୍ତମ ସେବା ପାଇଁ ହୃଷିକେଶ ସାହୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଡା. ବୀରେନ୍ଦ୍ର କୁମାର ପାଣ୍ଡେ ଧନ୍ୟବାଦ ଦେଇଥିଲେ।



ଧନ୍ୱନ୍ତରୀ ଜୟନ୍ତୀ ଓ ଜାତୀୟ ଆୟୁର୍ବେଦ ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଉଛି।

# ରାଜବାହାଲ ଜଳଯୋଗାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ଲେଫ୍ରିପଡା,୨୫।୧୦(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ରାଜବାହାଲ ପଞ୍ଚାୟତର ବନଡେଗାଠାରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପରେ ଅନିୟମିତତା ହୋଇଛି। ଏନେଇ ଲେଫ୍ରିପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀ ଅଭିଯୋଗ କରିଥିବା ଜଣାପଡିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ବନଡେଗା ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବା ପାଇଁ ସରକାରଙ୍କ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ଅର୍ଥ ମଞ୍ଜୁର ହୋଇଥିଲା। ଉକ୍ତ କାମକୁ ସେହି ଗ୍ରାମର ଦୁଇଜଣ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଚଞ୍ଚକତା କରି ଜଣେ ବ୍ୟକ୍ତି ନିଜ ଘରବାରୀ ପ୍ଲଟ୍‌ରେ ନିଜର ସ୍ୱାର୍ଥ ସକାଶେ ଗଭୀର ନଳକୂପ ଖୋଳିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳଯୋଗାଣ କାମର ଗଭୀର ନଳକୂପ ଖୋଳାଯାଇଥିବା ନିକଟରେ ପୂର୍ବରୁ ଅନ୍ୟ ଏକ ନଳକୂପ ଖନନ କରାଯାଇ ଜନସାଧାରଙ୍କ ବ୍ୟବହାର ଉପଯୋଗୀ ହେଉଥିଲେ ମଧ୍ୟ କାହିଁକି ସେହି ବ୍ୟକ୍ତିଗତ ପ୍ଲଟ୍‌ରେ ନିର୍ମାଣ କରାଗଲା ବୋଲି ବନଡେଗା ଗ୍ରାମବାସୀ ପ୍ରଶାସନକୁ ଦାବି ଜଣାଇଛନ୍ତି। ସରକାରୀ ନିୟମାନୁଯାୟୀ କାର୍ଯ୍ୟକାରୀ ନିର୍ମାଣ ସଂସ୍ଥା କିମ୍ବା ବ୍ୟକ୍ତି ଗ୍ରାମରେ ଯେ କୌଣସି କାର୍ଯ୍ୟ କରିବାକୁ ହେଲେ ଗ୍ରାମର ୱାର୍ଡମେମ୍ବରଙ୍କ ସହ ଗ୍ରାମବାସୀଙ୍କ ପ୍ରସ୍ତାବ କ୍ରମେ ନିର୍ଦ୍ଦିଷ୍ଟ ଜାଗାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି। ବନଡେଗା ଗ୍ରାମରେ କାହାରିକୁ କିଛି ନ ଜଣାଇ ମନଇଚ୍ଛା ତତ୍ତ୍ୱାବଧାନକାରୀ ବ୍ୟକ୍ତି ଦ୍ୱୟ ଖୋଳିଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜଳଯୋଗାଣ କାର୍ଯ୍ୟ ଅନିୟମିତତା କରାଯାଇଥିବାରୁ ଗ୍ରାମରେ ଏକ ବୈଠକ କରାଯାଇଥିଲା। ବୈଠକରେ ଗ୍ରାମବାସୀଙ୍କ ନିଷ୍ପତି କ୍ରମେ ଗଭୀର ନଳକୂପଟି ଗ୍ରାମର ସାର୍ବଜନୀନ ସ୍ଥାନରେ କୌଣସି ଏକ ନିର୍ଦ୍ଦିଷ୍ଟ ସରକାରୀ ଜମିରେ ନିର୍ମାଣ କରିବାକୁ ବ୍ଲକ୍ ପ୍ରଶାସନକୁ ଲିଖିତ ଦାବି ଜଣାଇଛନ୍ତି। ଏ ଦିଗରେ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀରାଣୀ ରାଜ୍‌ଙ୍କୁ ପଚାରିବାରୁ ଏ ଦିଗରେ ତଦନ୍ତ କରାଯିବ ବୋଲି କହିଛନ୍ତି।

■ ମହିଳା ଫୁଟବଲ ଚାମ୍ପିୟନଶିପର ଷଷ୍ଠ ଦିବସ

# ମହିଳା ଏକାଦଶ, ସେଣ୍ଟ ମେରୀ ସ୍କୁଲ ବିଜୟୀ

**ସୁନ୍ଦରଗଡ଼, ୨୫।୧୦ (ଡି.ଏନ୍.ଏ)**

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମଠାରେ ଚାଲିଥିବା ଜିଲା ମହିଳା ଫୁଟବଲ ଚାମ୍ପିୟନଶିପର ଶୁକ୍ରବାର ଥିଲା ଷଷ୍ଠ ଦିବସ। ଏହିଦିବସରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସୁନ୍ଦରଗଡ ସେଣ୍ଟମେରୀ ବାଳିକା ଉଚ୍ଚ ବିଦ୍ୟାଳୟ କୁଣ୍ଡୁକେଲା ଲମ୍ବୋଦର ହାଇସ୍କୁଲ ଦଳକୁ ୬-୦ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ ମହିଳା ଏକାଦଶ ଏବଂ କିଂଜିର୍ମା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସୁନ୍ଦରଗଡ଼ ମହିଳା ଏକାଦଶ ୬-୦ ଗୋଲରେ ବିଜୟୀ ହୋଇଥିଲା। ସୁନ୍ଦର କ୍ରୀଡା ପ୍ରଦର୍ଶନ ପାଇଁ ସେଣ୍ଟମେରୀ ବାଳିକା ଉଚ୍ଚ ବିଦ୍ୟାଳୟର ରିତିକା କିସପଟ୍ଟା ଓ ସୁନ୍ଦରଗଡ ମହିଳା ଏକାଦଶର ଦିପ୍ତୀ ରାଣୀ କୁଜୁରଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୂର୍ବତନ ଖେଳାଳି ଚିତ୍ତରଞ୍ଜନ ନାଏକଙ୍କୁ କ୍ରୀଡା ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମ୍ୟାଚଗୁଡିକୁ ସୁଶୀଲ ପଟେଲ, ଲକ୍ଷ୍ମଣ ସେଠ୍, ରାଜୀବ ସେଠ୍, ପ୍ରଦୀପ ପ୍ରଧାନ ରେଫରୀ ଭାବେ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂସଦର ଉପସଭାପତି ରାଜେନ୍ଦ୍ର ମହାନ୍ତି, ପୌଷଚନ୍ଦ୍ର ପଟେଲ, ସହସମ୍ପାଦକ ଜୟଦେବ ପାତ୍ର, ପ୍ରଶାନ୍ତ ପଟେଲ, ବୀରମିତ୍ର କାଲୋ, ଶିଶିର ପଟେଲ, ଆଶୀଷ ଦେ, ରୋମାଞ୍ଚ ଭୈଷାଁଲ, ଅକ୍ଷୟ ନାଏକ, ଅଜୟ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱରଞ୍ଜନ ହୋତା, ଅଜୟ ବହିଦାର, ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।



ମହିଳା ଫୁଟବଲ ଚାମ୍ପିୟନଶିପର ଶୁକ୍ରବାର ମ୍ୟାଚରେ ଅତିଥିଙ୍କ ସହ ଖେଳାଳି।

**ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ**
ଅନୁଗୋଳ - ୭୫୯୧୨୨
ସଂଖ୍ୟା ନଂ.୩୦୩୪ / TAMDA ତା.୨୨।୧୦।୨୦୧୯

**ବିଜ୍ଞପ୍ତି**

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (TAMDA)ଙ୍କ ପରିସୀମା ମଧ୍ୟରେ ବେଆଇନ୍ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣକାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସଂଖ୍ୟା.୧୫୬୪୬, ତା୨୦।୦୬।୨୦୧୮ରିଖ ଓ ଗେଜେଟ ସଂଖ୍ୟା.୯୮୭, ତା୨୦।୦୬।୨୦୧୮ ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଥିଲା। ବର୍ତ୍ତମାନ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା.୧୩୯୫୫, ତା୦୬।୦୮।୨୦୧୯ (Notification No.13955 / HUD / Dt.06.08.2019) ଦ୍ୱାରା ଉକ୍ତ ସ୍କିମ୍‌କୁ ତା୦୬।୦୮।୨୦୧୯ରିଖଠାରୁ ଆସନ୍ତା ୬(ଛଅ) ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି। ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତକରଣ ନିମନ୍ତେ ସେମାନେ ଏହି ସ୍କିମ୍‌ର ସଦୁପଯୋଗ କରନ୍ତୁ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ ଅଟେ।

ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ TAMDA କାର୍ଯ୍ୟାଳୟରେ ଅଫିସ୍ ସମୟ ମଧ୍ୟରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ
ଟାମ୍‌ଡା, ଅନୁଗୋଳ

# ତୁମୁଳିଆ ଗ୍ରାମରେ ୫୫୦ କିଷାନ ସମାଜର ଆଞ୍ଚଳିକ ନୂତନ ଗୁଡି ଉଦ୍‌ଘାଟିତ

**ବାଲିଶଙ୍କରା, ୨୫।୧୦ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକର ତୁମୁଳିଆ ଗ୍ରାମରେ ୫୫୦ କିଷାନ ସମାଜର ଆଞ୍ଚଳିକ ନୂତନ ଗୁଡି ସ୍ୱତନ୍ତ୍ର ବିକାଶ ପରିଷଦ ପାଣ୍ଠିରୁ ୫ ଲକ୍ଷ ଅନୁଦାନରେ ନିର୍ମାଣ ହୋଇଥିଲା। ଏହାକୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ ଫିତାକାଟି ଓ ନଡିଆ ଭାଙ୍ଗି ଉଦ୍‌ଘାଟନ କରିଥିଲେ। ଅଞ୍ଚଳବାସୀ ମୁଖ୍ୟଅତିଥିଙ୍କୁ ପାରମ୍ପାରିକ ନାଚଗୀତରେ ପାଛଟି ଆଣିଥିଲେ। ବିଜେଡି ଜିଲା ଯୁବ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝିଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଲିଶଙ୍କରା ବିଜେଡି ବ୍ଲକ ସଭାପତି ଶିଶିର କୁମାର ସାହୁ, ତଲସରା ନିର୍ବାଚନ ମଣ୍ଡଳୀର ବିଜେଡି ଯୁବ ସଭାପତି ଅକ୍ଷୟ ନାଏକ, ମଧୁ ମାଝି, ଧନେଶ୍ୱର ମାଝି, ଗୋବର୍ଦ୍ଧନ ମାଝି, ସୁବିନ କିଷାନ, ମାଘୁ କିଷାନ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ବିନୟ ଟପ୍ପୋ ଉଦ୍‌ବୋଧନ ଦେଇ କହିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ ଜିଲାର ଆଦିବାସୀଙ୍କ ପରମ୍ପରା ସୁରକ୍ଷିତ ରହିବା ପାଇଁ ଉଦ୍ୟମ କରୁଛନ୍ତି। ସେଥିପାଇଁ ଏପରି ଯୋଜନାମାନ କରୁଛନ୍ତି ବୋଲି ସେ ମତ ଦେଇଥିଲେ । ଏପରି ଗୁଡିରେ ଆଦିବାସୀମାନେ ବସି ଦୁଃଖସୁଖର ଆଲୋଚନା କରିବା ସହିତ ନୃତ୍ୟରେ ବ୍ୟବହାର ହେଉଥିବା ବାଦ୍ୟଯନ୍ତ୍ରଗୁଡିକ ସୁରକ୍ଷିତ ରଖିପାରିବେ। ଉକ୍ତ ସମାରୋହରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦେଇଥିଲେ। ଶେଷରେ ଦେବେନ୍ଦ୍ର ପ୍ରସାଦ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।



ତୁମୁଳିଆ ଗ୍ରାମରେ ନୂତନ ଗୁଡି ଉଦ୍‌ଘାଟନ କରାଯାଉଛି।

# ନିଲମ୍ବିତ ହେଲେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ

**ସୁନ୍ଦରଗଡ଼ , ୨୫।୧୦ (ଡି.ଏନ୍.ଏ)**

କ୍ରୀଡା ସାମଗ୍ରୀ ଓ ଲାଇବ୍ରେରୀଗୁଡିକୁ ପୁସ୍ତକ ଯୋଗାଣ ନେଇ ସୁନ୍ଦରଗଡ ଜିଲାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଗତ ବୁଧବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ନିରୀକ୍ଷକଙ୍କ ମଧ୍ୟରେ କଥା କଟାକଟି ଘଟଣା ବିଭିନ୍ନ ମହଲରେ ଆଲୋଚନାର ବିଷୟ ହୋଇଛି। ହେଲେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କୁ ଜିଲା ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣା ତାଙ୍କୁ ମହଙ୍ଗା ପଡିଛି। ଜିଲା ଶିକ୍ଷାଧିକାରୀଙ୍କ ରିପୋର୍ଟ ଓ ଶିକ୍ଷକ ସଙ୍ଗଠନଗୁଡିକରୁ ହୋଇଥିବା ଅଭିଯୋଗ ଆଧାରରେ ଶୁକ୍ରବାର ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଧାନଙ୍କୁ ନିଲମ୍ବନ ଆଦେଶ ପ୍ରଦାନ କରାଯାଇଛି। ଅପରପକ୍ଷେ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ପ୍ରଧାନ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପର୍କରେ କୌଣସି ତଦନ୍ତ କରା ନ ଯିବା କିମ୍ବା କୌଣସି କାରଣ ଦର୍ଶାଅ ନୋଟିସ୍ ଜାରି କରା ନ ଯିବା ଅଯୌକ୍ତିକର ବୋଲି କହିଛନ୍ତି। ଏପରିକି ଜିଲାର ବିଭିନ୍ନ ବିଦ୍ୟାଳୟକୁ ହୋଇଥିବା କ୍ରୀଡା ସାମଗ୍ରୀ ଯୋଗାଣ ଓ ଲାଇବ୍ରେରୀକୁ ବହି ଯୋଗାଣରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ପାଇଁ ସେ ଦାବି କରିଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

SEE COLOR DISPLAY CLASSIFIED
ON EVERY TUESDAY & FRIDAY

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋରୁଙ୍କୁ କାୟମନୋବାକ୍ୟରେ ଭକ୍ତିପୂର୍ବକ ଅର୍ଚ୍ଚନା କଲେ ସର୍ବ ଦେବଦେବୀ ଓ ତୀର୍ଥ ଆଦି ଅର୍ଚ୍ଚନା ଫଳ ଲାଭ ହୁଏ। - ମହର୍ଷି ବଶିଷ୍ଠ

## ସଂକ୍ଷେପରେ

### ବେଲପାହାଡ଼ରେ କାଳୀ ପୂଜା ପ୍ରସ୍ତୁତି

ବେଲପାହାଡ଼,୨୫।୧୦ (ଡି.ଏନ୍.ଏ.) ଆସନ୍ତା ରବିବାର ମା' କାଳୀଙ୍କ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ବେଲପାହାଡ଼ ସହରାଞ୍ଚଳସ୍ଥିତ ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଏବର୍ଷ ମଧ୍ୟ ଗୁମାଡ଼େରା ବାଟମଙ୍ଗଳା ମନ୍ଦିର, ଜାମକାନି ଶ୍ୟାମାକାଳୀ ମନ୍ଦିର ଓ ବିଭିନ୍ନ ଦୁର୍ଗାପୂଜା ଅନୁଷ୍ଠାନ ପକ୍ଷରୁ କାଳୀପୂଜା ପାଇଁ ଆୟୋଜନ ଚାଲିଛି। ଅଞ୍ଚଳର ବଙ୍ଗାଳି ସମାଜ ଯୁବସଂଘ କାଳୀପୂଜା କମିଟି ପକ୍ଷରୁ ପୌରପରିଷଦ ପଛ ପାର୍ଶ୍ୱରେ କାଳୀପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ପୂଜା ପାଇଁ କମିଟି ପକ୍ଷରୁ ଏକ ମଣ୍ଡପ ନିର୍ମାଣ କରାଯାଇଛି। ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ସ୍ଥାପନା ସହିତ ମା' କାଳୀଙ୍କ ପୂଜାର୍ଚ୍ଚନା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ରବିବାର ଅପରାହ୍ନରେ ପେଣ୍ଡାଲ ଉଦ୍‌ଘାଟନ, ରାତି ୧୦ଟାରେ ପୂଜା ଆରମ୍ଭ ଓ ରାତି ୧ଟାରେ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ରହିଥିବା କମିଟିର ସଭାପତି ଡି.କେ.ରାୟ ପ୍ରକାଶ କରିଛନ୍ତି। ପୂଜା କମିଟିରେ ଯୁବସଂଘର ବରିଷ୍ଠ ସଦସ୍ୟ ଡି.କେ.ରାୟ ସଭାପତି, ପ୍ରିୟବ୍ରତ ଦତ୍ତ ସମ୍ପାଦକ ଓ ଏସ.ଆର୍.ରାୟ କୋଷାଧ୍ୟକ୍ଷ ରହିଥିବାବେଳେ ବିକ୍ରମଦେବ ରାୟ, ପ୍ରବୀର କୁମାର ଆଇଚ୍, ବି.ପି. ଶର୍ମା, ଗଣେଶ ବୋଷ, ଅଶୋକ ସୁଶୀଲ, ମୃତ୍ୟୁଞ୍ଜୟ ସିହ୍ନା, ଅଶୋକ ପାଲ ଓ ପ୍ରଭାସ ବୋଷ ପୂଜା କମିଟିର କାର୍ଯ୍ୟକାରୀ ସଦସ୍ୟ ରହିଛନ୍ତି। ଗୁମାଡ଼େରା ବାଟମଙ୍ଗଳା ମନ୍ଦିରରେ ଓ ଜାମକାନି ଶ୍ୟାମାକାଳୀ ମନ୍ଦିରରେ କାଳୀଙ୍କ ପୂଜାର୍ଚ୍ଚନା କରାଯିବ ବୋଲି ଉଭୟ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ପ୍ରଦୀପ ମିଶ୍ର ଓ ପଣ୍ଡିତ ସୁଶୀଲ ଦୀକ୍ଷିତ ପ୍ରକାଶ କରିଛନ୍ତି।

### କୋଇଲା ଖଣିରୁ ନିଷ୍କାସିତ ପାଣିରେ ଧାନ ଚାଷ କ୍ଷତିଗ୍ରସ୍ତ

ଲଖନପୁର,୨୫।୧୦(ଡି.ଏନ୍.ଏ)-ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କୋଇଲାଖଣି ୫ନଂ. ଖାଦାନରୁ ପମ୍ପ ଯୋଗେ ନିଷ୍କାସିତ ହେଉଥିବା ପାଣିରେ ଉବୁଡା ଗ୍ରାମର କେତେକ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ଏନେଇ ଉବୁଡା ଗ୍ରାମର ଲକ୍ଷ୍ମୀ ଛଈଁଆଣ ନାମକ କ୍ଷତିଗ୍ରସ୍ତ ଚାଷୀ ଲଖନପୁର ତହସିଲଦାର, ସ୍ଥାନୀୟ ବିଧାୟକ ଓ ଖଣି କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଖଣିପାଣି ମାଡିଯାଇ ୨ଏକର ଧାନ ଫସଲ ନଷ୍ଟ ହୋଇଯାଇଛି। ଏହାର କ୍ଷୟକ୍ଷତି ଆକଳନକରି କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଏ ନେଇ ଲଖନପୁର କୋଇଲାଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ କହିଛନ୍ତି, ଗ୍ରାମବାସୀଙ୍କ କହିବା ମୁତାବକ ଖଣିରୁ ନିଷ୍କାସିତ ହେଉଥିବା ପାଣିକୁ ଚାଷଜମିକୁ ଛଡାଯାଉଥିଲା। ଏହି ପାଣିରେ କୌଣସି ଧାନଚାଷ ନଷ୍ଟ ହୋଇନାହିଁ। ଯଦି ପାଣି ମାଡିଯାଇଛି ବୋଲି ଅଭିଯୋଗ ହେଉଛି ତାହାଲେ ଏହାର ତଦନ୍ତ କରାଯିବ ବୋଲି ଖଣି ପ୍ରକଳ୍ପ ଅଧିକାରୀ ପାଣ୍ଡେ କହିଛନ୍ତି।

■ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଚାଲିଛି ରାଜନୀତି

# ନିଯୁକ୍ତି ନାମରେ ଅର୍ଥ ଆଦାୟ

**ସାମାଜିକ ଗଣମାଧ୍ୟମରେ ଅଡିଓ ଭାଇରାଲ୍‌କୁ ନେଇ ଚର୍ଚ୍ଚା**

ଝାରସୁଗୁଡା ଅଫିସ୍/ଲଖନପୁର, ୨୫।୧୦ (ଡି.ଏନ୍.ଏ)

ଝାରସୁଗୁଡା ଜିଲାରେ ଗଢିଉଠିଛି ବିଭିନ୍ନ କଳକାରଖାନା । ଏହିସବୁ କଳକାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦେବା ପାଇଁ ଶିଳ୍ପନୀତିରେ ରହିଛି ନିୟମ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ବାହାର ନିଯୁକ୍ତିକୁ ପ୍ରାଧ୍ୟାନ୍ୟ ଦେଉଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ବେକାର ଯୁବତୀ ଓ ଯୁବକଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବିଭିନ୍ନ ସମୟରେ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦି ସଙ୍ଗଠନମାନେ ଶିଳ୍ପାନୁଷ୍ଠାନମାନଙ୍କରେ ଆନ୍ଦୋଳନ କରୁଥିବା ନଜିର ରହିଛି। ଏଥିରେ ଜନପ୍ରତିନିଧି, ସାମାଜିକ କର୍ମୀ ଓ କେତେକ ସ୍ୱାର୍ଥନେଷ୍ଟ ଲୋକେ ସାମିଲ ହେଉଛନ୍ତି। ସ୍ଥାନୀୟ ନିଯୁକ୍ତି ନାମରେ କମ୍ପାନୀ ଓ ଠିକାସଂସ୍ଥାମାନଙ୍କ ନିକଟରୁ ନିଜର ସ୍ୱାର୍ଥ ସାଧନ କରିଚାଲିଛନ୍ତି। ଜନପ୍ରତିନିଧିମାନେ ସ୍ଥାନୀୟ ନିଯୁକ୍ତି ନାମରେ ବାହାର ଯୁବକଙ୍କ ନିକଟରୁ ମୋଟା ଅଙ୍କର ଅର୍ଥନେଇ କମ୍ପାନୀ ଓ ଠିକାସଂସ୍ଥାରେ ନିୟୋଜିତ କରୁଛନ୍ତି। ଫଳରେ ସ୍ଥାନୀୟ ଯୁବତୀ, ଯୁବକମାନେ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି। ଏହି ଜନପ୍ରତିନିଧିମାନେ ସ୍ୱତନ୍ତ୍ର ରାଜନେତାଙ୍କ ନାମଧରି ସ୍ଥାନୀୟ ଯୁବକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଆଦାୟ କରି ଠିକାସଂସ୍ଥାମାନଙ୍କରେ ନିୟୋଜିତ କରୁଛନ୍ତି। ନିଯୁକ୍ତି ନାମରେ ସ୍ଥାନୀୟ ଯୁବକଙ୍କ ନିକଟରୁ ଅର୍ଥ ଆଦାୟ କରିବାକୁ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ଏକ ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇଛି। ଏହି ପ୍ରତିଦ୍ୱନ୍ଦିତା ଜନପ୍ରତିନିଧିଙ୍କ ନିଜର ସ୍ୱାର୍ଥରେ ଆଞ୍ଚ ଆଣୁଛି। ଫଳରେ ସାମାଜିକ ଗଣମାଧ୍ୟମରେ ଅଡିଓ ଭାଇରାଲ୍ ହୋଇ ହାଟରେ ପଡି ଦାଣ୍ଡରେ ଗଡୁଛି। ଏ କଥା ରାଜନୈତିକ ନେତୃବୃନ୍ଦଙ୍କ ନିକଟରେ ପହଁଞ୍ଚିଲାଣି । ଏହି ଅଡିଓକୁ ନେଇ ଏବେ ଜିଲାରେ ଚର୍ଚ୍ଚା ଜୋର୍‌ଧରିଛି। ଏଭଳି ଘଟଣା ଘଟିଛି ଏମ୍‌ସିଏଲ୍ ଲଖନପୁର କୋଇଲା କ୍ଷେତ୍ରରେ। କୋଇଲା କ୍ଷେତ୍ରରେ କେତେକ ଠିକାସଂସ୍ଥା ନିୟୋଜିତ ହୋଇଛନ୍ତି। ଏହିସବୁ ଠିକାସଂସ୍ଥାରେ ନିଯୁକ୍ତି କରାଇଦେବାକୁ କହି କେତେକ ଜନପ୍ରତିନିଧି ସ୍ଥାନୀୟ ଯୁବକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଅସୁଲ କରିଛନ୍ତି। ଏଥିମଧ୍ୟରୁ ୧୧ଜଣ ସ୍ଥାନୀୟ ଯୁବକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ନିଆଯାଇ ଏମ୍‌ସିଏଲ୍ ଠିକାସଂସ୍ଥାରେ ନିୟୋଜିତ କରାଯାଇଛି। ଏଠାରେ ମୋ ସରକାର ନିୟମକୁ ଖୋଲାଖୋଲି ଚ୍ୟାଲେଞ୍ଜ କରି ଜନପ୍ରତିନିଧିମାନେ ବେଆଇନ୍ ଭାବେ ଅର୍ଥ ଉପାର୍ଜନ କରିଚାଲିଛନ୍ତି। ସ୍ଥାନୀୟ ନିଯୁକ୍ତି ନାମରେ ଜନପ୍ରତିନିଧିମାନେ ଅଞ୍ଚଳର ଯୁବତୀ, ଯୁବକଙ୍କୁ ଶୋଷଣ କରିଚାଲିଛନ୍ତି। ଏନେଇ ମୋ ସରକାରରେ ସ୍ୱଚ୍ଛତା ଆଣିବା ପାଇଁ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ଦାବି ହେଉଛି। ଏନେଇ ଏମ୍‌ସିଏଲ୍ ଲଖନପୁର ଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ କହିଛନ୍ତି, ଯଦି ସ୍ଥାନୀୟ ଯୁବକଙ୍କ ନିକଟରୁ କେହି ଅର୍ଥନେଇ ଠିକାସଂସ୍ଥାରେ ନିଯୁକ୍ତି ଦେଇଛନ୍ତି, ତାହାଲେ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଧନ୍‌ତେରସ ପାଇଁ ବଜାର ଚଳଚଞ୍ଚଳ



ଧନ୍‌ତେରସ ଉପଲକ୍ଷେ ଲୋକେ ଦୋକାନରୁ କଂସା, ପିତ୍ତଳ ବାସନ କିଣୁଛନ୍ତି।

ବେଲପାହାଡ଼,୨୫।୧୦(ଡି.ଏନ୍.ଏ.)

ଦେବତାମାନଙ୍କ ବୈଦ୍ୟ ତଥା ସ୍ୱୟଂ ବିଷ୍ଣୁ ଭଗବାନଙ୍କ ଅବତାର ରୂପେ ପୂଜିତ ଧନ୍ୱନ୍ତରୀ ଦେବତାଙ୍କ ଜନ୍ମଦିବସ ଧନ୍‌ତେରସକୁ ନେଇ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଥିବା ଦୋକାନ ବଜାର ଚଳଚଞ୍ଚଳ ହୋଇଉଠିଛି। ଶୁକ୍ରବାର ସକାଳୁ ବିଭିନ୍ନ ବାସନ ଦୋକାନ ଓ ଗହଣା ଦେକାନରେ ଗରାଖଙ୍କ ପ୍ରବଳ ଭିଡ଼ ଲାଗିରହିଛି। ଲୋକ ବିଶ୍ୱାସ ଓ ଆସ୍ଥା ଅନୁଯାୟୀ ଧନଲକ୍ଷ୍ମୀଙ୍କ ଆଶୀର୍ବାଦ ପାଇବା ଆଶାରେ ଲୋକେ ସପରିବାର ବଜାରକୁ ଆସି ଦୋକାନରୁ ଯେ କୌଣସି ଏକ ନୂଆ କଂସା, ପିତ୍ତଳ କିମ୍ବା ଷ୍ଟିଲ୍ ସାମଗ୍ରୀ କିଣି ଘରକୁ ନେଉଥିବା ଦେଖିବାକୁ ମିଳୁଛି। ପାଗ ଭଲ ରହିଥିବାରୁ ବେପାର ଭଲ ଜମିଛି। ବ୍ୟବସାୟୀମାନେ ମଧ୍ୟ ଖୁବ୍ ଉତ୍ସାହିତ ହୋଇ ବେପାର କରୁଛନ୍ତି। ପୂର୍ବ ବର୍ଷ ଭଳି ଏଥର ମଧ୍ୟ ଗୁମାଡ଼େରା ବଜାର ମୁଖ୍ୟ ରାସ୍ତା କଡ଼ରେ ୮ରୁ ଅଧିକ ଅସ୍ଥାୟୀ ବାସନ ଓ ଘରକରଣା ସାମଗ୍ରୀ ଦୋକାନ ଖୋଲିଛି। ଏହି ଦୋକାନଗୁଡ଼ିକରୁ ଲୋକେ ମୂର୍ତ୍ତି, ଥାଳି, ତାଟିଆ, ଗଡୁ, ବାଲ୍‌ଟି ଓ ଚାମଚ ଆଦି ବିଭିନ୍ନ ଆବଶ୍ୟକ ସାମଗ୍ରୀ କିଣୁଛନ୍ତି। ପ୍ରତିବର୍ଷ କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀରେ ଧନ୍‌ତେରସ ପାଳନ ହୋଇଥାଏ । ଏହି ଦିନ ଶ୍ରଦ୍ଧାଳୁମାନେ ନିରୋଗ ଜୀବନ ପାଇଁ ବିଷ୍ଣୁ ଭଗବାନଙ୍କ ଅବତାର କୁହାଯାଉଥିବା ବୈଦ୍ୟରାଜ ଧନ୍ୱନ୍ତରୀ ଦେବତାଙ୍କ ପୂଜା କରିଥାନ୍ତି। ଏହି ଦିନ ଶ୍ରଦ୍ଧାଳୁମାନେ ଧନଲକ୍ଷ୍ମୀଙ୍କ ଆଶୀର୍ବାଦ ପାଇବା ସକାଶେ କଂସା, ପିତ୍ତଳ ସାମଗ୍ରୀ ବ୍ୟତୀତ ସୁନାରୁପାର ଆଭୂଷଣ, ମୁଦ୍ରା, ମାଟି ଦୀପ ସହିତ ଦୀପାବଳି ପାଇଁ ଗଣେଶ ଓ ଲକ୍ଷ୍ମୀଙ୍କ ମୂର୍ତ୍ତିକିଣିବା ପରମ୍ପରା ଆବହମାନ କାଳରୁ ଚଳିଆସୁଛି। ରବିବାର ଆଲୋକର ପର୍ବ ଦୀପାବଳି ଉତ୍ସବ ପାଳନ ହେବ। ମାତ୍ର ବହୁ ଶ୍ରଦ୍ଧାଳୁ ପ୍ରକୃତରେ ଧନ୍‌ତେରସ ଦିନରୁ ହିଁ ଦୀପାବାଳି ଉତ୍ସବର ଶୁଭାରମ୍ଭ ହୋଇଥାଏ ବୋଲି ବିଶ୍ୱାସ କରନ୍ତି।

■ ଟୋଲ୍‌ଗେଟ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଲେ ଅଞ୍ଚଳବାସୀ

# ସକାଳ ୬ଟାରୁ ଏନ୍‌ଏଚ୍ ୪୯ ଅବରୋଧ



ଟୋଲ୍‌ଗେଟ ସମ୍ମୁଖରେ ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି।

ବ୍ରଜରାଜନଗର, ୨୫।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଦେଇ ଯାଇଥିବା ଏନ୍‌ଏଚ୍-୪୯ ନୂଆଡ଼ିହିଠାରେ ଗତ ମାସ ୨୪ ତାରିଖ ଖୋଲିଥିବା ଟୋଲ୍‌ଗେଟ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଞ୍ଚଳବାସୀ। ଜିଲା ପ୍ରଶାସନ ଟୋଲ୍‌ଗେଟ ଖୋଲିବା ପୂର୍ବରୁ ଅଞ୍ଚଳବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଟୋଲ୍ ଠିକାଦାର ପାଳନ କରୁନାହାନ୍ତି। ଗେଟ କର୍ତ୍ତୃପକ୍ଷ ଦିନକୁ ଦିନ ନୂଆ ନିୟମ ବାହାର କରି ମନଇଚ୍ଛା ଟ୍ୟାକ୍ସ ଆଦାୟ କରୁଛନ୍ତି। ଜିଲା ପ୍ରଶାସନ ନାମରେ ମିଛ କହି ଟୋଲ୍ ଠିକାଦାର ଜୋରଜବରଦସ୍ତ ରାତ୍ରି ୧୦ଟା ପରେ ଟଙ୍କା ଆଦାୟ କରୁଥିବାର ଅଭିଯୋଗ ହୋଇଛି। ଏଥିରୁ ବାଦ ପଡ଼ିନାହାନ୍ତି ଅଞ୍ଚଳବାସୀ। ଅଞ୍ଚଳବାସୀଙ୍କର ପୁଞ୍ଜୀଭୂତ ଅସନ୍ତୋଷ ଶୁକ୍ରବାର ଉଗ୍ର ରୂପ ଧାରଣ କରିଛି। ଗୁରୁବାର ଗେଟ କର୍ମଚାରୀଙ୍କ ମିଳିତ ଆକ୍ରମଣର ଶିକାର ହୋଇଥିବା ବୁଢ଼ିପଦର ଗ୍ରାମର ନୀର୍ମଳ ସାହୁଙ୍କ ସମର୍ଥନରେ ଶତାଧିକ ଗ୍ରାମବାସୀ ଆସି ଗେଟ ବନ୍ଦ କରିଥିଲେ। ପରେ ଜିଲାର ବିଭିନ୍ନ ସଂଗଠନ, ଟ୍ରକ୍ ମାଲିକ ସଂଘ, ବେପାରୀ ସଂଘ, ସ୍ୱେଚ୍ଛାସେବୀ ସଂଗଠନ ଆନ୍ଦୋଳନରେ ସାମିଲ ହୋଇ ଗେଟ୍ ବନ୍ଦ କରିବାକୁ ଦାବି କରିଥିଲେ। ଅଞ୍ଚଳବାସୀଙ୍କର ଦାବି ଅନୁଯାୟୀ ଯଦି ସରକାର ଏଠାରେ ବୈଧ କାଗଜପତ୍ର ଦେଖି ଗେଟ କରିଛନ୍ତି ତା'ହେଲେ ଟୋଲ୍ ଟ୍ୟାକ୍ସ ଆଦାୟ କରନ୍ତୁ, ନଚେତ ଟୋଲ୍ ଗେଟ ବନ୍ଦ କରାଯାଉ ବୋଲି ସ୍ଥାନୀୟବାସୀ ଦାବି କରିଛନ୍ତି। ଗୁରୁବାର ସ୍ଥାନୀୟ ବ୍ୟବସାୟୀଙ୍କୁ ମାଡ଼ ମାରିଥିବା ସମସ୍ତ କର୍ମଚାରୀଙ୍କୁ ଗିରଫ କରାଯାଉ। ଜିଲା ପ୍ରଶାସନ ତରଫରୁ ଡିଏସ୍‌ପି ଲଳିତ ମୋହନ ଥାଟ, ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ତହସିଲଦାର ଗୋଲକବିହାରୀ ମଙ୍ଗରାଜ, ଓରିଏଣ୍ଟ ଥାନା ପ୍ରଭାରି ସାରଙ୍ଗ ପାଣିଗ୍ରାହୀ ପୋଲିସ ଫୋର୍ସ ସହ ଥାଇ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ସୂତ୍ର ବାହାରି ପାରିନାହିଁ। ଦିନତମାମ ଭୋକ ଉପାସରେ ଅଞ୍ଚଳବାସୀ ଧାରଣାରେ ବସିଛନ୍ତି। ଶତାଧିକ ଭାରିଯାନ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛି। ପୂର୍ବରୁ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତିନି ଦିନ ସମୟ ମାଗିଥିଲା। ହେଲେ ଅଞ୍ଚଳବାସୀ ତାହା ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ନୂଆଡ଼ିହିଠାରେ ଥିବା ଟୋଲ୍‌ଗେଟ ସମ୍ପୂର୍ଣ୍ଣ ବେଆଇନ ଭାବେ ନିର୍ମାଣ କରାଯାଇଛି। ଜିଲା ପ୍ରଶାସନ ଜାତୀୟ ରାଜପଥ ପଦାଧିକାରୀଙ୍କ ମିଳିତ ଉଦ୍ୟମରେ ସରକାରଙ୍କୁ ଭୁଲ ତଥ୍ୟ ଦେଇ ଗେଟ୍ ନିର୍ମାଣ କରିଛନ୍ତି। ମୁଖ୍ୟତଃ ଗେଟ୍‌ଟି ବ୍ରଜରାଜନଗର ପୌରାଞ୍ଚଳର ୨୩ ନମ୍ବର ୱାର୍ଡ ମଧ୍ୟ ଦେଇ ଯାଇଛି। ଗେଟଠାରୁ ବେଲପାହାଡ଼ ପଟକୁ ୫ ଶହ ମିଟର ଦୂର ଓ ଝାରସୁଗୁଡ଼ା ପଟକୁ ମାତ୍ର ୨ଶହ ମିଟର ଦୂରରେ ଦୁଇଟି ପେଟ୍ରୋଲ ପମ୍ପ ରହିଛି। ଗେଟ ପାଖରେ ପାଦଚଲା ରାସ୍ତାଟିଏ ମଧ୍ୟ ନାହିଁ। ନୂଆଡ଼ିହି ବସ୍ତିକୁ ଲାଗି ଗେଟ ରହିଛି। ଏତେ ସବୁ ଅବ୍ୟବସ୍ଥା ମଧ୍ୟରେ ସେଠାରେ କାହା ସ୍ୱାର୍ଥରେ ଗେଟ ଖୋଲାଗଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଆନ୍ଦୋଳନରେ ଟ୍ରକ୍ ଆସୋସିଏଶନ୍‌ର ସଭାପତି ଅମିୟ ସାମଲ, ପୂର୍ବତନ ସଭାପତି ଦେବପ୍ରସାଦ ଦାଶ, ଦେବେଶ ପଣ୍ଡା, ତପନ ସ୍ୱାଇଁଙ୍କ ସହିତ ପ୍ରତ୍ୟକ ରାଜନୈତିକ ଦଳର କର୍ମକର୍ତ୍ତା ସାମିଲ ଥିଲେ।


## ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ

ଅନୁଗୋଳ - ୭୫୯୧୨୨

ସଂଖ୍ୟା ନଂ.୩୦୩୪ / TAMDA ତା.୨୨।୧୦।୨୦୧୯

**ବିଜ୍ଞପ୍ତି**

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (TAMDA)ଙ୍କ ପରିସୀମା ମଧ୍ୟରେ ବେଆଇନ୍ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣକାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସଂଖ୍ୟା.୧୫୬୪୬, ତା୨୦।୦୬।୨୦୧୮ରିଖ ଓ ଗେଜେଟ ସଂଖ୍ୟା.୯୮୭, ତା୨୦।୦୬।୨୦୧୮ ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଥିଲା। ବର୍ତ୍ତମାନ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା.୧୩୯୫୫, ତା୦୬।୦୮।୨୦୧୯ (Notification No.13955 / HUD / Dt.06.08.2019) ଦ୍ୱାରା ଉକ୍ତ ସ୍କିମ୍‌କୁ ତା୦୬।୦୮।୨୦୧୯ରିଖଠାରୁ ଆସନ୍ତା ୬(ଛଅ) ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି। ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ଓ ଅନୁମୋଦିତ ନକ୍ସା ଉଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତକରଣ ନିମନ୍ତେ ସେମାନେ ଏହି ସ୍କିମ୍‌ର ସଦୁପଯୋଗ କରନ୍ତୁ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ ଅଟେ।

ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ TAMDA କାର୍ଯ୍ୟାଳୟରେ ଅଫିସ୍ ସମୟ ମଧ୍ୟରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ
ଟାମ୍‌ଡା, ଅନୁଗୋଳ


# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା

ଲଇକେରା, ୨୫।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବିଦ୍ୟାଳୟ ସମୂହ ୧୭ ବର୍ଷ ବାଳକ ବର୍ଗର ଫୁଟବଲ ପ୍ରତିଯୋଗିତା ଲଇକେରାସ୍ଥିତ ମିନିଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଏବିଇଓ ବିଦେଶୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏବିଇଓ ଜନ୍ମେଜୟ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ଯୁଗଳ କିଶୋର ପଟେଲ ସଭାପରିଚାଳନା କରିଥିଲେ। ଏଥିରେ ଜିଲାର ଝାରସୁଗୁଡ଼ା, ଲଇକେରା, କୋଲାବିରା, ଲଖନପୁର ଓ କିର୍ମିରା ବ୍ଲକର ବିଭିନ୍ନ ବିଦ୍ୟାଳୟର ୮୦ ଜଣ ଛାତ୍ର ସହ ୧୨ଜଣ ଅଫିସିଆଲ ଓ ୮ଜଣ ମ୍ୟାନେଜର ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଖେଳାଳିମାନେ ଝାରସୁଗୁଡ଼ାଠାରେ ହେବାକୁଥିବା ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି। ଅନୁଷ୍ଠିତ ପ୍ରତିଯୋଗିତାରେ ଝାରସୁଗୁଡ଼ା ବ୍ଲକ ଟାଇବ୍ରେକର ଜରିଆରେ ୪-୨ ଗୋଲରେ କିର୍ମିରା ବ୍ଲକକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାକୁ ରେଫରି ଲୋଚନ କଣ୍ଡରା, ତାରଜନ ବିଶ୍ୱାଳ, ଦୀପକ କର୍ତ୍ତା, ଅକ୍ଷୟ ନାଏକ, ନରେଶ ପଟେଲ, ପବିତ୍ର ପ୍ରଧାନ, ସୁଶାନ୍ତ ପଟେଲ ପ୍ରମୁଖ ପରିଚାଳନା କରିଥିବା ବେଳେ ବ୍ଲକ ସମ୍ପାଦକ ରବିନାରାୟଣ ପୂଜାରୀ, ପ୍ରଦୀପ ବେହେରା, କୁବେର କୁମ୍ଭାର ଖେଳାଳି ଚୟନ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଶିକ୍ଷକ ଚୈତନ୍ୟ କଣ୍ଟା ଧନ୍ୟବାଦ ଅର୍ପଣ କରିଥିଲେ।



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଖେଳାଳି ଛାତ୍ରମାନେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

SEE COLOR DISPLAY CLASSIFIED
ON EVERY TUESDAY & FRIDAY

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ



### ଲଗାଣ ବର୍ଷାରେ ବସ୍ତିବାସିନ୍ଦାଙ୍କ ଘର ଭାଙ୍ଗିଲା

**ରାଉରକେଲା ଅଫିସ,୨୫। ୧୦-** ଲଗାଣ ବର୍ଷା ଯୋଗୁ ଷ୍ଟିଲ ସିଟିର ବସ୍ତିବାସିନ୍ଦାଙ୍କ ଜୀବନ ଦୁର୍ବିସହ ହୋଇ ପଡିଛି। ସେମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ରାଉରକେଲା ମହାନଗର ସମ୍ମୁଖ ଶୀତଲପଡା ବସ୍ତିରେ ଏକାଧିକ ଘର କ୍ଷତିଗସ୍ତ ହୋଇଥିବା ବେଳେ, ମାଲଗୋଦାମ, ମଧୁସୂଦନପାଲି ଓ ସେକ୍ଟର-୨୦ ହିଲ୍ ଟପ୍ ବସ୍ତିରେ ବହୁ କଚା ଘର ଭାଙ୍ଗିଯାଇଛି। ପ୍ରଭାବିତ ପରିବାର ମଧରୁ ଅଧିକାଂଶ ପଲିଥିନ ତଳେ ଆଶ୍ରୟ ନେଇଛନ୍ତି। ଯୁବନେତା ପ୍ରକାଶ ପାଶୱାନ ଓ ଜୟା ତ୍ରିପାଠୀ ସମ୍ପୃକ୍ତ ବସ୍ତିକୁ ଯାଇ ଲୋକଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ତୁରନ୍ତ ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଦୁହେଁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଯମରାଜ,ଚିତ୍ରଗୁପ୍ତଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା

**ରାଉରକେଲା ଅଫିସ, ୨୫।୧୦**

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ବିଜୁ ଯୁବବାହିନୀ ପକ୍ଷରୁ ସହରରେ ଅଭିନବ ଢଙ୍ଗରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଯମରାଜ ଓ ଚିତ୍ରଗୁପ୍ତ ରାଉରକେଲା ସହରର ରାଜରାସ୍ତାରେ ବୁଲି ଲୋକମାନଙ୍କୁ ଟ୍ରାଫିକ ନିୟମ ମାନିବା ପାଇଁ ସଚେତନ କରିଥିଲେ। ଯେଉଁମାନେ ହେଲମେଟ ନ ପିନ୍ଧି କିମ୍ବା ସିଟବେଲ୍ଟ ବାନ୍ଧି ନ ଥିଲେ ସେମାନଙ୍କୁ ମୂଲ୍ୟବାନ ଜୀବନକୁ ଅକାଳରେ ହରାନ୍ତୁ ନାହିଁ ବୋଲି କହି ଅନୁରୋଧ କରିଥିଲେ। ଏହାବାଦ୍ ବିଜୁ ଯୁବବାହିନୀର ସ୍ୱେଚ୍ଛାସେବୀମାନେ ହେଲ୍‌ମେଟ ପିନ୍ଧି ଥିବା ଓ ସିଟବେଲ୍ଟ ବାନ୍ଧିଥିବା ଲୋକଙ୍କୁ ଚାରା ଓ କଲମ ଉପହାର ଦେଇଥିଲେ । ଏଥିସହିତ ଆଗାମୀ ଦିନରେ ସେମାନେ କିପରି ଟ୍ରାଫିକ ନିୟମ ପାଳନ କରିବେ ସେଥି ପାଇଁ ଉତ୍ସାହିତ କରାଯାଇଥିଲା। ଏହାପରେ ' ମୁଁ ଆଜିଠାରୁ ସମସ୍ତ ଟ୍ରାଫିକ ନିୟମ ମାନିବି' ସମ୍ପର୍କିତ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। ଡାକବାଜି ଯନ୍ତ୍ର ଦ୍ୱାରା ନୂଆ ମୋଟର ଯାନ ଆଇନ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ରାଉରକେଲାର ବିଭିନ୍ନ ୱାର୍ଡରେ ଗଠନ କରାଯାଇଥିବା ବିଜୁ ଯୁବବାହିନୀ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ୧ସପ୍ତାହ ଧରି ବ୍ୟାପକ ଭାବେ କରା ଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ବିକ୍ରମ ନାୟକ ସୂଚନା ଦେଇଛନ୍ତି। ଗୁରୁବାର ଏହି କାର୍ଯ୍ୟକ୍ରମକୁ ୱାର୍ଡ ନଂ.୨୭ ଓ ୨୮ରେ ମିଳିତ ଭାବେ ଆୟୋଜନ କରିଥିବା ବେଳେ ବିଭିନ୍ନ ୱାର୍ଡର ପ୍ରାୟ ଶତାଧିକ ସ୍ୱେଚ୍ଛାସେବୀ ଏଥିରେ ଅଂଶଗ୍ରହଣ କରିଥିଲେ । ଟ୍ରାଫିକ ପୋଲିସ ଏହି ସଚେତନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଜୁ ଯୁବବାହିନୀର କାର୍ଯ୍ୟକ୍ରମ ଅଧିକାରୀ ପାର୍ଥସାରଥି ସାହୁ, ତ୍ରିପ୍ତି ସୋନମ ଟପ୍ପୋ,ବଣେଇଁ ସଂଯୋଜକ ଜଗଦୀଶ ପାଲବାବୁ, ପ୍ରତିମା ସୋରେଙ୍ଗ, ତ୍ରିଲୋଚନ ମୁଦୁଲି, ସ୍ୱରାଜ ପରିଡା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯମରାଜ ଓ ଚିତ୍ରଗୁପ୍ତ ବେଶଧାରୀ ୨ ବ୍ୟକ୍ତି ଜଣେ ବାଇକ ଆରୋହୀଙ୍କୁ ସଚେତନ କରୁଛନ୍ତି।

**ବିଜୁ ଯୁବବାହିନୀ ପକ୍ଷରୁ ଅଭିନବ ପ୍ରୟାସ**

# ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇପାରିବ ଫି, ରିଟର୍ନର ବିଲ୍ ଦାଖଲ

**ରାଉରକେଲା ଅଫିସ,୨୫।୧୦**

ସୁନ୍ଦରଗଡ଼ ଜିଲାର ବିଭିନ୍ନ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସରକାରୀ ଆଇନଜୀବୀମାନେ ସେମାନଙ୍କ ଫି ବିଲ ଓ ରିଟର୍ନର ଦାଖଲ କରି ପାରିବେ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏନେଇ ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟ ଆଞ୍ଚଳିକ ଆବାହକ ସନ୍ତୋଷ ନାୟକ ସୂଚନା ପ୍ରଦାନ କରିଛନ୍ତି। ସେ ଏକ ବିବୃତିରେ କହିଛନ୍ତି, ଗତ ଜୁଲାଇ ମାସରେ ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ରାଉରକେଲା ଆଗମନ କାଳରେ ସାମ୍ମୁଖ୍ୟ ପକ୍ଷରୁ ତାଙ୍କୁ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିଥିଲେ। ଏହି ଅବସରରେ ଆଇନଜିବୀଙ୍କ ସମସ୍ୟା ଉପସ୍ଥାପନ କରାଯାଇ ଥିଲା। ଏହି ସମୟରେ ନାୟକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ସୁନ୍ଦରଗଡ଼ ଜିଲାର ବିଭିନ୍ନ କୋର୍ଟ କଚେରିରେ ସରକାରୀ ଆଇନଜୀବୀମାନେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମାସିକ ଫି ବିଲ ଓ ରିଟର୍ନର ବିଲ ଦାଖଲ କରିବା ନେଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏଠାରୁ ୧୦୦କିମି ଦୂର ସଦର ମହକୁମାକୁ ଗଲେ ବିଲ ଦାଖଲ କରାଯାଇ ପାରୁଛି। ଯେଉଁ କାରଣରୁ ସମ୍ପୃକ୍ତ ଆଇନଜୀବୀଙ୍କ ହଇରାଣ ହେବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ଜିଲାର ବିଭିନ୍ନ ଉପଖଣ୍ଡରେ ରହିଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସରକାରୀ ଆଇନଜିବୀ ଯେପରି ସେମାନଙ୍କ ମାସିକ ଫି ବିଲ ଓ ରିଟର୍ନର ଦାଖଲ କରିପାରିବେ ସେ ଦିଗରେ ଅନୁମତି ପ୍ରଦାନ କରିବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ପ୍ରସ୍ତାବକୁ ଜିଲାପାଳ କଲ୍ୟାଣ ଗ୍ରହଣ କରିଥିବାରୁ ସନ୍ତୋଷ ବ୍ୟକ୍ତ କରାଯାଇଛି। ତାଙ୍କ ନିର୍ଦ୍ଦେଶ ମତେ ଏଣିକି ସରକାରୀ ଆଇନଜୀବୀ ସେମାନଙ୍କ ମାସିକ ବିଲ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରି ପାରିବେ ବୋଲି କୁହାଯାଇଛି। ସରକାରୀ ଆଇନଜୀବୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିଥିବାରୁ ଜିଲାପାଳ ଓ ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ ଅଖତରଙ୍କୁ ଆଇନଜୀବୀ ସାମ୍ମୁଖ୍ୟ ଆବାହକ ସନ୍ତୋଷ ନାୟକ, ଅଶୋକ ସ୍ୱାଇଁ, ରବୀନ୍ଦ୍ର ସେନାପତି, ସତ୍ୟନାରାୟଣ ମହାପାତ୍ର, ବିଜୟ ଦାସ, ଅଞ୍ଜନ ବାରିକ, ଦେବାଶିଷ ମିଶ୍ର, ଆରତୀ ଚୌଧୁରୀ, ଅକ୍ଷୟ ସାହୁ, ନାରାୟଣ ପ୍ରଧାନ, ସୁନୀଲ ତିର୍କୀ, ଅମୂଲ୍ୟ ପାତ୍ର, ଶଶୀକାନ୍ତ ନାୟକ ପ୍ରମୁଖ କୃତଜ୍ଞତା ପ୍ରକାଶ କରିଛନ୍ତି।

# ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା


ଗାନ୍ଧୀ ସଂକଳ୍ପ ପଦଯାତ୍ରାରେ ଏମ୍‌ପି ଜୁଏଲ ଓରାମଙ୍କ ସହ ଅନ୍ୟମାନେ।

**ରାଉରକେଲା ଅଫିସ,୨୫। ୧୦**

ମାହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ସମଗ୍ର ରାଜ୍ୟରେ ଭାଜପା ପକ୍ଷରୁ ସଂକଳ୍ପ ଯାତ୍ରା ଆୟୋଜନ କରାଯାଉଛି। ଏହି ଅବସରରେ ରଘୁନାଥପାଲି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଶ୍ଚିମ ମଣ୍ଡଳ କବି ସମ୍ରାଟପାଲି (ଗୋଲଘର) ଶିବମନ୍ଦିର ନିକଟରୁ ଗୁରୁବାର ସନ୍ଧ୍ୟାରେ ଏକ ପଦଯାତ୍ର ବାହାରି ଥିଲା। ଏଥିରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସଂକଳ୍ପ ଯାତ୍ରା ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାସ୍ତା ଦେଇ ସ୍ଥାନୀୟ ମାର୍କେଟ ନିକଟରେ ପହଞ୍ଚିଥିଲା। ପଦଯାତ୍ରାରେ ଭାଜପା ପକ୍ଷରୁ ରାମଧୂନ ଗାନ କରାଯାଇଥିଲା। ଏହି ଅବସରରେ ପ୍ଲାଷ୍ଟିକ ବର୍ଜନ ଓ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା। କର୍ମୀଙ୍କ ହାତରେ ତ୍ରିରଙ୍ଗା ପତାକା ସହିତ ମହାତ୍ମା ଗାନ୍ଧୀଙ୍କ ବାଣୀ ପ୍ରଚାର କରାଯାଇଥିଲା। ଏହି ଅବସରରେ ୭ଟି ସାମାଜିକ ପାପ ଯଥା ସିଦ୍ଧାନ୍ତବିହୀନ ରାଜନୀତି, ପରିଶ୍ରମ ବିହୀନ ଧନ ଉପାର୍ଜନ, ବିବେକବିହୀନ ସୁଖପ୍ରାପ୍ତି, ଚରିତ୍ରବିହୀନ ଜ୍ଞାନ, ସଦାଚାରବିହୀନ ବ୍ୟବସାୟ. ସମ୍ବେଦନବିହୀନ ବିଜ୍ଞାନ ଓ ତ୍ୟାଗ ବିହୀନ ଉପାସନା ସମ୍ପର୍କରେ ଲୋକଙ୍କୁ ବୁଝା ଯାଇଥିଲା। ଏଥିରେ ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ସମେତ ବରିଷ୍ଠ ନେତା ନୀହାର ରାୟ, ରାଇସନ ତିର୍କୀ, ଗଙ୍ଗାଧର ଦାସ, ଲତିକା ପଟ୍ଟନାୟକ, ବସନ୍ତ ସାମଲ, ଭ୍ରମରବର ବେହେରା, ଅଙ୍କୁଶ ବର୍ମା, ଆଲୋକ ନାୟକ, ତରୁଣ ତନ୍ତୀ, ନମ୍ରତା ବାଗ, ଯମୁନା ମହାପାତ୍ର, ସୁଶାନ୍ତ ପଣ୍ଡା ଓ ଦେବେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଗହଣା ଦୋକାନରୁ ଚୋରି ଘଟଣା: ୨ ଗିରଫ

**ବନ୍ତ, ୨୫।୧୦(ଡି.ଏନ.ଏ.)**

ବନ୍ତ ଥାନା ଛକସ୍ଥିତ ସାଇ ଜୁଏଲର୍ସରୁ ସୁନାଚେନ୍ ଚୋରି ଘଟଣାରେ ଶୁକ୍ରବାର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଗରପଡ଼ା ନରିପୁର ଗ୍ରାମର ଜୟନ୍ତ ସାହୁ ଓ ସହଯୋଗୀ ବନ୍ତ ହାଟସାହିର ଅଞ୍ଜନା ବିବି ବୋଲି ଜଣାଯାଇଛି। ଚୋରି ହୋଇଥିବା ସୁନାଚେନ୍‌କୁ ଭଦ୍ରକ ବାଇପାସ୍‌ସ୍ଥିତ ଏକ ଫାଇନାନ୍ସ ଅଫିସ୍‌ରୁ ଜବତ କରାଯାଇଛି। ଉକ୍ତ ଚେନ୍‌କୁ ଏହି କମ୍ପାନୀରେ ବନ୍ଧକ ରଖି ୬ ହଜାର ୫୬୯ ଟଙ୍କା ଋଣ ଆଣିଥିବା ଜଣାଯାଇଛି। ଉକ୍ତ ଚେନ୍‌ର ପ୍ରକୃତ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଉଲ୍ଲେଖନୀୟ ଯେ, ଗତ ୧୧ ତାରିଖ ସନ୍ଧ୍ୟାରେ ଚୋରି ହୋଇଥିଲା। ଦୋକାନ ମାଲିକ ବିଜୟ ସାହୁଙ୍କ ଅଭିଯୋଗ କ୍ରମେ ବନ୍ତ ଥାନା ପୋଲିସ ଏକ ମାମଲା (ନଂ.୧୨୦/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଏସ୍‌ସିଏସ୍‌ଟି ଛାତ୍ର ସଂଘ ପକ୍ଷରୁ ସ୍ୱାଗତ ଉତ୍ସବ

**ରାଉରକେଲା ଅଫିସ, ୨୫।୧୦**

ରାଉରକେଲା ଏସ୍‌ସିଏସ୍‌ଟି ଛାତ୍ର ସଂଘ ପକ୍ଷରୁ ଦେଓଗାଁସ୍ଥିତ ଗାନ୍ଧୀ ମହାବିଦ୍ୟାଳୟର ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ଥାନୀୟ ଭଞ୍ଜଭବନଠାରେ ସ୍ୱାଗତ କରାଯାଇଛି। ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ୍ ସେନାପତି ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଶୃଙ୍ଖଳିତ ତଥା ନିଷ୍ଠାର ସହ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ରାଉରକେଲା ସମେତ ଆଖପାଖ ଗ୍ରାମାଞ୍ଚଳରେ ଯେଉଁ ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରମାନେ କଲେଜ ପର୍ଯ୍ୟନ୍ତ ପହଞ୍ଚି ପାରୁନାହାନ୍ତି ସେମାନଙ୍କୁ ଉତ୍ସାହିତ କରିବାରେ ଏପରି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ଏହି ସ୍ୱାଗତ ସମାରୋହରେ ମଜଦୁର ମଞ୍ଚ ସାଧାରଣ ସମ୍ପାଦକ ଗୋପାଳ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଏକ ନିଆରା ପରମ୍ପରା ସୃଷ୍ଟି କରିଛି ବୋଲି ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ସାହୁ ଓ ଅନିଲ ଗୁରୁଙ୍ଗ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ର ସଂଘ ସଭାପତି ପ୍ରଭାତ ସନ୍ତୋଷ କୁଜୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଡ.ବି.ଆର.ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉପସଭାପତି ଜୋହାନି କୁଲୁ, ସମ୍ପାଦିକା ମନୀଷା ତିର୍କୀ, କୋଷାଧକ୍ଷା ଆରତୀ ସିଂ, ଯୁଗ୍ମ ସମ୍ପାଦକ ତୁଷାର ସିଂ, ସାଂସ୍କୃତିକ ସମ୍ପାଦିକା ପିଙ୍କି ମୁର୍ମୁ, ସଭ୍ୟ ହୋପନା ମାଝୀ ପ୍ରମୁଖ ସକ୍ରିୟ ଭାବେ ଏଥିରେ ସହଯୋଗ କରିଥିଲେ।


ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ଲଗାଣ ବର୍ଷାରେ ସାରନା ଛକ ଚିତ୍ର ବଦଳିଲା


୨ ଦିନ ବର୍ଷାରେ ସାରନା ଛକରେ ଜମି ରହିଥିବା ପାଣି।

**ରାଉରକେଲା ଅଫିସ,୨୫।୧୦**

ଦୁଇଦିନ ଲଗାଣ ବର୍ଷାରେ ସହରର ସ୍ୱାଭାବିକ ଜୀବନଯାତ୍ରା ବେହାଲ ହୋଇପଡିଛି। ବିଭିନ୍ନ ରାସ୍ତାଘାଟ ଅବସ୍ଥା ମଧ ଶୋଚନୀୟ ହୋଇଛି। ସ୍ୱେରେଜ ପାଇପ ଲାଇନ୍ ବିଛା କାରଣ ନେଇ ଅନେକ ସ୍ଥାନରେ ଖାଲଖମା ସାଙ୍ଗକୁ ବର୍ଷା ଜଳ ଜମି ରହିଛି। ଦେଓଗାଁ ସାରନା ଛକ ରାସ୍ତାର ଏକାଧିକ ସ୍ଥାନରେ ଗତ ଦୁଇଦିନ ହେବ ପାଣି ସୁଅ ଛୁଟୁଛି। ନିଷ୍କାସନ ହୋଇ ନ ପାରି ବର୍ଷାଜଳ ଜମି ରହିଛି। ରାସ୍ତାସାରା କର୍ଦ୍ଦମାକ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ସାରନା ଛକ ପ୍ରବେଶପଥଠାରୁ ଅଳ୍ପ ଦୂରରେ ପାଣି ଜମି ରହିଛି। ଲୋକେ ସେହି ପାଣିରେ ପଶି ଯାତାୟାତ କରୁଛନ୍ତି। ପାଣି ଭିତରେ ପଥର ଖଣ୍ଡ ଗଦା ହୋଇ ରହିଥିବାରୁ ଲୋକେ ପଡି ଖଣ୍ଡିଆଖାବରା ହେଉଛନ୍ତି। ଉକ୍ତ ରାସ୍ତା ଦେଇ ଦକ୍ଷିଣ ରାଉରକେଲା ସମେତ ଦେଓଗାଁ, ଲାଠିକଟା, ଜଲଦା ଅଞ୍ଚଳବାସୀ ଯାତାୟାତ କରନ୍ତି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି କରାଯାଇଛି।

# ସାହିତ୍ୟିକ ଡ. ରଞ୍ଜିତ ଦାଶଙ୍କ ସ୍ମୃତିସଭା

**ରାଉରକେଲା ଅଫିସ, ୨୫।୧୦**

ତ୍ରୟମାସିକ ପତ୍ରିକା ରଶ୍ମିପ୍ରଭା ପକ୍ଷରୁ ସାହିତ୍ୟିକ ତଥା ପଶୁଚିକିତ୍ସକ ଡା. ରଞ୍ଜିତ ଦାଶଙ୍କ ବିୟୋଗରେ ଶୁକ୍ରବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାହିମାର ଉପସଭାପତି ବାସୁଦେବ ବାନାର୍ଜୀ ଅଧ୍ୟକ୍ଷତା କରି ଦାଶଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ରଶ୍ମିପ୍ରଭାର ସମ୍ପାଦକ ମନୋଜ ନନ୍ଦ ଡା.ଦାଶଙ୍କ ଗୁଣଗାନ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠିତ ସଭାରେ ବ୍ରଜବିହାରୀ ଦାଶ ଓ ରଶ୍ମିତା ଏକ୍କା ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଜୀବନୀ ଉପରେ ଉଦ୍‌ବୋଧନ ଦେଇଥିଲେ। ଫକୀର ମୋହନ ମାର୍କେଟର ସଭାପତି ଜିତେନ୍ଦ୍ର ସାହୁ, ଅକ୍ଷୟ ଭୂୟାଁ, ରାଧାକାନ୍ତ ମହାରଣା, ଶ୍ୱେତ ବେହେରା, ବୀରେନ୍ଦ୍ର ଶର୍ମା, ଅତୁଲ୍ୟ ବାରିକ, ପ୍ରମୋଦ ନାୟକ, ଭୀରୁ ସେଠ, ଶରତ ସୂତାର, ବିକ୍ରମ ସାମଲ, ମହମ୍ମଦ ଆରିଫ, ଇଫ୍‌ତେଖାର ହୁସେନ ପ୍ରମୁଖଙ୍କ ସହ ବହୁ ବ୍ୟକ୍ତି ଏହି ସ୍ମୃତିସଭାରେ ସାମିଲ ହୋଇ ଥିଲେ। ଶେଷରେ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ସୁରତରଙ୍ଗ ଫାଇନାଲ ଅଡିଶନ**

# ୬ କୃତୀ ପ୍ରତିଯୋଗୀ ଦିଲ୍ଲୀ ଯିବେ

**ରାଉରକେଲା ଅଫିସ, ୨୫।୧୦**

କଳା ସଙ୍ଗମ ଗ୍ରୁପ ଓ ୱାଇଏମ୍‌ଏଫ୍‌ଆଇର ମିଳିତ ଆନୁକୂଲ୍ୟରେ ସୁରତରଙ୍ଗ ଫାଇନାଲ ଅଡିଶନ ଗତ ବୁଧବାର ସ୍ଥାନୀୟ ଭଞ୍ଜଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଚାମ୍ବର ଅଫ୍ କମର୍ସର ପୂର୍ବତନ ଅଧ୍ୟକ୍ଷ ସୁନୀଲା କାୟଲ, ଆର୍‌ଏସ୍‌ପି ଏକଜିକ୍ୟୁଟିଭ ଆସୋସିଏଶନର ସଭାପତି ବିମଳ ବିଶି, ବସ୍ତିଆ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଇଂ.ହେମନ୍ତ ମିଶ୍ର, ରାଉରକେଲାର ନିରାକାର ପାଢ଼ୀ, ଆର୍‌ଏସ୍‌ପିର ପୂର୍ବତନ ଡିଜିଏମ୍ ଗୋପୀନାଥ ପଟ୍ଟନାୟକ, କୁମାର ବେହେରା, ଚନ୍ଦ୍ରଶେଖର ଶତପଥୀ, ସହର ସେବାସମିତିର ପ୍ରତିଷ୍ଠାତା ଶୈଳେନ୍ଦ୍ର ମହାନ୍ତି, ବିରଞ୍ଚି ପଟ୍ଟନାୟକ, କଳ୍ପନା ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଳାସଙ୍ଗମ ଗ୍ରୁପର ସଭାପତି ରାଜଦୀପ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅଡିଶନରେ ପ୍ର.ଆଶା ମୁକୁଲ ବାରିକ ଓ କୁମାର ସମୀର ମହାନ୍ତି ବିଚାରକ ଭାବେ ଯୋଗଦେଇଥିଲେ। ପୂର୍ବରୁ ବିଭିନ୍ନ ସ୍କୁଲ,କଲେଜ ଓ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ପ୍ରି-ଅଡିଶନରେ ଭାଗନେଇଥିବା ଛାତ୍ରୀଛାତ୍ରଙ୍କ ମଧରୁ ଫାଇନାଲ ଅଡିଶନ ପାଇଁ ଚୟନ କରାଯାଇଥିଲା। ତିନୋଟି ବର୍ଗରେ ଫିଲ୍ମ ଓ ନନ୍ ଫିଲ୍ମରେ ମୋଟ ୧୮ଜଣଙ୍କୁ ବଛାଯାଇଥିଲା। ସେମାନଙ୍କ ମଧ୍ୟରୁ ୬ଜଣ ପ୍ରତିଯୋଗୀ ପ୍ରଥମସ୍ଥାନ ହାସଲ କରି ବିଜୟୀ ହୋଇଛନ୍ତି। ବିଜୟୀ ପ୍ରତିଯୋଗୀ ମାନେ ଦିଲ୍ଲୀରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ। ବିଜୟୀ ହୋଇଥିବା ପ୍ରତିଯୋଗୀମାନେ ହେଲେ ସିନିୟର ବର୍ଗରେ ଅବିନାଶ ପଣ୍ଡା ଓ ମୃଦୁଳା ଘୋଷ, ଜୁନିୟର ବର୍ଗରେ ତମସା ମିଶ୍ର ଓ ନମ୍ରତା ଆଚାର୍ଯ୍ୟ ଏବଂ ସବ୍‌ଜୁନିୟର ବର୍ଗରେ ଆରାଧ୍ୟା ପଣ୍ଡା ଓ ଅନୁଷ୍କା ମହାନ୍ତି। ଅଡିଶନରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଇଂ. ଏଚ୍.କେ.ମିଶ୍ର, ଶରତଚନ୍ଦ୍ର ପଣ୍ଡା, ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ,ମୀରା ମିଶ୍ର, ସୁଶାନ୍ତ ପାଣି, ପ୍ରତିମା ପଟ୍ଟନାୟକ,ସ୍ମିତା ମିଶ୍ର, ସରୋଜ ପଣ୍ଡା, ଶ୍ୱେତଶେଖର ଜୟପୁରିଆ, ପି.ସି ରଥ, ସାଂସ୍କୃତିକ ସମ୍ପାଦିକା ବି.ମାନସୀ,ମନୋଜ ମ୍ୟୁଜିକ ବ୍ୟାଣ୍ଡ, ଭାରତୀ ବେହେରା,ଆଦ୍ୟାଶା ଦାସ, ଆର୍ଯ୍ୟନ ନନ୍ଦ ପ୍ରମୁଖଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଶ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଫଟୋରେ ଖବର





ଶୁକ୍ରବାର ଧନ୍‌ତେରସ ପାଇଁ ରାଉରକେଲାର ଏକ ଗହଣା ଦୋକାନରେ ଗ୍ରାହକଙ୍କ ଭିଡ଼ (ବାମ)। ସେକ୍ଟର-୭ ବି-ବ୍ଲକ ବାସିନ୍ଦା ସୁକାନ୍ତ ମିଶ୍ରଙ୍କ ଘରେ ଫୁଟିଥିବା ବ୍ରହ୍ମକମଳଫୁଲ।